# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୨/୨୦୨୦ (୧୬ ପୃଷ୍ଠା + ଛୁଟିଦିନ) | Bhubaneswar, Sunday, March 22/2020 | ★★★★

୪୬ଶ ଭାଗ ୧୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ମେଡିକାଲ ଷ୍ଟାଫ୍‌ଙ୍କ ପାଇଁ ମାଗଣା ରହଣି**

କରୋନା ଆକ୍ରାନ୍ତଙ୍କୁ ଚିକିତ୍ସା କରୁଥିବା ମେଡିକାଲ ଷ୍ଟାଫଙ୍କୁ ସହାୟତାର ହାତ ବଢ଼ାଇଛନ୍ତି କ୍ରିଷ୍ଟଲ ପ୍ୟାଲେସ ଫୁଟ୍‌ବଲ ଟିମ୍ ୱିଙ୍ଗର ୱିଲଫ୍ରେଡ୍ ଜାହା।

୧୪ ୦୯

**୪୨ ବର୍ଷରେ ରାଣୀ ମୁଖାର୍ଜୀ**

ବଲିଉଡ୍ ଅଭିନେତ୍ରୀ ରାଣୀ ମୁଖାର୍ଜୀ ଶନିବାର ୪୨ ବର୍ଷରେ ପଦାର୍ପଣ କରିଛନ୍ତି। ନିର୍ଦ୍ଦେଶକ ଆଦିତ୍ୟ ଚୋପ୍ରାଙ୍କୁ ସେ ୨୦୧୪ରେ ବିବାହ କରିଥିଲେ।



# ୨୯ ଯାଏ ଲକ୍‌ଡାଉନ୍

## କୋଭିଡ୍-୧୯ ସତର୍କତା

- ବନ୍ଦ ରହିବ ୫ ଜିଲା, ୮ ସହର
- ସକାଳ ୭ଟାରୁ ରାତି ୯ଟା ଯାଏ ବନ୍ଦ
- ଘରୁ ନ ବାହାରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ
- ରବିବାର ଗଡ଼ିବନି ବସ୍
- ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ, ସେବା ଖୋଲା
- ଅମାନ୍ୟ କଲେ କଠୋର କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୧।୩(ବ୍ୟୁରୋ)


ମୁଣ୍ଡ ପରେ ମୁଣ୍ଡ ନେଇଚାଲିଛି ଘାତକ ଭୂତାଣୁ କରୋନା। କୋଭିଡ୍-୧୯ ନାମରେ ପରିଚିତ ଏହି ଭାଇରସ୍‌ର ପ୍ରକୋପ ସମଗ୍ର ବିଶ୍ୱକୁ ଗ୍ରାସ କରିବାରେ ଲାଗିଛି। ଭାରତରେ ଏହା କାୟା ବିସ୍ତାର କରିବାରେ ଲାଗିଥିବାବେଳେ କରୋନା ରୋଗୀଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଏହାର କୌଣସି ପ୍ରତିକାର ନ ଥିବାରୁ କେବଳ ସତର୍କତା ଓ ସଚେତନତା ହିଁ ଏହି ରୋଗକୁ ପ୍ରତିହତ କରିପାରିବ। ତେଣୁ ଏହି ଭୂତାଣୁର ଭୟାବହତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଏହିକ୍ରମରେ ରବିବାରଠାରୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ୫ ଜିଲା ଓ ୮ ସହରରେ ପ୍ରାୟ ସମ୍ପୂର୍ଣ୍ଣ ଲକ୍ ଡାଉନ୍ କରିବା ପାଇଁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମେ ସମସ୍ତେ ଘରେ ରହିବା। ପଦାକୁ ବାହାରିବା ନାହିଁ। କେବଳ ଜରୁରୀ ସାମଗ୍ରୀ ଛଡ଼ା ଅନ୍ୟ କୌଣସି କାର୍ଯ୍ୟ ପାଇଁ ବାହାରକୁ ନ ଯିବା ଲାଗି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ରୋଗର ବ୍ୟାପକତାକୁ ଦେଖି ମୁଖ୍ୟମନ୍ତ୍ରୀ ଅଧିକ ଜନବହୁଳ ଖୋର୍ଦ୍ଧା, ଗଞ୍ଜାମ, କଟକ, କେନ୍ଦ୍ରାପଡ଼ା ଏବଂ ଅନୁଗୋଳ ଜିଲାକୁ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରିଛନ୍ତି। ଏହି ଜିଲାଗୁଡ଼ିକର ଗାଁଠାରୁ ଆରମ୍ଭକରି ସହର ସବୁ ବନ୍ଦ ରହିବ। ଏଥିସହିତ ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର, ରାଉରକେଲା, ଭଦ୍ରକ, ପୁରୀ, ଯାଜପୁର ରୋଡ୍ ଏବଂ ଯାଜପୁର ଟାଉନ ସମ୍ପୂର୍ଣ୍ଣ ବନ୍ଦ ରହିବ। ମାର୍ଚ୍ଚ ୨୨ ତାରିଖ ସକାଳ ୭ଟାରୁ ୨୯ ତାରିଖ ରାତି ୯ଟା ଯାଏ ବନ୍ଦ ରହିବ। ଏହି ସମୟରେ କେବଳ ବସ, ଟ୍ରେନ ଓ ବିମାନ ସେବା ସହିତ

☞ପୃଷ୍ଠା-୪



> ଆମେ ସମସ୍ତେ ଘରେ ରହିବା। ଘରେ ରହିଲେ ଯୁଦ୍ଧ ଜିତିବା। ଜରୁରୀ ସାମଗ୍ରୀ ଆଣିବା ଛଡ଼ା ଅନ୍ୟ କୌଣସି କାର୍ଯ୍ୟରେ ପଦାକୁ ବାହାରିବା ନାହିଁ।
>
> **- ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**



# ବିଶ୍ୱରେ ଗଲାଣି ୧୧,୯୪୯ ଜୀବନ

## କରୋନା ସଂକ୍ରମିତଙ୍କ ସଂଖ୍ୟା ୨୮୩,୨୫୬କୁ ବୃଦ୍ଧି

ନୂଆଦିଲ୍ଲୀ, ୨୧।୩

କରୋନା ଭାଇରସ୍ ସମସ୍ତଙ୍କ ନିଦ ହଜାଇଦେଇଛି। ବିଶ୍ୱବ୍ୟାପୀ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ୧୧,୯୪୯ ବ୍ୟକ୍ତି ପ୍ରାଣ ହରାଇଲେଣି। ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧିପାଇ ୨୮୭,୯୪୬ରେ ପହଞ୍ଚିଲାଣି। ଯଦିଓ ୯୩ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ବ୍ୟକ୍ତି ସୁସ୍ଥ ହୋଇଛନ୍ତି, ତଥାପି ମୃତ୍ୟୁସଂଖ୍ୟାକୁ ରୋକାଯାଇ ପାରୁନାହିଁ। ଇଟାଲୀର ମୃତ୍ୟୁସଂଖ୍ୟା ଚାଇନାକୁ ଟପି ଏବେ ୪,୦୩୨ରେ ପହଞ୍ଚିଛି। ଏବେ ଏଠାରେ ୪୭ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂକ୍ରମିତ ଅଛନ୍ତି। କରୋନାର କେନ୍ଦ୍ରସ୍ଥଳ କୁହାଯାଉଥିବା ଚାଇନାରେ ସ୍ଥିତିରେ ସାମାନ୍ୟ ସୁଧାର ଆସିଥିବା ବେଳେ ମୃତ୍ୟୁସଂଖ୍ୟା ୩,୨୫୫ ରହିଛି। ସ୍ପେନର ସ୍ଥିତି ଗୁରୁତର ହୋଇପଡ଼ିଛି। ଏଠାରେ କରୋନାରେ ୧,୩୭୮ ଜଣଙ୍କ ମୁଣ୍ଡ ଗଲାଣି। ଗୋଟିଏ ଦିନରେ ଏଠାରେ ୨୮୫ଜଣ ପ୍ରାଣ ହରାଇଥିବା ବେଳେ ୩,୮୦୩ ନୂଆ ମାମଲା ସାମ୍ନାକୁ ଆସିଛି। ଇରାନ୍‌ରେ ୨୦ ହଜାରରୁ ଅଧିକ ସଂକ୍ରମିତ ଥିବାବେଳେ ୧,୫୫୬ ବ୍ୟକ୍ତି ପ୍ରାଣ ହରାଇଲେଣି। ଅନ୍ୟ ପ୍ରମୁଖ ଦେଶଗୁଡ଼ିକ ମଧ୍ୟରେ ଫ୍ରାନ୍ସରେ ୪୫୦, ଆମେରିକାରେ ୨୭୯, ଦକ୍ଷିଣ କୋରିଆରେ ୧୦୨, ଜର୍ମାନୀରେ ୭୫, ସ୍ୱିଜରଲାଣ୍ଡରେ ୫୮, ବ୍ରିଟେନରେ ୧୭୭, ନେଦରଲାଣ୍ଡରେ ୧୩୬, ବେଲଜିୟମ୍‌ରେ ୬୭, ଜାପାନରେ ୩୫, ଇଣ୍ଡୋନେସିଆରେ ୩୮ ଲୋକଙ୍କ କରୋନା ସଂକ୍ରମଣରେ ପ୍ରାଣହାନି ଘଟିଛି। ଗୋଟାଏ ପରେ ଗୋଟାଏ ମୁଣ୍ଡ ନେଇ ଏହି ଭୂତାଣୁ ବିଶ୍ୱବାସୀଙ୍କୁ ଥରହର କରିପକାଇଲାଣି। କରୋନା ଏବେ ବିଶ୍ୱର ୧୮୫ ଦେଶକୁ କବଳିତ କରି ରଖିଛି। ବିଭିନ୍ନ ପଦକ୍ଷେପ ସତ୍ତ୍ୱେ ଏହାର ପ୍ରକୋପ ବଢୁଥିବାରୁ ମାନବ ସମାଜ କିଂକର୍ତ୍ତବ୍ୟ ବିମୂଢ଼ ସ୍ଥିତିରେ ରହିଛି।

## ଭାରତରେ ୩୨୯ ସଂକ୍ରମିତ

ନୂଆଦିଲ୍ଲୀ, ୨୧।୩: କରୋନା ଭାଇରସ୍ ସ୍ଥିତି ଭାରତରେ ବିଗିଡ଼ିବାରେ ଲାଗିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୩୨୯ରେ ପହଞ୍ଚିଛି। ସଂକ୍ରମିତଙ୍କୁ ଚିହ୍ନଟ କରିବା ଲାଗି ଆଇସିଏମ୍ଆର(ଇଣ୍ଡିଆନ୍ କାଉନ୍‌ସିଏ ଅଫ୍ ମେଡିକାଲ ରିସର୍ଚ୍ଚ) ପକ୍ଷରୁ ଶନିବାର ନୂଆ ଗାଇଡ୍‌ଲାଇନ ଜାରି କରାଯାଇଛି। ମୋଟ ୨୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କରେନାର ପ୍ରକୋପ ଦେଖିବାକୁ ମିଳିଛି। କେବଳ କେରଳରେ ଶନିବାର ନୂଆ ୧୨ ଏଭଳି ମାମଲା ସାମ୍ନାକୁ ଆସିଛି। ଏମାନଙ୍କ ମଧ୍ୟରେ ଅଛନ୍ତି ୫ ବିଦେଶୀ ନାଗରିକ। ଦିଲ୍ଲୀରେ ନୂଆ ୯ ମାମଲା ଜଣାପଡ଼ିବା ପରେ ସଂକ୍ରମିତଙ୍କ ସଂଖ୍ୟା ଏଠାରେ ବଢ଼ି ୨୬ରେ ପହଞ୍ଚିଛି। ଦିଲ୍ଲୀ, କର୍ଣ୍ଣାଟକ, ପଞ୍ଜାବ ଓ ମହାରାଷ୍ଟ୍ରରେ କରୋନା ମୁଣ୍ଡ ନେଇଥିବାବେଳେ ଦେଶବ୍ୟାପୀ କୋହୁଆ ଭୟ ସୃଷ୍ଟିହୋଇଛି। ଆଇସିଏମ୍ଆର ପକ୍ଷରୁ ଦେଶର ମୋଟ ୧୫,୪୦୪ ସାମ୍ପଲ ପରୀକ୍ଷା କରାଯାଇଛି। ଆଗକୁ ସଂକ୍ରମିତଙ୍କ ସଂଖ୍ୟା ଯେପରି ନ ବଢ଼ିବ ସେଥିଲାଗି ସରକାରଙ୍କ ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରକାଶ।

# ଖୋଲା ରହିବ ଗଣମାଧ୍ୟମ ସଂସ୍ଥା

## ସ୍ୱାସ୍ଥ୍ୟ ବିଭାଗ ଜାରି କଲା ବିଜ୍ଞପ୍ତି

ଭୁବନେଶ୍ୱର,୨୧।୩(ବ୍ୟୁରୋ)

କରୋନା(କୋଭିଡ-୧୯)କୁ ନେଇ ସମଗ୍ର ବିଶ୍ୱ ଥରହର। ଏହି ମହାମାରୀକୁ ପ୍ରତିହତ କରିବାକୁ ରାଜ୍ୟ ସରକାର ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିସହିତ ସାମାଜିକ ମିଳାମିଶା, ସଭାସମିତି, ପାର୍କ, ହୋଟେଲ, ରେଷ୍ଟୁରାଣ୍ଟ, ସୁଇମିଂ ପୁଲ , ଜିମ୍, ସିନେମା ହଲ, ଦୋକାନ ବଜାର, ହାଟ, ଶପିଂ ମଲ ଇତ୍ୟାଦିକୁ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରିଥିବା ବେଳେ କେତେକ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ, କାର୍ଯ୍ୟାଳୟ ଖୋଲା ରଖିବାକୁ ସରକାର ଅନୁମତି ଦେଇଛନ୍ତି। ମାର୍ଚ୍ଚ ୨୨ରୁ ୨୯ ତାରିଖ ସକାଳ ୭ଟାରୁ ରାତି ୯ଟା ଯାଏ ୫ଟି ଜିଲା ଓ ୮ଟି ସହରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ବେଳେ ଗଣମାଧ୍ୟମ ସଂସ୍ଥାକୁ ଏଥିରୁ ବାଦ୍ ଦିଆଯାଇଛି । ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ଗଣମାଧ୍ୟମ ଉପରେ ଏ ନେଇ କୌଣସି କଟକଣା ନାହିଁ। ସଚେତନତା ବାର୍ତ୍ତା ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ସରକାର ଗଣମାଧ୍ୟମ ସଂସ୍ଥାକୁ କଟକଣାମୁକ୍ତ କରିଛନ୍ତି। ଏ ନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି।

## କ'ଣ ସବୁ ଖୋଲା ରହିବ

୧. ଅତ୍ୟାବଶ୍ୟକ ସେବା ଯୋଗାଉଥିବା କାର୍ଯ୍ୟାଳୟ
   ଜିଲାପାଳ
   ଉପଜିଲାପାଳ
   ତହସିଲ
   ବ୍ଲକ
୨. ପୋଲିସ
୩. ସ୍ୱାସ୍ଥ୍ୟ
୪. ଅଗ୍ନିଶମ
୫. ରେଳ, ବିମାନ, ଆନ୍ତଃବସ ସେବା
୬. ବିଦ୍ୟୁତ, ଜଳଯୋଗାଣ ଏବଂ ପୌରସେବା
୭. ବ୍ୟାଙ୍କ, ଏଟିଏମ୍
୮. ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ଗଣମାଧ୍ୟମ, ସୋସିଆଲ ମିଡିଆ
୯ . ଟେଲିକମ, ଇଣ୍ଟରନେଟ, ସୂଚନା ପ୍ରଯୁକ୍ତି
୧୦.ଡାକସେବା
୧୧.ଯୋଗାଣ ଶୃଙ୍ଖଳ( ସପ୍ଲାଏ ଚେନ୍) ଓ ତତ୍‌ସମ୍ପର୍କିତ ପରିବହନ
୧୨.ଇ-କମର୍ସ ଦ୍ୱାରା ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଖାଦ୍ୟ, ଔଷଧ ଏବଂ ଔଷଧୀୟ ଉପକରଣ
୧୩.ତେଜରାତି, କ୍ଷୀର, ପାଉଁରୁଟି, ମାଂସ, ମାଛ, ଅଣ୍ଡା, ଫଳ, ପନିପରିବା ଦୋକାନ। ଏସମ୍ପର୍କିତ ପରିବହନ ଓ ଗୋଦାମ ଘର
୧୪.ହୋମ ଡେଲିଭରି
୧୫.ହସ୍ପିଟାଲ, ଔଷଧ ଦୋକାନ, ଚଷମା ଦୋକାନ
୧୬.ପେଟ୍ରୋଲ ପମ୍ପ, ଏଲପିଜି ଗ୍ୟାସ, ତୈଳ ଏଜେନ୍ସି ଓ ସେମାନଙ୍କର ଗୋଦାମ ଏବଂ ଏ ସମ୍ପର୍କିତ ପରିବହନ
୧୭.କୋଭିଡ-୧୯ ସଚେତନତା ପାଇଁ କାର୍ଯ୍ୟକରୁଥିବା ସଂସ୍ଥା
୧୮.ଅତ୍ୟାବଶ୍ୟକ ସାମଗ୍ରୀ ଉତ୍ପାଦନ କରୁଥିବା ସଂସ୍ଥା

ଏହାଛଡା ଯେଉଁ ଉତ୍ପାଦନକାରୀ ସଂସ୍ଥା ନିୟମିତ ଉତ୍ପାଦନ କରିବା ଆବଶ୍ୟକତା ଥିବ ସେମାନେ ଜିଲାପାଳଙ୍କ ଅନୁମତି ନେଇ ଚାଲୁ କରି ପାରିବେ। ସର୍ବସାଧାରଣ ସ୍ଥାନରେ ୭ ଜଣରୁ ଅଧିକ ଲୋକ ଏକାଠି ହୋଇ ପାରିବେ ନାହିଁ। କେଉଁ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଓ ସେବା ଖୋଲା ରହିବା ଆବଶ୍ୟକ ସେ ନେଇ ସମ୍ପୃକ୍ତ ଜିଲାପାଳ, ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ କିମ୍ବା ମହାନଗର ନିଗମ କମିଶନର ନିଷ୍ପତ୍ତି ନେଇପାରିବେ। ପୂର୍ବରୁ ଯେଉଁ କଟକଣା ଜାରି ରହିଛି ତାହା ମଧ୍ୟ ବଳବତ୍ତର ରହିବ। ସରକାର ନିୟମିତ ବ୍ୟବଧାନରେ ଆବଶ୍ୟକ ନିର୍ଦ୍ଦେଶନାମା ଓ ଏ ସମ୍ପର୍କିତ ସୂଚନାବଳୀ ଜାରି କରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ମହାମାରୀର ଭୟାବହତା

**ଆଜିର ମନ୍ତବ୍ୟ**

> କରୋନା ଭାଇରସ୍ ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିଛି, ଆସନ୍ତୁ ମିଳିମିଶି ସମସ୍ତେ ଘରେ ରହି ଏହାର ମୁକାବିଲା କରିବା।
>
> **-ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା**

**କିଛି ତଥ୍ୟ**

ଚଳିତ ବର୍ଷ ଫେବୃୟାରୀରେ ଦେଶର ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ୩ ଲକ୍ଷ ନିବେଶକଙ୍କୁ ଯୋଡ଼ିବା ଫଳରେ ଏହା ୮.୮୮ କୋଟି ଛୁଇଁଛି।

**- ଶେୟାର ବଜାର ଡିପୋଜିଟୋରୀ ଡାଟା**


Taste the difference! Vencobb FRESH CHICKEN

21.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers


# ଆଜି ଜନତା କର୍ଫ୍ୟୁ


ନୂଆଦିଲ୍ଲୀ,୨୧।୩

କରୋନା ସଂକ୍ରମଣ ରୋକିବା ଓ ସମସ୍ତଙ୍କୁ ଏହି ଭୂତାଣୁ ସମ୍ପର୍କରେ ସଚେତନ କରାଇବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିବେଦନ କ୍ରମେ ରବିବାର ଜନତା କର୍ଫ୍ୟୁ ପାଳନ କରାଯିବ। ଅତି ଜରୁରୀ ନ ଥିଲେ ସକାଳ ୭ରୁ ରାତି ୯ଟା ପର୍ଯ୍ୟନ୍ତ କେହି ଘରୁ ନ ବାହାରିବାକୁ କୁହାଯାଇଛି। ଜନତା କର୍ଫ୍ୟୁ ଲାଗି ସରକାରୀ ଓ ଘରୋଇ ସଂସ୍ଥାଗୁଡ଼ିକ ସେମାନଙ୍କର ସେବା ବନ୍ଦ କରିବାକୁ ଘୋଷଣା କରିଛନ୍ତି। ସେହି ଅନୁଯାୟୀ ଶନିବାର ରାତି ୧୨ଟାରୁ ରବିବାର ରାତି ୧୦ଟା ପର୍ଯ୍ୟନ୍ତ ଯାତ୍ରୀବାହୀ ଟ୍ରେନ ଚଳାଚଳ ବନ୍ଦ ରହିବ ବୋଲି ରେଲୱେ ପକ୍ଷରୁ ଘୋଷଣା କରାଯାଇଛି। ସେହିପରି ସମସ୍ତ ଇଣ୍ଟରସିଟି, ମେଲ୍ ଓ ଏକ୍ସପ୍ରେସ ଟ୍ରେନଗୁଡ଼ିକ ରବିବାର ଭୋର ୪ଟାରୁ ରାତି ୧୦ଟା ଯାଏ ବନ୍ଦ ରହିବ। ଏଥିସହିତ ମୁମ୍ବାଇ, ଦିଲ୍ଲୀ, କୋଲକାତା, ଚେନ୍ନାଇ, ସିକନ୍ଦରାବାଦରେ ମେଟ୍ରୋ ଚଳାଚଳକୁ ଯଥେଷ୍ଟ କମାଇଦିଆଯିବ। ବିଭିନ୍ନ ରାଜ୍ୟରେ ବସ୍ ଚଳାଚଳ ବନ୍ଦ ରଖିବାକୁ ଘୋଷଣା କରାଯାଇଛି। ଘରୋଇ ଏୟାରଲାଇନ୍ସ ଗୋଏୟାର ରବିବାର ଏହାର ସମସ୍ତ ବିମାନ ଚଳାଚଳ ସ୍ୱେଚ୍ଛାକୃତ ଭାବେ ବନ୍ଦ ରଖିବାକୁ କହିଛି। ସେହିପରି ଇଣ୍ଡିଗୋ ଦେଶ ଭିତରେ ୬୦ ପ୍ରତିଶତ ବିମାନ ଚଳାଚଳ କରିବ। ଏୟାର ବିସ୍ତାରା ଘରୋଇ ବିମାନ ଚଳାଚଳ ବନ୍ଦ ରଖିବାକୁ କହିଛି। ଦିଲ୍ଲୀ ମେଟ୍ରୋ କର୍ପୋରେଶନ ପ୍ରଥମ ଥର ଲାଗି ଏହାର ସେବା ବନ୍ଦ ରଖିବାକୁ ଘୋଷଣା କରିଛି। ତେବେ ସରକାରୀ ବସ୍ ସେବା ବନ୍ଦ କରିବାର କୌଣସି ଯୋଜନା ନାହିଁ ବୋଲି ଦିଲ୍ଲୀ ପରିବହନ ମନ୍ତ୍ରୀ କୈଳାସ ଗେହଲଟ କହିଛନ୍ତି। ଉବର ଓ ଓଲା କ୍ୟାବ୍ କମ୍ପାନୀ ସେବା ବନ୍ଦ ରଖିବାକୁ ଡ୍ରାଇଭରମାନଙ୍କୁ କହିଛନ୍ତି। ତେବେ ଜରୁରୀ ସ୍ଥିତିରେ ସେବା ଯୋଗାଇଦେବାକୁ କୁହାଯାଇଛି। ଦିଲ୍ଲୀର ୯୫,୦୦୦ରୁ ଊର୍ଦ୍ଧ୍ୱ ଅଟୋରିକ୍ସା ଚାଳକ ଜନତା କର୍ଫ୍ୟୁକୁ ସମର୍ଥନ କରି ସେବା ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ନୋଏଡା ମେଟ୍ରୋ ରେଳ ସେବା ବନ୍ଦ ରହିବ। ସେହିପରି ଦିଲ୍ଲୀର ପାଖାପାଖି ୧୫ ଲକ୍ଷ ବ୍ୟବସାୟୀ ସେମାନଙ୍କ ଦୋକାନ ବନ୍ଦ ରଖିବେ। କେତେକ ୨ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ କହିଛନ୍ତି।

ଗୁଜରାଟରେ ରବିବାର ସମସ୍ତ ସରକାରୀ ବସ୍ ସେବା ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀ କହିଛନ୍ତି। ତାମିଲନାଡୁରେ ସରକାରୀ ବସ୍ ଓ ମେଟ୍ରୋ ସେବା ବନ୍ଦ ରହିବ। ସେଦିନ ଘରୋଇ ବସ୍ ଓ ମିନିବସ୍ ସେବା ବନ୍ଦ ରଖିବାକୁ କୁହାଯାଇଛି। ଲକ୍ଷ୍ନୌ ମେଟ୍ରୋ ଟ୍ରେନ ଚଳାଚଳ ବନ୍ଦ ରହିବାକୁ ଥିବାବେଳେ କର୍ଣ୍ଣାଟକରେ ସରକାରୀ ଓ ଘରୋଇ ପ୍ରତିଷ୍ଠାନର ସେବା ବନ୍ଦ ରହିବ। ଏଥିସହିତ ସମସ୍ତ ପବ୍, ବାର୍, ମଲ୍, ଥିଏଟର ଆଦିକୁ ବନ୍ଦ ରଖାଯିବାକୁ ନିଷ୍ପତ୍ତି ହୋଇଛି।

ଗୁରୁବାର ରାତି ୮ଟାରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ସମସ୍ତଙ୍କୁ ଘରେ ରହିବା ପାଇଁ ନିବେଦନ କରିଥିଲେ। ଶନିବାର ସେ ପୁଣିଥରେ ଲୋକମାନଙ୍କୁ ଜରୁରୀ କାର୍ଯ୍ୟ ନ ଥିଲେ ବାହାରକୁ ନ ବାହାରିବାକୁ କହିଛନ୍ତି। ଜନତା କର୍ଫ୍ୟୁ ହେଉଛି ଜନସାଧାରଣଙ୍କ ଦ୍ୱାରା ଓ ସେମାନଙ୍କ ପାଇଁ କର୍ଫ୍ୟୁ। ଏଥିପାଇଁ ସେ ଅଧିକରୁ ଅଧିକ ଲୋକଙ୍କ ସହଯୋଗ ଲୋଡିଛନ୍ତି। ଏହି ସମୟରେ ପୋଲିସ, ଗଣମାଧ୍ୟମ, ହସ୍ପିଟାଲ ଆଦି ଅତ୍ୟାବଶ୍ୟକ ସେବା ଜାରି ରହିବ।

## ଟ୍ରେନ୍, ମେଟ୍ରୋ, ବସ୍ ସବୁ ବନ୍ଦ



ମହାମାରୀ କରୋନା ଭୂତାଣୁ ଭୟରେ ଖାଲିପଡ଼ିଛି ବାନ୍ଦ୍ରାରୁ ମହିମ୍‌କୁ ସଂଯୋଗ କରୁଥିବା ମୁମ୍ବାଇର ଏକ ରାସ୍ତା।

## ଫେରିଗଲା ଆମଷ୍ଟରଡାମ୍-ଦିଲ୍ଲୀ ବିମାନ

କରୋନା ସଂକ୍ରମଣ ରୋକିବା ଲାଗି ବାହାର ବିମାନ ପ୍ରବେଶ ଉପରେ ସରକାର କଟକଣା ଲଗାଇଛନ୍ତି। ଶୁକ୍ରବାର ୯୦ ଭାରତୀୟଙ୍କୁ ଆଣି ଆମଷ୍ଟରଡାମ୍‌ରୁ ଦିଲ୍ଲୀ ଆସୁଥିବା କେଏଲ୍‌ଏମ୍ ରୟାଲ ଡଚ୍ ଏୟାରଲାଇନ୍ସର ଏକ ବିମାନକୁ ଅନୁମତି ନ ମିଳିବାରୁ ଏହା ଫେରିଯାଇଛି। ୧୮ ତାରିଖରୁ ୟୁରୋପରୁ ଭାରତକୁ ବିମାନ ଚଳାଚଳ ବନ୍ଦ କରିଦିଆଯାଇଛି।



କରୋନା ଭୂତାଣୁର ଭୟାବହତା ସମ୍ପର୍କରେ ଜୟପୁରରେ ପୋଲିସ ସଚେତନତା ସୃଷ୍ଟି କରୁଛି।


ଟ୍ରେନ ବାତିଲ ଯୋଗୁ ଜମ୍ମୁର ଏକ ରେଳଷ୍ଟେଶନରେ ପ୍ରତୀକ୍ଷାରତ ଯାତ୍ରୀମାନେ ମାସ୍କ ପିନ୍ଧିଛନ୍ତି।

# ସତର୍କ ହୁଅ, ଭୟ କରନି

## ଜନତା କର୍ଫ୍ୟୁ ପୂର୍ବରୁ ଦେଶବାସୀଙ୍କୁ ମୋଦିଙ୍କ ଆହ୍ୱାନ

ନୂଆଦିଲ୍ଲୀ,୨୧।୩

ଜନତା କର୍ଫ୍ୟୁ ପାଳନର ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ପୁଣିଥରେ ଦେଶବାସୀଙ୍କ ସହଯୋଗ ଲୋଡ଼ିଛନ୍ତି। କରୋନା ସଂକ୍ରମଣ ରୋକିବା ଦିଗରେ ସତର୍କ ରୁହନ୍ତୁ କିନ୍ତୁ ଭୟଭୀତ ହୁଅନ୍ତୁ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଲୋକମାନଙ୍କୁ ଘରେ ରହିବା ଲାଗି ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ଏହି ଅବସରରେ ସେ ନାଟୱେଷ୍ଟ ଟ୍ରଫି ଫାଇନାଲର ଉଦାହରଣ ଦେଇଛନ୍ତି। ଏହି ମ୍ୟାଚ୍‌ରେ ଯୁବରାଜ ସିଂ ଏବଂ ମହମ୍ମଦ କେଫ୍‌ଙ୍କ ଯୋଡ଼ି ଭଳି ଉଦ୍ୟମ ଦ୍ୱାରା କରୋନା ବିରୋଧରେ ଆମେ ଲଢ଼ିପାରିବା ବୋଲି ମୋଦି କହିଛନ୍ତି।

କରୋନା ସଂକ୍ରମଣ ବିରୋଧରେ ପ୍ରଧାନମନ୍ତ୍ରୀଙ୍କ ଜନତା କର୍ଫ୍ୟୁ ଡାକରାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଅଧିକାଂଶ ରାଜ୍ୟ ଏହାକୁ ସମର୍ଥନ କରି ରବିବାର ବିଭିନ୍ନ ପରିବହନ ସେବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଜନତା କର୍ଫ୍ୟୁକୁ ସମର୍ଥନ ଜଣାଇଛନ୍ତି। କରୋନା ଭୂତାଣୁକୁ ପ୍ରଭାବଶାଳୀ ଢଙ୍ଗରେ ମୁକାବିଲା କରିବାକୁ ହେଲେ ରବିବାର



ଘରେ ରହିବା ଲାଗି ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଆକ୍ରାନ୍ତଙ୍କ ଶରୀରରୁ ଏହି ଭୂତାଣୁ ଅନ୍ୟ ଦେହକୁ ବ୍ୟାପୁଥିବାରୁ ସାମାଜିକ ଦୂରତ୍ୱ ରକ୍ଷା କରିବା ଲାଗି ସେ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ନିଜର ଓ ଅନ୍ୟମାନଙ୍କର ଯତ୍ନ ନିଆଯାଇପାରିବ। ସ୍ୱାସ୍ଥ୍ୟ ବିଶେଷଜ୍ଞ ଓ ବିଶ୍ୱ ସଂଗଠନର ପରାମର୍ଶକୁ ପାଳନ କରିବା ଲାଗି ଉପରାଷ୍ଟ୍ରପତି କହିଛନ୍ତି। କରୋନା ମହାମାରୀ ବିରୋଧରେ ମିଳିତ ଲଢ଼େଇ ପାଇଁ ସେ ସମସ୍ତ ରାଜନୈତିକ ଦଳ, ସିଭିଲ ସୋସାଇଟି ସଂଗଠନ ଆଦିଙ୍କୁ ଅନୁରୋଧ କରିଛନ୍ତି। କରୋନା ମୁକାବିଲା ଓ ସଚେତନତା ସୃଷ୍ଟି ଦିଗରେ ଜନତା କର୍ଫ୍ୟୁ ଭଲ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି।

## 'ସଙ୍କଟ ଆଗରେ ମୁଣ୍ଡ ନୁଆଁଇବନି ଭାରତ'


ସୋନିଆ ଗାନ୍ଧୀ

କରୋନା ସଂକ୍ରମଣକୁ ନେଇ ଦେଶ ଏବେ ସଙ୍କଟମୟ ପରିସ୍ଥିତି ଦେଇ ଗତି କରୁଛି। ତେବେ ଏହାକୁ ନେଇ ଭୟ କରିବାର କିଛି କାରଣ ନାହିଁ। ସଙ୍କଟ ନିକଟରେ ଦେଶ ମୁଣ୍ଡ ନୁଆଁଇବ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କହିଛନ୍ତି। ଯେଉଁମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି ସେମାନଙ୍କୁ ସାହାଯ୍ୟ କରିବା ଲାଗି କଂଗ୍ରେସ ନେତ୍ରୀ କେତେକ ପଦକ୍ଷେପର ପ୍ରସ୍ତାବ ଦେଇଛନ୍ତି। ଏହି ସଂକ୍ରମଣକୁ ନେଇ ଦେଶର ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଥିବାରୁ ସରକାର ବିଭିନ୍ନ ସେକ୍ଟର ପାଇଁ ରିଲିଫ୍ ପ୍ୟାକେଜ୍ ଘୋଷଣା କରିବାକୁ ସେ ପରାମର୍ଶ ଦେଇଛନ୍ତି। ଦେଶରେ ନମୁନା ପରୀକ୍ଷା କେନ୍ଦ୍ର ସଂଖ୍ୟା ବଢ଼ାଇବା ଲାଗି ସେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ଭୂତାଣୁ ବିରୋଧରେ ଲଢ଼େଇ ଲାଗି ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସୋନିଆ କହିଛନ୍ତି।

## ରାଜ୍ୟ ମୁଖ୍ୟ ସଚିବମାନଙ୍କୁ କେନ୍ଦ୍ରର ପତ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିବେଦନକ୍ରମେ ରବିବାର ଜନତା କର୍ଫ୍ୟୁ ଯେପରି ଉପଯୁକ୍ତ ଭାବେ ପାଳନ ହେବ ତାହା ସୁନିଶ୍ଚିତ କରିବା ଲାଗି ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ଶନିବାର ସବୁ ରାଜ୍ୟର ମୁଖ୍ୟ ସଚିବମାନଙ୍କୁ କହିଛନ୍ତି। ଏଥିସହିତ କରୋନା ରୋଗ ବିରୋଧରେ ସଂଘର୍ଷ କରୁଥିବା ଲୋକମାନଙ୍କୁ କୃତଜ୍ଞତା ଜଣାଇବା ପାଇଁ ରବିବାର ସନ୍ଧ୍ୟାରେ ଅଗ୍ନିଶମ, ପୋଲିସ ଓ ସ୍ଥାନୀୟ ସୁରକ୍ଷା ବଳର ଗାଡ଼ିଗୁଡ଼ିକ ସାଇରନ ଓ ଘଣ୍ଟି ବଜାଇବାକୁ କୁହାଯାଇଛି। ରବିବାର ସକାଳ ୭ରୁ ରାତି ୯ଟା ପର୍ଯ୍ୟନ୍ତ ଲୋକମାନଙ୍କୁ ଘରେ ରହିବାକୁ କୁହାଯାଇଛି। ଜରୁରୀ ସେବା ସହ ସମ୍ପୃକ୍ତ ବ୍ୟକ୍ତି ବାହାରକୁ ଯାଇପାରିବେ ବୋଲି ଭାଲ୍ଲା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

## ୩ ହଜାର ୭ଶହ ଟ୍ରେନ୍ ବାତିଲ

ନୂଆଦିଲ୍ଲୀ,୨୧।୩

'କୋଭିଡ-୧୯' ଏବେ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ଏହାକୁ ନେଇ ଏବେ ସାରା ବିଶ୍ୱ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି। ଭାରତରେ କରୋନାର ପ୍ରଭାବକୁ ଦେଖି ବିଭିନ୍ନ ପ୍ରକାର ସତର୍କତା ଅବଲମ୍ବନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୨ ତାରିଖ ଅର୍ଥାତ୍ ରବିବାରକୁ 'ଜନତା କର୍ଫ୍ୟୁ' ଘୋଷଣା କରିଛନ୍ତି। ଏହି ସମୟରେ ଲୋକେ ନିଜ ଇଚ୍ଛାରେ ଘରେ ରହିବାକୁ ଅନୁରୋଧ କରାଯାଇଛି। ଜରୁରୀ ନ ଥିଲେ କେହି ଘରୁ ବାହାରକୁ ଆସନ୍ତୁ ନାହିଁ ବୋଲି କୁହାଯାଇଛି। ଏହାକୁ ଦେଖି ରେଲୱେ ପକ୍ଷରୁ ପ୍ରାୟ ୩ ହଜାର ୭ ଶହ ଟ୍ରେନ୍ ଚଳାଚଳକୁ ବାତିଲ କରାଯାଇଥିବା ଜଣାପଡ଼ିଛି। ସମସ୍ତ ପାସେଞ୍ଜର ଓ ଏକ୍ସପ୍ରେସ୍ ଟ୍ରେନକୁ ବାତିଲ କରାଯାଇଛି। ସେପଟେ ପୂର୍ବରୁ ଛାଡି ସାରିଥିବା ଟ୍ରେନକୁ ତା'ର ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ଅନୁମତି ପ୍ରଦାନ କରାଯିବ ବୋଲି କୁହାଯାଇଛି।

## ୧୨ ରେଳଯାତ୍ରୀଙ୍କୁ କରୋନା

ନୂଆଦିଲ୍ଲୀ,୨୧।୩(ପି.ଟି.)

ଦୁଇଟି ଟ୍ରେନରୁ ୧୨ ଜଣଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ଗତ ୧୩ ତାରିଖରେ ଏପି ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସରେ ୮ ଜଣ ଦିଲ୍ଲୀରୁ ରାମଗୁଣ୍ଡମ୍ ଯାଉଥିଲେ। ୧୬ ତାରିଖରେ ଅନ୍ୟ ୪ ଜଣ ଗୋଦାନ ଏକ୍ସପ୍ରେସରେ ମୁମ୍ବାଇରୁ ଜବଲପୁର ଯାତ୍ରା କରୁଥିଲେ। ଅତି ଜରୁରୀ ନ ଥିଲେ ଦୂରଗାମୀ ଟ୍ରେନ୍‌ରେ ଯାତ୍ରା ନ କରିବାକୁ ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## କରୋନାକୁ ନେଇ ବିଶ୍ୱନେତାଙ୍କ ପ୍ରତିକ୍ରିୟା



"ହାଇଡ୍ରୋକ୍ଲୋରୋକୁଇନ ଏବଂ ଆଜିଥ୍ରୋମାଇସିନ ଏକତ୍ର ଚିକିତ୍ସା ଇତିହାସରେ ବଡ଼ ପରିବର୍ତ୍ତନ ଆଣିବାର ସୁଯୋଗ ରହିଛି। ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ ପ୍ରଶାସନ (ଏଫ୍‌ଡିଏ) ଉଦ୍ୟମ ଜାରି ରଖିଛି। କରୋନାରେ ବହୁସଂଖ୍ୟାରେ ଲୋକେ ମରୁଥିବାରୁ ଏହାକୁ ଶୀଘ୍ର କାର୍ଯ୍ୟରେ ଲଗାଯାଉ।

**–ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି**



"କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଅନେକ ପଦକ୍ଷେପ ଘୋଷଣା କରାଯାଇଛି। ଏହି ମହାମାରୀର ମୁକାବିଲା ଲାଗି ଶିଳ୍ପସଂସ୍ଥାଗୁଡ଼ିକ ସହଯୋଗର ହାତ ବଢ଼ାନ୍ତୁ।

**–ଜଷ୍ଟିନ୍ ଟ୍ରୁଡୋ, କାନାଡା ପ୍ରଧାନମନ୍ତ୍ରୀ**



"କରୋନା ମୁକାବିଲା ଦିଗରେ ଆମର ଲଢ଼େଇ ଜାରି ରହିଛି। ସଂକ୍ରମଣ ଏବେ ଗୁରୁତର ସ୍ଥିତିରେ ପହଞ୍ଚିଥିବାରୁ ଲୋକଙ୍କ ଯାତାୟାତ ଉପରେ ଅଧିକ କଠୋର କଟକଣା ଲଗାଯାଇଛି। ଆର୍ମି ସହାୟତାରେ ଅସୁସ୍ଥଙ୍କୁ ହସ୍ପିଟାଲକୁ ନିଆଯିବାର ବ୍ୟବସ୍ଥା କରାଯିବ।

**– ଏମାନ୍ୟୁଏଲ ମାକ୍ରଁ, ଫ୍ରାନ୍ସ ରାଷ୍ଟ୍ରପତି**



"ଦ୍ୱିତୀୟ ବିଶ୍ୱଯୁଦ୍ଧଠାରୁ ଅଧିକ ଦେଶକୁ ପ୍ରଭାବିତ କରିଛି କରୋନା। ଏହା ଅତି ଗୁରୁତର ହୋଇଥିବାରୁ ଏହାକୁ ଗମ୍ଭୀରତାର ସହ ନେବାକୁ ହେବ।

**–ଆଞ୍ଜେଲା ମର୍କେଲ, ଜର୍ମାନ ଚାନ୍‌ସେଲର**



"କରୋନା ଭାଇରସ୍ ସଂକ୍ରମଣ ଦେଶର ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଇଛି। ପୁଣି ବ୍ରିଟେନ ଅର୍ଥନୀତି ମୁଣ୍ଡଟେକିଠିଆ ହେବ ବୋଲି ଆଶା କରୁଛି। ଲୋକଙ୍କୁ ସଚେତନ କରାଯିବା ସହ କଟକଣା ମାନିବାକୁ ପରାମର୍ଶ ଦିଆଯାଇଛି। କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ଲାଗି ସେମାନେ ସରକାରଙ୍କୁ ସହଯୋଗ କରିବା ଉଚିତ।

**–ବୋରିସ ଜନ୍‌ସନ, ବ୍ରିଟେନ ପ୍ରଧାନମନ୍ତ୍ରୀ**



"ପ୍ରତିଷେଧକ ବ୍ୟବସ୍ଥା ହିଁ କରୋନା ଭୂତାଣୁଠାରୁ ଦୂରେଇ ରହିବାର ଏକମାତ୍ର ଉପାୟ। ଏହି କ୍ରମରେ ରବିବାର 'ଜନତା କର୍ଫ୍ୟୁ' ପାଳନ କରିବା ଏବଂ ଜରୁରୀ ସେବାରେ ନିୟୋଜିତ ବ୍ୟକ୍ତିଙ୍କୁ ଉତ୍ସାହିତ କରିବା ପାଇଁ ତାଳି, ଥାଳି, ଘଣ୍ଟି ବଜାନ୍ତୁ।

**–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

# ୧୨୦କୋଟି ଲୋକ ଘରେ ବନ୍ଦ

## ୨୦ରୁ ଊର୍ଦ୍ଧ୍ୱ ଦେଶରେ ଲକ୍‌ଡାଉନ୍

ୱାଶିଂଟନ,୨୧।୩

କରୋନା ସଂକ୍ରମଣରୁ ଦୂରେଇ ରହିବା ପାଇଁ ପୃଥିବୀରେ ୨୦ଟିରୁ ଅଧିକ ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଚାଇନା, ଇଟାଲି, ସ୍ପେନ୍, ଫ୍ରାନ୍ସ, ଆୟର୍ଲାଣ୍ଡ, ଡେନମାର୍କ, ଏଲ୍-ସାଲଭେଡର, ଜର୍ମାନୀ, ବ୍ରିଟେନ୍, ବେଲଜିଅମ୍, ଆର୍ଜେଣ୍ଟିନା, ଭାଟିକାନ୍ ସିଟି, ନରୱେ, ଇରାନ, ଦକ୍ଷିଣକୋରିଆ, ହଂକଂ, ଇଣ୍ଡୋନେସିଆ ଆଦି ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହାଦ୍ୱାରା ୧୨୦ କୋଟିରୁ ଅଧିକ ଲୋକ ଘରେ ବନ୍ଦ ରହିବାକୁ ବାଧ୍ୟ ହୋଇଛନ୍ତି। ଏହା ସହିତ ୫୦ରୁ ଅଧିକ ଦେଶରେ କେତେକ ସହରକୁ ଲକ୍‌ଡାଉନ୍ କରାଯାଇଛି। ଚାଇନାରେ ଲକ୍‌ଡାଉନ୍ ଯୋଗୁ ୭୮ କୋଟି ଲୋକ ଘରେ ବନ୍ଦ ରହିଛନ୍ତି। ସେହିପରି ଇଟାଲିରେ ୬ କୋଟିରୁ ଅଧିକଙ୍କ କ୍ଷେତ୍ରରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ଆମେରିକା ପକ୍ଷରୁ କାଲିଫର୍ନିଆରେ ଲକ୍‌ଡାଉନ୍ ଘୋଷଣା ହୋଇଛି। ଫଳରେ ୪ କୋଟି ଲୋକ ଘରେ ବନ୍ଦ ହୋଇଯାଇଛନ୍ତି। ସେହିପରି ଫ୍ରାନ୍ସରେ ୬ କୋଟି ୭୦ ଲକ୍ଷ ଲୋକ ଘରେ ବନ୍ଦ ହୋଇଛନ୍ତି। ଏହାଯୋଗୁ ପୃଥିବୀର ବହୁ ସହର ଜନଶୂନ୍ୟ ହୋଇପଡ଼ିଛି। ରାସ୍ତାରେ କେବଳ ବୁଲା କୁକୁର, ଗାଈଗୋରୁ ବୁଲୁଥିବା ଦେଖିବାକୁ ମିଳୁଛି।

## ୬ ସ୍ୱାସ୍ଥ୍ୟକର୍ମୀଙ୍କୁ କରୋନା
## ଭିଲୱାଡ଼ାରେ କର୍ଫ୍ୟୁ

ଆଜମେର/ଜୟପୁର,୨୧।୩

ରାଜସ୍ଥାନର ଭିଲୱାଡ଼ାରେ ୬ ଜଣ ସ୍ୱାସ୍ଥ୍ୟକର୍ମୀଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ସେଠାରେ ଶୁକ୍ରବାର ସନ୍ଧ୍ୟାରୁ କର୍ଫ୍ୟୁ ଜାରି ହୋଇଛି। ପ୍ରଶାସନିକ ଅଧିକାରୀମାନେ ସର୍ବସାଧାରଣ ସ୍ଥାନକୁ ଯାଇ ଲୋକମାନଙ୍କୁ ସେଠାରୁ ହଟାଇବା ସହ ବିଭିନ୍ନ ଜିଲାରୁ ଆସୁଥିବା ବସ୍‌ଗୁଡ଼ିକୁ ପ୍ରବେଶ ଅନୁମତି ଦେଇ ନ ଥିଲେ। ଭିଲୱାଡ଼ାର ଏକ ଘରୋଇ ହସ୍ପିଟାଲର ୩ ଜଣ ଡାକ୍ତର ଓ ୩ ନର୍ସଙ୍କୁ କରୋନା ସଂକ୍ରମିତ ହୋଇଥିବା ପରୀକ୍ଷାରୁ ଜଣାପଡିଛି। ଫଳରେ ରାଜସ୍ଥାନରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୭ରେ ପହଞ୍ଚିଛି। ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ସୀମା ସିଲ୍ କରାଯିବା ସହ ରାସ୍ତାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

## ବେତନ ବୃଦ୍ଧି କରି ନ ପାରନ୍ତି ଆଇଟି କମ୍ପାନୀ

ନୂଆଦିଲ୍ଲୀ,୨୧।୩

ମହାମାରୀ କରୋନା ସଂକ୍ରମଣ ସାରା ବିଶ୍ୱର ଅର୍ଥନୀତିକୁ ପ୍ରଭାବିତ କରିଛି। ଭାରତର ଆଇଟି କମ୍ପାନୀଗୁଡ଼ିକ ଉପରେ ଏହାର ପ୍ରଭାବ ପଡିଛି। ତେଣୁ ଏହି କମ୍ପାନୀଗୁଡ଼ିକ ଚଳିତ ବର୍ଷ ବେତନ ବୃଦ୍ଧି ନ କରିପାରନ୍ତି ବୋଲି କୁହାଯାଉଛି। ସେହିପରି ବୋନସ୍ ମଧ୍ୟ ହ୍ରାସ ପାଇପାରେ ବୋଲି କୁହାଯାଉଛି। ବୋନସ, ବେତନ ବୃଦ୍ଧି ଓ ଅନ୍ୟାନ୍ୟ ଆର୍ଥିକ ପ୍ରୋତ୍ସାହନକୁ ସ୍ଥଗିତ ରଖାଯାଇଥିବା ଟେକ୍ ମହିନ୍ଦ୍ରା ସିଇଓ ସି.ପି. ଗୁରନାନୀ କହିଛନ୍ତି। ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍) ଏହାର ଅଟକଳ ଶେଷ କରିଛି। ତେବେ ବେତନ ବୃଦ୍ଧି ଇତ୍ୟାଦି ସମ୍ପର୍କରେ କୌଣସି ଆଲୋଚନା ହୋଇନାହିଁ। ଏହି କମ୍ପାନୀ ଏବେ କ୍ଷତିର ସମ୍ମୁଖୀନ ହୋଇଛି। କାରଖାନାର ପ୍ରଦର୍ଶନ ଓ ଲାଭ ଉପରେ ବୋନସ ନିର୍ଭର କରିଥାଏ। ତେଣୁ ଏହା ହ୍ରାସ ପାଇବା ସ୍ୱାଭାବିକ ବୋଲି ଏଭରେଷ୍ଟ ଗ୍ରୁପ୍‌ର ସିଇଓ ପିଟର ବେଣ୍ଡର ସାମୁଏଲ୍ କହିଛନ୍ତି। ୱିପ୍ରୋ, ଏଚ୍‌ସିଏଲ୍ ଟେକ୍ ଏବଂ ଇନଫୋସିସ ଭଳି କମ୍ପାନୀ ବର୍ଷ ଶେଷ ଭାଗରେ ବର୍ଦ୍ଧିତ ବେତନ ପ୍ରଦାନ କରିବେ। କରୋନା ସାରା ବିଶ୍ୱର ବ୍ୟବସାୟକୁ ପ୍ରଭାବିତ କରିଥିବା ବିଶ୍ଳେଷକମାନେ କହିଛନ୍ତି। ବୃହତ୍ ଓ ମଧ୍ୟମ ପୁଞ୍ଜି ଟେକ୍‌ନୋଲୋଜି କମ୍ପାନୀଗୁଡ଼ିକର ଅଭିବୃଦ୍ଧି ୨ରୁ ୪ ପ୍ରତିଶତ ହ୍ରାସ ପାଇବ ବୋଲି ଆକଳନ କରିଛି କୋଟାକ ଇନ୍‌ଷ୍ଟିଚ୍ୟୁଶନାଲ ଇକ୍ୟୁଟିଜ୍। ମୋଟାମୋଟି ଭାବେ ଏହି ଶିଳ୍ପର ଅଭିବୃଦ୍ଧି ୩ରୁ ୮ ପ୍ରତିଶତ ହ୍ରାସ ପାଇବ ବୋଲି କୁହାଯାଇଛି।

## ପାକିସ୍ତାନରେ ୬୬୬ କରୋନା ରୋଗୀ
## ଲକ୍‌ଡାଉନ୍ ପାଇଁ ଇମ୍ରାନ ଅରାଜି

ଇସ୍‌ଲାମାବାଦ,୨୧।୩


କରୋନା ଭାଇରସ କବଳରେ ପାକିସ୍ତାନ। ଏବେ ସେଠାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୬୬ ହୋଇଥିବା ବେଳେ ୩ ଜଣଙ୍କ ମୃତ୍ୟୁ ହୋଇ ସାରିଲାଣି। ସିନ୍ଧ ଅଞ୍ଚଳରେ ସର୍ବାଧିକ ୨୫୨ ଜଣ କରୋନାରେ ସଂକ୍ରମିତ ହୋଇଥିବା ବେଳେ ଏବେ ଏହା ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଶେଷଜ୍ଞମାନେ ପାକିସ୍ତାନକୁ ଲକ୍‌ଡାଉନ୍ କରିବା ସହ ସମସ୍ତ ବିମାନ ଯାତ୍ରାକୁ ବାତିଲ କରିବାକୁ ପରାମର୍ଶ ଦେଇଛନ୍ତି। ହେଲେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ କହିଛନ୍ତି, ଲକ୍ ଡାଉନ୍ ଅର୍ଥ କର୍ଫ୍ୟୁ ଭଳି ପରିସ୍ଥିତି। ଏମିତି ହେଲେ ପାକିସ୍ତାନର ଗରିବ ଲୋକ ଆହୁରି ଦୁର୍ବଳ ହୋଇ ପଡିବେ। ତେଣୁ ଲକ୍ ଡାଉନ୍ କରାଯିବ ନାହିଁ।

# ଚାଇନାରେ ତିନିଦିନରେ ନୂଆ ରୋଗୀ ଚିହ୍ନଟ ହୋଇନାହାନ୍ତି

ବେଜିଂ,୨୧।୩(ପି.ଟି.)

କରୋନା ଭୂତାଣୁ ସୃଷ୍ଟି ହୋଇଥିବା ଚାଇନାରେ କ୍ରମାଗତ ତୃତୀୟ ଦିନରେ ବି ଜଣେ ହେଲେ ନୂଆ ରୋଗୀ ଚିହ୍ନଟ ହୋଇନାହାନ୍ତି। କରୋନା ସଂକ୍ରମଣକୁ ଚାଇନା ସଫଳତାର ସହ ମୁକାବିଲା କରିପାରିଥିବା କୁହାଯାଉଛି। ତେବେ ହୁବେଇ ପ୍ରଦେଶରେ ୭ ଜଣ ରୋଗୀଙ୍କ ମୃତ୍ୟୁ ଘଟିବା ଫଳରେ ଚାଇନାରେ କରୋନାଜନିତ ମୃତ୍ୟୁସଂଖ୍ୟା ୩୨୫୫ରେ ପହଞ୍ଚିଥିବା ଜାତୀୟ ସ୍ୱାସ୍ଥ୍ୟ କମିଶନ ପକ୍ଷରୁ କୁହାଯାଇଛି।

କରୋନା ଭୂତାଣୁ ସାରା ବିଶ୍ୱରେ ପାଖାପାଖି ୧୨ ହଜାର ଲୋକଙ୍କ ଜୀବନ ନେଲାଣି ଓ ପ୍ରାୟ ୩ ଲକ୍ଷ ଲୋକ ଏଥିରେ ଆକ୍ରାନ୍ତ ହେଲେଣି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କୋଭିଡ-୧୯କୁ ବିଶ୍ୱ ମହାମାରୀ ଘୋଷଣା କରିଛନ୍ତି। ସଂକ୍ରମଣ ରୋକିବା ଲାଗି ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ବିଭିନ୍ନ ଦେଶ ସେମାନଙ୍କ ସୀମା ବନ୍ଦ କରିବା ସହିତ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। କରୋନା ଭୂତାଣୁ ବା କୋଭିଡ-୧୯କୁ ନେଇ ଅନେକ ପ୍ରଶ୍ନ ଉଠିଥିବାବେଳେ



କେତେକର ଉତ୍ତର ମିଳିଛି। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ କରୋନା ସଂକ୍ରମଣ ରୋକିବା ଲାଗି ସାମାଜିକ ଦୂରତ୍ୱ ରକ୍ଷା କରିବା ଜରୁରୀ। ଜରୁରୀ ନ ଥିଲେ ଡାକ୍ତର କିମ୍ବା ଡେଣ୍ଟିଷ୍ଟଙ୍କୁ ଭେଟିବାର ଆବଶ୍ୟକ ନାହିଁ। ସେହିପରି ନିୟମିତ ସ୍କ୍ରିନିଂ ଟେଷ୍ଟ ଯଥା ମାମୋଗ୍ରାମ, ପିଏସ୍‌ଏ ରକ୍ତ ପରୀକ୍ଷା ଆଦି ବନ୍ଦ ରଖିବା ଉଚିତ ବୋଲି କୁହାଯାଇଛି। ବିକଳ୍ପ ଭାବେ ଡାକ୍ତରମାନଙ୍କଠାରୁ ଟେଲି ସ୍ୱାସ୍ଥ୍ୟସେବାର ସୁବିଧା ନିଆଯାଇପାରିବ। ଅର୍ଥାତ ଫୋନ, ଭିଡିଓ ଚ୍ୟାଟିଂ ମାଧ୍ୟମରେ ଡାକ୍ତରଙ୍କ ସହ ଯୋଗାଯୋଗ କରାଯାଇପାରିବ ବୋଲି ପରାମର୍ଶ ଦିଆଯାଇଛି।

# ଭୂତାଣୁ ନୁହେଁ, କେନିୟାରେ ମାରକ ହେବ ଦୁର୍ବଳ ସ୍ୱାସ୍ଥ୍ୟସେବା

ନାଇରୋବି,୨୧।୩

କୋଭିଡ୍-୧୯ ଭୂତାଣୁ ସଂକ୍ରମଣ ପୃଥିବୀର ଅନେକ ଦେଶରେ ଏବେ ଅଚଳାବସ୍ଥା ସୃଷ୍ଟି କରିଛି। ୟୁରୋପୀୟ ଦେଶଗୁଡ଼ିକର ଏବେ ପ୍ରମୁଖ ଧ୍ୟେୟ ହୋଇଛି, କିପରି ଲୋକରୁ ଲୋକଙ୍କୁ ଏହି ଭୂତାଣୁ ନ ବ୍ୟାପିବ। ଫ୍ରାନ୍ସ ସରକାର ଏବେ ତାଙ୍କ ନାଗରିକମାନଙ୍କୁ ଏକ ଫର୍ମ ଯୋଗାଇ ଦେଉଛନ୍ତି, ଯହିଁରେପ ବାହାରକୁ ତାଙ୍କର କାହିଁକି ଯିବା ଆବଶ୍ୟକ, ସମ୍ପୃକ୍ତ ନାଗରିକ ତାହା ଲିଖିତଭାବେ ଜଣାଇବେ। କେନିୟା ସରକାର ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ବହୁ ପଦକ୍ଷେପ ନେଉଛନ୍ତି। ଦେଶର ଶିକ୍ଷାନୁଷ୍ଠାନଗୁଡିକୁ ବନ୍ଦ ରଖାଯାଇଛି ଓ କର୍ମଜୀବୀମାନେ ଘରେ ବସି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୈନିକ ସ୍ୱାସ୍ଥ୍ୟ ସମ୍ପର୍କିତ ସତର୍କତା ଅବଲମ୍ବନ କରିବା ନେଇ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଏହି କଠିନ ସମୟରେ ସହଯୋଗ ପାଇଁ ଆଗେଇ ଆସିବାକୁ ସରକାର ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ନିବେଦନ କରିଛନ୍ତି।


କେନିୟାର ଲୋକେ ଏବେ ଘରେ ବସି କୋଭିଡ୍-୧୯ରେ ଆକ୍ରାନ୍ତ ଲୋକଙ୍କ ମୃତ୍ୟୁହାର କେତେ କମିଲା ତାର ହିସାବ ନିକାଶରେ ମାତିଛନ୍ତି। କେନିୟାର ବନ୍ଧୁରାଷ୍ଟ୍ର ଚାଇନାରେ କରୋନା ମୃତ୍ୟୁହାର ଯଥେଷ୍ଟ ନିୟନ୍ତ୍ରଣକୁ ଆସିଥିବାରୁ କେହି କେହି କେନିୟାବାସୀ ଖୁବ୍ ଆଶାବାଦୀ ହୋଇ କହୁଛନ୍ତି ଯେ କରୋନା ସେପରି ମହାମାରୀ ନୁହେଁ। ଯେପରି ଲୋକ କହୁଛନ୍ତି।

ତେବେ କେନିୟାବାସୀଙ୍କ ପାଇଁ କୋଭିଡ୍-୧୯ ଭୂତାଣୁ ଯେତେ ମାରକ ନୁହେଁ, ମାରକ ପାଲଟିଛି ଜନସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଥିବା ଦୁର୍ବଳତା। ଭୂତାଣୁକୁ ରୋକିବା ପାଇଁ ସାବୁନରେ ହାତ ଧୋଇବା ଏକ ଫଳପ୍ରଦ ପ୍ରତିଷେଧକ ହୋଇଥିବା ବେଳେ କେନିୟାରେ ପାଣି ଲୋକଙ୍କ ପାଇଁ ସ୍ୱପ୍ନ ହୋଇଛି। ଏଠାକାର ଅଶୀ ପ୍ରତିଶତ ଲୋକଙ୍କ ପାଇଁ ସ୍ୱଚ୍ଛ ପାଣି ଦୁର୍ଲଭ। ବସ୍ତିବାସିନ୍ଦାମାନେ ନିଜର ଦୈନନ୍ଦିନ ଜଳାଭାବ ମେଣ୍ଟାଇବା ପାଇଁ ଜାରକିନରେ ପାଣି କିଣୁଛନ୍ତି। ସହରରେ ମଧ୍ୟ ଉତ୍କଟ ଜଳାଭାବ ସ୍ଥିତିକୁ ସଙ୍ଗୀନ କରିଛି। ଦେଶର କେତେକ ଗ୍ରାମାଞ୍ଚଳରେ ଲୋକଙ୍କୁ ଝରଣା ପାଣି ପାଇଁ ଗରାମାଠିଆ ଧରି ମାଇଲ ମାଇଲ ଧାଇଁବାକୁ ପଡୁଛି। ଅଧିକାଂଶ କେନିୟା ଅଧିବାସୀଙ୍କ ପାଇଁ ଜଳାଭାବ ହିଁ କରୋନା ଭୂତାଣୁ ପ୍ରତିରୋଧର ପ୍ରାଥମିକ ପଦକ୍ଷେପ ନେବାରୁ ବଞ୍ଚିତ କରୁଛି।

ସାମାଜିକ ଦୂରତା ରକ୍ଷା ଏହି ଦେଶର ଅନ୍ୟତମ ସମସ୍ୟା। ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କ ପାଇଁ ସାମାଜିକ ଦୂରତା ରକ୍ଷା କେବଳ ଏକ ଉପଦେଶ ହୋଇ ରହିଛି। କେନିୟାର ସବୁଠୁ ବଡ ସଂକଟ ହେଲା ଏହି ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତିଷେଧକ ବ୍ୟବସ୍ଥା ତୁଳନାରେ ଉପଶମ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛି। କେନିୟାର ଅଧିକାଂଶ ସ୍ୱାସ୍ଥ୍ୟକେନ୍ଦ୍ର ବିଦେଶୀ ଅନୁଦାନରେ ପ୍ରତିଷ୍ଠିତ। କରୋନା ନିୟନ୍ତ୍ରଣରେ ନିଜ ରକ୍ଷଣ ଏବେ ଅସମ୍ଭାଳ ହୋଇପଡିଛି। କେନିୟାର ସଚେତନ ନାଗରିକମାନଙ୍କର ମତ ଯେ ଯଦି ଏହି ଦେଶ ପ୍ରଥମରୁ ବିଦେଶାଗତଙ୍କ ତନଖିକୁ କଡାକଡି କରିଥାନ୍ତା ତେବେ ରୋଗ ଆୟତ୍ତ ବାହାରକୁ ଯାଇ ନ ଥାନ୍ତା। କେନିୟା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ କରୋନା ଭୂତାଣୁ ସଂକ୍ରମଣକୁ ରୋକିବାରେ ସରକାର ସମର୍ଥ ବୋଲି କହୁଛନ୍ତି, କିନ୍ତୁ ଏହା କେବଳ ଘୋଷଣା ମାତ୍ର। ପାଣିର ପ୍ରବଳ ଅଭାବ ଓ ନଗରାଞ୍ଚଳରେ ଅତିରିକ୍ତ ଜନଗହଳି କେନିୟାରେ କରୋନା ଭୂତାଣୁ ସଂକ୍ରମଣକୁ ରୋକିବାରେ ପ୍ରଦାନ ବାଧକ ସାଜିଛି।

**ଲକ୍ଷଣ ଥିଲେ ପରୀକ୍ଷା ହେବ**

ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୮୩କୁ ବୃଦ୍ଧି ପାଇଥିବାବେଳେ ହସ୍ପିଟାଲଗୁଡ଼ିକରେ କରୋନା ଲକ୍ଷଣ ଥିବା ସବୁ ରୋଗୀଙ୍କ ନମୁନା ପରୀକ୍ଷା କରାଯିବ। ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ଏହାର ପରୀକ୍ଷା ନୀତିରେ ପରିବର୍ତ୍ତନ କରିଛି। ନୂଆ ମାର୍ଗଦର୍ଶିକା ଅନୁଯାୟୀ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଯେକୌଣସି ରୋଗୀଠାରେ ଶ୍ୱାସକ୍ରିୟାଜନିତ ସମସ୍ୟା ସହ ଜ୍ୱର ଓ କାଶ ହେଉଥିଲେ ସେମାନଙ୍କର କୋଭିଡ-୧୯ ପରୀକ୍ଷା କରାଯିବ। ସିଧାସଳଖ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ୫ ଓ ୧୪ ଦିନରେ ପରୀକ୍ଷା କରିବା ଜରୁରୀ।





# ପୁଣି କମିଲା ବସ୍ ଭଡ଼ା

- ମାସରେ ଦୁଇଥର
- କିଲୋମିଟର ପିଛା ୧, ୨ ପଇସା

ଭୁବନେଶ୍ୱର,୨୧।୩(ବ୍ୟୁରୋ)

ଗତ କିଛିଦିନ ହେବ ଡିଜେଲ ଓ ପେଟ୍ରୋଲ ଦର ଲଗାତର ହ୍ରାସ ପାଇବାରେ ଲାଗିଛି। ଏଥିଯୋଗୁ ରାଜ୍ୟରେ ବସ୍‌ଭଡ଼ା କମିଛି। ଏ ନେଇ ଶନିବାର ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତୈଳଦର୍ ହ୍ରାସ ପାଇଥିବାରୁ ସ୍ୱୟଂକ୍ରିୟ ବ୍ୟବସ୍ଥା (ଅଟୋମେଶନ ସିଷ୍ଟମ) ଅନୁଯାୟୀ ରାଜ୍ୟରେ ବସ୍‌ଭଡ଼ା ହ୍ରାସପାଇଛି। କିଲୋମିଟରକୁ ଯଥାକ୍ରମେ ୧ ଓ ୨ ପଇସା କମିଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାଧାରଣ ଓ ଏକ୍ସପ୍ରେସ ବସ୍‌ଭଡ଼ା କିଲୋମିଟର ପିଛା ୧ ପଇସା ଲେଖାଏ ହ୍ରାସ ପାଇଥିବାବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ କିଲୋମିଟରକୁ ୨ ପଇସା ହ୍ରାସ ପାଇଛି। ଏଥିଯୋଗୁ ସାଧାରଣ ବସ୍‌ଭଡ଼ା କିଲୋମିଟର ପିଛା ୬୮ ପଇସାରୁ ୬୭ପଇସା ହ୍ରାସ ହୋଇଥିବାବେଳେ ଏକ୍ସପ୍ରେସ ୭୧ରୁ ୭୦, ଡିଲକ୍ସ ବସ୍ କିଲୋମିଟର ପିଛା ୯୭ ପଇସାରୁ ୯୫ପଇସା ଏବଂ ଏସି ଡିଲକ୍ସ ବସ୍ କିଲୋମିଟର ପିଛା ୧ ଟଙ୍କା ୧୯ପଇସା ୧ ଟଙ୍କା ୧୭ ପଇସାକୁ କମିଛି।

ସୂଚନାଯୋଗ୍ୟ ଯେ, ୨୦୨୦ ଫେବୃୟାରୀ ୧ ଓ ମାର୍ଚ୍ଚ ୬ରେ ବସ୍‌ଭଡ଼ା ହ୍ରାସ ପାଇଥିଲା। ମାର୍ଚ୍ଚରେ ୨ ଥର ଭଡ଼ା ହ୍ରାସ ହୋଇଛି। ଭଡ଼ା ବୃଦ୍ଧି ଓ ହ୍ରାସ ପାଇଁ ରାଜ୍ୟ ସରକାର ଅଟୋମେଶନ ବା ସ୍ୱୟଂକ୍ରିୟ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଡିଜେଲ ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି ହେଲେ କିଲୋମିଟରକୁ ଭଡ଼ା ୧ ଓ ୨ ପଇସା ବଢ଼ିବ। ସେହିପରି ୨ଟଙ୍କା କମିଲେ ଭଡ଼ା ହ୍ରାସ ପାଇବ।




## ବାଲେଶ୍ୱର: ତ୍ୱରାନ୍ୱିତ ହେଉ ଏମ୍ସ ସ୍ୟାଟେଲାଇଟ୍ ସେଣ୍ଟର

- ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଶ୍ରୀକାନ୍ତ

ଭୁବନେଶ୍ୱର,୨୧।୩(ବ୍ୟୁରୋ): କରୋନା ଭୂତାଣୁ ସଂକ୍ରମଣର ମୁକାବିଲା କରିବା ପାଇଁ ବୃହତ୍ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ୨୦୧୩-୧୪ରେ ୟୁପିଏ ସରକାର ବାଲେଶ୍ୱରରେ ୩୫୦ ଶଯ୍ୟା ବିଶିଷ୍ଟ ସୁପରସ୍ପେଶିଆଲିଟି ହସ୍ପିଟାଲକୁ ଅନୁମୋଦନ କରିଥିଲେ। ୨୦୧୭ ସୁଦ୍ଧା ଏହାର ନିର୍ମାଣ ସରିବ ବୋଲି ୨୦୧୪ରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ଘୋଷଣା କରିଥିଲେ। ହେଲେ ବର୍ତ୍ତମାନ ଯାଏ ହୋଇନାହିଁ, ଏହା କେବଳ ଏକ ଓପିଡି ସେଣ୍ଟରଭାବେ ୨ ପାର୍ଟଟାଇମ୍ ଡାକ୍ତରଙ୍କୁ ନେଇ କାର୍ଯ୍ୟ କରୁଛି। ତେଣୁ ଉତ୍ତର ଓଡ଼ିଶାରେ ଏହି ଭିତ୍ତିଭୂମିକୁ ସମ୍ପ୍ରସାରଣ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରନ୍ତୁ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି। ସେହିପରି ଏହାକୁ ପୂର୍ବ ଘୋଷଣା ଅନୁଯାୟୀ ଏମ୍ସର ଏକ ସ୍ୟାଟେଲାଇଟ୍ ସେଣ୍ଟରଭାବେ ତୁରନ୍ତ ବିକଶିତ କରିବା ପାଇଁ ଜେନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶନିବାର ଚିଠି ଲେଖିଛନ୍ତି। ବାଲେଶ୍ୱରରେ ଏହି 'ମେଗା ପବ୍ଲିକ ହେଲ୍‌ଥ ଇନ୍‌ଫ୍ରାଷ୍ଟ୍ରକଚର' ପାଇଁ ଓଡ଼ିଶା ସରକାର ୨୫ ଏକର ପାଚେରି ବେଷ୍ଟିତ ଜମି ପ୍ରଦାନ କରିସାରିଛନ୍ତି। ତେଣୁ ଏହି କାର୍ଯ୍ୟକୁ ଉପଯୁକ୍ତ ସମନ୍ୱୟ ରଖି ରାଜ୍ୟ ଓ କେନ୍ଦ୍ର ସରକାର ଆଗକୁ ନେଇପାରିଲେ ଭବିଷ୍ୟତର ସ୍ୱାସ୍ଥ୍ୟକାଳୀନ ଜରୁରୀ ପରିସ୍ଥିତିକୁ ସହଜରେ ମୁକାବିଲା କରିହେବ ବୋଲି ଶ୍ରୀକାନ୍ତ କହିଛନ୍ତି। ସେହିଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ସତର୍କତାମୂଳକ ପଦକ୍ଷେପକୁ ସେ ସ୍ୱାଗତ କରିଛନ୍ତି।

## ଜନତା କର୍ଫ୍ୟୁକୁ ବିଜେଡିର ସମର୍ଥନ


ଭୁବନେଶ୍ୱର,୨୧।୩(ବ୍ୟୁରୋ): କରୋନା ଭୂତାଣୁ ସଂକ୍ରମଣକୁ ମୁକାବିଲା କରିବା ପାଇଁ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଜନତା କର୍ଫ୍ୟୁ ଡାକରା ଦିଆଯାଇଛି। ଗତ ଶୁକ୍ରବାର ରାତି ୮ଟା ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇ ଏହି ଘୋଷଣା କରିଥିଲେ। ଏହାର କିଛି ସମୟ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ସ୍ୱାଗତ କରିଥିଲେ। ଏପରି ସ୍ଥିତିରେ ଅସାଧାରଣ ପଦକ୍ଷେପ ନେବାର ଆବଶ୍ୟକତା ରହିଥିବା କହିଥିଲେ। ତେଣୁ ଜନତା କର୍ଫ୍ୟୁକୁ ସବୁସ୍ତରରେ ସଫଳ କରିବା ପାଇଁ ଶାସକ ଦଳ ବିଜେଡି ସମର୍ଥନ ଜଣାଇଛି। ଦଳର ବରିଷ୍ଠ ନେତା ତଥା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ୍ ଦାସବର୍ମା ଏ ସମ୍ପର୍କରେ ରବିବାର ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ଏଥିରେ ସଞ୍ଜୟ୍ କହିଛନ୍ତି ଯେ, କରୋନା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏହାର ଭୟାବହତାକୁ ଲକ୍ଷ୍ୟ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଷେଧମୂଳକ ବ୍ୟବସ୍ଥା କରିଛନ୍ତି। ଏହାର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ଦେଇ ଆସୁଥିବା ପରାମର୍ଶକୁ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ ବିଜେଡିର ଅଗଣିତ ଶୁଭେଚ୍ଛୁ, ଲକ୍ଷ ଲକ୍ଷ କର୍ମୀ ଏବଂ ସାଧାରଣ ଜନତାଙ୍କୁ ଅନୁରୋଧ କରୁଛୁ।

# ସଂକ୍ରମିତଙ୍କ ସହ ଶାରୀରିକ ସମ୍ପର୍କ ମନା

ନୂଆଦିଲ୍ଲୀ/ୱାଶିଂଟନ,୨୧।୩

ବିଶ୍ୱବ୍ୟାପୀ କରୋନା ସଂକ୍ରମଣକୁ ନେଇ ଆତଙ୍କ ସୃଷ୍ଟି ହେବାରେ ଲାଗିଛି। କରୋନା କିଭଳି ସଂକ୍ରମଣ ହୋଇଥାଏ ଏନେଇ ଲୋକଙ୍କ ମଧ୍ୟରେ ନାନା ପ୍ରଶ୍ନ ଉଙ୍କି ମାରୁଛି। କେହି କେହି ଏହା ଶାରୀରିକ ସମ୍ପର୍କ ଦ୍ୱାରା ଜଣଙ୍କଠାରୁ ଅନ୍ୟ ଜଣକୁ ସଂକ୍ରମିତ ହେଉଥିବା ପ୍ରଚାର କରୁଛନ୍ତି। ଯାହାକି ଲୋକଙ୍କ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି କରିଛି। କାରଣ ପରିବାରରେ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷାକରିବା ସମ୍ଭବ ନୁହେଁ। ଆପୋସ ବୁଝାମଣା ସହ ଘର, ବେଡ୍‌ରୁମ ଓ ଅନେକ ଜିନିଷ ଉଭୟେ ଏକାଠି ଶେୟାର କରିଥାନ୍ତି। ଏଭଳି ସ୍ଥିତିରେ ଲୋକଙ୍କ ମନରେ ଉପୁଜୁଥିବା ଦ୍ୱନ୍ଦ୍ୱକୁ ବିଶେଷଜ୍ଞମାନେ ଦୂର କରିଛନ୍ତି। ଶାରୀରିକ ସମ୍ପର୍କ ଦ୍ୱାରା କରୋନା ବ୍ୟାପେ ନାହିଁ, ମାତ୍ର ଯଦି ସାଥୀଙ୍କୁ କରୋନା ସଂକ୍ରମଣ ହୋଇଛି ତେବେ ଏପରିସ୍ଥଳେ ସେ ସମ୍ପୂର୍ଣ୍ଣ ସୁସ୍ଥ ନ ହେବା ପର୍ଯ୍ୟନ୍ତ ଶାରୀରିକ ସମ୍ପର୍କ ରକ୍ଷା କରିବା ଅନୁଚିତ। କରୋନା ଭୂତାଣୁ ଲାଳ କିମ୍ବା ଭୂତାଣୁର ସଂସ୍ପର୍ଶରେ ଆସିଥିବା ବସ୍ତୁଦ୍ୱାରା ସଂକ୍ରମିତ ହୋଇଥାଏ। ତେଣୁ

**ଲାଳ ଦ୍ୱାରା କରୋନା ଭୂତାଣୁ ସଂକ୍ରମଣ ଆଶଙ୍କା ରହିଛି**



ସଂକ୍ରମିତ ବ୍ୟକ୍ତି ତାଙ୍କ ସାଥୀ ଅବା ପ୍ରିୟଜନଙ୍କୁ ଆଲିଙ୍ଗନ କିମ୍ବା ଚୁମ୍ବନ ଦେବାଠାରୁ ଦୂରେଇ ରହିଲେ ସଂକ୍ରମଣର ଆଶଙ୍କା ଦୂର ହୋଇଥାଏ ବୋଲି ବିଶେଷଜ୍ଞ ଜେସିକା ଜଷ୍ଟମ୍ୟାନ୍ କହିଛନ୍ତି ଏବଂ କାର୍ଲୋସ ରଡ୍ରିଗ୍ସ-ଡିଆଜ ମତପ୍ରକାଶ କରିଛନ୍ତି। ସେହିପରି ବିଶେଷଜ୍ଞ କାର୍ଲୋସ ରଡ୍ରିଗ୍ସ-ଡିଆଜଙ୍କ ମତରେ ଆଗାମୀ କିଛି ସପ୍ତାହ ଲାଗି ଶାରୀରିକ ସମ୍ପର୍କ ଯଥେଷ୍ଟ କମିବାର ଆଶଙ୍କା ରହିଛି। ଆଉ କେତେଦିନ କରୋନା ପ୍ରକୋପ ରହିବ, ତାହା କହିବା କଷ୍ଟକର। ଏଭଳି ସ୍ଥିତିରେ ଶାରୀରିକ ସମ୍ପର୍କ ନ ରଖି ସାମାଜିକ ଦୂରତ୍ୱ ପାଳନ କରିବା ଉଚିତ ହେବ। ବିଶେଷଜ୍ଞ ଜୁଲିଆ ମାର୍କସଙ୍କ ମତରେ ଯଦି କରୋନାର ଲକ୍ଷଣ କିଛି ନାହିଁ, ତେବେ ନିଜ ଘରେ ଦମ୍ପତିଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ରଖିବାରେ କୌଣସି ଅସୁବିଧା ନାହିଁ। ଯୌନ ସମ୍ପର୍କ ମନରେ ଫୁର୍ତ୍ତି ଆଣିଦେବା ସହ ଚିନ୍ତା ଦୂର କରିବାରେ ସାହାଯ୍ୟ କରିଥାଏ। କିନ୍ତୁ ଏବେ କରୋନା ଉଗ୍ରରୂପ ଧାରଣ କରିଥିବାରୁ ଘରେ ଆବଦ୍ଧ ହୋଇ ରହିବା ସହ ଶାରୀରିକ ଦୂରତ୍ୱ ରକ୍ଷାକରିବା ଉଚିତ ହେବ ବୋଲି ମାର୍କସ ମତ ଦେଇଛନ୍ତି।

# ମଧ୍ୟାହ୍ନଭୋଜନ ପାଇଁ ଛାତ୍ରୀଛାତ୍ରଙ୍କୁ ମିଳିବ ରାଶନ

ଭୁବନେଶ୍ୱର, ୨୧।୩(ବ୍ୟୁରୋ)


କରୋନା ସଂକ୍ରମଣକୁ ମୁକାବିଲା କରିବା ପାଇଁ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିଦିଆଯାଇଛି। ବିଦ୍ୟାଳୟ ବନ୍ଦ ଥିବାରୁ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇପାରୁନାହିଁ। ଏଭଳିସ୍ଥିତିରେ ଛାତ୍ରୀଛାତ୍ରଙ୍କୁ କିପରି ଠିକ୍‌ଭାବେ ପୋଷଣ ଦିଆଯାଇପାରିବ ସେଥିପାଇଁ ରାଜ୍ୟ ସରକାର ପିଲାଙ୍କୁ ଚାଉଳ ଦେବା ପାଇଁ ଯୋଜନା କରିଛନ୍ତି। ମଧ୍ୟାହ୍ନଭୋଜନ ବାବଦକୁ ଛାତ୍ରୀଛାତ୍ରଙ୍କୁ ଏକକାଳୀନ ଆଗୁଆ ୩ ମାସର ଶୁଖିଲା ରାଶନ ଦିଆଯିବ। ପ୍ରଥମରୁ ପଞ୍ଚମ ଶ୍ରେଣୀର ପ୍ରତ୍ୟେକ ପିଲାକୁ ମାସିକ ୩କେଜି ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲାକୁ ୪.୫କେଜି ଚାଉଳ ଦିଆଯିବ। ଏହା ଆସନ୍ତା ଜୁନ୍ ୧୩ତାରିଖ ପର୍ଯ୍ୟନ୍ତ ଦିଆଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଜଣାଯାଇଛି। ପ୍ରଧାନ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ମାତାପିତାଙ୍କୁ କୁପନ୍ ଦେବେ। ଏହି କୁପନକୁ ଦେଖାଇ ସେମାନେ ସ୍କୁଲ ଅନୁବନ୍ଧିତ ହୋଇଥିବା ନିକଟସ୍ଥ ସାଧାରଣ ବଣ୍ଟନ କେନ୍ଦ୍ରରୁ ଏହି ଆଗୁଆ ରାଶନ୍ ଉଠାଇ ପାରିବେ। ଏଥିପାଇଁ ସମ୍ପୃକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲା ଯୋଗାଣ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ଏସ୍‌ସିଏସ୍‌ଟି ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ଛାତ୍ରାବାସ ୨୫ତାରିଖରୁ ବନ୍ଦ ରହିବ। କିନ୍ତୁ ଯେପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମାତାପିତା ବା ଅଭିଭାବକମାନେ ସେମାନଙ୍କୁ ଛାତ୍ରାବାସରୁ ନେଇନାହାନ୍ତି, ସେ ପର୍ଯ୍ୟନ୍ତ ସେମାନେ ଛାତ୍ରାବାସରେ ରହିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ସଂକ୍ରମଣ ରୋକୁଥିବା ରସାୟନ ଚିହ୍ନଟ

ୱାଶିଂଟନ,୨୧।୩

ଦୁନିଆକୁ ଡରାଇ ରଖିଥିବା କରୋନା ଭାଇରସ୍ ସଂକ୍ରମଣକୁ କିପରି ରୋକାଯାଇପାରିବ ସେ ଦିଗରେ ଆଉ ପାଦେ ଆଗେଇଛି ଗବେଷଣା। ୱାଶିଂଟନସ୍ଥିତ ଓ୍ୱକ୍ ରିଜ୍ ନ୍ୟାଶନାଲ ଲାବୋରେଟୋରିର ବୈଜ୍ଞାନିକମାନେ ସୁପର କମ୍ପ୍ୟୁଟର ମାଧ୍ୟମରେ ସଂକ୍ରମଣ ରୋକୁଥିବା ରସାୟନର ଚିହ୍ନଟ କରିଥିବା ଦାବି କରିଛନ୍ତି। ମିଳିଥିବା ଏହି ସଫଳତା କରୋନା ପ୍ରତିଷେଧକ ବା ଟିକା ବାହାର କରିବାରେ ସହାୟକ ହେବ ବୋଲି ଲାବୋରେଟୋରି ପକ୍ଷରୁ କୁହାଯାଇଛି।

ଅନ୍ୟ ଭୂତାଣୁ ଅପେକ୍ଷା କରୋନା ଭାଇରସ୍‌ର ଗତି ଅଧିକ କ୍ଷିପ୍ର। ସେଥିପାଇଁ ଏହା ବିଶ୍ୱ ସଙ୍କଟର ଏବେ କାରଣ ସାଜିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ବୈଜ୍ଞାନିକମାନେ ସେମାନଙ୍କ ଗବେଷଣାକୁ ଆହୁରି ଦ୍ରୁତତର କରିଥିବା ବେଳେ ଆମେରିକାର ଟେନିସିସ୍ଥିତ ଏହି ଜାତୀୟ ଗବେଷଣାଗାର ପକ୍ଷରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏ.ଆଇ.) ସୁପର କମ୍ପ୍ୟୁଟରର ସହାୟତା ନିଆଯାଇଥିଲା। ଏହି କମ୍ପ୍ୟୁଟର ସଂକ୍ରମଣ ରୋକୁଥିବା ୭୭ ପ୍ରକାର ରସାୟନର ଚିହ୍ନଟ କରିଛି, ଯାହା ଶରୀରର ଗୋଟିଏ କୋଷରୁ ଅନ୍ୟ କୋଷକୁ ଭାଇରସ ରୋକିବାରେ ସହାୟକ ହୋଇପାରିବ। ଫଳରେ କରୋନାରୁ ମାନବଜାତିକୁ ରକ୍ଷାକରିବା ପାଇଁ ଆବଶ୍ୟକ ଟିକା ସହ ଔଷଧ ପ୍ରସ୍ତୁତି କରାଯାଇପାରିବ ବୋଲି ଲାବୋରେଟୋରି ପକ୍ଷରୁ ତଥ୍ୟ ଦିଆଯାଇଛି। ଓ୍ୱକ୍ ରିଜ୍ ବୈଜ୍ଞାନିକ ମିକୋଲାସ୍ ସ୍ମିଥ୍ କହିଛନ୍ତି, କରୋନା ଭାଇରସ୍ ଚିହ୍ନଟ ପାଇଁ କିଛି ମଡେଲ୍ ପ୍ରସ୍ତୁତ କରିଥିଲେ। ଅଣୁ ସହ ଅନ୍ୟ ଔଷଧ କେମିତି ପ୍ରତିକ୍ରିୟା ବ୍ୟକ୍ତ କରୁଛି ତାହା ଉକ୍ତ ମଡେଲରୁ ଜଣାପଡ଼ିଥିଲା। ଏଥିରେ ଥିବା ୮ହଜାର ପ୍ରକାରର ପ୍ରୋଟିନ ଭାଇରସ୍‌କୁ ରୋକିପାରୁଥିବା ସୁପର କମ୍ପ୍ୟୁଟର ଦର୍ଶାଇଥିଲା।



**ନିଆଗଲା ସୁପର କମ୍ପ୍ୟୁଟରର ସହଯୋଗ**

# ହସ୍ପିଟାଲ ଆଇସୋଲେଶନରେ ୨୩

- ଆକ୍ରାନ୍ତ ବ୍ୟକ୍ତି, ସମ୍ପର୍କୀୟ, ଚିକିତ୍ସା କରୁଥିବା ଡାକ୍ତରଙ୍କ ତଥ୍ୟ ଗୋପନ ରହିବ
- ସାକ୍ଷାତ୍‌କାର ଉପରେ କଟକଣା
- ନ ମାନିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୭୦ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ସେଥିମଧ୍ୟରୁ ୬୯ଟି ରିପୋର୍ଟ ଆସିଥିବାବେଳେ ଗୋଟିଏ ରିପୋର୍ଟ ଆସିନାହିଁ। ଆସିଥିବା ରିପୋର୍ଟ ମଧ୍ୟରୁ ୨ଟି ପଜିଟିଭ୍ ଥିବାବେଳେ ବାକି ସବୁ ନେଗେଟିଭ୍ ରହିଛି। କୋଭିଡ୍-୧୯ରେ ଆକ୍ରାନ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୨୩ ଜଣଙ୍କୁ ହସ୍ପିଟାଲ ଆଇସୋଲେଶନ୍‌ରେ ରଖାଯାଇଛି। ଯେଉଁ ଦୁଇଜଣ କରୋନା ସଂକ୍ରମଣର ଆକ୍ରାନ୍ତ ହୋଇଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ସେହିପରି ମହାମାରୀ ରୋଗ ଆଇନ-୧୮୯୭ର ଧାରା-୨ ଏବଂ ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ନିୟମାବଳୀର ବିଧି-୧୭ ଅନୁସାରେ ଶନିବାର ଓଡ଼ିଶା ସରକାର କୋଭିଡ୍-୧୯ ସମ୍ପର୍କିତ ମାର୍ଗଦର୍ଶିକା ଜାରି କରିଛନ୍ତି। ଏହି ନିୟମାନୁସାରେ ଆକ୍ରାନ୍ତ ବ୍ୟକ୍ତି, ତାଙ୍କର ଆତ୍ମୀୟ, ଚିକିତ୍ସା କରୁଥିବା ଡାକ୍ତର, ସହଯୋଗୀ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁରକ୍ଷା ଏବଂ ନିରାପତ୍ତା ଦୃଷ୍ଟିରୁ ସେମାନଙ୍କ ସମ୍ପର୍କିତ ତଥ୍ୟ ଗୋପନ ରଖାଯିବ। କୌଣସି ଗଣମାଧ୍ୟମ କୋଭିଡ୍-୧୯ରେ ସଂକ୍ରମିତ ଓ ଆକ୍ରାନ୍ତ ବ୍ୟକ୍ତି, ତାଙ୍କର ସମ୍ପର୍କୀୟ ଓ ଆତ୍ମୀୟ, ଚିକିତ୍ସକ, ସହଯୋଗୀ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଠିକଣା ପ୍ରକାଶ କରିପାରିବେ ନାହିଁ। ସେହିପରି କୌଣସି ରୋଗୀ, ତାଙ୍କର ମାତାପିତା, ଆତ୍ମୀୟ, ଚିକିତ୍ସକ, ସହଯୋଗୀ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସାକ୍ଷାତ୍‌କାର ମଧ୍ୟ ନେଇପାରିବେ ନାହିଁ। ଏହାର ଉଲ୍ଲଂଘନକୁ ଦଣ୍ଡନୀୟ ଅପରାଧ ଭାବରେ ବିବେଚନା କରାଯିବ। ଏହା ପ୍ରିଣ୍ଟ, ଇଲେକ୍‌ଟ୍ରୋନିକ୍ସ, ୱେବ୍ କିମ୍ବା ସୋସିଆଲ୍ ମିଡିଆ ପ୍ରତି ଲାଗୁ ହେବ।

କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଯେଉଁ ୫୬ଜଣ ଆସିଥିଲେ ସେମାନଙ୍କ ମଧ୍ୟରୁ ୫୩ଜଣଙ୍କୁ ଚିହ୍ନଟ କରାଯାଇ ଯୋଗାଯୋଗ ହୋଇସାରିଛି। ବାକି ୩ଜଣଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା ଜାରି ରହିଛି। ଶୁକ୍ରବାର ଏଥିପାଇଁ ୮ଟି ମନିଟରିଂ ଟିମ୍ ଗଠିତ ହୋଇଥିଲା। ଶନିବାର ଆଉ ଗୋଟେ ଟିମ୍ କରାଯାଇ ଏହି ତିନିଜଣଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା ଚଳାଇଛନ୍ତି। ଶନିବାର ସୁଦ୍ଧା ୩,୨୩୬ଜଣ ବିଦେଶ ଫେରନ୍ତା ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଫୋନ୍ ନମ୍ବର ୧୦୪ ଓ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ କରିଛନ୍ତି ବୋଲି ବାଗ୍‌ଚୀ କହିଛନ୍ତି।



ସୁବ୍ରତୋ ବାଗ୍‌ଚୀ

# ଶ୍ରୀଅଙ୍ଗକୁ ଅଣ୍ଟୁନି ତୁଳସୀ, ଫୁଲ

ପୁରୀ ଅଫିସ,୨୧।୩

ଶ୍ରୀଜଗନ୍ନାଥ ଭକ୍ତ ବତ୍ସଳ ପୁଣି ଭାବର ଠାକୁର। ହେଲେ ଆଜି ଭକ୍ତ ନାହାନ୍ତି, ଏକା ଏକା ରତ୍ନସିଂହାନରେ ବସିଛନ୍ତି ମହାପ୍ରଭୁ। ନୀତିକାନ୍ତି ଚାଲିଛି, ସେବକମାନେ ସେବାପୂଜା କରୁଛନ୍ତି। ହେଲେ ଶ୍ରଦ୍ଧାଳୁଙ୍କ ବିନା ଖାଁ ଖାଁ ଶ୍ରୀମନ୍ଦିର। ଆନନ୍ଦ ବଜାର ବି ଶୂନଶାନ। ନାହିଁ ଭକ୍ତଙ୍କ ଗହଳି ଚହଳି। ଆଉ ଏମିତି ଭକ୍ତ, ଭଗବାନଙ୍କ ମଧ୍ୟରେ ପାଚେରି ଠିଆ କରିଛି କରୋନା। ପ୍ରାଣଘାତି କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ଜିଲା ପ୍ରଶାସନ ନେଇଛି ଏମିତି ଏକ କଠୋର ନିଷ୍ପତ୍ତି। ଆଉ ଏହାକୁ ମାନି ନେଇଛନ୍ତି ଭକ୍ତ। ଯାଉନାହାନ୍ତି ମନ୍ଦିର। ଆଉ ଭକ୍ତଙ୍କ ଶ୍ରୀମନ୍ଦିର ପ୍ରବେଶ ଉପରେ ରହିଥିବା ଏହି କଟକଣାର ପ୍ରଭାବ ମହାପ୍ରଭୁଙ୍କଠାରେ ଦେଖିବାକୁ ମିଳୁଛି। ଏବେ ଫୁଲ ଏବଂ ତୁଳସୀର ଅଭାବ ପରିଲକ୍ଷିତ ହୋଇଛି।

ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ଫୁଲ, ତୁଳସୀ ଦେଇଥାନ୍ତି। ଫଳରେ ଠାକୁରଙ୍କ ବେଶରେ ଏହା ଲାଗିଥାଏ। ପର୍ଯ୍ୟାପ୍ତ ପରିମାଣରେ ଫୁଲ, ତୁଳସୀରେ ଛାଇ ଯାଉଥିଲା ମହାପ୍ରଭୁଙ୍କ ମୁଖ। କିନ୍ତୁ ଏବେ ଏସବୁ ନିଅଣ୍ଟ ପଡୁଛି। ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ପୂରୁ ନ ଥିବାବେଳେ ପାର୍ଶ୍ୱ ଦେବଦେବୀଙ୍କ ଅବସ୍ଥା ବି ସେହିଭଳି ରହୁଛି। ଏପଟେ ମନ୍ଦିରକୁ ଯାଇ ନ ପାରି ଶ୍ରଦ୍ଧାଳୁମାନେ ବାହାରୁ ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନଙ୍କୁ ଦର୍ଶନ କରି ଫେରୁଛନ୍ତି। ଆଉ କେହି କେହି ପତିତପାବନ ବାନାଙ୍କୁ ମୁଣ୍ଡିଆ ମାରି ଚାଲିଯାଉଥିବା ଦେଖିବାକୁ ମିଳୁଛି।



## ବ୍ରିଟେନରେ ପବ୍, ରେସ୍ତୋରାଁ ବନ୍ଦ

କରୋନା ସଂକ୍ରମଣ ରୋକିବା ଲାଗି ବ୍ରିଟେନ ସରକାର ଦେଶରେ କେଫ, ପବ୍, ବାର୍ ଓ ରେସ୍ତୋରାଁ ଶୁକ୍ରବାର ଓ ଶନିବାର ବନ୍ଦ ରଖିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଦେଶର ସମସ୍ତ ନାଇଟ କ୍ଲବ୍, ଥିଏଟର, ସିନେମା, ଜିମ୍ ଏବଂ ଅବସର ବିନୋଦନ କେନ୍ଦ୍ରକୁ ମଧ୍ୟ ବନ୍ଦ ରଖିବାକୁ କୁହାଯାଇଛି। କରୋନା ଯୋଗୁ କାର୍ଯ୍ୟ ବନ୍ଦ ହୋଇଥିବାରୁ କର୍ମଚାରୀମାନଙ୍କ ଦରମାର ୮୦ ପ୍ରତିଶତ ସରକାର ଭରଣା କରିବେ ବୋଲି କହିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ରୁପମ୍ ଶ୍ରୀ ଝାଙ୍କର ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାରି ଆକଟ**
**କିଳା ହୋଇଅଛି ଦାଣ୍ଡ କବାଟ**
**ଭିତରେ ପଶିଛି ଚୋର**
**ମୂଷା ପୂରେଇ ଢୋଲ ସିଇଁଲେ**
**ରାମ୍ପୁଡ଼ି କାମୁଡ଼ି ମର ।**

ଢୋଲ ଭିତରେ ମୂଷା ପୂରେଇବା ଯାହା ଶତ୍ରୁକୁ ଘରେ ରଖି ଲାଳନପାଳନ କରିବା ତାହା। ଘର ଭିତରେ ଚୋରକୁ ଆଶ୍ରୟ ଦେଲେ ବା ଗୋପନରେ ଶତ୍ରୁକୁ ପ୍ରଶୟ ଦେଲେ ନିଜର କ୍ଷତି ଘଟିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭେଦନ୍ତି ବ୍ରହ୍ମଲୋକ ଯାଏ**
**କରନ୍ତି ଚୋରଙ୍କ ଉପାୟେ ।**

କଥା ଓ କାର୍ଯ୍ୟରେ ଆକାଶ ପାତାଳ ଫରକ। ଉପରକୁ ସାଧୁ ସଚ୍ଚୋଟତାର ପରିଚୟ ସୃଷ୍ଟି କରି କେତେଜଣ ବ୍ୟକ୍ତି ଚୋରଙ୍କ ଭଳି ହୀନକାର୍ଯ୍ୟ କରିବସିଥାନ୍ତି। ଯିଏ ପଛରୁ ଛୁରି ଭୁସେ, ସାମ୍ନାରେ ଭଲେଇ ହୋଇ ପଛରେ ଅନିଷ୍ଟ ଘଟାଏ ସେ ସବୁଠାରୁ କ୍ଷତିକାରକ ଏବଂ ଘୃଣ୍ୟ ବ୍ୟକ୍ତି ରୂପେ ପରିଗଣିତ ହୋଇଥାଏ। ଉପରେ ମଧୁର ବା ଚିକ୍କଣ କଥା କହି ଗୋପନରେ ଅନିଷ୍ଟ କରୁଥିବା କୁଟିଳ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସ୍ୱଚ୍ଛତା ହିଁ ପ୍ରତିଷେଧକ

ଜଗନ୍ନାଥ ମିଶ୍ର

କରୋନା ଏକ ଆର୍‌ଏନ୍‌ଏ ଭୂତାଣୁ, ଏଚ୍‌ଆଇଭି ଭଳି। ଏହିପରି ଭୂତାଣୁ ଶରୀରର ପ୍ରତିରୋଧକ ଶକ୍ତିକୁ ଅକାମୀ କରି କାୟା ବିସ୍ତାର କରେ ଓ ମଣିଷର ଶ୍ୱାସକ୍ରିୟାକୁ କବଳିତ କରିଥାଏ। ବର୍ତ୍ତମାନର କରୋନାକୁ ନୋଭେଲ ବା ନୂତନ କରୋନା ଭୂତାଣୁ ଆଖ୍ୟା ଦିଆଯାଇଛି; ଯାହାକି ଏସ୍-୧ ପୁଷ୍ଟିସାରର ପରିବର୍ତ୍ତନ। ଏହାକୁ କୋଭିଡ୍-୧୯ (COVID-19) ମଧ୍ୟ କୁହାଯାଇଛି ଯାହାର ପୂରା ନାମ ହେଲା କରୋନା ଭାଇରସ୍ ଇମ୍ୟୁନୋ ଡେଫିସିଏନ୍ସି-୧୯। ୨୦୧୨ରେ ପୂର୍ବ କରୋନା ଭୂତାଣୁ (SARS, MERS)ରେ ବି ଏହିପରି ଲକ୍ଷଣ ପ୍ରକାଶ ପାଇଥିଲା। ଏବର କରୋନା ଭୂତାଣୁ ବିବର୍ତ୍ତନରେ ଅଲଗା ପ୍ରକାରର ଓ ପୂର୍ବଠାରୁ ଭୟଙ୍କର। ଏହାର ଆକାର ସୂର୍ଯ୍ୟମୁଖୀ ଫୁଲର ପାଖୁଡ଼ା ପରି ହୋଇଥାଏ, ଯାହା ତନ୍ତୁକୁ ଜାବୁଡ଼ିଧରି କାୟାବିସ୍ତାର ପାଇଁ ସାହାଯ୍ୟ କରେ। ତେଣୁ କୁହାଯାଉଛି ସାବୁନ କିମ୍ବା ଅନ୍ୟ ଆଲକହଲ୍‌ଯୁକ୍ତ ପଦାର୍ଥରେ ହାତ ଧୋଇଲେ, ଏହି ପାଖୁଡ଼ାଭଳି ଅଂଶ ଅଲଗା ହୋଇଯାଏ ଏବଂ ହାତରୁ ଝାଳ କିମ୍ବା ତୈଳାକ୍ତ ଅଂଶ ଦୂର ହୋଇଯାଏ ଯାହାଦ୍ୱାରା ଭୂତାଣୁ କାୟାବିସ୍ତାର ପାଇଁ ସମୟ ପାଏ ନାହିଁ। ନଚେତ୍ ଝାଳ କିମ୍ବା ତୈଳାକ୍ତ ପଦାର୍ଥ ଯୋଗୁ ଏହା ଏକାଠି ହୋଇ ଏହାର କରାଳ ରୂପ ଦେଖାଏ।

ଭାରତର ଆୟୁଃ ଅନୁସନ୍ଧାନ ସଂସ୍ଥା (ICMR) ଜଣାଇଛନ୍ତି ଯେ, ଭାରତରେ ଏହା ହେଉଛି ଦ୍ୱିତୀୟ ପର୍ଯ୍ୟାୟ। ଯାହାର ଅର୍ଥ କିଛି ସଂକ୍ରମିତ ବ୍ୟକ୍ତି ବାହାରୁ ଆସିବା ପରେ ସଂକ୍ରମଣ ବ୍ୟାପିଛି (ନାଗରିକ ଓ ଅଣନାଗରିକ)। ତେଣୁ ଭୟାବହ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ରୋକି ହୋଇଗଲେ କରୋନା ପ୍ରଭାବ କମିଯିବ। ଏହାର ଫଳପ୍ରଦ ଚିକିତ୍ସା ଆବିଷ୍କୃତ ହୋଇନାହିଁ। ପ୍ରତିଷେଧକ ବ୍ୟବସ୍ଥା ଯଦିଓ ଆରମ୍ଭ ହେଲାଣି (ଆମେରିକା, ଚାଇନା, ଜର୍ମାନୀରେ), ତାହା କେତେ ଫଳପ୍ରଦ ହେବ ଓ କ୍ଷଣସ୍ଥାୟୀ କିମ୍ବା ଦୀର୍ଘସ୍ଥାୟୀ ତାହା ଭବିଷ୍ୟତ କହିବ। ଯଦିଓ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଏହାକୁ ବିଶ୍ୱ ମହାମାରୀ ଘୋଷଣା କରିଛନ୍ତି; ଏହାର ପ୍ରତିଷେଧକ ପ୍ରସ୍ତୁତକାରୀ ଦେଶ ତାଙ୍କ ଦେଶ ପାଇଁ ଗଚ୍ଛିତ ରଖିବେ ବା ଏହାକୁ ବୌଦ୍ଧିକ ସମ୍ପତ୍ତି ଭାବି ସମସ୍ତଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବେ ତାହା ମଧ୍ୟ ଆଲୋଚନା ହେଲାଣି।

ବହୁତ ସଂସ୍ଥା ଆକଳନ କରୁଛନ୍ତି, କରୋନା ଯୋଗୁ ବଡ଼ ଆର୍ଥିକ ବିପର୍ଯ୍ୟୟ ଆସିପାରେ, କିନ୍ତୁ ଆମେ ଯଦି ଏହାକୁ ଦ୍ୱିତୀୟ ପର୍ଯ୍ୟାୟରେ ବନ୍ଦ କରିପାରିବା, ତେବେ ଆର୍ଥିକ ବିପର୍ଯ୍ୟୟ ସ୍ୱଳ୍ପକାଳସ୍ଥାୟୀ ହେବ ଓ ରୋଗର ପ୍ରାଦୁର୍ଭାବ ଶୀଘ୍ର କମିଯିବ। ତେଣୁ ସରକାର ଓ ଅନ୍ୟ ସଂସ୍ଥା ସତର୍କ ରହିବା ପାଇଁ ଯେଉଁସବୁ ପ୍ରସ୍ତାବ ପ୍ରତିଦିନ ଲୋକଙ୍କୁ ଅବଗତ କରାଉଛନ୍ତି, ତାକୁ ସୁନାଗରିକ ଭାବେ ପାଳନ କଲେ ଓ ବିଶେଷତଃ ସ୍ୱଚ୍ଛତା ଓ ସାମାଜିକ ଦୂରତା ବଜାୟ ରଖିଲେ, ଆମେ ଏ ବିପଦକୁ ଟାଳିପାରିବା।

ଭିଆଇଏମ୍-୭୭୮, ଶୈଳଶ୍ରୀବିହାର, ଭୁବନେଶ୍ୱର,
ଫୋନ୍-୦୭୭୪-୨୭୪୩୮୦୪

# କରୋନା ପ୍ରତିଷେଧକର ନୂତନ ପରୀକ୍ଷଣ

## ସଫଳ ପରୀକ୍ଷା କଲେ ଫ୍ରେଞ୍ଚ ଗବେଷକ

**ନୂଆଦିଲ୍ଲୀ, ୨୧।୩**

କରୋନା ଭୂତାଣୁ (କୋଭିଡ୍-୧୯)ର ଚିକିତ୍ସା ପାଇଁ ଫ୍ରାନ୍ସର ଜଣେ ପ୍ରଫେସର ଗବେଷଣା କରି ସଫଳତା ପାଇଛନ୍ତି। ସେ ପ୍ରସ୍ତୁତ କରିଥିବା ପ୍ରତିଷେଧକ କରୋନା ଭୂତାଣୁର ସଂକ୍ରମଣକୁ ମାତ୍ର ୬ ଦିନରେ ରୋକିପାରିବ। ମାର୍ସିଲେସ୍ଥିତ ଇନଷ୍ଟିଚ୍ୟୁଟ୍ ହସ୍‌ପିଟାଲୋ ୟୁନିର୍ଭର୍ସିଟାୟେର (ଆଇଏଚ୍‌ୟୁ)ର ପ୍ରଫେସର ଡିଡାୟାର ରାଓଲାଟ୍ ମାର୍ଚ୍ଚ ୧୬ରେ ଏକ ଭିଡିଓ ସାର୍ବଜନୀନ କରିଛନ୍ତି, ଯେଉଁଥିରେ ସେ ଏହି ପ୍ରତିଷେଧକର ସଫଳ ପରୀକ୍ଷଣ ବିଷୟରେ ଉଲ୍ଲେଖ କରିଛନ୍ତି। ପ୍ରଫେସର ରାଓଲାଟ୍ ହେଉଛନ୍ତି ଜଣେ ସଂକ୍ରାମକ ରୋଗ ବିଶେଷଜ୍ଞ ଓ ଆଇଏଚ୍‌ୟୁ ଆଭ୍ୟନ୍ତରୀଣ ସଂକ୍ରମଣ ବିଭାଗର ମୁଖ୍ୟ ଅଟନ୍ତି। କୋଭିଡ୍-୧୯ର ସମ୍ଭାବ୍ୟ ଚିକିତ୍ସା ସମ୍ପର୍କରେ ଗବେଷଣା ପାଇଁ ଫ୍ରେଞ୍ଚ ସରକାର ତାଙ୍କୁ ଦାୟିତ୍ୱ ଦେଇଥିଲେ। ସେ କହିଛନ୍ତି ଯେ, କ୍ଲୋରୋକୁଇନ ଦ୍ୱାରା ସେ ଚିକିତ୍ସା କରିଥିବା କୋଭିଡ୍-୧୯ର ପ୍ରଥମ ରୋଗୀଙ୍କ କ୍ଷେତ୍ରରେ ସୁସ୍ଥ ହେବାର ପ୍ରକ୍ରିୟା ତ୍ୱରାନ୍ୱିତ ଓ ପ୍ରଭାବଶାଳୀ ହୋଇଥିଲା ଏବଂ ସଂକ୍ରମଣର ମାତ୍ରାରେ ଦ୍ରୁତ ଅବନତି ଦେଖିବାକୁ ମିଳିଥିଲା। ମ୍ୟାଲେରିଆ ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ଏହି କ୍ଲୋରୋକୁଇନକୁ କୋଭିଡ୍-୧୯ର ଚିକିତ୍ସା ପାଇଁ ପ୍ଲାକୋନିଲ୍ ଭାବେ ନାମକରଣ କରାଯାଇଛି। ଦକ୍ଷିଣ ପୂର୍ବ ଫ୍ରାନ୍ସରେ ପ୍ରଥମେ ସଂକ୍ରମଣର ଶିକାର ହୋଇଥିବା ୨୪ ଜଣ ରୋଗୀଙ୍କଠାରେ ଏହି ପ୍ରତିଷେଧକ ପରୀକ୍ଷଣ କରାଯାଇଥିଲା। ପ୍ରଫେସର ରାଓଲାଟ୍ କହିଛନ୍ତି, ପ୍ଲାକୋନିଲ୍ ନେଇଥିବା ରୋଗୀଙ୍କ ମଧ୍ୟରୁ ୭୫ ପ୍ରତିଶତ ୬ ଦିନ ପରେ ସୁସ୍ଥ ହୋଇଛନ୍ତି। କେବଳ ୨୫ ପ୍ରତିଶତ ସଂକ୍ରମିତ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଚୀନ୍‌ରେ କରୋନା ଭୂତାଣୁ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ପାଇଁ କ୍ଲୋରୋକୁଇନ ଫସଫେଟ୍ ଓ ହାଇଡ୍ରୋ ସାଇକ୍ଲୋରୋକୁଇନକୁ ପରୀକ୍ଷଣରେ ବ୍ୟବହାର କରାଯାଉଛି। ସେହିପରି ଆମେରିକା ପ୍ରସ୍ତୁତ ଭୂତାଣୁନିରୋଧୀ ପ୍ରତିଷେଧକ କଲେଟ୍ରାକୁ ମଧ୍ୟ କୋଭିଡ୍-୧୯ର ମୁକାବିଲା ପାଇଁ ପରୀକ୍ଷଣ କରାଯାଉଛି।

## ମାସ୍କ-ସାନିଟାଇଜର ଅଧିକ ଦାମରେ ବିକିଲେ ଜେଲ


ପ୍ରୟାଗରାଜରେ ଜଣେ ବ୍ୟବସାୟୀ ରାସ୍ତା ପାର୍ଶ୍ୱରେ ଫେସ୍ ମାସ୍କ ବିକୁଛନ୍ତି।

**ନୂଆଦିଲ୍ଲୀ, ୨୧।୩**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ପକ୍ଷରୁ ଦେଶବ୍ୟାପୀ ଅତ୍ୟାବଶ୍ୟକ ଦ୍ରବ୍ୟ ଅଧିନିୟମ-୧୯୫୫ ଜାରି କରାଯାଇଛି। ଏହି ଅଧିନିୟମ ଅନ୍ତର୍ଗତ ଅତ୍ୟାବଶ୍ୟକ ଦ୍ରବ୍ୟ ଅଧିକ ଦାମରେ ବିକିଲେ, ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜେଲ ଦଣ୍ଡାଦେଶ କରାଯିବାର ବ୍ୟବସ୍ଥା ରହିଛି। ଦେଶରେ କରୋନା ସଂକ୍ରମଣର ମୁକାବିଲା ଲାଗି ମାସ୍କ ଓ ସାନିଟାଇଜର ଅଧିକ ଦାମରେ ବିକିଲେ ଏହି ଅଧିନିୟମ ଅନୁସାରେ ଦଣ୍ଡାଦେଶ କରାଯିବ। ଆଗାମୀ ଜୁନ୍ ୩୦ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। କରୋନାଠାରୁ ଦୂରେଇ ରହିବା ଲାଗି ମାସ୍କ ଓ ସାନିଟାଇଜରକୁ ଅତ୍ୟାବଶ୍ୟକ ଦ୍ରବ୍ୟ ଭାବେ ସରକାର ଘୋଷଣା କରିଛନ୍ତି।

## ହ୍ୱାଇଟ ହାଉସରେ ପ୍ରଥମ କରୋନା ସଂକ୍ରମିତ

**ୱାଶିଂଟନ, ୨୧।୩**

କରୋନା ଭାଇରସ୍ ଦ୍ୱାରା ହ୍ୱାଇଟ ହାଉସ୍‌ର ଜଣେ ବ୍ୟକ୍ତି ସଂକ୍ରମିତ ହୋଇଛନ୍ତି। ଆମେରିକା ଉପରାଷ୍ଟ୍ରପତି ମାଇକ୍ ପେନ୍ସଙ୍କ ଟିମ୍‌ରେ ଥିବା ଜଣେ କର୍ମଚାରୀ କରୋନା ସଂକ୍ରମିତ ଭାବେ ଚିହ୍ନଟ କରାଯାଇଥିବା ପ୍ରେସ୍ ସଚିବ କାଟି ମିଲର କହିଛନ୍ତି। ତେବେ ସମ୍ପ୍ରତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିମ୍ବା ଉପରାଷ୍ଟ୍ରପତି ପେନ୍ସଙ୍କ ସହ ତାଙ୍କର କୌଣସି ନିକଟ ଯୋଗାଯୋଗ ହୋଇ ନ ଥିବା କୁହାଯାଇଛି। ପ୍ରକାଶଥାଉ କି, ଟ୍ରମ୍ପ ପୂର୍ବରୁ ସନ୍ଦେହରେ କରୋନା ଭାଇରସ୍ ପରୀକ୍ଷା କରିଥିବା ବେଳେ ତାଙ୍କର ନେଗେଟିଭ ଆସିଥିଲା। ଆମେରିକାରେ କରୋନା ମୃତ୍ୟୁସଂଖ୍ୟା ୧୩୦ରେ ପହଞ୍ଚି ଥିବାବେଳେ ସରକାର ବିଭିନ୍ନ କଟକଣା ଜାରି କରିଛନ୍ତି। ହ୍ୱାଇଟ ହାଉସକୁ ପ୍ରବେଶ ଲାଗି ମଧ୍ୟ କଟକଣା ଜାରି କରାଯାଇଛି।

# ମୟୂରଭଞ୍ଜରେ ୪୫ ବିଦେଶ ଫେରନ୍ତା


ଜିଲାପାଳ, ପିଡିଙ୍କ ସମେତ ବୈଠକରେ ଯୋଗ ଦେଇଥିବା ଜନପ୍ରତିନିଧିମାନେ।

- କରୋନା ମୁକାବିଲା ଲାଗି ଜିଲା ପରିଷଦର ଜରୁରୀ ବୈଠକ
- ବିଭିନ୍ନ ସ୍ତରରେ ସ୍କ୍ୱାଡ ଗଠନ କରାଯାଇ ଚାଲିଛି ଚିହ୍ନଟ ପ୍ରକ୍ରିୟା

**ବାରିପଦା ଅଫିସ, ୨୧।୩**

ମୟୂରଭଞ୍ଜ ଜିଲାରେ ବର୍ତ୍ତମାନ ସୁଦ୍ଧା ୪୫ ଜଣ ବିଦେଶୀ ଫେରନ୍ତାଙ୍କୁ ଚିହ୍ନଟ କରାଯାଇଛି। ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ସେହିପରି ବିଦେଶ ସମେତ ରାଜ୍ୟ ବାହାରୁ ଅଧିକ ଲୋକ ଜିଲାକୁ ଫେରୁଥିବାରୁ ଏ ନେଇ ଯାଞ୍ଚ ସହ ତଥ୍ୟ ସଂଗ୍ରହ କରାଯାଉଛି। କରୋନା ଭାଇରସ୍ ସଂକ୍ରମଣ ରୋକିବା ଓ ପରିସ୍ଥିତିର ମୁକାବିଲା ସକାଶେ ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଶନିବାର ସ୍ଥାନୀୟ ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲା ପରିଷଦ ପକ୍ଷରୁ ବସିଥିବା ଜରୁରିକାଳୀନ ବୈଠକରେ ଏହି ସୂଚନା ଦିଆଯାଇ ପରିସ୍ଥିତିର ସମୀକ୍ଷା କରାଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ବିନୀତ ଭରଦ୍ୱାଜ ଏଥିରେ ଯୋଗଦେଇ କହିଥିଲେ, ଜିଲାର ବିଭିନ୍ନ ଅଞ୍ଚଳରୁ ଅନେକ ଲୋକ ବାହାରକୁ କାର୍ଯ୍ୟ କରିବା ସକାଶେ ଯାଇଥିବାରୁ ସେମାନେ ଏବେ ଘରକୁ ଫେରି ଆସୁଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଦେଶ ଫେରନ୍ତାଙ୍କୁ ସେଚ୍ଛାକୃତ ଭାବେ ୧୦୪କୁ କଲ୍ କରି ନାମ ପଞ୍ଜୀକରଣ କରିବାକୁ କୁହାଯାଇଛି। ଏହା ବାଦ ଗାଁ ଲୋକଙ୍କୁ ତୁରନ୍ତ ଜିଲା ପ୍ରଶାସନକୁ ସୂଚନା ଦେବା ସକାଶେ କୁହାଯାଇଛି। ବିଭିନ୍ନ ସ୍ତରରେ ସ୍କ୍ୱାଡ ଗଠନ କରାଯାଇ ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ରବିବାର ଜନତା କର୍ଫ୍ୟୁ ପାଳନ ଲାଗି ପ୍ରଧାନମନ୍ତ୍ରୀ ଦେଇଥିବା ଆହ୍ୱାନକୁ ସମର୍ଥନ କରିବା ସକାଶେ ଜିଲାବାସୀଙ୍କୁ ଅନୁରୋଧ କରିଥିଲେ। ଏଥିଲାଗି ଅପରାହ୍ନ ୫ଟା ବେଳେ ସହରରେ ସାଇରନ୍ ବଜାଇ ସବୁ ଲୋକଙ୍କୁ ସଚେତନ କରାଯିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡି ଚଞ୍ଚଳ ରଣା, ମୋରଡ଼ା ବିଧାୟକ ରାଜ କିଶୋର ଦାସ, ଉଦଳା ବିଧାୟକ ଭାସ୍କର ମଢ଼େଇ, ସାରସକଣା ବିଧାୟକ ଡ. ବୁଧାନ ମୁର୍ମୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ରବିବାର ଜନତା କର୍ଫ୍ୟୁ ପାଳନ ହେଉଥିବାରୁ ଭୋର ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଜିଲାରେ କୌଣସି ବସ୍ ଚଳାଚଳ କରିବ ନାହିଁ ବୋଲି ଘରୋଇ ବସ୍ ସଂଘ ନିଷ୍ପତ୍ତି ନେଇଥିବା ସୂଚନା ଦେଇଛି।

## ମହାବାରୁଣୀ ସ୍ନାନ ମେଳା ବନ୍ଦ: ପୋଲିସ ମୁତୟନ

ଖୁଣ୍ଟା, ୨୧।୩ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ବାଲିଡିହା ନିକଟ ଗଙ୍ଗାହର ନଦୀତଟରେ ଅବସ୍ଥିତ ତୁତୁଏଶ୍ୱର ଶୈବପୀଠରେ ଶନିବାର ମହାବାରୁଣୀ ସ୍ନାନ ମେଳାକୁ ପୋଲିସପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ପ୍ରତିବର୍ଷ ଲକ୍ଷାଧିକ ଶ୍ରଦ୍ଧାଳୁ ପୀଠକୁ ଆସି ବୁଡ଼ ପକାଇ ଥାନ୍ତି । ସମ୍ପ୍ରତି କୋରନା କଟକଣାକୁ ଦୃଷ୍ଟିରେ ରଖି ଖୁଣ୍ଟା ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇ ପୀଠକୁ ସଂଯୋଗ କରୁଥିବା ୩ଟି ରାସ୍ତାକୁ ବନ୍ଦ କରାଯାଇଥିଲା। କେବଳ ବାରୁଣୀ କମିଟି ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା। କୌଣସି ଶ୍ରଦ୍ଧାଳଙ୍କୁ ସେଠାକୁ ଛଡା ଯାଇ ନ ଥିଲା ।



## ଜିଲା ଟିଠି
## ଯାଜପୁର

## ପରମ୍ପରା ଉପରେ କରୋନା ଅଙ୍କୁଶ

ସର୍ବଧର୍ମ ସମନ୍ୱୟର ପ୍ରତୀକ ବରାହ-ବିରଜା କ୍ଷେତ୍ରର ସଂସ୍କୃତି, ପରମ୍ପରା ଓ ଐତିହାସିକ ପୀଠଗୁଡ଼ିକର ଅନେକ ପ୍ରସିଦ୍ଧ କାର୍ଯ୍ୟକ୍ରମ ଉପରେ କରୋନା ଅଙ୍କୁଶ ଲାଗିଛି। ଫଳରେ ଚଳିତ ବର୍ଷ ବାରୁଣୀ ମେଳା, ବାରବାଟୀ ବିଶ୍ୱଶାନ୍ତି ମହାଯଜ୍ଞ, ଶଙ୍ଖଚିଲା ହିଙ୍ଗୁଳା ଯଜ୍ଞ, ରାଛିପୁର ଶନିଶ୍ଚର ମେଳା ଭଳି ଅନେକ ପ୍ରସିଦ୍ଧ ସାଂସ୍କୃତିକ କାର୍ଯ୍ୟକ୍ରମ ବାତିଲ ହୋଇଛି। ଭାରତରେ କରୋନା ଭାଇରସ କ୍ରମଶଃ ଭୟଙ୍କର ରୂପ ଧାରଣା କରୁଥିବାରୁ ଜିଲା ପ୍ରଶାସନ ପକ୍ଷରୁ କିପରି ତାହାର ସଫଳ ମୁକାବିଲା କରାଯାଇପାରିବ ସେ ନେଇ ବିଭିନ୍ନ ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାକୁ ଜିଲାବାସୀ ସାଦରେ ଗ୍ରହଣ କରି ନିରାଡମ୍ବରଭାବେ ମେଳା ଓ ମହୋତ୍ସବ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଶେଷଭାବେ ବାରୁଣୀ ମେଳା ପ୍ରଭାବିତ ହେବା ଜିଲା ତଥା ରାଜ୍ୟ ବାହାରର ଲକ୍ଷାଧିକ ଭକ୍ତଙ୍କୁ ବ୍ୟଥିତ କରିଛି। ବିରଜା କ୍ଷେତ୍ରରେ ପ୍ରବାହିତ ବୈତରଣୀରେ ପ୍ରତିବର୍ଷ ବାରୁଣୀ ସ୍ନାନ ଯୋଗ ପଡ଼ିବା ଗୋଟିଏ ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା। ଏଥିପାଇଁ ଓଡ଼ିଶାର ପୁରପଲ୍ଲୀ ତଥା ଭାରତର ବିଭିନ୍ନ ଅଞ୍ଚଳରୁ ଧର୍ମପ୍ରାଣ, ଈଶ୍ୱରବିଶ୍ୱାସୀ, ତୀର୍ଥପ୍ରେମୀ, ସାଧୁ ସନ୍ନ୍ୟାସୀ, ଅସଂଖ୍ୟ ଯାତ୍ରୀ ଏହି ସ୍ଥାନରେ ଏକାଠି ହୁଅନ୍ତି। କିନ୍ତୁ ଚଳିତ ବାରୁଣୀ ମେଳା ଆୟୋଜନକୁ କରୋନା ଭୂତାଣୁ ଗ୍ରାସ କରି ସାରିଛି। ସେହିପରି ବଡ଼ଚଣା ବ୍ଲକ ପଲେଇ ବାରବାଟୀ ପଡ଼ିଆରେ ରାମ ନବମୀଠାରୁ ୭ଦିନ ପର୍ଯ୍ୟନ୍ତ ବାରବାଟୀ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରତିବର୍ଷ ମହାଡ଼ମ୍ବରରେ ଅନୁଷ୍ଠିତ ହୋଇଥାଏ। ଏହାବାଦ୍ ଶଙ୍ଖଚିଲା ହିଙ୍ଗୁଳା ଯଜ୍ଞ ଏକ ଅନନ୍ୟ ପରମ୍ପରା। ୫ଦିନ ଧରି ଅନୁଷ୍ଠିତ ହେଉଥିବା ହିଙ୍ଗୁଳା ଯଜ୍ଞ ସମୟରେ ଆଖପାଖ ୧୦ କି.ମି. ପରିଧି ପର୍ଯ୍ୟନ୍ତ ଗୋଟିଏବେଳା ରନ୍ଧା ହୋଇଥାଏ ଏବଂ ଆମିଷ ଖାଇବାକୁ ବାରଣ କରାଯାଏ। ରାଛିପୁର ଶନିଶ୍ଚର ମେଳା, ସିଂହାପୁର ଯାତ୍ରା ଅନ୍ୟ ଏକ ପ୍ରସିଦ୍ଧ ଯାତ୍ରା। କିନ୍ତୁ ଏହି ପବିତ୍ର ଯାନିଯାତ୍ରା ଉପରେ ମଧ୍ୟ କରୋନା ମାଡ଼ ପଡ଼ିବାର ସମ୍ଭାବନା ରହିଛି।

– ହର୍ଷବର୍ଦ୍ଧନ ବେହେରା

ପ୍ରଥମ ପୃଷ୍ଠାରୁ...

## ୨୯ ଯାଏ...

ତେଜରାତି ଦୋକାନ, ପନିପରିବା, ମାଛ, ମାଂସ, ଅଣ୍ଡା, ଚିକେନ, ପେଟ୍ରୋଲ ପମ୍ପ ଏବଂ ମେଡିସିନ ଦୋକାନ ଆଦି ଖୋଲା ରହିବ। ଅତ୍ୟାବଶ୍ୟକ ଦ୍ରବ୍ୟର ହୋଲସେଲ ମାର୍କେଟ ମଧ୍ୟ ଖୋଲା ରହିବ। ସେହିପରି ସବୁ ଅଞ୍ଚଳରେ ଡାକ୍ତରଖାନା, ବ୍ୟାଙ୍କ, ଏଟିଏମ, ମ୍ୟୁନିସିପାଲିଟି ସେବା, ପୋଲିସ, ଅଗ୍ନିଶମ ସେବା, ଓଡ୍ରାଫ, ପାନୀୟ ଜଳ ଓ ବିଦ୍ୟୁତ୍ ସେବା ଆଦି ଜାରି ରହିବ। ପ୍ରଶାସନିକ କାର୍ଯ୍ୟାଳୟଗୁଡ଼ିକ ମଧ୍ୟ ଖୋଲା ରହିବ। ତେବେ ଉକ୍ତ ୫ଟି ଜିଲା ଓ ୭ଟି ସହରରେ ସାମାଜିକ ସୁରକ୍ଷା ପେନ୍‌ସନ ଓ ସାଧାରଣ ବଣ୍ଟନ ବ୍ୟବସ୍ଥାର ସାମଗ୍ରୀ ବିତରଣ କାର୍ଯ୍ୟ ବର୍ତ୍ତମାନ ପାଇଁ ବନ୍ଦ ରହିବ। ସ୍ଥାନୀୟ ପରିସ୍ଥିତିକୁ ଆକଳନ କରି ଜିଲାପାଳମାନେ ଯେ କୌଣସି ସେବା ଓ କ୍ଷେତ୍ରକୁ ବାଦଦେଇ ପାରିବେ କିମ୍ବା ଯୋଗ କରିପାରିବେ। ଘରୋଇ କମ୍ପାନୀଗୁଡ଼ିକ 'ୱର୍କ ଫ୍ରମ ହୋମ' ବା ଘରେ ରହି କାମ କରିବା ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଯାଇଛି। ଯଦି ସେମାନେ ଏହା ନ କରନ୍ତି ତେବେ ସେମାନଙ୍କର ବର୍ତ୍ତମାନ ବ୍ୟବସ୍ଥା ଚାଲୁରଖିବା ପାଇଁ ସମ୍ପୃକ୍ତ ଜିଲାପାଳଙ୍କଠାରୁ ପ୍ରମାଣପତ୍ର (ସାର୍ଟିଫିକେଟ)ଆଣିବାକୁ କୁହାଯାଇଛି। ସମସ୍ତ ଘରୋଇ ସେବା ପ୍ରଦାନକାରୀଙ୍କୁ ଜରୁରିକାଳୀନ ସେବାର ଅନ୍ତର୍ଭୁକ୍ତ କରାଯାଇଛି। ଲୋକଙ୍କ ସ୍ୱାର୍ଥ ପାଇଁ ଏହି କଟକଣା ଲାଗୁ କରାଯାଇଛି। ଯିଏ ଏହାକୁ ଭାଙ୍ଗିବାକୁ ଚେଷ୍ଟା କରିବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ରବିବାର ରାଜ୍ୟର କୌଣସି ଘରୋଇ ବସ ଚଳାଚଳ କରିବ ନାହିଁ ବୋଲି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି।

ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରି କହିଛନ୍ତି ଯେ ଗତ ଦୁଇ ମାସରେ ଦୁନିଆ ବଦଳି ଯାଇଛି। ରାଜନୀତି, ଅର୍ଥନୀତି ସବୁକିଛି ପଛରେ ପକାଇ ସ୍ୱାସ୍ଥ୍ୟ ସମସ୍ୟା ସାରା ବିଶ୍ୱ ପାଇଁ ଏକ ବହୁତ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଚାଇନା, ଦକ୍ଷିଣ କୋରିଆ, ଆମେରିକା, ବ୍ରିଟେନ ଓ ଅନ୍ୟ ୟୁରୋପୀୟ ଦେଶଗୁଡ଼ିକ ପାଇଁ କରୋନା ଭାଇରସ୍ ଗୁରୁତର ସମସ୍ୟା ସୃଷ୍ଟି କରିଛି। ବର୍ତ୍ତମାନ ଏହି ଭାଇରସ୍ ଭାରତରେ ମଧ୍ୟ ପହଞ୍ଚି ଯାଇଛି। ଭାରତରେ କୋଭିଡ-୧୯ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। କେବଳ ସଚେତନତା ଦ୍ୱାରା ହିଁ ଏହି ରୋଗକୁ ରୋକାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆପଣମାନେ ଘରେ ରୁହନ୍ତୁ। ଘରେ ରହିଲେ ଆପଣ ଓ ଆପଣଙ୍କ ପରିବାର ସୁରକ୍ଷିତ ରହିପାରିବ। ଏହି ଭୂତାଣୁକୁ ଆପଣଙ୍କ ଘରେ ପଶିବାକୁ ଦିଅନ୍ତୁ ନାହିଁ। ଏହି କୌଶଳକୁ ପାଳନ କରି ଚାଇନା ଉହାନ ପ୍ରଦେଶ କରୋନା ଭାଇରସ୍‌କୁ ହରାଇ ଦେଇପାରିଛି। ବର୍ତ୍ତମାନ ସମୟ ଆସିଛି । ଆମେ ମଧ୍ୟ ଏହି କୌଶଳକୁ ଆପଣାଇବା। ଘରେ ରହିବା। କେବଳ ଜରୁରୀ ସାମଗ୍ରୀ ପାଇଁ ବାହାରକୁ ଯିବା । ତାହା ହେଲେ ଏହି ଯୁଦ୍ଧ ଆମେ ଜିତିପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆସନ୍ତା ସପ୍ତାହ ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଗତ କିଛିଦିନ ମଧ୍ୟରେ ବିଦେଶରୁ ୩ ହଜାରରୁ ଅଧିକ ଲୋକ ଓଡ଼ିଶାକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ୭୦ ପ୍ରତିଶତ ହେଉଛନ୍ତି ଖୋର୍ଦ୍ଧା, ଗଞ୍ଜାମ, କଟକ, କେନ୍ଦ୍ରାପଡ଼ା ଓ ଅନୁଗୋଳ ଜିଲାର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆପଣଙ୍କର ପ୍ରତ୍ୟେକ କାମରେ କିଛିଟା ଦ୍ୱନ୍ଦ୍ୱ ଓ ଆଶା, ଆଶଙ୍କା ମଧ୍ୟରେ ମନ ହଲଚଲ ହୋଇପାରେ। ଆର୍ଥିକ ସ୍ଥିତି, ସ୍ଥଗିତ କାମ, ଆଲୋଚନା ଓ ଭ୍ରମଣ ପ୍ରଭୃତିରେ ବିଶେଷ ଅସୁବିଧା ହେବନାହିଁ। ପାପଗ୍ରହ ପ୍ରଭାବରେ ଘର କଥା ହେଉ କିମ୍ବା କର୍ମକ୍ଷେତ୍ରରେ ସବୁ କାମ ଗୋଳିଆ ରହିବ। ନିଜ ଲୋକମାନେ ଅସୁବିଧାରେ ପକାଇପାରନ୍ତି।

**ବୃଷ**
କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ, କିନ୍ତୁ ସମ୍ପୂର୍ଣ୍ଣ ଭାବରେ ସନ୍ତୋଷଜନକ ହେବନାହିଁ। ଅର୍ଥସଙ୍କଟ କେତେକ କାମକୁ ଅଟକାଇ ଦେଇପାରେ କିନ୍ତୁ ପ୍ରଶାସନ, ଆଇନ, କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। କହିବା ଲେଖିବାର ସମ୍ପର୍କ ଯେଉଁଠାରେ ରହିଛି ସେହି ସବୁ ପ୍ରାୟତଃ ଅନୁକୂଳ ରହିବ।

**ମିଥୁନ**
ବିଭିନ୍ନ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ବିଷୟରେ ଉନ୍ନତ ମାନର ଫଳ ପାଇବେ। ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟରୁ ମନ ଅପରାହ୍ନେ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ବ୍ୟସ୍ତତା ଅନୁଭବ କରିପାରନ୍ତି।

**କର୍କଟ**
ମନକାରକ ଚନ୍ଦ୍ର ପାପଗ୍ରହ ଯୁକ୍ତ କାରଣରୁ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବା ସହ କୌଣସି କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ଆପଣ ନେଇପାରିବେ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ପରିବାର ଲୋକଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଚେଷ୍ଟା କରୁଥିବା କାମରେ ସମ୍ପର୍କୀୟଙ୍କ ସହଯୋଗ ପାଇ ଖୁସି ହେବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ।

**ସିଂହ**
ଆପଣ ନିଜ ଲୋକମାନଙ୍କୁ ଯେତିକି ଖୁସିରେ ରଖିବାକୁ ଚାହିଁଲେ ମଧ୍ୟ ଆଜିର ପରିସ୍ଥିତି ଓ ରହୁଥିବା ପରିବେଶ ତାହା ସହଜରେ କରାଇ ଦେବନାହିଁ। ପୂର୍ବ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ବାଧା ଉପୁଜିବାଜନିତ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ବହୁତ ଭଲ।

**କନ୍ୟା**
ମିତ୍ରକ୍ଷେତ୍ରସ୍ଥ ରାଶ୍ୟାଧିପତି କାରଣରୁ ସ୍ୱାସ୍ଥ୍ୟ ଭଲ ନ ଥିଲେ ମଧ୍ୟ ବିଶେଷ ଅସୁବିଧା ହେବନି। ଅଭାବ ପୂରଣ ସକାଶେ ବନ୍ଧୁଙ୍କ ଜରିଆରେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ବାଣିଜ୍ୟ, ପରିବହନ ଓ ଯାତ୍ରା ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିପାରେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନା ପ୍ରକାର କଥା କହିପାରନ୍ତି।

**ତୁଳା**
କର୍ମକ୍ଷେତ୍ରରେ ତର୍କ ଓ ବିବାଦ ପାରିବାରିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରିବା ଆଶଙ୍କା ରହିଛି। ସତର୍କତା ଅଭାବରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ, ଏଣୁ ସାବଧାନତା ଅବଲମ୍ବନ କରିବା ଭଲ। ପାରିବାରିକ ସ୍ଥିତି, ବନ୍ଧୁସମ୍ପର୍କ, ସଭାସମିତିରେ ଆଲୋଚନା, କଚେରି ମାମଲା କ୍ଷେତ୍ରରେ ସୁଫଳ ପାଇବେ।

**ବିଛା**
କାର୍ଯ୍ୟହାନିଜନିତ ମାନସିକ ଅସ୍ଥିରତା ଆପଣଙ୍କୁ ନିରୁତ୍ସାହିତ କରିପାରେ। ପାରିବାରିକ କ୍ଷେତ୍ର, ଆର୍ଥିକ ସ୍ଥିତି, ବ୍ୟବସାୟ, ପରିବହନ ଓ ମାଲିମକଦ୍ଦମା କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। କ୍ରୀଡ଼ା, କଳା ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ଆଜି ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ଧନୁ**
ପାପଗ୍ରହ ପ୍ରଭାବରୁ ଶାରୀରିକ ଓ ମାନସିକ ସୁସ୍ଥତା ରହି ନ ପାରେ। ଅଫିସ୍ ଭିତରେ ଅଯଥା ତର୍କ ଓ ବିବାଦ ପରିସ୍ଥିତିକୁ ସଙ୍ଗିନ କରିପାରେ। ପିଲାମାନଙ୍କ ବିବାହ ସମ୍ପର୍କିତ ନୂତନ ବନ୍ଧୁ ପ୍ରସ୍ତାବ କ୍ଷେତ୍ରରେ ଆଶଙ୍କା ଜାଗ୍ରତ ହୋଇପାରେ। ପରିବହନ, ଛୋଟ ଦୋକାନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ ନାହିଁ।

**ମକର**
ମାନସିକ ଅସ୍ଥିରତା କାରଣରୁ ପରିବାରରେ ଭୁଲ୍ ବୁଝାମଣାଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ପାରିବାରିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ଶ୍ରବଣା ନକ୍ଷତ୍ରର କାର୍ଯ୍ୟଦକ୍ଷତା ହେତୁ ପଡ଼ୋଶୀମାନେ ପ୍ରଶଂସା କରିପାରନ୍ତି।

**କୁମ୍ଭ**
ଦ୍ୱାଦଶସ୍ଥ ପାପଗ୍ରହ ପ୍ରଭାବରେ କାର୍ଯ୍ୟବ୍ୟସ୍ତତାଜନିତ ମାନସିକ ଚାପ ବୃଦ୍ଧି ହେତୁ ସ୍ୱାସ୍ଥ୍ୟହାନି ଘଟିପାରେ। ନିଜର ଲୋକମାନଙ୍କ କାର୍ଯ୍ୟକଳାପ ନେଇ ବ୍ୟସ୍ତ ବିବ୍ରତ ହୋଇ ପାରନ୍ତି। ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଶତଭିଷା ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ସମ୍ମାନିତ ମଧ୍ୟ ହୋଇପାରନ୍ତି।

**ମୀନ**
ସକାଳୁ ସକାଳୁ ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମନାନ୍ତର ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଆସିବ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

ଆଜି ମହାବାରୁଣୀ ସ୍ନାନ, ଚୈତ୍ର କୃଷ୍ଣ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ରବିବାର, ମାର୍ଚ୍ଚ ୨୨ ତାରିଖ, ବିଶ୍ୱ ଜଳ ଦିବସ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ମେଷ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୬।୪୦ମି. ଗତେ ଘ୯।୫୩ମି. ମଧ୍ୟେ, ସନ୍ଧ୍ୟା ୭।୩୦ମି. ଗତେ ଘ୯।୦୫ମି. ମଧ୍ୟେ ଅମୃତବେଳା। ସକାଳ ଘ୫।୫୨ମି. ଗତେ ଘ୬।୪୦ମି. ମଧ୍ୟେ, ଦିବା ଘ୦୧।୦୫ମି. ଗତେ ଘ୦୧।୫୪ମି. ମଧ୍ୟେ, ସନ୍ଧ୍ୟା ଘ୬।୪୨ମି. ଗତେ ଘ୭।୩୦ମି. ମଧ୍ୟେ, ରାତ୍ର ଘ୧୨।୧୭ମି. ଗତେ ଘ୩।୨୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୪।୨୪ମି. ଗତେ ଘ୫।୫୪ମି. ମଧ୍ୟେ ରାହୁକାଳ।

ପ୍ରିୟ ଗ୍ରାହକ ଶୁଭକାମନା
ବିବାହ, ବ୍ରତଘର, ଶୁଦ୍ଧଘର ତଥା ସମସ୍ତ ପର୍ବପର୍ବାଣୀ
ପାଇଁ ସମସ୍ତ ପ୍ରକାର ଲୁଗା ହୋଲ୍ ସେଲ୍ ରେଟ୍ ରେ ପାଆନ୍ତୁ !
ଆପଣମାନଙ୍କ ପାଇଁ ଖୋଲି ଗଲା
ମା ତାରିଣୀ
ହୋଲ୍ ସେଲ୍ ଲୁଗା ଗୋଦାମ
ଚରମ୍ପା ବଜାର, ଭଦ୍ରକ, ଫୋନ୍:୨୩୧୯୯୯, ୨୩୧୮୮୮

# ଟ୍ରାନ୍ସଫର୍ମର ଗୋଦାମରେ ଭୟାବହ ଅଗ୍ନିକାଣ୍ଡ

ବାଲେଶ୍ୱର ଅଫିସ,୨୧।୩

ବାଲେଶ୍ୱର ବାଲିଆସ୍ଥିତ ନେସ୍କୋ ଟ୍ରାନ୍ସଫର୍ମର ଗୋଦାମରେ ଶନିବାର ଅପରାହ୍ଣ ସାଢେ ୫ଟା ବେଳେ କୌଣସି କାରଣରୁ ଟ୍ରାନ୍ସଫର୍ମର ଅଏଲ୍‌ରେ ନିଆଁ ଲାଗିଯିବାରୁ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଳ୍ପ ସମୟ ମଧ୍ୟରେ ଏହି ନିଆଁ ଚାରିଆଡକୁ ବ୍ୟାପିବା ଆରମ୍ଭ କରିଥିଲା। ଦୁଇଟି ଦମକଳ ବାହିନୀ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଛି। ଖବରଲେଖା ହେବା ଯାଏ ନିଆଁକୁ ଆୟତ୍ତ କରାଯାଇପାରିନି। ଗୋଦାମରେ ଥିବା ହଜାର ହଜାର ସଂଖ୍ୟକ ନୂଆ ଓ ପୁରୁଣା ଟ୍ରାନ୍ସଫର୍ମର ପୋଡ଼ିଯାଇଥିବାରୁ ଏଥିରେ କୋଟି କୋଟି ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡ଼ିଛି। ପ୍ରକୃତ କ୍ଷୟକ୍ଷତି ଆକଳନ ହୋଇପାରିନାହିଁ।


ଟ୍ରାନ୍ସଫର୍ମର ଗୋଦାମରେ ଅଗ୍ନିକାଣ୍ଡ।


# ଫନୀର ଦୁଃଖକୁ ମନେପକାଉଛି କରୋନା

- ଖାଁ ଖାଁ ପର୍ଯ୍ୟଟନ ସହର ପୁରୀ
- ତାଜା ହୋଇଛି ୧୦ମାସ ପୂର୍ବର ଚିତ୍ର

ପୁରୀ ଅଫିସ,୨୧।୩

୨୦୧୯ ମେ ୩ତାରିଖ। ଏକ ବଡ଼ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିଥିଲା ଓଡ଼ିଶା। ରାଜ୍ୟର ଉପକୂଳବର୍ତ୍ତୀ ୬ଟି ଜିଲାରେ ତାଣ୍ଡବ ରଚିଥିଲା ବାତ୍ୟା ଫନୀ। ଆଉ ଏହାର କରାଳ ରୂପକୁ ଅତି ନିକଟରୁ ଦେଖିଥିଲେ ପୁରୀ ଜିଲାବାସୀ। ଏବେ ବି ଜିଲାର କେତେକ ସ୍ଥାନରେ ଫନୀର କ୍ଷତ ସେମିତି ତାଜା ରହିଛି। ଅନେକ ଲୋକ ଭଲ ଭାବେ ଅଣ୍ଟା ସଳଖି ପାରିନାହାନ୍ତି। ଏଭଳି ସ୍ଥିତିରେ ଆଉ ଏକ ବଡ଼ ବିପର୍ଯ୍ୟୟ ଭାବେ ଉଭା ହୋଇଛି କରୋନା। ଏହି ପ୍ରାଣଘାତୀ ଭୂତାଣୁକୁ ମୁକାବିଲା କରିବା ପାଇଁ ସମଗ୍ର ବିଶ୍ୱ ଲଢୁଥିବାବେଳେ ଓଡ଼ିଶାବାସୀ ବି ଚିନ୍ତିତ ହୋଇପଡ଼ିଛନ୍ତି। ବିଶେଷକରି ପର୍ଯ୍ୟଟନ ସହର ପୁରୀ ଏକପ୍ରକାର ଅଚଳ ହୋଇପଡିଛି। ଶ୍ରୀମନ୍ଦିରଠାରୁ ଆରମ୍ଭ କରି ସମୁଦ୍ର ବେଳାଭୂମି ଏବଂ ସହର ସବୁଆଡ଼େ ଖାଁ ଖାଁର ଚିତ୍ର ଦେଖିବାକୁ ମିଳୁଛି। ଯାହାକି ୧୦ମାସ ତଳର ଫନୀ ପରବର୍ତ୍ତୀ ଚିତ୍ରକୁ ମନେପକାଇ ଦେଉଛି।

ଗତ ମେ ୩ତାରିଖରେ ପୁରୀରେ ସ୍ଥଳଭାଗ ଛୁଇଁଥିଲା ବାତ୍ୟା ଫନୀ । ରଚିଥିଲା ତାଣ୍ଡବ। ୨୦୦କି.ମି.ରୁ ଊର୍ଦ୍ଧ୍ୱ ବେଗରେ ବୋହିଥିଲା ପବନ। ଫନୀର କରାଳ ଗ୍ରାସରେ ଲକ୍ଷ ଲକ୍ଷ ଘର ଓ ଗଛ ଭାଙ୍ଗିଥିଲା। ଧରାଶାୟୀ ହୋଇଥିଲା ବିଦ୍ୟୁତ୍ ଖୁଣ୍ଟ ଓ ବଡ଼ ବଡ଼ ଟାୱାର। ସମୁଦ୍ର ଜୁଆର ପ୍ରାୟ ୧୦୦ମିଟର ଆଗକୁ ମାଡ଼ି ଆସିଥିଲା। ଫନୀ ଚାଲିଗଲା ପରେ ପୁରୀରେ ସୃଷ୍ଟି ହୋଇଥିଲା ଅଭାବର ଚିତ୍ର। ବିଜୁଳି ନ ଥିଲା କି ପିଇବା ପାଣି ମିଳି ନ ଥିଲା। ରାସ୍ତାଘାଟ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଟେଲିଫୋନ ସେବା ମଧ୍ୟ ବନ୍ଦ ହୋଇଯାଇଥିଲା। ଖାଁ ଖାଁ ହୋଇଯାଇଥିଲା ପର୍ଯ୍ୟଟନ ସହର ପୁରୀ। ଦିନରେ କାଁ ଭାଁ ଲୋକଙ୍କୁ ରାସ୍ତାଘାଟରେ ଦେଖିବାକୁ ମିଳିଥିବାବେଳେ ସଞ୍ଜ ନଇଁଲେ ପୂରା ଶୂନ୍‌ଶାନ ହୋଇପଡୁଥିଲା ସହର। ସେତେବେଳେ ଅନ୍ଧାର ଭିତରେ ସୃଷ୍ଟି ହୋଇଥିଲା ଶୂନ୍ୟତା। ଏବେ କରୋନା ସେହିଭଳି ଦୁଃଖ ଆଣିଛି। ସହରବାସୀଙ୍କ ମନରେ ଫନୀର ଅନୁଭୂତି ପୁଣିଥରେ ତାଜା ହୋଇଛି। ଫରକ୍ ଏତିକି ବର୍ତ୍ତମାନ ଅନ୍ଧାର ନୁହେଁ ଆଲୁଅ ଥାଇ ବି ରାସ୍ତାଘାଟ, ବେଳାଭୂମି, ବଡ଼ଦାଣ୍ଡ ଖାଁ ଖାଁ ରହୁଛି । ବିଜୁଳି ଅଛି, ପାଣି ବି ମିଳୁଛି କିନ୍ତୁ ଅତ୍ୟାବଶ୍ୟକ ସାମଗ୍ରୀ ମିଳୁଥିବା ଦୋକାନକୁ ଛାଡ଼ି ଅନ୍ୟ ସମସ୍ତ ଦୋକାନ ବନ୍ଦ କରାଯାଇଛି। ଫନୀ ସମୟରେ ଦୀର୍ଘଦିନ ଧରି ଦୋକାନ ବଜାର ବନ୍ଦ ରହିଥିଲା। ରାସ୍ତାଘାଟରେ ଗଛ, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ଗାଡ଼ିମୋଟର ଚଳାଚଳ କରୁ ନ ଥିଲା। କରୋନା ପାଇଁ ବି ସମାନ ସ୍ଥିତି। ଜିଲା ବାହାର ଲୋକ ଏବଂ ପର୍ଯ୍ୟଟକଙ୍କ ଉପରେ ପ୍ରବେଶ କଟକଣା ଥିବାରୁ ଗାଡ଼ିମୋଟର ଚଳାଚଳ ସେତେ ହେଉନାହିଁ। ବାହାର ପର୍ଯ୍ୟଟକଙ୍କ ଗାଡ଼ିକୁ ଜିଲାକୁ ପୂରାଇ ଦିଆଯାଉ ନାହିଁ। ଫନୀ ପୂର୍ବରୁ ପୁରୀରୁ ସମସ୍ତ ପର୍ଯ୍ୟଟକଙ୍କୁ ସହର ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରି କି ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବସ୍ କରାଯାଇ ପର୍ଯ୍ୟଟକଙ୍କୁ ଭୁବନେଶ୍ୱର ପହଞ୍ଚା ଯାଇଥିଲା। ଟ୍ରେନ୍‌ରେ ଯିବା ଲାଗି ବ୍ୟବସ୍ଥା ହୋଇଥିଲା। କରୋନା ପାଇଁ ସମାନ ସ୍ଥିତି ଉପୁଜିଛି। ହୋଟେଲ, ଲଜିଂ, ହଲିଡେ ହୋମ୍ ଆଦିରେ ରହୁଥିବା ପର୍ଯ୍ୟଟକଙ୍କୁ ସହର ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନିକ ନିର୍ଦ୍ଦେଶକୁ ମାନି ପର୍ଯ୍ୟଟକମାନେ ସହର ଛାଡ଼ିଛନ୍ତି। ଫନୀ ପରେ ଦୀର୍ଘଦିନ ଧରି ବେଳାଭୂମି ଯେଉଁଭଳି ଖାଁ ଖାଁ ଦେଖାଯାଉଥିଲା ଏବେ ମଧ୍ୟ ପର୍ଯ୍ୟଟକଙ୍କ ଅନୁପସ୍ଥିତି ଯୋଗୁ ସମାନ ସ୍ଥିତି ଉପୁଜିଛି।



ପର୍ଯ୍ୟଟନ ସହର ପୁରୀ ସର୍ବଦା ପର୍ଯ୍ୟଟକଙ୍କୁ ନେଇ ବେଶ୍ ଚଳଚଞ୍ଚଳ ଥାଏ। ବେଳାଭୂମି ହେଉ କି ବଡ଼ଦାଣ୍ଡ ଅବା ସହରର ଅନ୍ୟ ସମସ୍ତ ରାସ୍ତାରେ ପର୍ଯ୍ୟଟକଙ୍କ ଯିବା ଆସିବା ଲାଗି ରହିଥାଏ। ହେଲେ ବର୍ତ୍ତମାନ ସେଭଳି ସ୍ଥିତି ନାହିଁ। ନାହାନ୍ତି ପର୍ଯ୍ୟଟକ, ଖୋଲୁନି ଅନେକ ଦୋକାନ ବଜାର। ଏକପ୍ରକାର କର୍ଫ୍ୟୁ ପରିସ୍ଥିତି ସୃଷ୍ଟି ହୋଇଛି ସହରରେ। ଫନୀ ସମୟରେ ଯେଉଁପରି ଭାବେ କ୍ଷୁଦ୍ର ବ୍ୟବସାୟୀ ପରିବାର ଚଳାଇବା ଲାଗି ସମସ୍ୟାର ସମ୍ମୁଖୀନ ହୋଇଥିଲେ ବର୍ତ୍ତମାନ ବି ସେମାନଙ୍କୁ ସମାନ ସ୍ଥିତି ସମ୍ମୁଖୀନ ହେବାକୁ ପଡ଼ିଛି। ପ୍ରଶାସନ ପକ୍ଷରୁ ବେଳାଭୂମିରେ ବସୁଥିବା ଉଠାଦୋକାନୀଙ୍କୁ ବନ୍ଦ କରାଯାଇଥିବାବେଳେ ରାସ୍ତାପାର୍ଶ୍ୱ ଏବଂ ଅନ୍ୟ କ୍ଷୁଦ୍ର ବ୍ୟବସାୟୀଙ୍କ ଉପରେ କଟକଣା ଲଗାଯାଇଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଛଡ଼ା ଅନ୍ୟକୌଣସି ଦୋକାନ ଖୋଲିବାକୁ ମନା କରାଯାଇଛି। ତେଣୁ ଏ ସବୁକୁ ଦେଖିଲେ ଫନୀର ଚିତ୍ର ଏବେ ସହରରେ ବାରି ହୋଇଯାଉଛି।

# ବସ୍ ଅଟକାଇ ୫୧ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ସିମୁଳିଆ, ୨୧।୩(ଡି.ଏନ.ଏ.)

ତାମିଲନାଡୁରୁ ୫୧ଜଣ ଯାତ୍ରୀଙ୍କୁ ନେଇ ବାଲେଶ୍ୱର ଅଭିମୁଖେ ଆସୁଥିବା ଏକ ଘରୋଇ ବସ୍ (ନଂ. କେଏଲ୍ ୦୭ସିଟି-୯୫୮୨)କୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ବାଲେଶ୍ୱର ଜିଲା ସିମୁଳିଆ ଥାନା ଜାମୁଝାଡ଼ି ଛକ ନିକଟରେ ପ୍ରଶାସନ ପକ୍ଷରୁ ଅଟକା ଯାଇଥିଲା। ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସମ୍ବିତ କୁମାର ଦାଶ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ସମୟରେ ସିମୁଳିଆ ଥାନା ଏଏସ୍‌ଆଇ ଭୁବନାନନ୍ଦ ସେଠୀ ଓ କନିଷ୍ଠ ଏମ୍‌ଭିଆଇ ଦେବାଶିଷ ମଲିକ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ତାମିଲନାଡୁରେ କାର୍ଯ୍ୟ କରୁଥିବା ଓ ବସବାସ କରୁଥିବା ଏହି ଯାତ୍ରୀମାନେ କରୋନା ଭୟରେ ନିଜ ଅଞ୍ଚଳକୁ ଫେରିଆସିଥିଲେ। ତେବେ ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାଯାଇଛି। ଏ ସମ୍ପର୍କରେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରଦୀପ କୁମାର ପାଣିଗ୍ରାହୀ କହନ୍ତି, ପ୍ରତ୍ୟେକ ଜିଲା ମୁଖ୍ୟ କାର୍ଯ୍ୟାଳୟରେ କରୋନା ଯାଞ୍ଚ ପାଇଁ ବ୍ୟବସ୍ଥା କରାଯାଇଛି। କୌଣସି କ୍ଷେତ୍ରରେ ଜନସାଧାରଣଙ୍କ ସନ୍ଦେହ ହେଲେ ସେମାନେ ଏହାର ସୁବିଧା ନେଇପାରିବେ।


ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ପରିବହନ କଟକଣା ଯାଞ୍ଚ କଲେ ଜିଲାପାଳ

ବ୍ରହ୍ମପୁର ଅଫିସ,୨୧।୩

- କରୋନା ପାଇଁ ପ୍ରଶାସନର ପଦକ୍ଷେପ
- କୋକୋକୋଲା ଗୋଦାମ, ବେକେରିକୁ ବନ୍ଦ କଲା ବିଏମ୍‌ସି

କରୋନା ଭୂତାଣୁ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା ବେଳେ ଏହାର ମୁକାବିଲା ପାଇଁ ଅଧିକ ସଜାଗ ହୋଇଛି ଜିଲା ପ୍ରଶାସନ। ଗଞ୍ଜାମ ଜିଲାରେ ୧୪୪ ଧାରା ଉଠାଯିବା ପରେ ସହରରେ ଜନଗହଳି, ଭିଡକୁ ଏଡାଇବା ପାଇଁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି। ଗତ ସୋମବାରରୁ ସହରର ବଡବଜାର, ସାନବଜାର, ହନୁମାନବଜାର, ଗିରିମାର୍କେଟ, ଏସ୍‌ଏନ୍‌ଟି ରୋଡ, ଅର୍ଣ୍ଣପୂର୍ଣ୍ଣା ମାର୍କେଟ ସମେତ ସମସ୍ତ ଶପିଂ ମଲ, ମାର୍କେଟ କମ୍ପ୍ଲେକ୍ସ, ଦୋକାନ ବଜାର ବନ୍ଦ ରହିଛି। ଶନିବାରରୁ ତେଜରାତି ଦୋକାନ, ପରିବା ବଜାର, ଫଳମୂଳ ଦୋକାନ, ଔଷଧ ଦୋକାନ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ବ୍ୟତୀତ ସମସ୍ତ ଛୋଟ ବଡ ଦୋକାନ ବନ୍ଦ କରିବାକୁ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ପୂର୍ବାହ୍ନରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଖୋଲାଥିବା ଚା, ପାନ ଓ ଅନ୍ୟାନ୍ୟ ଦୋକାନ ବନ୍ଦ କରିବାକୁ ଅନୁରୋଧ କରିଛନ୍ତି। ନିୟମକୁ ଅବମାନନା କରି ଦୋକାନ ଖୋଲିଥିବା ମିଲ୍‌ଟାରୀ ଲାଇନ୍‌ର ଏକ ବେକେରି, କୋକୋକୋଲା ହୋଲସେଲ ଦୋକାନକୁ ବନ୍ଦ କରାଯାଇଥିବା ସୂଚନା ମିଳିଛି।

# ମାଲକାନଗିରିରେ ମୃଦୁ ଭୂମିକମ୍ପ

ମାଲକାନଗିରି,୨୧।୩(ଡି.ଏନ୍.ଏ.)

- ୧୫ରୁ ଊର୍ଦ୍ଧ୍ୱ କୋଠା ଘରେ ଫାଟ
- ଜିଲାର ୯ ଅଞ୍ଚଳରେ ହୋଇଛି ଅନୁଭୂତ
- ଭୟଭୀତ ନ ହେବା ପାଇଁ ଜିଲାପାଳଙ୍କ ପରାମର୍ଶ

ମାଲକାନଗିରି ଜିଲା ସଦର ମହକୁମାରେ ଶନିବାର ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ପୂର୍ବାହ୍ନ ୧୧.୧୫ ମିନିଟ୍‌ରେ ପ୍ରାୟ ୫ ସେକେଣ୍ଡ ପାଇଁ ଭୂମିକମ୍ପ ଝଟକା ଲାଗିଥିଲା। ଏହାକୁ ୪.୨ ମାଗ୍ନିଚ୍ୟୁଡ୍ ରିକ୍ଟରସ୍କେଲରେ ରେକର୍ଡ କରାଯାଇଛି ବୋଲି କେନ୍ଦ୍ରୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ଛତିଶଗଡର ଜଗଦଲପୁରଠାରୁ ଦକ୍ଷିଣ ପୂର୍ବ ୩୪ କିଲୋମିଟର ଦୂରରେ ଏହା ଘନୀଭୂତ ହୋଇଥିଲା। ଶନିବାର ଭୂମିକମ୍ପ ହେବା ପରେ ବହୁ ଲୋକ ଘର ଛାଡି ବାହାରକୁ ଚାଲି ଆସିଥିଲେ। ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀ ଓ ଜନସାଧାରଣ ମଧ୍ୟ ଘର ଭିତରୁ ପଦାକୁ ଚାଲି ଆସିଥିବା ଦେଖିବାକୁ ମିଳିଥିଲା। ମାଲକାନଗିରି ସଦର ମହକୁମା ସହ ଜିଲାର ଗୋବିନ୍ଦପାଲି, ମାଥିଲି, ପାଙ୍ଗାମ, ଖଇରପୁଟ, କୁଡୁମୁଲୁଗୁମ୍ମା, ପାଣ୍ଡ୍ରିପାଣି, ପଦ୍ମଗିରି, ଚଲାଣଗୁଡା କୋରୁକୋଣ୍ଡା ପ୍ରଭୃତି ଅଞ୍ଚଳରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିଲା। ବିଶେଷ କରି ଭୂମିକମ୍ପ ଯୋଗୁ ମାଲକାନଗିରି ଏସ୍‌ପିଙ୍କ କାର୍ଯ୍ୟାଳୟର ଦୁଇମହଲା କୋଠା କାନ୍ଥର ବିଭିନ୍ନ ସ୍ଥାନରେ ଫାଟ ଦେଖିବାକୁ ମିଳିଛି। ମାଲକାନଗିରି ଥାନା, ଆଇଟିଡିଏ କାର୍ଯ୍ୟାଳୟ, ଆଇନଜୀବୀ ଦିଲୀପ ପାତ୍ରଙ୍କ ଘର, ଶିରିଡି ସାଇବାବାଙ୍କ ମନ୍ଦିର ଚଟାଣ ସହ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ କୋଠାଘର କାନ୍ଥ ଫାଟିଥିବା ଜଣାପଡୁଛି। ଏହି ଘଟଣା ପରେ ବହୁ ସ୍ଥାନରେ ଭୟର ବାତାବରଣ ଖେଳିଯାଇଛି। ପୁନର୍ବାର ଭୂମିକମ୍ପ ଆଶଙ୍କାରେ ଲୋକେ ଦୀର୍ଘ ସମୟ ଧରି ଘର ବାହାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଛତିଶଗଡର ସୁକୁମା ଜିଲାର ବିଭିନ୍ନ ସ୍ଥାନରେ ମଧ୍ୟ ମୃଦ୍ୟୁ ଭୂମିକମ୍ପ ହୋଇଥିବା ଖବର ମିଳିଛି। ଜାତୀୟ କେନ୍ଦ୍ରୀୟ ମୃତ୍ତିକା ବିଜ୍ଞାନ ମନ୍ତ୍ରାଳୟ ପକ୍ଷରୁ ଏହା ଏକ ସାଧାରଣ ଭୂମିକମ୍ପ ଥିଲା। ଏହାର ରିଟିଚ୍ୟୁଟ୍ ୧୮.୮୫୨୭ ଏବଂ ଲଙ୍ଗିଚ୍ୟୁଟ୍ ୪୨.୨୩୧୫। ଏହି ଭୂମିକମ୍ପର ଗଭୀରତା ୧୦.୦ କିଲୋମିଟର ଥିବା ରେକର୍ଡ କରାଯାଇଛି। ଜଗଦଲପୁର ଠାରୁ ୧୪ କିଲୋମିଟର ଦୂରରେ ଟେକଟୋନିକ୍ ପ୍ଲେଟ ସୃଷ୍ଟି ହୋଇଛି। ତେବେ ୨୦ ବର୍ଷ ତଳେ ଏପରି ଭୂମିକମ୍ପ ହୋଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏନେଇ ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ ଲୋକଙ୍କୁ ଭୟଭୀତ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି।


ଭୂମିକମ୍ପରେ ଫାଟିଯାଇଥିବା ଏସ୍‌ପି ଅଫିସ କାନ୍ଥ।

ଜରାୟୁ ଗ୍ରୀବା କର୍କଟ ସଚେତନତା...

Brought to you by:
Apollo HOSPITALS
BHUBANESWAR

ଜରାୟୁ ଗ୍ରୀବା କର୍କଟ ପାଇଁ ସ୍କ୍ରିନିଂ
ଦୁଇଟି ସ୍କ୍ରିନିଂ ପରୀକ୍ଷା ରହିଛି ଯାହା ଜରାୟୁ ଗ୍ରୀବା କର୍କଟକୁ ପ୍ରତିରୋଧ କିମ୍ବା ସଅଳ ଚିହ୍ନଟ କରିବାରେ ସହାୟତା କରିପାରିବେ:

ପାପ୍ ପରୀକ୍ଷା (କିମ୍ବା ପାପ୍ ସ୍ମିୟର୍)
ଏକ ପାପ୍ ପରୀକ୍ଷାରେ ଜରାୟୁ ଗ୍ରୀବାରୁ ନିଆଯାଇଥିବା କୋଷିକାକୁ ପରୀକ୍ଷାଗାର ପଠାଯାଇ ଅଣୁବିକ୍ଷଣ ଯନ୍ତ୍ରରେ କୋଷିକାରେ ଦେଖାଦେଇଥିବା କୌଣସି ପରିବର୍ତ୍ତନକୁ ଯାଞ୍ଚ କରାଯାଏ । ଏହା ପ୍ରାୟତଃ ନିୟମିତ ଶ୍ରୋଣୀ ପରୀକ୍ଷା ସମୟରେ ସମ୍ପାଦନ କରାଯାଏ ।
ପାପ୍ ପରୀକ୍ଷା ଫଳାଫଳ ଅସ୍ୱାଭାବିକ ଆସିବାର ଅନେକ କାରଣ ରହିପାରେ । ସାଧାରଣତଃ ଏହାର ଅର୍ଥ ନୁହେଁ ଯେ ଆପଣ କର୍କଟରେ ପୀଡ଼ିତ ।
ପାପ୍ ପରୀକ୍ଷା କାରଣରୁ ବିଗତ ୪୦ ବର୍ଷରେ ଜରାୟୁ ଗ୍ରୀବାଜନିତ ମୃତ୍ୟୁ ସଂଖ୍ୟା ୫୦%ରୁ ଅଧିକ ହ୍ରାସ ପାଇଛି।

ଉଚ୍ଚ ଆଶଙ୍କା (ଏଚ୍‌ଆର୍) ଏଚ୍‌ପିଭି ପରୀକ୍ଷା
ଏଚ୍‌ଆର୍ ଏଚ୍‌ପିଭି ପରୀକ୍ଷାରେ ଜରାୟୁ ଗ୍ରୀବା କର୍କଟର ଅଧିକାଂଶ ମାମଲା ସୃଷ୍ଟି କରୁଥିବା ଏଚ୍‌ପିଭିର ପ୍ରକାରକୁ ଯାଞ୍ଚ କରାଯାଏ । ଏଚ୍‌ପିଭି ପରୀକ୍ଷା ପାପ୍ ପରୀକ୍ଷା ସହ ସମାନ ସମୟରେ କରାଯାଇପାରିବ। ଏଚ୍‌ଆର୍ ଏଚ୍‌ପିଭିର ପଜିଟିଭ୍ ଫଳାଫଳର ଅର୍ଥ ଅସ୍ୱାଭାବିକ କୋଷିକାଗୁଡ଼ିକ ଯେପରି ବିକଶିତ ନ ହୁଏ ଏହା ସୁନିଶ୍ଚିତ କରିବା ପାଇଁ ଆପଣଙ୍କ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଅଧିକ ବାରମ୍ବାରତା ସହ ଆପଣଙ୍କ ସ୍ୱାସ୍ଥ୍ୟର ଯାଞ୍ଚ କରିବେ ।




ହାରାହାରି ଆଶଙ୍କାଧାରୀ ମହିଳାଙ୍କ ପାଇଁ ଜରାୟୁ ଗ୍ରୀବା କର୍କଟ ସ୍କ୍ରିନିଂ
ମହିଳାମାନେ ୨୧ ବର୍ଷ ବୟସରୁ ଜରାୟୁ ଗ୍ରୀବା କର୍କଟ ପାଇଁ ସ୍କ୍ରିନିଂ ଆରମ୍ଭ କରିବା ଉଚିତ । ୨୧ରୁ ୨୯ ବର୍ଷ ବୟସର ମହିଳାମାନେ ପ୍ରତ୍ୟେକ ତିନିବର୍ଷରେ ପାପ୍ ପରୀକ୍ଷା କରିବା ଉଚିତ। ୩୦ରୁ ୬୫ ବର୍ଷ ବୟସର ମହିଳାଙ୍କ ନିକଟରେ ପ୍ରତ୍ୟେକ ତିନିବର୍ଷରେ ଥରେ ପାପ୍ ପରୀକ୍ଷା, ପ୍ରତ୍ୟେକ ପାଞ୍ଚ ବର୍ଷରେ ଥରେ ଏଚ୍‌ଆର୍ ଏଚ୍‌ପିଭି ପରୀକ୍ଷା କିମ୍ବା ପ୍ରତ୍ୟେକ ପାଞ୍ଚବର୍ଷରେ ଥରେ ପାପ୍ ପରୀକ୍ଷା ଓ ଏଚ୍‌ଆର୍ ଏଚ୍‌ପିଭି ପରୀକ୍ଷା କରିବାର ବିକଳ୍ପ ରହିଥାଏ । ଏଚ୍‌ପିଭି ଟିକା ନେଇଥିବା ମହିଳାମାନେ ମଧ୍ୟ ନିୟମିତ ସ୍କ୍ରିନିଂ ଆବଶ୍ୟକ କରିଥାନ୍ତି ।
୬୫ ବର୍ଷରୁ ଅଧିକ ବୟସର ଓ ଅନେକ ବର୍ଷ ଧରି ସ୍ୱାଭାବିକ ପାପ୍ ପରୀକ୍ଷା ଫଳାଫଳ ଆସୁଥିବା ମହିଳାମାନେ ସ୍କ୍ରିନିଂ କରାଇବା ବନ୍ଦ କରିପାରନ୍ତି ।
ଯେଉଁ ମହିଳାମାନଙ୍କ ଜରାୟୁ ଗ୍ରୀବା ଫାଇବରଏଡ୍ ଭଳି ଅଣ-କର୍କଟ କାରଣ ପାଇଁ ଅସ୍ତ୍ରୋପଚାର ସମୟରେ କାଢ଼ିନିଆଯାଇଛି, ସେମାନଙ୍କ ପାଇଁ ସ୍କ୍ରିନିଂ ଆବଶ୍ୟକ ହୋଇ ନ ଥାଏ । (କ୍ରମଶଃ...)

ଡା. ନୀତିଶ ରଞ୍ଜନ ଆଚାର୍ଯ୍ୟ,
(ଏମ୍.ଏସ୍., ଏମ୍‌ସିଏଚ୍.)
କନ୍‌ସଲଟାଣ୍ଟ କ୍ୟାନ୍‌ସର ସର୍ଜନ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ | ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬



# ମହାମାରୀର ଭୟାବହତା



ଆକାର ପଟେଲ

୧୮୭୨ର ପ୍ରଥମ ଜନଗଣନାରେ ଭାରତର ଜନସଂଖ୍ୟା ଥିଲା ୨୦,୬୧,୬୨,୩୬୦। ଅର୍ଥାତ୍ ଆଜିର ବାଂଲାଦେଶ ଓ ପାକିସ୍ତାନକୁ ମିଶାଇ ଉପମହାଦେଶରେ ଜନସଂଖ୍ୟା ଥିଲା ୨୦.୬୧ କୋଟି। ୧୮୮୧ ମସିହାରେ, ଏହା ୨୩ପ୍ରତିଶତ ବୃଦ୍ଧିପାଇ ୨୫.୩୮ କୋଟିରେ ପହଞ୍ଚିଥିଲା। ଏଥିମଧ୍ୟରୁ କିଛି ଜନସଂଖ୍ୟା ବୃଦ୍ଧି ହେତୁ ଏବଂ କେତେକ ବ୍ରିଟିଶ ଦ୍ୱାରା ନିୟନ୍ତ୍ରିତ ଅଞ୍ଚଳର ବୃଦ୍ଧି ହେତୁ ହୋଇଥିଲା। ୧୯୧୧ ମସିହାରେ ଜନସଂଖ୍ୟା ୭ ପ୍ରତିଶତ ବୃଦ୍ଧି ପାଇ ୩୧ କୋଟିରେ ପହଞ୍ଚିଥିଲା। ଅବଶ୍ୟ ୧୯୨୧ ମସିହାରେ, ୧୦ ବର୍ଷ ପରେ ଏହା ସେହି ୩୧ କୋଟିରେ ରହିଥିଲା।

ଏହି ଦଶନ୍ଧି ମଧ୍ୟରେ ଜନସଂଖ୍ୟା କାହିଁକି ବୃଦ୍ଧି ପାଇଲା ନାହିଁ? ଏହାର ଉତ୍ତର ହେଉଛି ଏକ H1N1 ଭୂତାଣୁ ଯାହାକୁ ସ୍ପେନୀୟ ଇନ୍‌ଫ୍ଲୁଏଞ୍ଜା କୁହାଯାଏ। ଏହା କରୋନା ଭାଇରସ୍ ପରି ମହାମାରୀ ଥିଲା ଏବଂ ଏହା ଭାରତରେ ଏକ ଦଶନ୍ଧିର ସମଗ୍ର ଜନସଂଖ୍ୟା ବୃଦ୍ଧିକୁ ମାରି ଦେଇଥିଲା। ପାଖାପାଖି ୧.୫ କୋଟି ଲୋକ ଏବଂ ସମ୍ଭବତଃ ଏହାଠାରୁ ଅଧିକ ଏହାଦ୍ୱାରା ମୃତ୍ୟୁ ଲଭିଥିଲେ। ସ୍ୱାଇନ ଫ୍ଲୁ ୟୁରୋପରୁ ଭାରତକୁ ଆସିଥିଲା ଏବଂ ପ୍ରଥମ ବିଶ୍ୱଯୁଦ୍ଧର ଶେଷ ଆଡକୁ ୟୁରୋପର ସାମରିକ ଡାକ୍ତରଖାନାଗୁଡ଼ିକରେ ଏହା ଆରମ୍ଭ ହୋଇଥିଲା। ଆମେ ଜାଣିନୁ ଏହା କିପରି ଉତ୍ପନ୍ନ ହେଲା କିନ୍ତୁ ଏହା ସମ୍ଭବତଃ ସୈନ୍ୟବାହିନୀର ମେସ୍‌ରେ ରୋଷେଇ ପାଇଁ ମରାଯାଉଥିବା ପକ୍ଷୀ କିମ୍ବା ପଶୁମାନଙ୍କଠାରୁ ମଣିଷଙ୍କ ଦେହକୁ ସଂକ୍ରମିତ ହୋଇଥିଲା। ୧୯୧୮ ମସିହାରେ ଜର୍ମାନୀ ଆତ୍ମସମର୍ପଣ କରିବା ପରେ ବ୍ରିଟିଶ ସାମ୍ରାଜ୍ୟ ପାଇଁ ଯୁଦ୍ଧ କରିଥିବା ଭାରତୀୟ ରେଜିମେଣ୍ଟ ବମ୍ବେକୁ ଫେରିଥିଲା ଏବଂ ଯୁଦ୍ଧ ଶେଷ ହୋଇଥିଲା। ବିଦେଶରୁ ଆସୁଥିବା ଲୋକମାନେ କରୋନା ଭାଇରସ ସାଙ୍ଗରେ ଆଣିବା ପରି ସେମାନେ ମଧ୍ୟ ଏହି ଭୂତାଣୁକୁ ସାଙ୍ଗରେ ନେଇ ଆସିଥିଲେ। ପ୍ରଥମ ବିଶ୍ୱଯୁଦ୍ଧରେ ଆମେରିକା ସମେତ ଅନେକ ଦେଶ ଯୁଦ୍ଧ କରିଥିଲେ ଏବଂ ଯୁଦ୍ଧରୁ ଫେରିଥିବା ସୈନିକମାନେ ସାରା ବିଶ୍ୱରେ ଏହି ରୋଗ ଖେଳାଇ ଦେଇଥିଲେ। ଅନୁମାନ କରାଯାଏ ଯେ ଏହାଦ୍ୱାରା ବିଶ୍ୱର ୨୫ ପ୍ରତିଶତ ଲୋକ ସଂକ୍ରମିତ ହୋଇଥିଲେ ଏବଂ ସେଥିରୁ ପ୍ରାୟ ୧୦ ପ୍ରତିଶତ ମୃତ୍ୟୁବରଣ କରିଥିଲେ।

ସେତେବେଳେ ଉଭୟ ସଂକ୍ରମଣ ଏବଂ ମୃତ୍ୟୁହାର ବହୁତ ଉଚ୍ଚ ଥିଲା ଏବଂ କରୋନା ଭାଇରସ୍ ଦ୍ୱାରା ଆମେ ଏବେ ସେହିପରି ସମସ୍ୟାର ସାମ୍ନା କରୁଛୁ। ଏହି ନୂତନ ଭାଇରସ୍‌ର ସମସ୍ୟା ହେଉଛି ଏହାର କୌଣସି ପ୍ରତିକାର ନାହିଁ। କୌଣସି ଔଷଧ ନାହିଁ ଯାହାକୁ ଖାଇ ରୋଗ ଭଲ ହୋଇପାରିବ ଏବଂ ଭାରତରେ ଏହା ଅତିଶୀଘ୍ର ବ୍ୟାପିବାର ସମ୍ଭାବନା ଅଛି। ଜଣେ ବ୍ୟକ୍ତି ସଂକ୍ରମିତ ହେବା ପରେ ତାଙ୍କଠାରେ ରୋଗର ଲକ୍ଷଣ ପ୍ରକାଶ ପାଇପାରେ ବା ନ ପାରେ କିନ୍ତୁ ତାଙ୍କଠାରୁ ରୋଗ ସଂକ୍ରମିତ ହୋଇପାରେ। ପୁଣି ସେହି ସଂକ୍ରମିତ ବ୍ୟକ୍ତିଙ୍କଠାରୁ ନିକଟବର୍ତ୍ତୀ ଅନ୍ୟ ଲୋକଙ୍କୁ ସଂକ୍ରମିତ ହୋଇପାରେ। ଏହିପରି ଜଣେ ଲୋକଠାରୁ ଅନେକ ଲୋକଙ୍କୁ ଗୋଟିଏ ଦିନରେ ସଂକ୍ରମଣ ଘଟିପାରେ। ସଂକ୍ରମଣକୁ ରୋକିବାର ଏକମାତ୍ର ଉପାୟ ହେଉଛି ପରସ୍ପରଠାରୁ ଯଥାସମ୍ଭବ ଦୂରତା ରକ୍ଷା କରିବା। ସଂକ୍ରମିତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ବଞ୍ଚିବେ ଏବଂ ଅନ୍ୟମାନେ ମରିବେ। କିନ୍ତୁ ସଂକ୍ରମିତ ବ୍ୟକ୍ତି ଅନ୍ୟମାନଙ୍କଠାରୁ ଦୂରେଇ ରହିଲେ ଏହି ରୋଗ ବ୍ୟାପିବ ନାହିଁ। ଏହାଦ୍ୱାରା ରୋଗୀର ଲାଭ ନ ହେଲେ ବି ଅନ୍ୟମାନଙ୍କର ଲାଭ ହୋଇଥାଏ।

ଚାଇନା ସମଗ୍ର ସହରଗୁଡ଼ିକୁ ଅବରୁଦ୍ଧ କରିବା ମାଧ୍ୟମରେ କରୋନା ଭୂତାଣୁର ବିସ୍ତାରକୁ ବନ୍ଦ କରିପାରିଛି। ଲୋକଙ୍କୁ ଘରୁ ବାହାରିବାକୁ ବାରଣ କରିବା ସହ ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରତ୍ୟେକ ଘରକୁ ଖାଦ୍ୟ ଯୋଗାଇଦେବାକୁ ସରକାର ସୁନିଶ୍ଚିତ କରିଛନ୍ତି। ୟୁରୋପରେ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକ ପାଇଁ ଚାଇନା ପରି ସମ୍ପୂର୍ଣ୍ଣ ଅବରୋଧ କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ। ଏହି କାରଣ ପାଇଁ ଇଟାଲୀରେ ଏବଂ ବର୍ତ୍ତମାନ ସ୍ପେନରେ ଏହି ଭୂତାଣୁ ବ୍ୟାପିବାରେ ଲାଗିଛି ଏବଂ ଚାଇନା ତୁଳନାରେ ସେଠାରେ ମୃତ୍ୟୁହାର ଅଧିକ। ଅବଶ୍ୟ ୟୁରୋପୀୟମାନେ ସାମାଜିକ ଦୂରତା ଏବଂ ଆତ୍ମସଙ୍ଗରୋଧ ଅଭ୍ୟାସ କରୁଛନ୍ତି, କିନ୍ତୁ ଏହା ସମୁଦାୟ ଅବରୋଧ ଭଳି ପ୍ରଭାବଶାଳୀ ନୁହେଁ। ଶୁକ୍ରବାର ଇଟାଲୀରେ (ଯାହାର ଜନସଂଖ୍ୟା ଗୁଜରାଟଠାରୁ କମ୍) ୬୨୭ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ୬,୦୦୦ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହେବା ରେକର୍ଡ କରାଯାଇଛି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ରବିବାର ଆମେ କିଛି ଘଣ୍ଟା ପାଇଁ ସଂକ୍ରମଣକୁ ରୋକିବା ନିମନ୍ତେ ବାହାରକୁ ବାହାରିବା ନାହିଁ। ଏହା ଏକ ସମାଧାନ ନୁହେଁ। ପ୍ରକୃତରେ କରୋନା ବିରୋଧରେ ଲଢ଼ିବା ପାଇଁ ଭାରତର କ୍ଷମତା ନାହିଁ। ଭାରତୀୟଙ୍କ ମଧ୍ୟରୁ ଏକ ତୃତୀୟାଂଶ ଗୋଟିଏ କୋଠରିରେ ରୁହନ୍ତି। ଅନ୍ୟ ଏକ ତୃତୀୟାଂଶ ୨ଟି ରୁମ୍‌ରେ ରୁହନ୍ତି। ସେମାନେ ପରସ୍ପରକୁ ଅଲଗା ରଖିପାରିବେ ନାହିଁ ଏବଂ ଜଣେ ସଂକ୍ରମିତ ହେଲେ ପରିବାରର ସମସ୍ତେ ସଂକ୍ରମିତ ହେବେ। ତେଣୁ ମହାମାରୀକୁ ନିୟନ୍ତ୍ରଣ କରିବା ଭାରତ ପାଇଁ ଅସମ୍ଭବ। ପ୍ରତ୍ୟେକ ଘରେ ତାଲିମପ୍ରାପ୍ତ ତଥା ସୁରକ୍ଷିତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଖାଦ୍ୟ ଯୋଗାଇବା ଏବଂ ସମସ୍ତଙ୍କୁ ଘରେ ରହିବାକୁ ନିର୍ଦ୍ଦେଶ ଦେବା ପାଇଁ ଆମର ଚାଇନା ପରି କ୍ଷମତା ନାହିଁ। ସଂକ୍ରମିତମାନଙ୍କୁ ବଞ୍ଚାଇବା ପାଇଁ ଆମର ଯଥେଷ୍ଟ ସ୍ୱାସ୍ଥ୍ୟସେବା ସୁବିଧା ମଧ୍ୟ ନାହିଁ। ଭାରତ ସ୍ୱାସ୍ଥ୍ୟସେବା ପାଇଁ ଯେତିକି ଖର୍ଚ୍ଚ କରୁଛି ତା'ର ୪ଗୁଣ ଖର୍ଚ୍ଚ କରୁଛି ପ୍ରତିରକ୍ଷା ପାଇଁ। ଗତବର୍ଷ ଆୟୁଷ୍ମାନ ଭାରତ ଯୋଜନା ପାଇଁ ସରକାର ମାତ୍ର ୩୨୦୦ କୋଟି ଟଙ୍କା ଦେଇଥିଲେ। ଅଥଚ ଆମେ କେବଳ ୩୬ଟି ରାଫାଲ ଯୁଦ୍ଧବିମାନ ପାଇଁ ୫୯,୦୦୦ କୋଟି ଟଙ୍କା ଖର୍ଚ୍ଚ କରିଛୁ।

ମହାମାରୀ ବ୍ୟାପିଲେ ଯେଉଁ ସଂକ୍ରମିତମାନେ ଅନ୍ୟ ଦେଶ ହୋଇଥିଲେ ବଞ୍ଚିଯାଇ ପାରିଥାନ୍ତେ ସେମାନେ ଭାରତରେ ମରିବେ। ଆମେ ଏପରି ଏକ ରୋଗର ସମ୍ମୁଖୀନ ହେବାକୁ ଯାଉଛୁ ଯାହା କେବଳ କିଛି ସଂଖ୍ୟାରେ ନୁହେଁ ବରଂ ଜନସଂଖ୍ୟାର ଏକ ଅଂଶକୁ ନିପାତ କରିବ। ଆମେ ଅତ୍ୟଧିକ ଅଭାବ, ଦୁଃଖ ଓ କ୍ଷତିରେ ଏତେ ଅଭ୍ୟସ୍ତ ଯେ ଶହ ଶହ ହଜାର ଲୋକ ମଲେ ମଧ୍ୟ କୌଣସି ବିପ୍ଳବ ହେବ ନାହିଁ କିମ୍ବା ସାମାଜିକ ଉତ୍ତେଜନା ଦେଖାଦେବ ନାହିଁ।

Email: aakar.patel@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | B | 7 | | | C | 3 | E | | | | | D |
| | | | | | | | 9 | B | | | 1 | | | |
| | | | | 5 | C | 8 | 4 | | | | | E | B | |
| C | | 2 | | | E | | | | | 5 | 7 | 6 | | |
| | 6 | 7 | D | 4 | A | 2 | | 5 | | | | | 9 | |
| | | | | A | | | | | | 7 | 5 | 4 | C | |
| | | | | | | A | | | | 1 | 3 | | E | |
| | | A | C | | B | | 3 | | 6 | | | 8 | | |
| | | 5 | 0 | | 3 | 9 | | | D | B | | | | |
| 4 | 1 | | | | | | 2 | | | | E | B | 7 | |
| | | B | | | 6 | C | 8 | | 9 | | | D | | |
| | 0 | | | | 4 | | 5 | 6 | B | E | | | | |
| | | 6 | 2 | | | | | | | | | | 1 | 7 |
| 3 | | | | | 8 | | | 9 | | 2 | | 5 | | |
| D | | | 3 | | | 0 | E | | 1 | | | | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | A | 9 | 6 | 8 | 2 | B | C | 3 | D | 1 | 0 | E | 5 | 4 |
| C | 0 | 5 | 7 | 3 | D | 8 | E | 9 | 2 | 4 | B | A | 1 | 6 |
| D | 8 | B | C | 1 | E | 4 | 5 | A | 3 | 7 | 6 | 2 | 9 | 0 |
| 1 | 2 | E | B | 4 | 5 | 6 | 0 | D | A | C | 9 | 7 | 3 | 8 |
| 3 | 6 | 4 | A | 9 | 0 | 7 | 1 | 2 | 8 | 5 | E | B | C | D |
| 8 | D | C | 1 | 0 | 4 | 2 | 6 | 7 | 9 | B | A | 5 | E | 3 |
| B | E | 7 | 2 | A | 9 | 3 | D | 0 | 1 | 8 | 5 | 6 | 4 | C |
| 9 | 3 | 1 | E | 6 | 7 | 5 | B | 8 | 4 | 2 | C | 0 | D | A |
| 6 | 4 | 2 | 3 | 5 | C | A | 9 | E | 0 | D | 7 | 1 | 8 | B |
| A | 5 | 0 | D | B | 8 | 1 | 4 | C | E | 6 | 3 | 9 | 7 | 2 |
| E | 7 | 6 | 8 | C | 3 | 9 | 2 | B | 5 | A | 4 | D | 0 | 1 |
| 0 | 1 | A | 5 | 7 | B | D | 3 | 4 | 6 | 9 | 8 | C | 2 | E |
| 5 | B | 8 | 4 | D | A | E | 7 | 1 | C | 0 | 2 | 3 | 6 | 9 |
| 2 | 9 | D | 0 | E | 6 | C | 8 | 5 | B | 3 | 1 | 4 | A | 7 |
| 4 | C | 3 | 9 | 2 | 1 | 0 | A | 6 | 7 | E | D | 8 | B | 5 |

ଗତକାଲିର ଉତ୍ତର

# ନମସ୍ତେ, ଖୁସିରେ ରୁହ ସମସ୍ତେ



ପ୍ରକାଶ ତ୍ରିପାଠୀ

ଭାରତୀୟ ସଭ୍ୟତା, ସଂସ୍କୃତି, ପରମ୍ପରା ଓ ଚଳଣି କ'ଣ ଏତେ ଖରାପ ଯେ ତାକୁ ତ୍ୟାଗକରି ବିଦେଶୀ ସଂସ୍କୃତିକୁ ଆମେ ଆପଣେଇବା? ଘର ଭିତରକୁ ପଶୁ ପଶୁ ମିଶ୍ରବାବୁଙ୍କ ଏପରି ପ୍ରଶ୍ନ ଶୁଣି ପଚାରିଲି-ଆପଣ କେଉଁ ପ୍ରସଙ୍ଗରେ ଏପରି କଥା ପଚାରୁଛନ୍ତି। ସୋଫା ଉପରେ ବସିପଡି ମିଶ୍ରବାବୁ କହିଲେ- ନିଜର ଉଚ୍ଚ ମୂଲ୍ୟବୋଧ ସମ୍ପନ୍ନ ସଂସ୍କୃତିକୁ ଛାଡି ବିଦେଶୀ ସଭ୍ୟତା ପଛରେ ଏବେ ଭାରତୀୟମାନେ ଦୌଡୁଛନ୍ତି। ହେଲେ ଏବେ ସେଇ ପାଶ୍ଚାତ୍ୟ ଦେଶବାସୀ ଘୋଷଣା କଲେଣି ଯେ, ଭାରତୀୟ ସଂସ୍କୃତି ଓ ଚଳଣି ସର୍ବଶ୍ରେଷ୍ଠ। ଏହାକୁ ବିଶ୍ୱବ୍ୟାପୀ ଗ୍ରହଣ କରିବା ଉଚିତ। ଏଥର ମିଶ୍ରବାବୁଙ୍କ ଭାବକୁ ମୁଁ ଭଲଭାବେ ବୁଝିପାରିଲି। କରୋନା ଭାଇରସ୍ ପ୍ରସଙ୍ଗରେ ସେ ଏଭଳି କହୁଥିବା ମୁଁ ଜାଣିପାରିଲି। ହାତକୁ ହାତ ମିଳାଇ, ଆଲିଙ୍ଗନ କରି ବା ମୁହଁକୁ ମୁହଁ ଲଗାଇ ଅନ୍ୟକୁ ସ୍ୱାଗତ କରିବା ଏକ ବିଦେଶୀ ସଂସ୍କୃତି। କିନ୍ତୁ ଦୁଇହାତ ଯୋଡି ନମସ୍କାର, ପ୍ରଣାମ ବା ନମସ୍ତେ କରିବା ହେଉଛି ଭାରତୀୟ ସଂସ୍କୃତି। ସମ୍ପ୍ରତି କୋଭିଡ-୧୯ ବା କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଶାରୀରିକ ସଂସ୍ପର୍ଶଠାରୁ ଦୂରରେ ରହିବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାବନୀ ଦେବା ପରେ ହ୍ୟାଣ୍ଡସେକ୍ ବା ଆଲିଙ୍ଗନ କରିବାକୁ ଏବେ ସମସ୍ତେ ଭୟ କଲେଣି। ଏ ଦୃଷ୍ଟିରୁ ଭାରତର ପାରମ୍ପରିକ ନମସ୍କାର ଶୈଳୀକୁ ବିଶ୍ୱବ୍ୟାପୀ ସମସ୍ତେ ଗ୍ରହଣ କଲେଣି। କେବଳ ଗ୍ରହଣ କରିନାହାନ୍ତି, ଏହା ପଛରେ ଥିବା ବୈଜ୍ଞାନିକ ତାତ୍ପର୍ଯ୍ୟକୁ ବି ବୁଝିଲେଣି। ସେମାନେ ହୃଦୟଙ୍ଗମ କଲେଣି ଯେ ନମସ୍କାର ଏକ ଭାରତୀୟ ଯୋଗମୁଦ୍ରା। ଦୁଇହାତର ପାପୁଲି ଓ ଆଙ୍ଗୁଠିରେ ଥିବା ସ୍ନାୟୁ ମସ୍ତିଷ୍କ ସହ ଯୋଡି ହୋଇ ରହିଥାଏ। ନମସ୍କାର ମୁଦ୍ରାରେ ଏହା ସକ୍ରିୟ ହେବା ସହ ହୃଦୟଚକ୍ରକୁ ତ୍ୱରାନ୍ୱିତ କରିଥାଏ। ଏହା ମନକୁ ଶାନ୍ତି, ପ୍ରସନ୍ନତା ପ୍ରଦାନ କରିବା ସହ ହୃଦୟରେ ଦୃଢତା ଓ ନିର୍ଭୀକତା ସୃଷ୍ଟିକରେ। ମିଶ୍ରବାବୁଙ୍କ ହାତକୁ ଚା କପ୍‌ଟିଏ ବଢାଇ ଦେଇ କହିଲି- ଯାହା ହେଉ, କରୋନା ଭୂତାଣୁ ପାଇଁ ଭାରତୀୟ ସଂସ୍କୃତିକୁ ଏବେ ସମସ୍ତେ ଗ୍ରହଣ କଲେଣି। ମିଶ୍ରବାବୁ ଗୋଟେ ଢୋକ ଚା ପିଇ କହିଲେ- କେବଳ ନମସ୍କାର ନୁହେଁ, ଭାରତୀୟ ଚଳଣିର ପ୍ରତ୍ୟେକ ଦିଗ ପ୍ରତି ଏବେ ବିଦେଶୀମାନେ ଆଗ୍ରହ ପ୍ରକାଶ କଲେଣି। ଏବେ ବିଶ୍ୱର ପ୍ରାୟ ସବୁ ରାଷ୍ଟ୍ରରେ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ରାଷ୍ଟ୍ରମୁଖ୍ୟ ପର୍ଯ୍ୟନ୍ତ ସମସ୍ତେ ଭାରତୀୟ ଶୈଳୀରେ ପରସ୍ପରକୁ ହାତ ଯୋଡି ପ୍ରଣାମ କରୁଛନ୍ତି। ଇସ୍ରାଏଲ ସରକାର ତ ଏ ସଂକ୍ରାନ୍ତରେ ସରକାରୀ ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ବ୍ରିଟେନ ଯୁବରାଜ ଚାର୍ଲସ, ଇଟାଲି ପ୍ରଧାନମନ୍ତ୍ରୀ ହ୍ୟାଣ୍ଡସେକ୍ ବଦଳରେ ନମସ୍କାର ମୁଦ୍ରାରେ ଅନ୍ୟମାନଙ୍କୁ ସ୍ୱାଗତ କରିବା ସହ ଭାରତୀୟ ଶୈଳୀକୁ ସମସ୍ତେ ଗ୍ରହଣ କରିବାକୁ ଉପଦେଶ ଦେଉଛନ୍ତି। କିନ୍ତୁ ନମସ୍କାର ଭଳି ଏକ ଶ୍ରେଷ୍ଠ ସଂସ୍କାରକୁ ଭୁଲି ବିଦେଶୀ ସଭ୍ୟତାକୁ ଗ୍ରହଣ କରିବାକୁ ଆଧୁନିକ ଭାରତବାସୀଙ୍କ ଉତ୍ସାହଠାରୁ ଅଧିକ ଦୁର୍ଭାଗ୍ୟଜନକ ଘଟଣା ଆଉ କ'ଣ ହୋଇପାରେ!

ଥଣ୍ଡା ହୋଇଯାଇଥିବା ଚା'କୁ ଢକ ଢକ କରି ପିଇଦେଇ ମିଶ୍ରବାବୁ ଭାରତୀୟ ଚଳଣି ଉପରେ ପୁଣି ଭାଷଣ ଦେବା ଆରମ୍ଭ କରିଦେଲେ। କହିଲେ-ଜାଣିଛନ୍ତି ତ୍ରିପାଠୀବାବୁ, ଏବେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ପରେ ମୃତବ୍ୟକ୍ତିଙ୍କ ଶରୀରକୁ ଦାହ କରିବାକୁ ବିଶେଷଜ୍ଞମାନେ ମତ ଦେଲେଣି। ଚାଇନା ତ ସମସ୍ତ କରୋନାଜନିତ ମୃତ ଶରୀରକୁ ପୋତିବା ବଦଳରେ ଭାରତୀୟ ଶୈଳୀରେ ଦାହ ସଂସ୍କାର କରିବାକୁ ନିର୍ଦ୍ଦେଶ ଦେଇଥିବା ଖବର ପ୍ରକାଶ ପାଇଛି। ଆମ ଭାରତରେ ଜନ୍ମ ହେଉ ବା ମୃତ୍ୟୁ, ଏହା ପରବର୍ତ୍ତୀ ଯେଉଁ କିଛି ଦିନ ରୀତିନୀତି ପାଳିଥାଉ ତାହା କେବଳ ସଂକ୍ରମଣକୁ ରୋକିବା ପାଇଁ କରାଯାଇଥାଏ। ଜନ୍ମ ପରେ ନବଜାତ ଶିଶୁର ସୁରକ୍ଷା ପାଇଁ ସୂତକ୍ରିୟା ପାଳନ କରାଯାଇଥାଏ ବାର ଦିନ, ଯେଉଁ ସମୟରେ କି ନବଜାତ ଶିଶୁ ଓ ଜନ୍ମଦାତ୍ରୀ ମାଆଙ୍କୁ ଅଲଗା ରହିବାକୁ ପଡିଥାଏ। ସେମାନଙ୍କୁ କେହି ଛୁଇଁ ନ ଥାନ୍ତି। ପୁରାତନ ଯୁଗର ଭାରତରେ ଏହା ଏକପ୍ରକାର କ୍ୱାରାଣ୍ଟାଇନ୍ ବୋଲି କୁହାଯାଇପାରେ। ସେହିପରି ମୃତ୍ୟୁ ପରେ ଶବଜନିତ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଦଶଦିନ ପର୍ଯ୍ୟନ୍ତ ସଂସ୍କାର କାର୍ଯ୍ୟ କରାଯାଇଥାଏ, ଯାହାକୁ କି ମୃତକ୍ରିୟା କୁହାଯାଇଥାଏ। ଏହି ସମୟ ମଧ୍ୟରେ ଶାରୀରିକ ସ୍ପର୍ଶକୁ ବାରଣ ସହ ଘର, ଘରର ସମସ୍ତ ଆସବାବପତ୍ର, ପୋଷାକପତ୍ରକୁ ଧୌତପୂର୍ବକ ସଂସ୍କାରିତ କରାଯାଏ। ଏହା ବିଜ୍ଞାନସମ୍ମତ ଓ ଏହାକୁ ସମ୍ପ୍ରତି ପାଶ୍ଚାତ୍ୟ ଲୋକମାନେ ଅନୁସରଣ କରିବାକୁ ଆରମ୍ଭ କଲେଣି। ମିଶ୍ରବାବୁ ଗୋଟିଏ ପରେ ଗୋଟିଏ ଉଦାହରଣ ଦେଇ ମହାନ୍ ଭାରତୀୟ ସଂସ୍କୃତିର ବ୍ୟାଖ୍ୟା କରିଚାଲିଥାନ୍ତି ଓ ମୁଁ ନୀରବରେ ଶ୍ରବଣ କରିଚାଲିଥାଏ। ମାଟିନିର୍ମିତ ଘର, ବାସନ ଓ ଆସବାବପତ୍ର ସପକ୍ଷରେ ଯୁକ୍ତି ଦର୍ଶାଇ ମିଶ୍ରବାବୁ କହିଥିଲେ ଯେ, ଏକ ନିର୍ଦ୍ଦିଷ୍ଟ ପ୍ରକାର ମାଟିରେ ଗୋବର ମିଶାଇ ଘରର ମାଟିକାନ୍ଥକୁ ନିୟମିତ ବ୍ୟବଧାନରେ ଆଗେ ଲିପାଯାଉଥିଲା। ଏହା ମଧ୍ୟ ବିଜ୍ଞାନସମ୍ମତ। ଏହା ଘରକୁ ଭିତରୁ ଓ ବାହାରୁ ସଂକ୍ରମଣନିରୋଧୀ ରଖୁଥିଲା। ମାଟିକାନ୍ଥ ଘରକୁ ଶୀତତାପ ନିୟନ୍ତ୍ରିତ ରଖୁଥିଲା। ଆଗେ ଘରକୁ ଲାଗି ବା ଘର ନିକଟରେ ଗାଈଗୁହାଳ ରହୁଥିଲା। ଗୋମୟ ଓ ଗୋମୂତ୍ର ଘରକୁ ତଥା ଘରର ଚତୁଃପାର୍ଶ୍ୱକୁ ସଂକ୍ରମଣରୁ ରକ୍ଷା କରୁଥିଲା। ମାତ୍ର ଏଭଳି ସଂସ୍କୃତିକୁ ଭୁଲି ଆମେ ଟାଇଲ, ମାର୍ବଲର ଘର କରୁଛେ ଓ ଘର ଭିତରେ ବିଦେଶୀ କୁକୁର ରଖୁଛେ। ବୈଠକ ଘର, ଶୋଇବା ଘର ଓ ରୋଷେଇ ଘର ଭିତରେ ନିର୍ବିଘ୍ନରେ ବୁଲୁଛି ବିଦେଶୀ ଜାତିଆ କୁକୁର। ଏହାକୁ ଘରେ ରଖିବାର କ'ଣ ବିଜ୍ଞାନସମ୍ମତ କାରଣ ଅଛି ତାହା ସେହିମାନଙ୍କୁ ହିଁ ଜଣା। ଗାଈ ଏବେ ଗରିବୀର ପ୍ରତୀକ ଓ କୁକୁର ହୋଇଛି ସମ୍ଭ୍ରାନ୍ତର ପ୍ରତୀକ। ଆଉ ମାଟିପାତ୍ରରେ ଭୋଜନ ପ୍ରସ୍ତୁତି ଓ ଖାଦ୍ୟ ସଂରକ୍ଷଣ କେତେ ସୁରକ୍ଷିତ ଓ ସ୍ୱାଦଯୁକ୍ତ ତାହା ଅବର୍ଣ୍ଣନୀୟ। ସେସବୁକୁ ତ୍ୟାଗ କରି ଆମେ ଆଲୁମିନିୟମ୍, ଷ୍ଟିଲ ପାତ୍ର ବ୍ୟବହାର କରି କେବଳ ରୋଗ ଆହରଣ କରିଚାଲିଛୁ।

ଭାରତର ପୂର୍ବଜ ମୁନିଋଷିଗଣ କେବଳ ବିଦ୍ୱାନ ନ ଥିଲେ, ଉଚ୍ଚଶ୍ରେଣୀର ବିଜ୍ଞାନୀ ଥିଲେ ବୋଲି ସେହି ପାଶ୍ଚାତ୍ୟ ବିଶେଷଜ୍ଞମାନେ ମତ ଦେଲେଣି। ସ୍ୱୀକାର କଲେଣି ଯେ, ଭାରତୀୟ ସଂସ୍କୃତି ଅତି ମହାନ୍ ଓ ସମୃଦ୍ଧ। ଏବେ କରୋନା ଭାଇରସ ବ୍ୟାପିବା ପରେ ଯେଉଁ ସବୁ ସତର୍କତା ଅବଲମ୍ବନ କରିବାକୁ କୁହାଯାଉଛି, ସେସବୁ ଭାରତୀୟ ଚଳଣିରେ କାହିଁ କେଉଁ ଯୁଗରୁ ଚାଲିଆସୁଛି। ଏମିତି କି ଆମର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମଧ୍ୟ ଏଥିରେ ବନ୍ଧା। ଏବେ କରୋନା ସୁରକ୍ଷା ପାଇଁ ଅତିକମ୍‌ରେ ୧୪ ଦିନ ଲାଗି ବାହାରକୁ ନ ବାହାରି ଘରେ ରହିବା ପାଇଁ କୁହାଯାଉଛି। ସ୍ୱୟଂ ପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନବେଦିରେ ସ୍ନାନ ପୂର୍ଣ୍ଣମୀରେ ଗାଧୋଇସାରିବା ପରେ ଥଣ୍ଡାଜ୍ୱରରେ ପୀଡିତ ହୁଅନ୍ତି। ଥଣ୍ଡାଜ୍ୱର ବି ଏକ ଭୂତାଣୁଜନିତ ରୋଗ। ସେଥିପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଏହି ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ୧୪ ଦିନ ଅଣସର ଘରେ ରହି ଚିକିତ୍ସିତ ହୁଅନ୍ତି ଓ ରୋଗମୁକ୍ତ ହେଲା ପରେ ଭକ୍ତମାନଙ୍କ ଗହଣକୁ ଫେରି ରଥଯାତ୍ରାରେ ବାହାରନ୍ତି। ମିଶ୍ରବାବୁଙ୍କ ଉଦାହରଣକୁ ମୁଁ ମନେ ମନେ ତାରିଫ କରୁଥିଲି। ମିଶ୍ରବାବୁ ପୁଣି କହିଲେ- ଘର ଭିତରକୁ ପ୍ରବେଶ କରିବା ପୂର୍ବରୁ ହାତ, ପାଦ, ମୁହଁ ଧୋଇବା ଆମ ଭାରତୀୟଙ୍କ ଏକ ସାଧାରଣ ଚଳଣି। ବାସଗୃହ ଓ ତା'ର ଆଖପାଖର ସ୍ୱଚ୍ଛତା ଓ ଶୁଦ୍ଧତା ପାଇଁ ଭାରତୀୟମାନଙ୍କ ଦିନଚର୍ଯ୍ୟା ପ୍ରସ୍ତୁତ ହେଉଥିଲା। ଯାହାଠାରୁ ଉପକାର ମିଳୁଥିଲା, ସେମାନଙ୍କୁ ସମ୍ମାନ ଜଣାଇବା ସହ ପୂଜା କରିବାର ବିଧି ଭାରତୀୟମାନେ ପ୍ରଣୟନ କରିଥିଲେ। ସେ ବୃକ୍ଷଲତା ହୁଅନ୍ତୁ ଅବା ପଶୁପକ୍ଷୀ, ଦେବତା ଆସନରେ ପୂଜିତ ହେଉଥିଲେ। ସେଥିପାଇଁ ଘର ଚାରିପାଖରେ ବା ଘର ଅଗଣାରେ ବେଲ, ତୁଳସୀ, ଅଁଳା, ଡାଳିମ୍ବ, ନିମ୍ବ ଆଦି ଗଛ ରୋପଣ କରାଯାଉଥିଲା। ତୁଳସୀ ଓ ବେଲପତ୍ରର ମହାନ୍ ଔଷଧୀୟ ଗୁଣକୁ ଉପଲବ୍ଧି କରି ଈଶ୍ୱରଙ୍କ ପ୍ରସାଦ ଭାବେ ଭାରତୀୟମାନେ ଏହାକୁ ସେବନ କରି ଅନେକ ରୋଗରୁ ନିଜକୁ ସୁରକ୍ଷିତ ରଖୁଥିଲେ। 'ଜୀବେ ଦୟା' ମହାମନ୍ତ୍ର ହେଉଛି ଭାରତ ଭୂଖଣ୍ଡର। ଏବେ ତ ଏହି ସନ୍ଦେଶ ଭାରତରୁ ସମଗ୍ର ବିଶ୍ୱକୁ ସଞ୍ଚାରିତ ହେଉଛି। ଜୀବେଦୟା ନ ଥିବାରୁ ତ ଆଜି କରୋନା ଭୂତାଣୁ ମହାମାରୀର ରୂପ ନେଇଛି।

ମିଶ୍ରବାବୁଙ୍କର ନଜର ପଡିଥିଲା ଆମ ଘରର ଡାଇନିଂ ଟେବୁଲ ଉପରେ। ଟିକେ ମୁରୁକି ହସି କହିଲେ- କେବେଠାରୁ ଟେବୁଲ-ଚେୟାରରେ ବସି ଖାଉଛ। ହସି ହସି ଉତ୍ତର ଦେଲି- ବୋଉର ଆଣ୍ଠୁ-ଗଣ୍ଠି ରୋଗ ତ, ସେଥିପାଇଁ ରଖିଛି। କିଛି ସମୟ ନୀରବ ରହି ସେ କହିଲେ- ଜାଣିଛ, ଏବେ ଗୋଟାଏ ବିଜ୍ଞାନପତ୍ରିକାରେ ଡାଇନିଂ ଟେବୁଲ ଉପରେ ଭଲ ଲେଖାଟିଏ ବାହାରିଛି। ତଳେ ବସି ଖାଇବା ସପକ୍ଷରେ ଅନେକ ଯୁକ୍ତି ସ୍ଥାପିତ ହୋଇଛି ସେହି ଆଲେଖ୍ୟରେ। ତଳେ ଆସନଟିଏ ପକାଇ ଗୋଡକୁ ଗୋଡ ଛନ୍ଦି ସୁଖାସନରେ ଭୋଜନ କରିବା ଭାରତୀୟମାନଙ୍କର ଅତି ପ୍ରାଚୀନ ସଂସ୍କୃତି। ଏହାଦ୍ୱାରା ପାଚନ କ୍ରିୟା ଠିକ୍ ରୁହେ। ଶୀଘ୍ର ହଜମ ହୁଏ, ପେଟରେ ଗ୍ୟାସ୍ ସୃଷ୍ଟି ହୁଏନାହିଁ। ମେରୁଦଣ୍ଡ ସୁଦୃଢ ରହେ, ରକ୍ତ ସଞ୍ଚାଳନ ଠିକ୍ ରହେ। ଏହା ଓଜନ ବୃଦ୍ଧିକୁ ମଧ୍ୟ ରୋକିଥାଏ। ଡାଇନିଂ ଟେବୁଲରେ ଖାଇବା ଅଥବା ହାତରେ ଖାଇବା ଥାଳି ଧରି ଠିଆ ହୋଇ ଖାଇବା (ବଫେ) ଅନେକ ଶାରୀରିକ ସମସ୍ୟାର କାରଣ ହୋଇଥାଏ ବୋଲି ଏହି ଆଲେଖ୍ୟରେ ଦର୍ଶାଯାଇଛି। କିନ୍ତୁ ଏବେ ଆମେ ଭାରତୀୟମାନେ ଏଭଳି ଏକ ସର୍ବୋତ୍କୃଷ୍ଟ ଖାଇବା ଶୈଳୀଠୁ ଦୂରେଇଯାଇ ପାଶ୍ଚାତ୍ୟ ଶୈଳୀକୁ ବେଶି ପସନ୍ଦ କରୁଛୁ। ମିଶ୍ରବାବୁ ମୋଠାରୁ ବିଦାୟ ନେବାକୁ ଉଠି ଠିଆହେଲେ। ବିଦାୟ ନେବା ପୂର୍ବରୁ ଦୁଇ ହାତ ଯୋଡି କହିଥିଲେ-''ବନ୍ଧୁ ନମସ୍ତେ, ଖୁସିରେ ରୁହ ସମସ୍ତେ।''


ଇମେଲ-Prakas.tripathy09@gmail.com

# ଗଣିତ ଜଗତର ନକ୍ଷତ୍ର

ଗଣିତ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି ୨୦୨୦ର ଏବେଲ ପୁରସ୍କାର ହିଲେଲ (ହ୍ୟାରି)ଫର୍ଷ୍ଟଇନବର୍ଗଙ୍କୁ ପ୍ରଦାନ କରାଯାଇଛି। ତାଙ୍କ ସହ ରୁଷୀୟ -ଆମେରିକୀୟ ଗଣିତଜ୍ଞ ଗ୍ରିଗୋରୀ ମାର୍ଗୁଲିସ ମଧ୍ୟ ଏହି ପୁରସ୍କାର ଲାଭ କରିଛନ୍ତି। ପ୍ରତିବର୍ଷ ବିଶ୍ୱର ଏକ କିମ୍ବା ଏକାଧିକ ଗଣିତଜ୍ଞଙ୍କୁ ଏବେଲ ପୁରସ୍କାର ପ୍ରଦାନ କରାଯାଇଥାଏ। ନରୱେର ଖ୍ୟାତନାମା ଗଣିତଜ୍ଞ ନିଲ୍ସ ହେନରିକ ଏବେଲଙ୍କ ନାମାନୁସାରେ ଏହି ପୁରସ୍କାର ପ୍ରତିଷ୍ଠା କରାଯାଇଛି। ଏବେଲଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ୧୯୦୨ରେ ଏହି ପୁରସ୍କାର ପ୍ରଦାନ କରାଯିବା ଲାଗି ପ୍ରଥମେ ପ୍ରସ୍ତାବ ଆସିଥିଲେ ବି ଏହା ସମ୍ଭବ ହୋଇପାରି ନ ଥିଲା। ପ୍ରାୟ ଏକ ଶତାବ୍ଦୀ ପରେ ୨୦୦୧ରେ ନରୱେ ସରକାର ଏହି ପୁରସ୍କାର ପ୍ରଦାନ କରାଯିବା ଲାଗି ଘୋଷଣା କରିଥିଲେ। ପରେ ୨୦୦୨ରେ ଏବେଲଙ୍କ ଦ୍ୱିତୀୟ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ସମ୍ମାନଜନକ ଭାବେ ଆଟେଲ ସେଲ୍‌ବର୍ଗଙ୍କୁ ଏହା ପ୍ରଦାନ କରାଯାଇଥିଲା। କିନ୍ତୁ ପ୍ରକୃତରେ ୨୦୦୩ରୁ ଆନୁଷ୍ଠାନିକ ଭାବେ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଅଛି। ଏହି ପୁରସ୍କାର ନୋବେଲ ପୁରସ୍କାର ସମକକ୍ଷ ବୋଲି କୁହାଯାଏ।

ଗଣିତ କ୍ଷେତ୍ରରେ ୮୪ ବର୍ଷ ବୟସ୍କ ହିଲେଲଙ୍କ ଜୀବନବ୍ୟାପୀ ସାଧନା ଉଲ୍ଲେଖନୀୟ। ହିଲେଲ ଜଣେ ଆମେରିକୀୟ- ଇସ୍ରାଏଲୀ ଗଣିତଜ୍ଞ। ଜେରୁଜେଲମ୍‌ର ହିବ୍ରୁ ୟୁନିଭର୍ସିଟିରୁ ପ୍ରଫେସର ଭାବେ ଅବସର ନେବା ପରେ ସେ ଗଣିତ ଗବେଷଣାକୁ ଆଗକୁ ନେବା ଲାଗି ଅହରହ ପ୍ରୟାସ କରି ଆସିଛନ୍ତି। ସେ ଇସ୍ରାଏଲ ଏକାଡେମୀ ଅଫ୍ ସାଇନ୍ସ ଆଣ୍ଡ ହ୍ୟୁମାନିଟିଜ ଏବଂ ୟୁଏସ୍ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସର ସଦସ୍ୟ ରହିଛନ୍ତି। ପ୍ରୋବାବିଲିଟି ଥିଓରୀ ଓ ଏର୍‌ଗୋଡିକ ଥିଓରୀ ପଦ୍ଧତିର ଗଣିତର ଅନ୍ୟ କ୍ଷେତ୍ରଗୁଡିକରେ ପ୍ରୟୋଗ ଲାଗି ବେଶ୍ ଜଣାଶୁଣା। ନମ୍ବର ଥିଓରୀ ଓ ଲି ଗ୍ରୁପ୍ସ ପ୍ରୟୋଗ କ୍ଷେତ୍ରରେ ବି ତାଙ୍କ ଗବେଷଣା ବିଶ୍ୱରେ ଗଣିତ ବିଜ୍ଞାନକୁ ନୂଆ ବାଟ ଦେଖାଇଛି।

**ବ୍ୟକ୍ତିତ୍ୱ**



ହିଲେଲ ଫର୍ଷ୍ଟାଇନବର୍ଗ

ଜର୍ମାନୀର ବର୍ଲିନରେ ୧୯୩୫ରେ ଫର୍ଷ୍ଟାଇନବର୍ଗଙ୍କ ଜନ୍ମ। ୧୯୩୯ରେ ତାଙ୍କ ପରିବାର ଆମେରିକାକୁ ଚାଲି ଆସି ନ୍ୟୁୟର୍କ ସହରର ୱାଶିଂଟନ ହାଇଟ୍ସରେ ରହିଥିଲେ। ଏହାଥିଲା ପ୍ରଥମ ବିଶ୍ୱଯୁଦ୍ଧର ଅଳ୍ପଦିନ ତଳର ଘଟଣା। ଫର୍ଷ୍ଟାଇନବର୍ଗ ସ୍କୁଲ ଶିକ୍ଷା ଶେଷ କରିବା ପରେ ୧୯୫୫ରେ ଶିକ୍ଷା ମାର୍ଶା ଷ୍ଟର୍ନ ଟାଲ୍‌ମୁଡିକାଲ ଏକାଡେମୀ ଓ ୟେଶିଭା ୟୁନିଭର୍ସିଟିରୁ ବିଜ୍ଞାନରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସେତେବେଳେ ତାଙ୍କୁ ବୟସ ହୋଇଥିଲା ୨୦। ଫର୍ଷ୍ଟାଇନବର୍ଗ ପଢୁଥିବା ସମୟରେ ତାଙ୍କର ଅନେକ ଗଣିତ ସମ୍ପର୍କିତ ଲେଖା 'ଆମେରିକାନ୍ ମ୍ୟାଥ୍‌ମେଟିକାଲ ମନ୍ଥଲି'ରେ ପ୍ରକାଶ ମଧ୍ୟ ପାଇଥିଲା। ଏହା ଥିଲା ଫ୍ରୁଷ୍ଟନବର୍ଗଙ୍କ ପ୍ରତିଭା ବିକାଶର ପ୍ରଥମ ପାହାଚ। କ୍ୟାରିୟରର ପ୍ରାରମ୍ଭରେ ପ୍ରାଇମ ନମ୍ବର ଉପରେ ତାଙ୍କର ଇନୋଭେଟିଭ୍ ଚିନ୍ତାଧାରା ସଭିଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲା। ପରେ ସେ ପ୍ରିନ୍ସଟନ୍ ୟୁନିଭର୍ସିଟିରୁ ୧୯୫୮ରେ ପିଏଚ୍‌ଡି ଲାଭ କରିଥିଲେ। ଷାଠିଏ ଦଶକର ପ୍ରାରମ୍ଭରେ ଗଣିତକୁ ନୂଆ ଦିଶା ପ୍ରଦାନ କରିବାର ପ୍ରଥମ ସୁଯୋଗ ମିଳିଥିଲା। ତାଙ୍କୁ ବିଂଶ ଶତାବ୍ଦୀର ଶ୍ରେଷ୍ଠ ଗଣିତଜ୍ଞଙ୍କୁ ନେଇ ଗର୍ବ କରୁଥିବା ମାସାଚ୍ୟୁସେଟସ ଇନ୍‌ଷ୍ଟିଚ୍ୟୁଟ୍ସ ଅଫ୍ ଟେକ୍‌ନୋଲୋଜି ଭଳି ପ୍ରତିଷ୍ଠିତ ପ୍ରତିଷ୍ଠାନରେ ସି.ଏଲ୍.ଇ. ଇନ୍‌ଷ୍ଟ୍ରକ୍ଟର ଭାବେ ସେ ଯୋଗ ଦେଇଥିଲେ। ୧୯୬୧ରେ ମିନ୍ନେସୋଟା ବିଶ୍ୱବିଦ୍ୟାଳୟରେ ପ୍ରଥମେ ସହକାରୀ ପ୍ରାଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ। ୧୯୬୩ରୁ ଲି ଗ୍ରୁପ ଉପରେ ଧାରାବାହିକ ପ୍ରବନ୍ଧ ଲେଖି ଗଣିତ କ୍ଷେତ୍ରରେ ତାଙ୍କ ଭାବନାତ୍ମକ ଚିନ୍ତାଧାରାକୁ ପରିପ୍ରକାଶ କରିଥିଲେ। ଏହି ୟୁନିଭର୍ସିଟିରେ ସେ ପ୍ରାଧ୍ୟାପକ ଭାବେ ପଦୋନ୍ନତି ପାଇବା ପରେ ୧୯୬୫ରେ ହିବ୍ରୁ ୟୁନିଭର୍ସିଟିର ଆଇନ୍‌ଷ୍ଟାଇନ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାଥ୍‌ମେଟିକ୍ସରେ ଯୋଗ ଦେଇଥିଲେ। ଫର୍ଷ୍ଟାଇନବର୍ଗ ଏଠାରେ କାର୍ଯ୍ୟ କରିବା ସମୟରେ ସେନେଗେଭାସ୍ଥିତ ବେନ୍ ଗୁରିୟନ ୟୁନିଭର୍ସିଟିରେ ସେଣ୍ଟର ଅଫ୍ ଆଡଭାନ୍ସଡ ଷ୍ଟଡିଜର ସଦସ୍ୟ ରହିଥିଲେ। ସତୁରି ଦଶକରେ ଏରୋଡିକ ଥିଓରୀ ରିଫର୍ମ୍ୟୁଲେଶନ ଉପରେ ତାଙ୍କ ଗବେଷଣା ଗଣିତବିଜ୍ଞାନରେ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ସେ ତାଙ୍କ କ୍ୟାରିୟରରେ ଏଭଳି ସଫଳତା ପାଇଥିଲେ ଯେ,ହିବ୍ରୁ ୟୁନିଭର୍ସିଟି ଓ ବେନ-ଗୁରିୟନ ୟୁନିଭର୍ସିଟି ମିଳିତ ଭାବେ ତାଙ୍କ ଅବସର ଉତ୍ସବ ପାଳନ କରିଥିଲେ। ଗଣିତର ପ୍ରୋବାବିଲିଟି ଉପରେ ଅନୁଷ୍ଠିତ ଏହି ଉତ୍ସବକୁ 'ଫର୍ଷ୍ଟାଇନଫେଷ୍ଟ ୨୦୦୩' ନାମରେ ନାମିତ କରାଯାଇଥିଲା ଏବଂ ସେ ଏଥିରେ ୪ ଦିନ ବ୍ୟାପି ବକ୍ତବ୍ୟ ପ୍ରଦାନ କରି ସମସ୍ତଙ୍କୁ ବିସ୍ମିତ କରିଦେଇଥିଲେ।

ଗଣିତ ବିଜ୍ଞାନରେ ଫର୍ଷ୍ଟାଇନବର୍ଗଙ୍କ ସାଧନାର ଅଧିକାଂଶ ସମୟ କଟିଛି ଇସ୍ରାଏଲରେ। ମୁଖ୍ୟତଃ ଏରଗୋଡିକ ଥିଓରୀ ପାଇଁ ବିଶ୍ୱରେ ଇସ୍ରାଏଲକୁ ଏକ ଗଣିତ କେନ୍ଦ୍ର କରିବା ଲାଗି ସେ ଜୀବନ ତମାମ ପ୍ରୟାସ କରିଆସିଛନ୍ତି। ଗଣିତ କ୍ଷେତ୍ରରେ ତାଙ୍କୁ ୧୯୯୩ ରେ ଇସ୍ରାଏଲ ପ୍ରାଇଜ,ହାର୍ଭେ ପ୍ରାଇଜ,୨୦୦୭ରେ ଉଫ୍ ପୁରସ୍କାର ମିଳିଛି।

୧୯୫୮ରେ ଫର୍ଷ୍ଟାଇନବର୍ଗ ସାମ୍ବାଦିକା ରୋଚିଲି କୋହେନଙ୍କୁ ବିବାହ କରିଥିଲେ। ଫର୍ଷ୍ଟାଇନବର୍ଗ ସସ୍ତ୍ରୀକ ଜେରୁଜେଲମ ସହରରେ ରହୁଛନ୍ତି। ତାଙ୍କର ୫ଟି ସନ୍ତାନ ଓ ୧୬ ଜଣ ନାତିନାତୁଣୀ ଅଛନ୍ତି।

**-ଶିବ ପ୍ରସାଦ ପୁହାଣ**

## ଏଇ ଭାରତରେ

କରୋନା ସଂକ୍ରମଣକୁ ନେଇ ସାରା ବିଶ୍ୱରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ବେଙ୍ଗାଲୁରୁର ମହିତା ନାଗରାଜ ବରିଷ୍ଠ ନାଗରିକମାନଙ୍କ ପାଇଁ ସାହାରା ପାଲଟିଛନ୍ତି। କରୋନା ଯୋଗୁ ବାହାରକୁ ବାହାରି ପାରୁ ନ ଥିବା ବରିଷ୍ଠ ନାଗରିକମାନଙ୍କୁ ସେ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଉଛନ୍ତି। ବରିଷ୍ଠ ନାଗରିକମାନଙ୍କ ବନ୍ଧୁ ଓ ସମ୍ପର୍କୀୟମାନେ ଦୂରରେ ରହୁଥିବାରୁ ସେମାନଙ୍କୁ ରାଶନ ସାମଗ୍ରୀଠାରୁ ଆରମ୍ଭ କରି ଅନ୍ୟସବୁ ଜିନିଷ ଘରେ ପହଞ୍ଚାଇବାର ନିଷ୍ପତ୍ତି ନେଇ ମହିତା ଫେସ୍‌ବୁକରେ ଏ ସମ୍ପର୍କରେ ପୋଷ୍ଟ କରିବା ପରେ ତାଙ୍କୁ ବହୁ ବ୍ୟକ୍ତି ସହଯୋଗର ହାତ ବଢ଼ାଇଥିଲେ। ୩୮ ବର୍ଷୀୟା ନାଗରାଜ ଏହି ଡିଜିଟାଲ ମାର୍କେଟର 'କେୟାରମଙ୍ଗରସ୍ ଇଣ୍ଡିଆ' ନାମକ ଏକ ପବ୍ଲିକ୍ ଗ୍ରୁପ୍ ଫେସ୍‌ବୁକରେ ଆରମ୍ଭ କରି ତା' ମାଧ୍ୟମରେ ଏହି ସେବା ଯୋଗାଇ ଦେଉଛନ୍ତି। ଏବେ ଏଥିରେ ପାଖାପାଖି ୫୦୦ ସ୍ୱେଚ୍ଛାସେବୀ କାର୍ଯ୍ୟକରୁଛନ୍ତି। ବରିଷ୍ଠ ନାଗରିକଙ୍କ ସମେତ ଛୋଟପିଲା, ଗର୍ଭବତୀ ମହିଳା ତଥା ନବଜାତ ଶିଶୁ ଓ ମା' ମାନଙ୍କ ଆବଶ୍ୟକତା ପୂରଣ କରୁଛନ୍ତି ମହିତା। ବେଙ୍ଗାଲୁରୁ ସମେତ ଚେନ୍ନାଇ, ହାଇଦ୍ରାବାଦ୍, ଦିଲ୍ଲୀ, ନଏଡା, ଉତ୍ତରାଖଣ୍ଡ, ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, କେରଳ, ପଶ୍ଚିମବଙ୍ଗରେ ଏମାନେ କରୋନାର ମୁକାବିଲା ଲାଗି ଲୋକମାନଙ୍କୁ ସଚେତନ କରିବା ସହ ଆବଶ୍ୟକ ସାମଗ୍ରୀ ଘରେ ନେଇ ପହଞ୍ଚାଇ ଦେଉଛନ୍ତି।

## ଚିରନ୍ତନୀ

(ସେହି) ମଧୁ ଶେଯ୍ୟୁଁ ମୋତେ ଜଗାଇବ ସେ ତ
ଲାଗିଲେ ଉଷା ପବନ
ନବୀନ ସେ ମୋର ଦରୋଟି ସେ ମୋର
ସାଥୀ ମୋର ଚିରନ୍ତନ।
(ମଧୁ-ବିବାହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨୨ ମାର୍ଚ୍ଚ ୧୯୯୫**

- ପୂର୍ବତନ ମୁଖ୍ୟମନ୍ତ୍ରୀ ବିଧାୟିକା ନନ୍ଦିନୀ ଶତପଥୀଙ୍କୁ ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷା ଭାବେ ନିଯୁକ୍ତି ଦିଆଯାଇଛି।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ (ଇ) କାର୍ଯ୍ୟକାରୀ କମିଟି ସଦସ୍ୟ ଏ.କେ. ଆଣ୍ଟୋନୀ କେରଳର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ନମସ୍କାରର ମହତ୍ତ୍ୱ

ମହାଶୟ,

ନିକଟରେ ଏକ ସର୍ଭେ ରିପୋର୍ଟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହି ରିପୋର୍ଟ ଅନୁସାରେ ଭାରତରେ ୫୦ ପ୍ରତିଶତରୁ ଅଧିକ ପିଲା ସେମାନଙ୍କ ଘରକୁ ଆସୁଥିବା ଗୁରୁଜନ, ବନ୍ଧୁ ବାନ୍ଧବ ଓ ଅତିଥିମାନଙ୍କୁ ନମସ୍କାର କରୁନାହାନ୍ତି। ଏହି ସମସ୍ୟା ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ। ପିତା, ମାତା, ଗୁରୁଜନ ଓ ଅତିଥିମାନେ ଈଶ୍ୱରଙ୍କ ସ୍ୱରୂପ। ଈଶ୍ୱରଙ୍କ ଆଶୀର୍ବାଦ ବିନା କୌଣସି କାର୍ଯ୍ୟରେ ସଫଳତା ମିଳେନାହିଁ। ଈଶ୍ୱରଙ୍କ ଆଶୀର୍ବାଦ ମିଳେ ପିତାମାତା ଓ ଗୁରୁଜନଙ୍କ ଆଶୀର୍ବାଦ ପ୍ରାପ୍ତ ହେଲେ। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ନମସ୍କାର ସ୍ୱତନ୍ତ୍ର ମହତ୍ତ୍ୱ ବହନ କରେ। ଯିଏ ଯାହାଙ୍କୁ ନମସ୍କାର କରନ୍ତି, ସେ ତାଙ୍କଠାରେ ଈଶ୍ୱରୀୟ ସତ୍ତା ଉପଲବ୍ଧି କରନ୍ତି। ନମସ୍କାର କଲେ ଚାରିଗୋଟି ଲାଭ ମିଳେ। ବିଦ୍ୟା, ବଳ, ଯଶ ଓ ଆୟୁ। ପିଲାମାନଙ୍କୁ ଶୈଶବରୁ ନମସ୍କାର ସମ୍ପର୍କରେ ଶିକ୍ଷା ଦେବା ଉଚିତ। ପିଲାମାନେ ଅତି ଅନୁକରଣ ପ୍ରିୟ। ସେମାନେ ଯାହା ଶୁଣନ୍ତି, ତାହା କରନ୍ତି ନାହିଁ। ଯାହା ଦେଖନ୍ତି, ତାହାକୁ ଅନୁକରଣ କରନ୍ତି। ଏଣୁ ପିତା ମାତା, ଗୁରୁଜନ ଓ ପରିବାର ସଦସ୍ୟମାନେ ଉଭୟ ନିଜ ଉଚ୍ଚାରଣ ଓ ଆଚରଣରେ ରୋଲ ମଡେଲ ହେବାକୁ ପଡିବ। ଏହା ପିଲାମାନଙ୍କୁ ସର୍ବାଧିକ ପ୍ରଭାବିତ କରିବ ଶୃଙ୍ଖଳିତ ଓ ସଂସ୍କାରିତ ହେବା ପାଇଁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଦୃଢ଼ ଇଚ୍ଛାଶକ୍ତି ପାଥେୟ

ଧରିତ୍ରୀ (୨୬।୨)ର ସମ୍ପାଦକୀୟ ପୃଷ୍ଠାରେ ପ୍ରେମାନନ୍ଦ ନାୟକଙ୍କ ଆଲେଖ୍ୟ 'ଦୃଢ଼ ଇଚ୍ଛାଶକ୍ତି ଲୋଡ଼ା' ପ୍ରଣିଧାନଯୋଗ୍ୟ। ଆମ ରାଜ୍ୟର ଚାଷୀ ଆଳୁ, ପିଆଜ ଚାଷ ଦିଗରେ ସ୍ୱାବଲମ୍ବୀ ହେବେନାହିଁ କାହିଁକି? ଏ ନେଇ ସରକାର କୃଷକଭାଇମାନଙ୍କୁ ପ୍ରୋତ୍ସାହନ ଦିଅନ୍ତୁ। ଭବିଷ୍ୟତରେ ଆମ ରାଜ୍ୟରେ ଆଳୁ, ପିଆଜର ଅଭାବ ଦେଖା ନ ଯାଉ। ଏହି ପରିବାର ଦରଦାମ୍ ମଧ୍ୟ ନିୟନ୍ତ୍ରଣରେ ରହୁ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଚାରେ ନାହିଁ।
- ଭଲ୍ଟାୟାର



## ସଂକ୍ଷେପରେ

### ଏସ୍‌ସିବିରେ ବନ୍ଦ ରହିବ ନିୟମିତ ଅପରେଶନ

**କଟକ ଅଫିସ, ୨୧।୩:** କରୋନା ବିଶ୍ୱରେ ମହାମାରୀ ରୂପ ନେଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇ ଥିବା ଜନତା କର୍ଫ୍ୟୁର ପ୍ରଭାବ ଏସ୍‌ସିବି ମେଡିକାଲରେ ମଧ୍ୟ ପଡିବ। ଏହାକୁ ଦୃଷ୍ଟିରେ ରଖି ଏସ୍‌ସିବି ମେଡିକାଲରେ ହେବାକୁ ଥିବା ସମସ୍ତ ନିୟମିତ ଅପରେସନ ସ୍ଥଗିତ ରଖାଯାଇଛି। ବୋଲି ଶଲ୍ୟ ଚିକିତ୍ସା ବିଭାଗୀୟ ମୁଖ୍ୟ ଡା. ବନ ବିହାରୀ ମିଶ୍ର ସୂଚନା ଦେଇଛନ୍ତି। କିନ୍ତୁ ଜରୁରିକାଳୀନ ସର୍ଜରୀକୁ ଆବଶ୍ୟକ ଅନୁଯାୟୀ ନିଶ୍ଚୟ ବିଚାରକୁ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ସମାନ ନିୟମ ମଧ୍ୟ ବେସରକାରୀ ହସ୍ପିଟାଲଗୁଡ଼ିକରେ ଲାଗୁ କରାଯାଇଥିବା ଜଣାପଡିଛି।

### ସାମୂହିକ ନମାଜ ପାଠ ବନ୍ଦ

**ତିଗିରିଆ, ୨୧।୩(ଡି.ଏନ୍.ଏ.):** କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷାପାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ ଧାର୍ମିକ ଅନୁଷ୍ଠାନରେ ଭକ୍ତଙ୍କ ପ୍ରବେଶ ଉପରେ ରୋକ ଲଗାଇବା ପରେ ଶନିବାରଠାରୁ ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦୀୟା, ପଙ୍କାଳ ଓ କରଡାପଲ୍ଲୀରେ ସାମୂହିକ ନମାଜ ପାଠ ବନ୍ଦ ହୋଇଯାଇଛି। ପୂର୍ବରୁ ଗ୍ରାମ୍ୟ କମିଟି ନିଷ୍ପତ୍ତି ଅନୁଯାୟୀ ଏଠାରେ ପ୍ରତ୍ୟହ ୫ ଥର ସାମୂହିକ ନମାଜ ପାଠ କରାଯାଉଥିଲା।

### କରୋନା: ବିଏସ୍‌ସି ନର୍ସିଂ କଲେଜରେ ଖୋଲିବ ସ୍ୱତନ୍ତ୍ର ୱାର୍ଡ

**କଟକ ଅଫିସ, ୨୧।୩:** ଏସ୍‌ସିବି ମେଡିକାଲରେ କରୋନା ସନ୍ଦିଗ୍ଧ ଓ ଆକ୍ରାନ୍ତଙ୍କ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ଚକ୍ଷୁ ବିଭାଗର କୋଠାରେ ସ୍ୱତନ୍ତ୍ର ଆଇସୋଲେସନ ୱାର୍ଡ କାର୍ଯ୍ୟକ୍ଷମ ଅଛି। ତେବେ ଭବିଷ୍ୟତରେ ଆକ୍ରାନ୍ତଙ୍କ ସଂଖ୍ୟା ବଢିଲେ ସେମାନଙ୍କ ଚିକିତ୍ସା ପାଇଁ ଆଉ ଏକ ସ୍ୱତନ୍ତ୍ର ୱାର୍ଡ ଖୋଲାଯିବ। ଏହି ସ୍ୱତନ୍ତ୍ର ୱାର୍ଡ ବିଏସ୍‌ସି ନର୍ସିଂ କଲେଜର୍ କୋଠାରେ ରହିବ। ସେଠାରେ ୨ଶହ ବେଡ୍ ବ୍ୟବସ୍ଥା କରାଯିବ। ଆବଶ୍ୟକ ପଡିଲେ ଅନ୍ୟ ୫ଟି ମହଲାକୁ ମଧ୍ୟ ବ୍ୟବହାର କରାଯିବ। ସେହିପରି ଗୁରୁତରଙ୍କ ଚିକିତ୍ସା ପାଇଁ ଆଇସିୟୁ ୱାର୍ଡ ପଲ୍ମୋମନାରି ବିଭାଗର ସେଣ୍ଟର ଅଫ୍ ଏକ୍ସିଲେନ୍ସର ନୂତନ କୋଠାକୁ କାର୍ଯ୍ୟକ୍ଷମ କରାଯିବ। ସେଠାରେ ୬୦ଟି ଶଯ୍ୟା ପ୍ରସ୍ତୁତ ରହିବ। ପାଇପ ଲାଇନ ଦ୍ୱାରା ଅକ୍ସିଜେନ ଖଞ୍ଜାଯାଉଛି। ଶନିବାର ଜିଲାପାଳ ଭବାନୀ ଶଙ୍କର ଚୟନୀ, ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଅନ୍ନଦା ପଟ୍ଟନାୟକ, ପଲ୍ମୋମନାରି ବିଭାଗୀୟ ମୁଖ୍ୟ ପ୍ରଫେସର ମନୋରଞ୍ଜନ ପଟ୍ଟନାୟକ ନର୍ସିଂ କଲେଜ ପରିଦର୍ଶନ କରିଥିଲେ।

### କଟକର ଆଉ ୨୦ ହୋଟେଲ୍‌ରେ କ୍ୱାରାଣ୍ଟାଇନ୍ ସୁବିଧା

**କଟକ ଅଫିସ, ୨୧।୩:** କଟକ ସହରର ଆଉ ୨୦ଟି ହୋଟେଲ୍‌ରେ କ୍ୱାରାଣ୍ଟାଇନ୍ ସୁବିଧା କରାଯାଇଛି। ସିଏମ୍‌ସି ଏହି ପଦକ୍ଷେପ ନେଇଥିବାବେଳେ ଏଥିରେ ସହଯୋଗ କରିଛି 'ଓୟୋ ରୁମ୍'। ଏହି ହୋଟେଲ୍‌ଗୁଡ଼ିକ ହେଲା ହୋଟେଲ୍ ବିଜୟ, ହୋଟେଲ୍ ନ୍ୟୁ ଜସ୍ମିମ୍, ହୋଟେଲ୍ ବାସନ୍ତୀ, ହୋଟେଲ୍ ସ୍ୱାଗତ, କଟକ ଇଣ୍ଟର୍‌ନ୍ୟାଶନାଲ୍ ଲଜ୍, ସାଗର ଶ୍ରୀ ହୋଟେଲ୍, ମନିସା ରେସିଡେନ୍ସି, ହୋଟେଲ୍ ଶ୍ରୀଜଗନ୍ନାଥ, ମୋନା ପ୍ୟାଲେସ୍, ହୋଟେଲ୍ ବିଶାଲ୍ ଇନ୍, ଆଦିଶ୍, ହୋଟେଲ୍ ଅଶୋକା, ପ୍ରବୀର ରେସିଡେନ୍ସି, ବମ୍ବେ ହୋଟେଲ୍, ବମ୍ବେ ଇନ୍, ମୋନା ପ୍ୟାଲେସ୍, ଶ୍ରୀରାମ ରେସିଡେନ୍ସି, ହୋଟେଲ୍ ଜୟ ରାଡିସନ୍, ଅମ୍ବିକା ରେସିଡେନ୍ସି ଏବଂ ଆଶୀର୍ବାଦ ଭବନ। ଏହି ହୋଟେଲ୍‌ଗୁଡ଼ିକରେ ଦୈନିକ ଫି' ୪୫୫ ଟଙ୍କାରୁ ଆରମ୍ଭ କରି ୧୯୬୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଦୈନିକ ଦୁଇଓଳା ଖାଦ୍ୟ, ସକାଳ ଜଳଖିଆ ସହ ଦୁଇଟି ପାଣି ବୋତଲ୍ ଯୋଗାଇ ଦିଆଯିବ। ପୂର୍ବରୁ ସହରର ୬ଟି ହୋଟେଲ୍‌ରେ ଏହି ସୁବିଧା ରହିଥିଲା।










**କରୋନା କଟକଣା:** ପୁରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଶନିବାର ବାହାରିଥିବା ୪ ସଚେତନତା ଗାଡ଼ି। ବନ୍ଦ ରହିଥିବା କଟକ ଦୋଳମୁଣ୍ଡାଇ ବାଦାମବାଡ଼ି ରାସ୍ତାପାର୍ଶ୍ୱ ଦୋକାନ ଓ ଭୁବନେଶ୍ୱର ବାପୁଜୀନଗର ବଜାର।

# ଜନତା କର୍ଫ୍ୟୁ ସମର୍ଥନରେ ସ୍ୟାଣ୍ଡ ଆନିମେଶନ




**ପୁରୀ ଅଫିସ, ୨୧।୩**

ମହାମାରୀ କରୋନାକୁ ନେଇ ଏବେ ସବୁଠି ଆତଙ୍କ। ସମଗ୍ର ବିଶ୍ୱ କରୋନା ସହିତ ଲଢ଼େଇ କରୁଥିବାବେଳେ ଭାରତ ବି ପ୍ରାଣମୂର୍ଚ୍ଛା ଚେଷ୍ଟା ଚଳାଇଛି। କିନ୍ତୁ ବେକାବୁ କରୋନା ଦିନକୁ ଦିନ ଅଧିକ ଉଗ୍ରରୂପ ଧାରଣ କରି ଗୋଟିଏ ପରେ ଗୋଟିଏ ଦେଶକୁ ମାଡ଼ି ଚାଲିଛି। କେବଳ ନୂଆ ଦେଶକୁ ମାଡୁନି ବରଂ ଅନେକ ମୁଣ୍ଡ ବି ଗଡ଼ାଇ ଚାଲିଛି। ଏହାକୁ କିପରି ରୋକାଯାଇପାରିବ ସେନେଇ ସବୁସ୍ତରରେ ଚିନ୍ତା ପ୍ରକଟ କରାଯାଉଛି। ତେବେ ଏଭଳି ସ୍ଥିତିରେ କରୋନା ମୁକାବିଲା ପାଇଁ ଦେଶବାସୀଙ୍କୁ ଜନତା କର୍ଫ୍ୟୁର ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରବିବାର ଜନତା କର୍ଫ୍ୟୁରେ ସମସ୍ତେ ସହଯୋଗ କରିବା ଲାଗି ସ୍ୟାଣ୍ଡ ଆନିମେଶନରେ ଅନୁରୋଧ କରିଛନ୍ତି ବାଲୁକା ଶିଳ୍ପୀ ମାନସ କୁମାର ସାହୁ। ଏହି ପ୍ରାଣଘାତୀ କରୋନା ଭୂତାଣୁ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ବାହାରିପାରି ନ ଥିବାବେଳେ କେବଳ ସଚେତନତା ହିଁ ଏହାକୁ ପରାସ୍ତ କରିହେବ। ତେଣୁ ପ୍ରଧାନମନ୍ତ୍ରୀଙ୍କ ଜନତା କର୍ଫ୍ୟୁକୁ ସମର୍ଥନ ଜଣାଇ ମାନସ ତିଆରି କରିଛନ୍ତି ସଚେତନତାଭିତ୍ତିକ ସ୍ୟାଣ୍ଡ ଆନିମେଶନ। ଏହା ମାଧ୍ୟମରେ ସେ ଜନସମାଜର ସମର୍ଥନ ଲୋଡିଛନ୍ତି। ସମସ୍ତଙ୍କୁ ନିଜ ଆର୍ଟ ମାଧ୍ୟମରେ ୨୨ ମାର୍ଚ୍ଚ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଘରୁ ନ ବାହାରିବା ପାଇଁ ଆହ୍ୱାନ ଦେଇଛନ୍ତି। ସେ ତାଙ୍କ ସ୍ୟାଣ୍ଡ ଆନିମେଶନରେ ବିଭିନ୍ନ ରାଜ୍ୟର ଐତିହ୍ୟ କୀର୍ତ୍ତିରାଜି ଓ ରାସ୍ତାଘାଟ କିପରି ଶୂନ୍‌ଶାନ ରହିଛି ତାହା ଦର୍ଶାଇଛନ୍ତି। ଏହାକୁ ପ୍ରସ୍ତୁତ କରିବା ଲାଗି ମାନସଙ୍କୁ ୩ ଘଣ୍ଟା ସମୟ ଲାଗିଥିବାବେଳେ ଏଥିରେ ସେ ସପୋର୍ଟ ଜନତା କର୍ଫ୍ୟୁ, ସେଭ୍ ସେଲ୍‌ଫର ବାର୍ତ୍ତା ଦେଇଛନ୍ତି।




ଜନତା କର୍ଫ୍ୟୁକୁ ସ୍ୱାଗତ କରି ଶନିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

# ଭୁବନେଶ୍ୱରରେ ସବୁ ପାର୍କ ବନ୍ଦ

**ଭୁବନେଶ୍ୱର, ୨୧।୩(ବ୍ୟୁରୋ)**

- ବନ୍ଦ ରହିବ ଆଇସ୍‌କ୍ରିମ ପାର୍ଲର, କପଡ଼ା ଓ ଅନ୍ୟ ଖୁଚୁରା ଦୋକାନ
- ଓମ୍‌ଫେଡ୍ ପାର୍ଲରରେ ପାନ, ଗୁଟ୍‌ଖା, ଚା ବିକିବା ମନା
- ଜୁସ୍ ନୁହେଁ, କେବଳ ଫଳ ବିକିପାରିବେ ଜୁସ୍ ଦୋକାନୀ

ଓଡ଼ିଶାରେ ୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟ ସରକାର ସଂକ୍ରମଣଜନିତ ସମସ୍ୟାକୁ ଏଡ଼ାଇବା ପାଇଁ ପଦକ୍ଷେପକୁ ଆହୁରି ତ୍ୱରାନ୍ୱିତ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଜାରି କୋଭିଡ ରେଗୁଲେଶନ-୨୦୨୦ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କଟକଣାକୁ ଆହୁରି କଡ଼ାକଡ଼ି କରାଯାଇଛି। ପୂର୍ବରୁ ସହରରେ ଥିବା ସର୍ବସାଧାରଣ ପାର୍କକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲା ରଖାଯାଉଥିଲା। ରବିବାରଠାରୁ ସମସ୍ତ ସରକାରୀ ଓ ବେସରକାରୀ ପାର୍କକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ପୂରା ବନ୍ଦ ରଖିବାକୁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶ ଦେଇଛନ୍ତି। କେତେକ ପାର୍କରେ ଅଧିକ ଜନଗହଳି ପରିଲକ୍ଷିତ ହେବା ଓ ସାମାଜିକ ଦୂରତା ନ ରହିବାରୁ ଏପରି ନିଷ୍ପତ୍ତି ନିଆଯାଇଛି। ଏହାର ତଦାରଖ ପାଇଁ ବିଏମ୍‌ସି ଜୋନାଲ ଡେପୁଟି କମିଶନରଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ଡେପୁଟି କମିଶନର ପୋଲିସ ଓ ଥାନା ଅଧିକାରୀମାନଙ୍କୁ ମଧ୍ୟ ଏନେଇ ଅବଗତ କରାଯାଇଛି। ପାର୍କ ଦାୟିତ୍ୱରେ ଥିବା ବିଏମ୍‌ସି ଓ ବିଡିଏ ଅଧିକାରୀମାନଙ୍କୁ ସମସ୍ତ ପାର୍କ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ସହରର ପୋଷାକ/କପଡ଼ା ଦୋକାନ, ଶୋ ରୁମ୍, ପାନ ଦୋକାନ ଓ ଅନ୍ୟ ଖୁଚୁରା ଦୋକାନ ବନ୍ଦ ରହିବ। ଓମ୍‌ଫେଡ୍ ପାର୍ଲରରେ କେବଳ ଦୁଗ୍ଧ ଜାତୀୟ ଖାଦ୍ୟ ସାମଗ୍ରୀ ବିକ୍ରି କରିହେବ, କିନ୍ତୁ ଏହି ବାହାନାରେ ପାନ, ଗୁଟ୍‌ଖା, ଚା ଆଦି ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ହେବ। ଜୁସ୍ ଦୋକାନୀ କେବଳ ଫଳ ବିକ୍ରି କରିପାରିବେ, କିନ୍ତୁ ଫଳ ରସ ବିକ୍ରି କରିବାକୁ ବାରଣ କରାଯାଇଛି। ଆଇସ୍‌କ୍ରିମ୍ ପାର୍ଲର ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଓପୋଲୋଫେଡ୍ କାଉଣ୍ଟର୍‌ରେ ରନ୍ଧା ଖାଦ୍ୟ ବିକ୍ରି ନ କରିବାକୁ କୁହାଯାଇଛି। ନାଗରିକଙ୍କ ସୁସ୍ଥତା ସହଯୋଗରେ ହିଁ ସମ୍ଭବ ବୋଲି ବିଏମ୍‌ସି କମିଶନର ଚୌଧାରୀ କହିଛନ୍ତି।

# ଚଢ଼ାଉ ପରେ ବନ୍ଦ ହେଲା ବହୁ ବ୍ୟବସାୟ ପ୍ରତିଷ୍ଠାନ

**ଭୁବନେଶ୍ୱର, ୨୧।୩ (ବ୍ୟୁରୋ)**

**ଚେତୁ ନାହାନ୍ତି ବ୍ୟବସାୟୀ, ସାଧାରଣ ଲୋକ**

- କରୋନା ସଚେତନତାକୁ ହାଲୁକା ଭାବେ ନେଉଛନ୍ତି ଲୋକେ
- ଦିନ ମଜୁରିଆଙ୍କ ପାଇଁ କିଛି ଫରକ ପଡୁନି





ରାଜ୍ୟ ସରକାର, କମିଶନରେଟ ପୋଲିସ ଓ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବାରମ୍ବାର ଆଡ୍‌ଭାଇଜରି ଜାରି କରାଯାଇ କଟକଣା ଲାଗୁ କରାଯାଉଛି। ଏପରି କି ଚଢ଼ାଉ ଓ ପଦକ୍ଷେପ ନିଆଯାଉଛି। ଏହାସତ୍ତ୍ୱେ ସହରର ନିର୍ଦ୍ଦିଷ୍ଟ କେତେଜଣ ବ୍ୟବସାୟୀଙ୍କ ଚେତାପଶୁନି। କଟକଣା ଭାଙ୍ଗି ବେପାର କରୁଛନ୍ତି। ସେହିଭଳି କିଛି ଲୋକ କରୋନା କଟକଣା ଓ ସଚେତନତାକୁ ହାଲୁକା ଭାବେ ନେଉଛନ୍ତି। ମନଇଚ୍ଛା ମିଳାମିଶା କରିବା ସହ ଗହଳି ଜମାଉଛନ୍ତି। ଫଳରେ ଏମାନଙ୍କ ପାଇଁ ସଂକ୍ରମଣ ଆଶଙ୍କା ରହୁଛି।

ମିଳିଥିବା ସୂଚନାନୁସାରେ, ଶନିବାର ଖାରବେଳନଗର ଥାନାଞ୍ଚଳରେ କେତେକ ଇଲେକ୍ଟ୍ରୋନିକ୍ସ ଶୋ'ରୁମ୍, ବଡ଼ ବଡ଼ ଲୁଗା ଦୋକାନ ଓ କଟକଣା ଲାଗିଥିବା ଅନ୍ୟ କେତେକ ଖୁଚୁରା ଦୋକାନ ଖୋଲା ରହିଥିଲା। କେତେକ ଦୋକାନରେ ମଧ୍ୟ ଗହଳି ଥିଲା। ସେହିଭଳି ରାଜଧାନୀ ଉପକଣ୍ଠ, ଜଟଣୀ ଅଞ୍ଚଳରେ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଅଭିଯୋଗ ହେବା ପରେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ଦୋକାନ ମାଲିକ ଓ କର୍ମଚାରୀଙ୍କୁ ତାଗିଦ କରିବା ସହ ବନ୍ଦ କରିଥିଲେ। ସେହିଭଳି ଶହୀଦନଗର, କ୍ୟାପିଟାଲ, ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ମଧ୍ୟ ଏଭଳି ଖୋଲାଥିବା ଦୋକାନଗୁଡ଼ିକରେ ପୋଲିସ ଚଢ଼ାଉ କରିଥିବା ଦେଖାଯାଇଥିଲା। ତାହାକୁ ବନ୍ଦ କରାଯାଇଥିବାବେଳେ ସନ୍ଧ୍ୟାରେ କିଛି ଦୋକାନ ଖୋଲିଥିବା ଜଣାପଡିଥିଲା। ଅନ୍ୟପକ୍ଷରେ ଦିନ ମଜୁରିଆଙ୍କ ଉପରେ ଏହି କଟକଣାର କିଛି ପ୍ରଭାବ ପଡିନି। ଶନିବାର ରାଜଧାନୀର ବିଭିନ୍ନ ସ୍ଥାନରେ ୭ରୁ ଊର୍ଦ୍ଧ୍ୱ ଶ୍ରମିକ ଏକତ୍ରିତ ହୋଇ ପୁଣି ବିନା ମାସ୍କରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ପଚାରିବାରୁ କରୋନା କ'ଣ, କାମ ନ କଲେ ଖାଇବାକୁ କିଏ ଦେବ ବୋଲି କହିଥିଲେ। ଖଟିଲେ ପରିବାର ଚଳୁଛି। ଠିକାଦାର ତାଙ୍କୁ କାମ କରିବାକୁ ଆଣିଛନ୍ତି। ହେଲେ ସେମାନେ ସରକାରଙ୍କ କଟକଣା ବିଷୟରେ ଜାଣି ନ ଥିବା କହିଛନ୍ତି। ସେହିଭଳି ରାଜଧାନୀ ଓ ଉପକଣ୍ଠରେ ଥିବା ଆଶ୍ରମ ଓ ମଠରେ ଲୋକଙ୍କ ସମାଗମ ହେଉଥିବା ମଧ୍ୟ ଜଣାପଡିଛି। ଏହା ଉପରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# କଟକଣାକୁ ବେଖାତିର: ବରୁଣେଇରେ ଭୋଜି

**ଖୋର୍ଦ୍ଧା ଅଫିସ, ୨୧।୩**



କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ଲାଗି ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଧାର୍ମିକ ପୀଠ ଏବଂ ପର୍ଯ୍ୟଟନସ୍ଥଳରେ ଭୋଜିଭାତ ଏବଂ ପର୍ଯ୍ୟଟକଙ୍କ ଆଗମନ ଉପରେ କଟକଣା ଲଗାଯାଇଛି। ତେବେ ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ବରୁଣେଇରେ କଟକଣାକୁ ବେଖାତିର କରି ବାହାର ରାଜ୍ୟର ପର୍ଯ୍ୟଟକ ଓ ଭୋଜିଭାତର ଆୟୋଜନ କରିଥିବା ଦେଖିବାକୁ ମିଳିଥିଲା। ବରୁଣେଇ ଉପରେ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥିବା ବେଳେ ତଳେ ବାଇକ ଓ ଚାରିଚକିଆ ଯାନ ଅଟୋ ରହିଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ କେବଳ ନିର୍ଦ୍ଦେଶନାମା ଜାରି କରାଯାଉଛି। ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ନିୟମକୁ ବେଖାତିର, ୫ ଯାତ୍ରା କଳାକାର ଅଟକ

**ଗୋପ, ୨୧।୩(ଡି.ଏନ୍.ଏ.)**

ମହାମାରୀ କରୋନାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଗାଇଡଲାଇନ ଜାରି କରାଯାଇଛି। ୭ରୁ ଅଧିକ ବ୍ୟକ୍ତି ଏକ ଜାଗାରେ ଏକତ୍ରିତ ହୋଇପାରିବେନି ବୋଲି ପରାମର୍ଶ ରହିଛି। କିନ୍ତୁ ଗୋପ ଥାନା ଅଧୀନ ପୟରା ଗ୍ରାମରେ ସରକାରୀ ନିୟମକୁ ଉଲ୍ଲଂଘନ କରି ଯାତ୍ରା ପରିବେଷଣ କରାଯାଉଥିଲା। ଖବରପାଇ ପୋଲିସ ଶନିବାର ଭୋରରୁ ଘଟଣାସ୍ଥଳରେ ଚଢାଉ କରି ୫ କଳାକାରଙ୍କୁ ଅଟକ ରଖିଛି। ତହସିଲଦାର ଲିଖିତ ଅଭିଯୋଗ ଦେବା ପରେ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି।

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୧୯୫-ଜିଆର୍‌ସି-ସିଇ -ସି-ଏଚ୍‌କ୍ୟୁ-୧୩-୨୦୨୦, ତାରିଖ: ୧୯।୦୩।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର୍ (ସିଓଏନ୍)/ଏଚ୍‌କ୍ୟୁ/ଜିଆର୍‌ସି, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା www.ireps.gov.in ରେ ଅପ୍‌ଲୋଡ୍ କରାଯାଇଥିବା ନିମ୍ନଲିଖିତ ଟେଣ୍ଡର ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ ହେବ। କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଡେପୁଟି ଚିଫ୍ ଇଞ୍ଜିନିୟର୍/ସିଓଏନ୍/ଲ୍ୟାଣ୍ଡ/ଗାର୍ଡେନ ରିଚ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ପ୍ରାଥମିକ ଇଞ୍ଜିନିୟରିଂ-ତଥା-ଟ୍ରାଫିକ୍ (ପିଇଟି) ସର୍ବେକ୍ଷଣ ସଞ୍ଚାଳନ । ଆନୁମାନିକ ମୂଲ୍ୟ: ₹୩୧.୫୭ ଲକ୍ଷ। ଇଏମ୍‌ଡି: ₹୬୩,୧୦୦/- ସମାପ୍ତି ଅବଧି: ୮ ମାସ। ଧାର୍ଯ୍ୟ ତାରିଖ: ୧୫।୦୪।୨୦୨୦। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ www.ireps.gov.in ପରିଦର୍ଶନ କରିପାରନ୍ତି। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡର୍‌ମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି।" PR-1485

# ପ୍ରଚାରରେ ସୀମିତ କରୋନା ମୁକାବିଲା

**କଟକ ଅଫିସ, ୨୧।୩**




କରୋନା ଭୂତାଣୁ ପ୍ରଭାବରେ ବିଶ୍ୱବାସୀ ଆତଙ୍କିତ। ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ସରକାର କେବଳ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରଚାର କରୁଛନ୍ତି। ହେଲେ ନିର୍ଦ୍ଦିଷ୍ଟ କୌଣସି ପଦକ୍ଷେପ ନିଆଯାଉନାହିଁ। କରୋନା ମୁକାବିଲା କେବଳ ପ୍ରଚାରରେ ସୀମିତ ବୋଲି ଏସ୍‌ୟୁସିଆଇ(ସି) ପକ୍ଷରୁ ଗାନ୍ଧୀଭବନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ ହୋଇଛି।

କରୋନା ଯୋଗୁ ଦୋକାନ ବଜାର ବନ୍ଦ ରହିଛି। ଏଥିଯୋଗୁ ଚାଷୀ, ଦିନ ମଜୁରିଆ, ଚୁକ୍ତିଭିତ୍ତିକ ଶ୍ରମିକ, ରିକ୍ସାଚାଳକ, ଉଠାଦୋକାନୀ ପ୍ରମୁଖ ନିଜର ପରିବାର ଚଳାଇବା କଷ୍ଟକର ହୋଇପଡିଛି। ଏଣୁ ଭୂତାଣୁ ବିଜ୍ଞାନର ବିଶେଷଜ୍ଞ, ଭେଷଜ ବିଜ୍ଞାନ ସହିତ ସଂଶ୍ଳିଷ୍ଟ ବୈଜ୍ଞାନିକ, ସରକାରୀ ଓ ଘରୋଇ ମେଡିକାଲ ସଂଘର ଏକ ସମ୍ମିଳନୀ ଡକାଯାଇ ଆଲୋଚନା ହେବା ସହ ଏହାକୁ ରୋକିବା ଦିଗରେ ପଦକ୍ଷେପ ନିଆଯାଉ ବୋଲି ଦଳ ଦାବି କରିଛି। ବିଦେଶାଗତ ବ୍ୟକ୍ତିମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିବା ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ପର୍ଯ୍ୟାପ୍ତ ସଂଖ୍ୟାରେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି, ସେମାନଙ୍କୁ ମାସ୍କ ଏବଂ ସାନିଟାଇଜର୍ ପ୍ରଦାନ, ବରିଷ୍ଠ ନାଗରିକ ତଥା ମଧୁମେହ ଓ ଶ୍ୱାସରୋଗରେ ଆକ୍ରାନ୍ତ ଲୋକଙ୍କ ବିଶେଷଭାବେ ଯତ୍ନ ନେବାକୁ ଦାବି ହୋଇଛି। ରୋଜଗାର ହରାଇଥିବା ବ୍ୟକ୍ତିମାନଙ୍କୁ ଭରଣପୋଷଣ ପ୍ରଦାନ ସହ ଅନ୍ୟୁନ ଏକମାସ ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିନା ମୂଲ୍ୟରେ ଯୋଗାଇ ଦେବାକୁ ଦଳ ଦାବି କରିଛି। ଏହି ଖବରଦାତା ସମ୍ମିଳନୀରେ ଦଳର ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ଲକ୍ଷ୍ମୀଧର ମହାନ୍ତି, ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ସିଦ୍ଧାର୍ଥ ରଥ, ସସ୍ମିତା ମହାନ୍ତି, ଦୀପକ ରଞ୍ଜନ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ ଏବଂ ତରୁଣସେନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଜାତୀୟ ପରୀକ୍ଷା ଏଜେନ୍ସି**
ମୂଲ୍ୟାୟନରେ ଉତ୍କର୍ଷତା
ଉଚ୍ଚଶିକ୍ଷା ବିଭାଗ, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର

**ଏନ୍‌ସିଏଚ୍‌ଏମ୍ ଜେଇଇ-୨୦୨୦**
ଜାତୀୟ ହୋଟେଲ ମ୍ୟାନେଜମେଣ୍ଟ ଏବଂ କ୍ୟାଟେରିଂ ଟେକ୍ନୋଲୋଜି ପରିଷଦ
ପର୍ଯ୍ୟଟନ ମନ୍ତ୍ରଣାଳୟ, ଭାରତ ସରକାର


**ଆତିଥ୍ୟ/ହୋଟେଲ ଏବଂ ତତ୍‌ସମ୍ପର୍କିତ ଶିଳ୍ପରେ ସବୁଠାରୁ ଆକର୍ଷଣୀୟ ଗ୍ଲୋବାଲ କ୍ୟାରିୟର୍ ଆପଣଙ୍କ ପ୍ରତୀକ୍ଷାରେ**

ଶୀଘ୍ର
**ପ୍ରାର୍ଥୀମାନଙ୍କ ଉଚ୍ଚ ଚାହିଦା କାରଣରୁ ଶେଷ ତାରିଖକୁ ୨୦।୦୩।୨୦୨୦ରୁ ୩୧।୦୩।୨୦୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି**

ଭାରତରେ ୭୧ ଗୋଟି ଶୀର୍ଷ ମାନ୍ୟତାପ୍ରାପ୍ତ ଏନ୍‌ସିଏଚ୍‌ଏମ୍ ଅଙ୍ଗୀକୃତ ହୋଟେଲ ମ୍ୟାନେଜମେଣ୍ଟ ଅନୁଷ୍ଠାନ (ଆଇଏଚ୍‌ଏମ୍) – ଆଇଏଚ୍‌ଏମ୍ ପୁସା, ଆଇଏଚ୍‌ଏମ୍ ଲଜପତ ନଗର, ଆଇଏଚ୍‌ଏମ୍ ମୁମ୍ବାଇ, ଆଇଏଚ୍‌ଏମ୍ କୋଲକାତା, ଆଇଏଚ୍‌ଏମ୍ ଚେନ୍ନାଇ, ଆଇଏଚ୍‌ଏମ୍ ଚଣ୍ଡିଗଡ଼, ଆଇଏଚ୍‌ଏମ୍ ବେଙ୍ଗାଲୁରୁ, ଆଇଏଚ୍‌ଏମ୍ ହାଇଦ୍ରାବାଦ, ଆଇଏଚ୍‌ଏମ୍ ଗୋଆ ଓ ଆହୁରି ଅନ୍ୟାନ୍ୟ ଆଇଏଚ୍‌ଏମ୍‌ରେ ଆତିଥ୍ୟ ଓ ହୋଟେଲ ପ୍ରଶାସନରେ ୩ ବର୍ଷିଆ ଡିଗ୍ରୀ କାର୍ଯ୍ୟକ୍ରମ (ବି.ଏସ୍‌ସି (ଏଚ୍‌ଏଚ୍‌ଏ)ରେ ନାମଲେଖା ପାଇଁ ଆବେଦନ କରନ୍ତୁ । ସମସ୍ତ ଆଇଏଚ୍‌ଏମ୍‌ରେ ନିରାମିଷ ବିକଳ୍ପ ମଧ୍ୟ ଉପଲବ୍ଧ।

ଅନ୍‌ଲାଇନ୍‌ରେ ଆବେଦନ ଦାଖଲ ପାଇଁ, ଲଗ୍ ଇନ୍ କରନ୍ତୁ:
www.ntanchm.nic.in

ସର୍ବଭାରତୀୟ ସ୍ତରରେ ଏନ୍‌ସିଏଚ୍‌ଏମ୍-ମିଳିତ ପ୍ରବେଶିକା ପରୀକ୍ଷା ୨୦୨୦ ତାରିଖ ୨୫ ଏପ୍ରିଲ ୨୦୨୦
ଅଧିକ ବିବରଣୀ ଏବଂ ଆଇଏଚ୍‌ଏମ୍‌ଗୁଡ଼ିକର ତାଲିକା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଅର୍ଥାତ୍ www.ntanchm.nic.in ପରିଦର୍ଶନ କରନ୍ତୁ । ଅନୁସନ୍ଧାନ ପାଇଁ କଲ୍ କରନ୍ତୁ: ୧୨୦ ୬୮୯୫୨୦୦
(ଏନ୍‌ସିଏଚ୍‌ଏମ୍‌ର ଅନୁସନ୍ଧାନ ପାଇଁ ନିଃଶୁଳ୍କ ନମ୍ବର: ୧୮୦୦ ୧୮୦ ୩୧୫୧ ରେ କଲ୍ କରନ୍ତୁ (ପୂର୍ବାହ୍ନ ୯ରୁ ଅପରାହ୍ନ ୫.୩୦ ଘଟିକା)
davp 21354/11/0022/1920



**ସଂକ୍ଷେପରେ**

## ଲକ୍‌ଡାଉନ ହେଲା କେନ୍ଦ୍ରାପଡା ଜିଲା

କେନ୍ଦ୍ରାପଡା ଅଫିସ, ୨୧।୩: କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇଁ ରାଜ୍ୟ ସରକାର କଠୋର ନୀତି ଅବଲମ୍ବନ କରିଛନ୍ତି । କେନ୍ଦ୍ରାପଡ଼ା ଜିଲାରେ ଆସନ୍ତା ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ବଜାରଘାଟକୁ ଲକ୍‌ଡାଉନ କରାଯାଇଛି । ଏ ନେଇ ଜିଲାପାଳଙ୍କ ନିର୍ଦ୍ଦେଶରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇ ଜିଲାବାସୀଙ୍କୁ ସୂଚନା ଦିଆଯାଇଛି । ଶନିବାର ପୂର୍ବାହ୍ନଠାରୁ ଡାକବାଜି ମାଧ୍ୟମରେ ଚିକିତ୍ସାଳୟ, ଔଷଧ ଦୋକାନ, ସାଧାରଣ ତେଜରାତି ଦୋକାନ, ରେଷ୍ଟୁରାଣ୍ଟ, ମାଂସ, କ୍ଷୀର, ସାବୁନ, ପାଉଁରୁଟି ଦୋକାନ ଖୋଲିଯିବ ବୋଲି ପ୍ରଚାର କରାଯାଇଛି। ଏହା ବ୍ୟତୀତ ସମସ୍ତ ଦୋକାନ ବନ୍ଦ ରହିବ । ଏପରି କି ସାଧାରଣ ପରିବହନକୁ ବାରଣ କରାଯାଇଛି । ତେବେ ଏହି ସମୟ ମଧ୍ୟରେ ପ୍ରଶାସନିକ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ଏଥିସହ ପୋଲିସ, ସ୍ୱାସ୍ଥ୍ୟସେବା, ଅଗ୍ନି ନିର୍ବାପକ, ଓଡ୍ରାଫ, ବିଦ୍ୟୁତ୍, ପାନୀୟ ଜଳ, ପୌରସେବା, ବ୍ୟାଙ୍କ, ଏଟିଏମ, ପେଟ୍ରୋଲ ପମ୍ପ ଆଦି ଖୋଲା ରହିବ ବୋଲି ସୂଚନା ଦିଆଯାଇଛି। ଏସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି ଯେ, କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ । ଏହାଦ୍ୱାରା କରୋନା ଭୂତାଣୁ ସଂକ୍ରମଣକୁ କିଛି ମାତ୍ରାରେ କମ୍ କରା ଯାଇପାରିବ ବୋଲି ସେ ମତ ଦେଇଛନ୍ତି ।

## ଦୋକାନ ବଜାର ବନ୍ଦ କଲା ପୌର ପରିଷଦ

ରାଇରଙ୍ଗପୁର, ୨୧।୩(ଡି.ଏନ.ଏ.): ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର ଅଞ୍ଚଳରେ କରୋନା କଟକଣା ଲାଗି ପୌର ପରିଷଦ କାର୍ଯ୍ୟାଳୟ ପକ୍ଷରୁ ଶନିବାର ପୋଲିସ ସହାୟତରେ ସହରରେ ଥିବା ବିଭିନ୍ନ ଦୋକାନ ବଜାର ବନ୍ଦ କରାଯାଇଥିଲା। ଚା' କଫି, ରେଷ୍ଟୁରାଣ୍ଟ ସମେତ ବସ୍ ଷ୍ଟାଣ୍ଡ ଓ ବିଭିନ୍ନ ଛକରେ ଫାଷ୍ଟଫୁଡ, ମୁଢ଼ି ମସଲା ଓ ଉଠା ଦୋକାନଗୁଡିକୁ ବନ୍ଦ କରାଯାଇଛି। ବିଦେଶୀ ମଦ ବାର୍ ମଧ ବନ୍ଦ ରହିଛି। ପୌର କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ଏହି କାର୍ଯ୍ୟ କରିଥିଲେ। ରବିବାର ଜନତା କର୍ଫ୍ୟୁକୁ ସଫଳ କରିବା ଲାଗି ରାଇରଙ୍ଗପୁର ବାର୍ ଆସୋସିଏଶନ ପକ୍ଷରୁ ବୁଲୁଥିବା ସଚେତନା ଗାଡିରେ ପ୍ରଚାର କରାଯାଇଥିଲା। ଅନୁରୂପ ଭାବେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ସହରର ବିଭିନ୍ନ ବସ୍ତିରେ ସଚେତନତା ଗାଡି ବୁଲୁଥିଲା।

## ବିଶୋଇ ହାଟରୁ ଦୋକାନୀଙ୍କୁ ହଟାଗଲା

### ସାହି ରାସ୍ତାରେ ପ୍ରବେଶକୁ ନିଷେଧ କଲେ ସ୍ଥାନୀୟ ବାସିନ୍ଦା

ବିଶୋଇ,୨୧।୩(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଅନ୍ତର୍ଗତ ବିଶୋଇ ଅଞ୍ଚଳରେ ଶନିବାର ବସୁଥିବା ସାପ୍ତାହିକ ହାଟକୁ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବନ୍ଦ କରାଯାଇଥିଲା। ପନିପରିବା, ମାଛ, ମାଂସ, ତେଜରାତି ଓ ଦୈନିକ ସାମଗ୍ରୀ ବିକ୍ରି କରୁଥିବା ଦୋକାନକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଦୋକାନୀକୁ ଉଠାଇ ଦିଆଯାଇଥିଲା। ଏଣୁ ହାଟରେ କମ୍ ଗହଳି ଦେଖିବାକୁ ମିଳି ଥିଲା। ଏହି ହାଟକୁ ନିକଟ ଦେଇ ୪୯ ନଂ. ଜାତୀୟ ରାଜପଥ ଯାଇଥିବାବେଳେ ଲୋକେ ସାମାନ୍ୟ ଦୂରତା କମାଇବା ଲାଗି ବିଶୋଇସ୍ଥିତ ହନୁମାନ ମନ୍ଦିର ସାହି ରାସ୍ତା ଦେଇ ହାଟକୁ ଯାଇଥାନ୍ତି। ଏହି ରାସ୍ତାରେ ସକାଳେ ତେବେ ହାଟକୁ ଯାଉଥିବା ଲୋକଙ୍କ ଗହଳି ଦେଖାଦେବାରୁ ସ୍ଥାନୀୟ ସାହିର ମହିଳାପୁରୁଷ ବାସିନ୍ଦା ଏକାଠି ହୋଇ ସତର୍କତା ଅବଲମ୍ବନ କରି ସାହି ଭିତରକୁ ଯିବା ମୁଖ୍ୟ ରାସ୍ତାକୁ ବନ୍ଦ କରି ଦେଇଥିଲେ। ଫଳରେ ହାଟରେ ଗହଳିକୁ ନିୟନ୍ତ୍ରଣ କରାଯାଇ ପାରିଥିଲା।

## ବଜାରରେ ଯୁବତୀଙ୍କ ଅଶ୍ଲୀଳ ପୋଷ୍ଟର: ଯୁବକ ଗିରଫ

ଧର୍ମଶାଳା,୨୧।୩(ଡିଏନଏ): ଯାଜପୁର ଜିଲା ଧର୍ମଶାଳା ଥାନା ଜାରକା ବଜାର ଗଳିପୋଲ ନିକଟରେ ଗୁରୁବାର ଜଣେ ଯୁବତୀଙ୍କ ଅଶ୍ଲୀଳ ଫଟୋ ଓ ମୋବାଇଲ ନମ୍ବର ଥିବା ପୋଷ୍ଟର ମରାଯାଇଥିଲା। ଏ ସମ୍ପର୍କରେ ଉକ୍ତ ଯୁବତୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୧୬/୨୦) ରୁଜୁ କରି କେନ୍ଦୁଝର ଜିଲା ଜଳେଶ୍ୱରପୁର ଗ୍ରାମର ସୋମ୍ୟରଞ୍ଜନ ନାୟକଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି।

# ବାଲେଶ୍ୱର, ଭଦ୍ରକ ଲକ୍‌ଡାଉନ

ଭଦ୍ରକ ଅଫିସ/ବାଲେଶ୍ୱର ଅଫିସ, ୨୧।୩

ରାଜ୍ୟ ସରକାରଙ୍କ ପକ୍ଷରୁ ୫ ଜିଲା ଓ ୮ ସହରରେ ଲକ୍‌ଡାଉନ୍ ଘୋଷଣା କରାଯିବା ପରେ ଭଦ୍ରକ ଓ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ୨୨ରୁ ୨୯ ତାରିଖ ରାତି ୯ଟା ପର୍ଯ୍ୟନ୍ତ ଭଦ୍ରକ, ବାଲେଶ୍ୱର ସହର ସମେତ ଜିଲାକୁ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ସହରରେ ଅତ୍ୟାବଶ୍ୟକ ସାମଗ୍ରୀ, ତେଜରାତି, ମାଛ, ମାଂସ, ପରିବା ଓ କ୍ଷୀର ଦୋକାନକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଦୋକାନ ବନ୍ଦ କରିବା ପାଇଁ ପ୍ରଶାସନ ମାଇକ୍ ଯୋଗେ ପ୍ରଚାର କରିଛି। ଏପରି କି ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ସହରର ସମସ୍ତ ଦୋକାନ ବଜାରରେ ତାଲା ପକାଯାଇଛି। ଏହି ଘୋଷଣାନାମା ପରେ ସହରରେ ଏକ ପ୍ରକାର ଆତଙ୍କ ଖେଳିଯାଇଛି। ଏହାଛଡ଼ା କରୋନା ସଂକ୍ରମଣ ରୋକିବା ପାଇଁ ଅଟୋ ଚଳାଚଳ ଉପରେ ଜିଲା ପରିବହନ ଅଧିକାରୀ ମଧ କଟକଣା ଜାରି କରିଛନ୍ତି। ଗାଡ଼ିର ପଞ୍ଜୀକରଣ ନମ୍ବରକୁ ନେଇ କେଉଁ ତାରିଖରେ ଉକ୍ତ ଗାଡ଼ି ଚଳାଚଳ କରିବ ତାହା ଧାର୍ଯ୍ୟ କରାଯାଇଛି। ଅଡ୍ ଇଭିନ୍ ଫର୍ମୁଲା ମୁତାବକ ଅଟୋ ଚଳାଚଳ କରିବ। ସମସ୍ତ ଅଟୋ ଚାଳକ ନିଜ ଗାଡ଼ିରେ ନିର୍ଦ୍ଧାରିତ ସଂଖ୍ୟାଠାରୁ ଅଧିକ ଯାତ୍ରୀ ନେଇ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିସହିତ ଜିଲା ଭିତରକୁ କାହାକୁ ପ୍ରବେଶ କରିବାକୁ ନ ଦେବା ସହ ଜିଲା ବାହାରକୁ ପ୍ରଶାସନର ବିନା ଅନୁମତିରେ ଛଡ଼ାଯିବ ନାହିଁ ବୋଲି ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

**ଅଟୋ ଚଳାଚଳ ଉପରେ କଟକଣା**



ଭଦ୍ରକ ସହରରେ ଦୋକାନ ବଜାର ବନ୍ଦ।

## କେନ୍ଦୁଝରର ୫ ଏନ୍‌ଏସିରେ ଅଡ୍-ଇଭିନ୍ ବ୍ୟବସ୍ଥା ଲାଗୁ

କେନ୍ଦୁଝର/ଯୋଡ଼ା/ବଡ଼ବିଲ, ୨୧।୩(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାର ପୌରାଞ୍ଚଳରେ ଅଡ୍ ଓ ଇଭିନ୍ ନମ୍ବର ବ୍ୟବସ୍ଥାକୁ ପ୍ରଶାସନ ଶନିବାର ଲାଗୁ କରିଛନ୍ତି। ଏନେଇ ଜିଲାପାଳ ସ୍ୱତନ୍ତ୍ର ଚିଠି କରି ଜିଲାର କେନ୍ଦୁଝର, ଚମ୍ପୁଆ, ବଡ଼ବିଲ, ଯୋଡ଼ା, ଆନନ୍ଦପୁର ପୌରାଞ୍ଚଳରେ ଲାଗୁ କରିବାକୁ ଆଦେଶ କରିଛନ୍ତି। ଅଡ୍ ତାରିଖରେ ଅଡ୍ ନମ୍ବର ଗାଡି ଓ ଇଭିନ୍ ତାରିଖରେ ଇଭିନ୍ ନମ୍ବର ଗାଡି ଚଳାଇବାକୁ କୁହାଯାଇଛି। ବିଶେଷ କରି ପବ୍ଲିକ ପରିବହନ ଗାଡି ପାଇଁ ଏହି ନିର୍ଦ୍ଦେଶ ଦିଆଯାଇଛି। ତେବେ ଏନେଇ ଜନ ସଚେତନତା ସୃଷ୍ଟି କରାଯାଇ ନ ଥିବାରୁ ଏନେଇ ବହୁ ଗାଡି ଚାଳକ ଜାଣି ପାରି ନ ଥିଲେ। ଯୋଡ଼ା ପୌରପାଳିକାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଶନିବାର ସକାଳୁ ଜନସାଧାରଣ ଏବାବଦରେ ଅଜଣା ଥିବାରୁ ସେମାନଙ୍କୁ ପୋଲିସ ପ୍ରଶାସନ ସଚେତନ କରିଥିଲା । ଫଳରେ ଦିନ ୧୧ ଟା ପରେ କେବଳ ଅଡ୍ ନମ୍ବର ଥିବା ଗାଡ଼ି ଚଳାଚଳ କରିଥିଲା। ଏନେଇ ଯୋଡ଼ା ଥାନା ଅଧିକାରୀ ରାଇସେନ୍ ମୁର୍ମୁ କହିଛନ୍ତି ଯେ, ଅଡ୍ – ଇଭିନ୍ ଲାଗୁ ହେଲେ ଭିଡ଼ ନିୟନ୍ତ୍ରଣ ହୋଇପାରିବ। ଯଦିଓ ଲୋକମାନେ ଏ ସଂକ୍ରାନ୍ତରେ ସଚେତନ ନାହାନ୍ତି ପୋଲିସ ବିଭିନ୍ନ ସ୍ଥାନରେ ଯାନବାହନ ଅଟକାଇ ସଚେତନ କରୁଛି।

# ଆଦିବାସୀ ଅଞ୍ଚଳରେ ପହଞ୍ଚୁପାରୁନି

ନୂଆଗାଁ,୨୧।୩ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଆଦିବାସୀ ଅଞ୍ଚଳରେ କରୋନା ସଚେତନତା ବାର୍ତ୍ତା ପହଞ୍ଚୁପାରୁନି। ଏ ସମ୍ପର୍କରେ ପ୍ରତିକ୍ରିୟା ନେବାରୁ ସେମାନେ ରୋଗ ବିଷୟରେ କିଛି ଜାଣି ନ ଥିବା କହିଛନ୍ତି। କରୋନାକୁ ନେଇ ସମଗ୍ର ବିଶ୍ୱ ଚିନ୍ତା ପ୍ରକଟ କରୁଥିବା ବେଳେ କିଭଳି ଏହାକୁ ପ୍ରତିହତ କରାଯାଇ ପାରିବ ସେ ନେଇ ସରକାର ବିଭିନ୍ନ ଜନସଚେତନ କାର୍ଯ୍ୟକ୍ରମ କରୁଛନ୍ତି। ସରକାରୀ ଓ ବେସରକାରୀ ସଂସ୍ଥା, ଲୋକପ୍ରତିନିଧିଙ୍କ ମାଧ୍ୟମରେ ପ୍ରତି ଗାଁରେ କିଭଳି ସଚେତନତା ବାର୍ତ୍ତା ପହଞ୍ଚିପାରିବ ସେଥିପାଇଁ ପ୍ରଶାସନ ଚେଷ୍ଟିତ। ଗାଁ ଗାଁରେ ଆଶାକର୍ମୀ, ଅଙ୍ଗନୱାଡ଼ିକର୍ମୀ ଓ ସହାୟିକାମାନଙ୍କ ଦ୍ୱାରା ସଚେତନତା କରାଇବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରିବାର ମଧ ବ୍ୟବସ୍ଥା କରାଯାଇଛି। ସଚେତନତା ବାର୍ତ୍ତା ଲୋକମାନଙ୍କ ପାଖରେ କେତେଦୂର ପହଞ୍ଚିଛି ସେ ସମ୍ପର୍କରେ ଜିଲାପାଳ ଓ ଜିଲା ଅଧିକାରୀମାନେ ସମୀକ୍ଷା କରୁଛନ୍ତି। ଏତେସବୁ ପରେ ବି ନୂଆଗାଁ ବ୍ଲକର ଗୁମୀ, ଡିମିରିପଲ୍ଲୀ, କାପ୍ତାପଲ୍ଲୀ, ସିଙ୍ଗପୁର, ସେନ୍ତେରୀ, ବଡଜିରି, ତାକୁଡା, ଫାମ୍ପୁଣୀ, ପବଲା ଆଦି ଆସିବାସୀ ଗ୍ରାମର ଲୋକେ ସଚେତନ ହୋଇପାରି ନାହାନ୍ତି। ୭ଜଣରୁ ଅଧିକ ଲୋକ ଏକତ୍ର ନ ବସିବା ଓ ପୋଖରୀରେ ନ ଗାଧୋଇବା ପାଇଁ ଅବଗତ କରାଯାଇଥିଲେ ମଧ୍ୟ ତାହା ଲୋକଙ୍କ ପାଖରେ ପହଞ୍ଚିପାରି ନାହିଁ। ଫଳରେ ଲୋକମାନେ ଦଳ ଦଳ ହୋଇ ବସିବା ସହ ଦଳଗତ ହୋଇ ପୋଖରୀରେ ଗାଧୋଉଥିବା ଦେଖିବାକୁ ମିଳିଛି। ବାହାର ରାଜ୍ୟରେ କାମ କରି ଗାଁକୁ ଫେରୁଥିଲେ ମଧ୍ୟ ନିଜ ନାମ ପଞ୍ଜୀକରଣ କରାଇନାହାନ୍ତି। ଏ ନେଇ ଗ୍ରାମବାସୀ କିମ୍ବା ପଡିଶା ଘର ଲୋକ କାହାରିକୁ କହିଲେ ସମ୍ପୃକ୍ତ ଘର ଲୋକ ଝଗଡା କରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହେଉଥିବା ବେଳେ ଆମେ ଜନସଚେତନ କରାଇବା ଲାଗି ଚେଷ୍ଟା ଜାରି ରଖିଛୁ ବୋଲି କହିଛନ୍ତି ନୂଆଗାଁ ବିଡିଓ ପ୍ରମୋଦ କୁମାର ଦଳବେହେରା ଓ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ଡା. ନୌସଦ ଅଲ୍ଲି ଖାନ୍।

**କରୋନା ସଚେତନତା ବାର୍ତ୍ତା**



ଦଳଗତ ଭାବେ ପୋଖରୀରେ ଲୋକମାନେ ଗାଧୋଉଛନ୍ତି।

## ପୋତାହେଲା ୨ ହଜାର କୁକୁଡ଼ା

ରଘୁନାଥପୁର,୨୧।୩(ଡି.ଏନ.ଏ.)

କରୋନା ଭୂତାଣୁକୁ ନେଇ ବିଶ୍ୱରେ ଆତଙ୍କ ଜାରି ରହିଥିବାବେଳେ ଓଡ଼ିଶାରେ ସତର୍କତା ଉପରେ ଗୁରୁତ୍ୱ ଦିଆଯାଉଛି। ଚିକେନ୍ ବଜାରରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଚିକେନ୍ ବିକ୍ରି ହେଉ ନ ଥିବାରୁ ଖର୍ଚ୍ଚାନ୍ତକୁ ଡରି ବ୍ୟବସାୟୀ କୁକୁଡ଼ାଙ୍କୁ ମାରି ପୋତି ଦେଉଛନ୍ତି। ଶନିବାର ଜଗତ୍‌ସିଂହପୁର ଜିଲାର ରଘୁନାଥପୁର ବ୍ଲକ ଚିକିଣିଆଠାରେ ଥିବା ଏକ ଫାର୍ମର ୨୦୦୦କୁକୁଡାଙ୍କୁ ମାରି ପୋତି ଦିଆଯାଇଛି। ଏ ସମ୍ପର୍କରେ ଫାର୍ମର କର୍ମଚାରୀ ଦିବ୍ୟଲୋଚନ ସାହୁ କହିଛନ୍ତି, କରୋନା ଭୂତାଣୁ ଭୟରେ କେହି କୁକୁଡ଼ା ଖାଇବାକୁ ରାଜି ହେଉନାହାନ୍ତି। ତେଣୁ ଫାର୍ମରେ ଥିବା କୁକୁଡ଼ାଙ୍କୁ ଖାଦ୍ୟ ଯୋଗାଇବା ସମ୍ଭବ ହେଉନାହିଁ। ଏହିକାରଣରୁ କୁକୁଡ଼ାଙ୍କୁ ମାରି ପୋତି ଦିଆଯାଉଥିବା ସେ ପ୍ରକାଶ କରିଥିଲେ।

## ଜିଲା ବାହାର ଗାଡ଼ି ଗଞ୍ଜାମରେ ଅଟକିବା ମନା

ଛତ୍ରପୁର,୨୧।୩(ଡି.ଏନ.ଏ)

ଅନ୍ୟ ରାଜ୍ୟ ଓ ଅନ୍ୟ ଜିଲାର କୌଣସି ବସ୍, ଟ୍ରକ୍ ଓ ଟ୍ରେଲର ଆଦି ଗାଡି ଗଞ୍ଜାମ ଜିଲା ଦେଇ ଯାଉଥିବାବେଳେ ତାହା ଅଟକିବା ଓ ପାର୍କିଂ ଉପରେ ନିଷେଧାଦେଶ ଜାରି କରାଯାଇଛି। କରୋନାକୁ ନେଇ ପ୍ରତିଷେଧକ ପଦକ୍ଷେପ ସ୍ୱରୂପ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ଏହି ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିପାଇଁ ନିୟମିତ ଯାଞ୍ଚ କରିବାକୁ ପରିବହନ ବିଭାଗ ଓ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ବିପର୍ଯ୍ୟୟ ପରିଚାଳନା ଆକ୍ଟ ୨୦୦୫, ଏମ୍‌ଭି ଆକ୍ଟ ୧୯୮୮ ସେକ୍ସନ ୧୧୫ ଏବଂ ଓଏମ୍‌ଭି ୧୯୯୩ ରୁଲ୍ ୧୭୩ ଆଧାରରେ ଜିଲାପାଳ ଏହି ନିର୍ଦ୍ଦେଶନାମା (ନଂ–୨୮୯୬) ଜାରି କରିଛନ୍ତି। ଏଥିରେ ଖିଲାପ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ନିର୍ଦ୍ଦିଷ୍ଟ ନମ୍ବର ଅଟୋ ଓ ଟ୍ୟାକ୍ସି ଦିନେ ଛଡା ଦିନେ ଚଳାଇବାକୁ ଜିଲାପାଳଙ୍କ ନିର୍ଦ୍ଦେଶନାମାରେ କୁହାଯାଇଛି। ଏଥିସହ ଅଟୋ, ବାଇକ୍ ଚାଳନା ଉପରେ ମଧ କେତେକ କଟକଣା ଲଗାଯାଇଛି।

## ପେପର ଗାଡ଼ି ଡ୍ରାଇଭରଙ୍କୁ ମାଡ଼

ଫୁଲବାଣୀ ଅଫିସ, ୨୧।୩

ରାସ୍ତା ଉପରେ କାର ରଖି ଛିଡା ହୋଇ କଥା ହେଉଥିବା କେତେଜଣ ବ୍ୟକ୍ତିଙ୍କୁ ପେପର ଗାଡି ଚାଳକ ସାଇଡ୍ ମାଗିବାରୁ ସେମାନେ ମାଡ ମାରିଥିବା ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। କାର୍ ଚାଳକଙ୍କ ମାଡରେ ପେପର ଗାଡି ଚାଳକ ଅଶ୍ୱିନୀ କୁମାର ନାୟକଙ୍କ ମୁହଁରେ ଗଭୀର ଆଘାତ ଲାଗିଛି। ଅଶ୍ୱିନୀଙ୍କ କହିବା ପ୍ରକାରେ ସେ ଶନିବାର ସକାଳ ପ୍ରାୟ ୮ଟା ୪୫ରେ ଫୁଲବାଣୀ ସର୍କିଟ ହାଉସ୍ ପାଖରେ ପହଞ୍ଚିବାବେଳକୁ ୩ଜଣ ଯୁବକ ରାସ୍ତା ଉପରେ କାର ରଖି କଥା ହେଉଥିଲେ। ସାଇଡ ହେବାକୁ କହିବାରୁ ଗାଳିଗୁଲଜ କରିବା ସହ ହଠାତ୍ ଆକ୍ରମଣ କରିଥିଲେ।

## ୨୬ରୁ ବିଦ୍ୟାଳୟ ହଷ୍ଟେଲ ବନ୍ଦ

ଫୁଲବାଣୀ ଅଫିସ, ୨୧।୩

କରୋନା ପ୍ରତିକାର ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି। ପୂର୍ବରୁ ସ୍କୁଲ ଛୁଟି କରାଯାଇଥିବାବେଳେ ହଷ୍ଟେଲ ଖୋଲା ରହିଥିଲା। ପରିସ୍ଥିତିକୁ ନଜରରେ ରଖି କନ୍ଧମାଳ ଜିଲା ପ୍ରଶାସନ ଆସନ୍ତା ୨୬ରୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ବିଦ୍ୟାଳୟରେ ଥିବା ସମସ୍ତ ହଷ୍ଟେଲ ରଖିବା ସହ ପିଲାମାନଙ୍କୁ ଘରକୁ ପଠାଇ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଛୁଟି ପୂର୍ବରୁ ସେମାନଙ୍କୁ ୩ ମାସର ଅଗ୍ରୀମ ଷ୍ଟାଇପେଣ୍ଡ ଦିଆଯିବ। ପ୍ରତ୍ୟେକ ଦିନ ଗୋଟିଏ ଗୋଟିଏ ସ୍କୁଲର ୧୦୦ଜଣ ଛାତ୍ରୀଛାତ୍ରଙ୍କୁ ଏହି ଷ୍ଟାଇପେଣ୍ଡ ଟଙ୍କା ବଣ୍ଟାଯିବ।

## ବାଲେଶ୍ୱରର ୪୦ ଯାତ୍ରୀଙ୍କୁ ଏସ୍କଟରେ ସୀମାରେ ଛାଡ଼ିଲା ପ୍ରଶାସନ

ଛତ୍ରପୁର,୨୧।୩(ଡି.ଏନ.ଏ.)

ଗଞ୍ଜାମ ଜିଲା ଦେଇ କେରଳରୁ ବାଲେଶ୍ୱରକୁ ଏକ ବସ୍ ଶୁକ୍ରବାର ଯାଉଥିଲା। ଜିଲା ପରିବହନ ବିଭାଗର ଗାଡି ଯାଞ୍ଚବେଳେ ଏହି ବସ୍ ଗଞ୍ଜାମ ଜିଲା ଦେଇ ଯାଇଥିବା ଜାତୀୟ ରାଜପଥରେ ଅଟକି ଥିଲା। ଅନ୍ୟ ରାଜ୍ୟରୁ ଉକ୍ତ ବସ୍ (କେଏଲ୍ ୦୭ ସିଟି ୯୫୮୪) ବାଲେଶ୍ୱରକୁ ଯାଉଥିବା ଏବଂ ୪୦ ଯାତ୍ରୀଥିବା ଦେଖିବା ପରେ କରୋନାରୁ କିଭଳି ଏମାନେ ସୁରକ୍ଷିତ ରହିବେ ସେ ନେଇ ଜିଲା ପ୍ରଶାସନ ବ୍ୟବସ୍ଥା କରିଥିଲେ। ସମସ୍ତ ଯାତ୍ରୀଙ୍କୁ ମାସ୍କ, ସାନିଟାଇଜର ଓ ପାନୀୟ ଜଳ ଦିଆଯାଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ କରୋନା ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପରେ ଗଂଜାମ–ଖୋର୍ଦ୍ଧା ସୀମାନ୍ତରେ ଉକ୍ତ ବସ୍‌କୁ ମୋଟର ଯାନ ନିରୀକ୍ଷକ ଏସ୍କର୍ଟରେ ନେଇ ଛାଡିଥିଲେ।

# ୧୨ କରୋନା ସନ୍ଦିଗ୍ଧଙ୍କ ପତ୍ତା ମିଳୁନି

ଯାଜପୁର ଅଫିସ/ଯାଜପୁର ଟାଉନ,୨୧।୩

ଯାଜପୁର ଜିଲାରେ ବର୍ତ୍ତମାନ ସୁଦ୍ଧା ୬୧୨ ଜଣ ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୫୭୭ ଜଣ ନାମ ପଞ୍ଜୀକରଣ କରିଛନ୍ତି। ୩୫ ଜଣ ପଞ୍ଜୀକରଣ କରି ନ ଥିବାବେଳେ ୧୨ ଜଣ ସନ୍ଦିଗ୍ଧଙ୍କ ପତ୍ତା ମିଳୁନାହିଁ।

**ଯାଜପୁର ଜିଲା**
- ୬୧୨ ସନ୍ଦିଗ୍ଧ ଚିହ୍ନଟ
- ୫୭୭ ଜଣଙ୍କ ନାମ ପଞ୍ଜୀକୃତ
- ବିଦେଶରୁ ଆସିଛନ୍ତି ୭୨ ଜଣ
- ୨ ସହର ଲକ୍ ଡାଉନ୍
- ମହାବାରୁଣୀ ସ୍ନାନ ବନ୍ଦ

ତେବେ ପଞ୍ଜୀକରଣ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୭୨ ଜଣ ବିଦେଶୀରୁ ଫେରିଛନ୍ତି ବୋଲି ଦଶମ(ସ୍ୱତନ୍ତ୍ର) ଜିଲା ପରିଷଦ ବୈଠକରେ ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ଜିଲାର ୨ ସହର ଯାଜପୁର ରୋଡ ଓ ଯାଜପୁର ଟାଉନ୍‌କୁ ରବିବାରଠାରୁ ୨୯ ତାରିଖ ଯାଏ 'ଲକ୍ ଡାଉନ୍' ଘୋଷଣା କରିଛନ୍ତି। ଫଳରେ ଜରୁରୀ ସେବା ପ୍ରଦାନକାରୀ ସଂସ୍ଥା ଓ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ଦୋକାନକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଦୋକାନ, ବଜାର, ପ୍ରତିଷ୍ଠାନ ବନ୍ଦ ରହିବ। ସେହିପରି ଜିଲା ପ୍ରଶାସନର କଟକଣା ଏବଂ ୧୪୪ ଧାରା ବଳବତ୍ତର ରହିଥିବାରୁ ଯାଜପୁର ବୈତରଣୀ ନଦୀ ଦଶାଶ୍ୱମେଧ ଘାଟରେ ଶନିବାର ମହାବାରୁଣୀ ସ୍ନାନ ବନ୍ଦ ହୋଇଯାଇଛି।

ଶନିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଦାସ କହିଥିଲେ ଯେ, ସନ୍ଦିଗ୍ଧମାନଙ୍କୁ କ୍ୱାରାଣ୍ଟାଇନ ବା ସଙ୍ଗରୋଧ ମାଧ୍ୟମରେ ଚିକିତ୍ସା କରାଯାଉଛି। କେହି ସନ୍ଦିଗ୍ଧ ନିୟମାବଳୀ ନ ମାନି ଅନ୍ୟମାନଙ୍କ ସହ ମିଶୁଥିବା ଜଣାପଡ଼ିଲେ ସେମାନଙ୍କ ବିରୋଧରେ ଆଇପିସି ଦଫା ୧୮୮ ଓ ୨୬୯ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଦାସ ଚେତାବନୀ ଦେଇଛନ୍ତି। ପୂର୍ବରୁ ସମସ୍ତ ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ ବାତିଲ ହେବା ସହ ଧାର୍ମିକ ଅନୁଷ୍ଠାନଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଏହାର ଖିଲାପ ହେଲେ ଆଇନ ଅନୁସାରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା ରହିଛି ବୋଲି ଜିଲାପାଳ ସତର୍କ କରିଛନ୍ତି। ଆଗାମୀ ୩ ମାସ ପାଇଁ ରାଶନ ସାମଗ୍ରୀ ଖୁବ୍‌ଶୀଘ୍ର ପ୍ରଦାନ କରାଯିବ। ଜିଲାର ୨୬ଟି ହଷ୍ଟେଲରେ ରହୁଥିବା ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରଙ୍କୁ ଆସନ୍ତା ୨୫ ଓ ୨୬ ତାରିଖରେ ସେମାନଙ୍କ ଅଭିଭାବକଙ୍କ ଜରିଆରେ ଘରକୁ ପଠାଯିବ। ସେମାନଙ୍କୁ ୩ ମାସର ପ୍ରିମାଟ୍ରିକ ବୃତ୍ତି ଓ ମେଣ୍ଟେନାନ୍ସ ଅର୍ଥ ଦିଆଯିବାର ବ୍ୟବସ୍ଥା ହୋଇଛି। ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସିଡିଏମଓ ଡା. ଅରୁଣ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍**

ଯାଜପୁର ଜିଲା ମୁଖ୍ୟଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି)ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚସି)ରେ କରୋନା ମୁକାବିଲା କରିବାକୁ ଜରୁରୀକାଳୀନ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ହୋଇଛି। କରୋନା ଭୂତାଣୁ ସମ୍ପର୍କିତ ତଥ୍ୟ ଉକ୍ତ କଣ୍ଟ୍ରୋଲରୁମ୍‌କୁ ସୂଚନା ଦେବାକୁ କୁହାଯାଇଛି। ଏଥିପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟର ଫୋନ ନମ୍ବର ୦୬୭୨୮-୨୨୫୨୨୮ ଓ ୦୬୭୨୮-୨୨୪୩୧୫କୁ ଯୋଗାଯୋଗ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି।

## ବିଦେଶ, ରାଜ୍ୟ ବାହାରୁ ଫେରିଛନ୍ତି ୧୧୯

ଜଗତ୍‌ସିଂହପୁର ଅଫିସ,୨୧।୩

କରୋନା ଭୂତାଣୁକୁ ନେଇ ବ୍ୟାପକ ଜନସଚେନତା ଉପରେ ଗୁରୁତ୍ୱାରୋପ କରାଯାଉଛି। ଶନିବାର ଜଗତ୍‌ସିଂହପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଏ ନେଇ ସ୍ୱତନ୍ତ୍ର ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ କରୋନା ସଚେତନତା ଉପରେ ନିଆ ଯାଇଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ସେ କହିଥିଲେ, ଜିଲାରୁ ବାହାର ରାଜ୍ୟ ଓ ବିଦେଶରେ ରହୁଥିବା ୧୧୯ଜଣ ଘରକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ବିଦେଶ ଫେରନ୍ତା ୫୨ ଓ ଅନ୍ୟ ରାଜ୍ୟରୁ ୬୭ ଜଣ ରହିଛନ୍ତି। ୮୬ଜଣ ଡାକ୍ତରଙ୍କ ଯୋଗାଯୋଗରେ ରହିଛନ୍ତି। ୨୨ ଜଣଙ୍କ ସହିତ ସେ ଫୋନରେ କଥାବାର୍ତ୍ତା ହୋଇଛନ୍ତି। ସରକାର ୪ ମାସ ପାଇଁ ଭତ୍ତା ଓ ୩ ମାସର ରାଶନ ସମାଗ୍ରୀ ଆଗୁଆ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରତ୍ୟେକ ପଞ୍ଚାୟତ ପାଇଁ ସଂଘରୋଧ ଗୃହ ନିମନ୍ତେ ୫ ଲକ୍ଷ ଟଙ୍କା ବିଡିଓମାନେ ଖର୍ଚ୍ଚ କରିପାରିବେ। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୧୦ଲକ୍ଷ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ୫ ଲକ୍ଷ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ମରାମତି ନିମନ୍ତେ ଖର୍ଚ୍ଚ କରାଯିବ। ଜିଲାରେ କୌଣସି କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ବୈଠକରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଥିଲେ, କରୋନା ଭାରତରେ ଦ୍ୱିତୀୟ ଷ୍ଟେଜ୍‌ରେ ରହିଛି। ତେଣୁ ସଚେତନତା ମାଧ୍ୟମରେ ହିଁ ଏହାକୁ ପ୍ରତିରୋଧ କରାଯାଇ ପାରିବ। ବିଧାୟକ ପ୍ରଶାନ୍ତ ମୁଦୁଲି କହିଥିଲେ, ଜଗତ୍‌ସିଂହପୁର ଏକ ସଚେତନ ଜିଲା। ପାରାଦୀପକୁ ଅଧିକ ବିଦେଶୀ ଆସୁଥିବାରୁ ଏହା ଏକ ସମ୍ବେଦନଶୀଳ ଅଞ୍ଚଳ। ଜିଲାରେ ଇ–ଅଫିସ କାର୍ଯ୍ୟକାରିତା ଯୋଗୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇନାହିଁ।

**ଜଗତ୍‌ସିଂହପୁର ଜିଲା**

ତେଣୁ ଏ କ୍ଷେତ୍ରରେ ଜିଲାପାଳଙ୍କୁ ଭୂମିକାକୁ ସେ ପ୍ରଶଂସା କରିଥିଲେ। ରବିବାର ଜନତା କର୍ଫ୍ୟୁକୁ ସମସ୍ତେ ପାଳନ କରିବା ଉଚିତ। ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରାନ୍ତୁ। ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ ପୌରୋହିତ୍ୟ କରିବା ସହ ସଚେତନତା କ୍ଷେତ୍ରରେ ଜନ ପ୍ରତିନିଧିଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲା ପରିଷଦ ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

## କରୋନା ଭୟରେ ଘର ବାହୁଡ଼ା

ଧର୍ମଶାଳା/ଦଶରଥପୁର,୨୧।୩(ଡିଏନଏ)

କରୋନା ଭୟ ଯୋଗୁ ଅନ୍ୟ ରାଜ୍ୟ ତଥା ଦେଶରୁ ନିଜ ଘରକୁ ଫେରୁଛନ୍ତି ଶତାଧିକ ଲୋକ। ରାଜ୍ୟର ବିଭିନ୍ନ ସ୍ଥାନରୁ ଶନିବାର ସୁଦ୍ଧା ଯାଜପୁର ଜିଲା ଧର୍ମଶାଳାସ୍ଥିତ ଘରକୁ ଫେରିଥିବା ୧୨୭ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ହୋମ ଆଇଶୋଲେଶନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୬ଜଣ ବିଦେଶରୁ ଆସିଥିବା ଜଣାଯାଇଛି। ସେହିପରି ଦଶରଥପୁର ବ୍ଲକରେ ରାଜ୍ୟ ବାହାରୁ ଆସିଥିବା ୩୮୨ଜଣ ଓ ବିଦେଶରୁ ଆସିଥିବା ୯ଜଣଙ୍କ ନାମ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ପଞ୍ଜୀକୃତ ହୋଇଥିବା ସୂଚନା ମିଳିଛି।

## ୬୦ରୁ ଉର୍ଦ୍ଧ୍ୱ ବର୍ଷ ଲୋକଙ୍କୁ ଗୁରୁତ୍ୱ

କେନ୍ଦ୍ରାପଡ଼ା ଅଫିସ, ୨୧।୩

କେନ୍ଦ୍ରାପଡ଼ା ଡିଆରଡିଏ ହଲରେ ଜିଲା ପରିଷଦର ସ୍ୱତନ୍ତ୍ର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କରୋନା ସଂକ୍ରମଣରୁ ରକ୍ଷା ପାଇଁ ସଚେତନତାକୁ ଗୁରୁତ୍ୱ ଦିଆଯାଇଥିଲା । ଜିଲାପାଳ ସମର୍ଥ ବର୍ମା ଯୋଗଦେଇ ଭତ୍ତା ଓ ରାଶନ ସାମଗ୍ରୀ ବଣ୍ଟନ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ଆଗାମୀ ୩ ମାସ ପାଇଁ ରାଶନ ସାମଗ୍ରୀ ଓ ଭତ୍ତା ହିତାଧିକାରୀଙ୍କୁ ଚଳିତ ମାସରେ ପ୍ରଦାନ କରାଯିବ। ସେହିପରି କରୋନା ସଂକ୍ରମଣରୁ ରକ୍ଷା ପାଇଁ ଏଏନ୍‌ଏମ୍ ଓ ଆଶାକର୍ମୀମାନେ କାର୍ଯ୍ୟ କରିବେ। ସେମାନଙ୍କ ନିକଟରେ ଆବଶ୍ୟକୀୟ ଔଷଧ ରହିବ । ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଗୁରୁତ୍ୱ ଅଧିକ ଦିଆଯାଉଛି । ମୌଳିକ ଆବଶ୍ୟକତାକୁ ପୂରଣ ସହିତ ଜିଲାବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପ୍ରତି ପଞ୍ଚାୟତରେ ୫୦ରୁ ୧୦୦ ଜଣ ନଜରବନ୍ଦୀରେ ରହିବା ଲାଗି ବ୍ୟବସ୍ଥା ହେଉଛି ବୋଲି କହିଥିଲେ । ଜିଲା ପରିଷଦ ସଭ୍ୟ ଧନଞ୍ଜୟ ବୋଷ, ଗଣେଶ ଚନ୍ଦ୍ର ସାମଲ, ସନ୍ତୋଷ କୁମାର ଜେନା ପ୍ରମୁଖ ସ୍ୱାସ୍ଥ୍ୟ ସେବା ନେଇ କେତେକ ପ୍ରଶ୍ନ ଉଠାଇଥିଲେ । ପୂର୍ବତନ ମନ୍ତ୍ରୀ ତଥା ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ କରୋନା ପରିସ୍ଥିତିକୁ ମୁକାବିଲା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିବାବେଳେ ସିଡିଏମଓ ଡା.ଉର୍ମିଳା ମିଶ୍ର କରୋନା ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ ।

# ୧୨ ରୁଟରେ ସରକାରୀ ବସ୍ ବନ୍ଦ

ବ୍ରହ୍ମପୁର ଅଫିସ,୨୧।୩

କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପକ୍ଷରୁ କରୋନା ମୁକାବିଲା ପାଇଁ ରବିବାର 'ଜନତା କର୍ଫ୍ୟୁ' ପାଳନ ପାଇଁ ଆହ୍ୱାନ ଦିଆଯାଇଛି। ସକାଳ ୭ ଟାରୁ ରାତି ୯ଟା ପର୍ଯ୍ୟନ୍ତ ପ୍ରତ୍ୟେକେ ଘରେ ରହିବାକୁ ଅନୁରୋଧ କରାଯାଇଛି । ଏହି ପରିପ୍ରେକ୍ଷୀରେ ଜନତା କର୍ଫ୍ୟୁକୁ ସମର୍ଥନ ଜଣାଇ ରବିବାର ବ୍ରହ୍ମପୁରରେ ଘରୋଇ ବସ୍, ସିଟି ବସ୍, ଓଏସ୍ଆରଟିସି ବସ୍ ସେବା ବନ୍ଦ ରହିବ । ଏଥିପାଇଁ ଘରୋଇ ବସ୍ ମାଲିକ ସଂଘ, ଓଏସ୍ଆରଟିସି ଓ ସିଟି ବସ୍ କାର୍ଯ୍ୟାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି । ସୂଚନା ପ୍ରକାରେ, ଭଞ୍ଜନଗର ଓ ବ୍ରହ୍ମପୁରରୁ ଜିଲା ତଥା ଜିଲା ବାହାରକୁ ଯାତାୟାତ କରୁଥିବା ମୋଟ ୪୩ ଓଏସ୍ଆରଟିସି ବସ୍‌କୁ ରବିବାର ପାଇଁ ବାତିଲ କରାଯାଇଛି । ସେଥିମଧ୍ୟରେ ବ୍ରହ୍ମପୁର ଭାୟା ଭଞ୍ଜନଗର ବନ୍ଧବାହାଲ, ବ୍ରହ୍ମପୁରରୁ ଉମରକୋଟ ଭାୟା ରାୟଗଡା, ବ୍ରହ୍ମପୁରରୁ ବାଲିମେଳା ଭାୟା ରାୟଗଡା, ବ୍ରହ୍ମପୁରରୁ ଜୟପୁର ଭାୟା ଆନ୍ଧ୍ରପ୍ରଦେଶ, ବ୍ରହ୍ମପୁରରୁ ଚିତ୍ରକୋଣ୍ଡା, ଭଞ୍ଜନଗରରୁ କାଳିମେଳା, ଭଞ୍ଜନଗରରୁ ମାଲକାନଗିରି, ଭଞ୍ଜନଗରରୁ ସୁନାବେଡା, ଦାରିଙ୍ଗବାଡି, ଇନ୍ଦ୍ରାବତୀ, ଆସନ୍‌ସୋଲ୍, ଭଞ୍ଜନଗରୁ କଟକ ଭାୟା ଭୁବନେଶ୍ୱର ପ୍ରମୁଖ ରୁଟରେ ଯାତାୟାତ କରୁଥିବା ସମସ୍ତ ବସ୍‌କୁ ବାତିଲ କରାଯାଇଥିବା ସୂଚନା ମିଳିଛି। ସେହିପରି ଗଞ୍ଜାମ ଜିଲା ତଥା ବାହାରକୁ ଯାତ୍ରା କରୁଥିବା ସମସ୍ତ ଘରୋଇ ବସ୍ ଚଳାଚଳ ମଧ ଜନତା କର୍ଫ୍ୟୁକୁ ଦୃଷ୍ଟିରେ ରଖି ବନ୍ଦ କରାଯାଇଥିବା ଗଞ୍ଜାମ ଜିଲା ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି । ଗୋପାଳପୁର, ଛତ୍ରପୁର, ହଳଦିଆପଦର, ହିଞ୍ଜିଳି ରୁଟରେ ଯାତାୟାତ କରୁଥିବା ୪୨ ସିଟି ବସ୍ ଚଳାଚଳ ମଧ ବନ୍ଦ ରହିବ ବୋଲି ଅପରେଟର ପି. ଅନିଲ କୁମାର କହିଛନ୍ତି।

**ଜନତା କର୍ଫ୍ୟୁକୁ ସମର୍ଥନ**



ଓଏସ୍ଆରସିଟିସି ବସ୍।

- ବ୍ରହ୍ମପୁରରୁ ଗଡିବନି ସିଟି ବସ୍, ଘରୋଇ ବସ



ବିଶ୍ୱତାପନ ଯୋଗୁ ମେରୁ ଅଞ୍ଚଳରେ ଥିବା ହିମପାହାଡ଼ ତରଳିବାରେ ଲାଗିଛି। ଏହାଯୋଗୁ ଏବେ କାନାଡ଼ା ଉପରେ ବିପଦ ମାଡ଼ି ଆସୁଛି। ୨ ହିମଖଣ୍ଡ କାନାଡ଼ା ଆଡ଼କୁ ଧୀରେଧୀରେ ବଢ଼ିବାରେ ଲାଗିଥିବା କୁହାଯାଉଛି। ଏହି ହିମଖଣ୍ଡର ଆକାର ୧୫୦ଟି ଜାହାଜ ସଦୃଶ ହେବ। ଏନେଇ ଜଣେ ନାବିକ ଗେରାଇ ମକାଓ୍ୱ ସୂଚନା ଦେଇଛନ୍ତି। ମକାଓ୍ୱଙ୍କ ସୂଚନା ପରେ ପରିବେଶ ବିଜ୍ଞାନୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଏହି ତରଳୁଥିବା ହିମଖଣ୍ଡ ଯୋଗୁ କାନାଡ଼ାର ଉପକୂଳ ଅଞ୍ଚଳ ବୁଡ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି।

# ଘରୋଇ ସ୍କୁଲ୍ କୋର୍ସ



କରୋନା ଭାଇରସ୍ ପାଇଁ ଏବେ ସବୁ ସ୍କୁଲ୍, ହଷ୍ଟେଲ ଆଦି ଛୁଟି ହୋଇଯିବା ପରେ ସବୁ ପିଲାଙ୍କୁ ଘରେ ରହିବାକୁ ପଡୁଛି । ଫଳରେ ଏତେ ସମୟ ପିଲାମାନଙ୍କୁ ଘରେ ସମ୍ଭାଳିବା ମାମାନଙ୍କ ପାଇଁ ଏକ ବଡ଼ ସମସ୍ୟା ହୋଇଛି। ସବୁ ମାଆମାନଙ୍କର ଏଇ ସମସ୍ୟା ସମାଧାନ ପାଇଁ ଏକ ଘରୋଇ ସ୍କୁଲ୍ ରୁଟିନ୍ ତିଆରି କରିଛନ୍ତି ଜଣେ ମାଆ। ପିଲାଙ୍କ ପାଇଁ ଏହି ରୁଟିନ୍ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏହି କୋର୍ସ ୬ ଘଣ୍ଟା ୩୦ ମିନିଟ୍ ପାଇଁ ରହିଛି। ଘରୋଇ କୋର୍ସ ଆରମ୍ଭ ହେଉଛି ସକାଳ ୯ଟାରୁ, ପ୍ରଥମେ ହୋମ୍ ଇକୋନୋମିକ୍ସ କ୍ଲାସ। ଅର୍ଥାତ୍ ପିଲାମାନଙ୍କୁ କଫି କିପରି ତିଆରି କରଯିବ ସେସମ୍ପର୍କରେ ଶିକ୍ଷା ଦିଆଯିବ। ଅଭିଭାବକମାନେ ୱାର୍କ ଫ୍ରମ୍ ହୋମ୍ ଅର୍ଥାତ୍ ଘରୁ କମ କରୁଥିଲେ ପିଲାମାନଙ୍କର ଏଇ ଦକ୍ଷତା ବଢାଇପାରିବେ। ଏହାପର କ୍ଲାସ୍ ଆରମ୍ଭ ହେବ ୧୦ଟାରେ ମେକାନିକାଲ୍ ଇଞ୍ଜିନିୟରିଂ କ୍ଲାସରୁ। ଏଇ କ୍ଲାସରେ ପିଲାମାନଙ୍କୁ ସାର୍କ ହୁଭର ଅର୍ଥାତ୍ ଧୂଳି ସଫା କରିବା ଯନ୍ତ୍ରକୁ କିପରି ସଞ୍ଚାଳିତ କରିବ ସେସମ୍ପର୍କରେ ଶିକ୍ଷା ଦିଆଯିବ। ଏହା ପରେ ଦିନ ୧୧ଟାବେଳେ ଆରମ୍ଭ ହେବ ପିଇ କ୍ଲାସ। ଏଇ କ୍ଲାସରେ ପିଲାମାନେ ବାହାରେ ଦୌଡ଼ିବା, ଅଳିଆ ଉଠାଇବା ସହିତ ରିସାଇକିଲ୍ କରିବା ଆଦି କାମ ରହିଛି। ଖାଇବା ଛୁଟି ପରେ ରସାୟନ ବିଜ୍ଞାନ କ୍ଲାସରେ ପିଲାମାନେ ସଫା କରିବା କାମ ବିଶେଷକରି ଟଏଲେଟ୍ ସଫା କିପରି କରିବାକୁ ହେବ ସେ ଶିକ୍ଷା କରିବେ। ଦିନ ୨ଟାରେ ଘରେ ତଳେ ଏଣେତେଣେ ପଡ଼ିଥିବା ସମସ୍ତ ଜିନିଷକୁ କିପରି ସାଇତି ରଖିବ ସେନେଇ ପିଲାଙ୍କୁ ଶିକ୍ଷା ଦିଆଯିବ। ଶେଷରେ ବିଜ୍ଞାନ କ୍ଲାସରେ ପିଲାମାନେ ଅପରିଷ୍କାର ବାସନକୁ କିପରି ସଫା କରିବାକୁ ହେବ ଶିଖିବେ। ଘରେ ସ୍କୁଲ କାମ ସରିବା ପରେ ବି ପିଲାମାନେ ନିଜ ରୁମ୍‌କୁ ଯାଇ ଆଇପଡ୍ ଦେଖିପାରିବେ ବୋଲି କୁହାଯାଇଛି। ସୋସିଆଲ୍ ମିଡିଆରେ ଏଭଳି ଏକ ଘରୋଇ ପାଠ୍ୟକ୍ରମକୁ ନେଇ ବେଶ୍ ଚର୍ଚ୍ଚା ହେଉଛି।

# ସଙ୍କଟ ସମୟରେ ମହାନାୟକ

*ନୂଆଦିଲ୍ଲୀ: ଆତଙ୍କର ଅନ୍ୟନାମ କରୋନା। ଚାଇନାର ଉହାନ ସହରରୁ ଉତ୍ପତ୍ତି ହୋଇଥିବା ଏହି ମାରାତ୍ମକ ଭୂତାଣୁ ଏବେ ୧୮୫ ଦେଶରେ ମୃତ୍ୟୁର ଘଣ୍ଟି ବଜାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହାକୁ ମହାମାରୀ ଘୋଷଣା କରିସାରିଛି। କରୋନାକୁ ନେଇ ବିଶ୍ୱବ୍ୟାପୀ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ସଙ୍କଟ ସମୟରେ ମହାନାୟକ ସାଜିଛନ୍ତି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ବୈଜ୍ଞାନିକ, ସ୍ୱେଚ୍ଛାସେବୀ। ଭୂତାଣୁକୁ ନେଇ ବିଶେଷଜ୍ଞମାନେ କରିଥିବା ଭବିଷ୍ୟବାଣୀ ସତ ବୋଲି ପ୍ରମାଣିତ ହେଉଛି। କରୋନା ଭାଇରସ୍ ସହ ମଣିଷ ଯୁଦ୍ଧ କରୁଥିବାବେଳେ ଏବେ ଏପରି ଭବିଷ୍ୟଦ୍ରଷ୍ଟାଙ୍କ ଅବଦାନକୁ ମନେ ପକାଉଛନ୍ତି ପୃଥିବୀବାସୀ।*

**ହ୍ୱିସିଲ ବ୍ଲୋୟର ଡା. ଲି ୱେନ୍ ଲିୟାଙ୍ଗ:** ଚାଇନାର ଏହି ୩୪ ବର୍ଷୀୟ ଡାକ୍ତର ପ୍ରଥମେ ଠଉରାଇ ପାରିଥିଲେ ଭାଇରସ୍‌ର ଭୟାବହତାକୁ। ଏହା କୌଣସି ସାଧାରଣ ଭୂତାଣୁ ନୁହେଁ ବୋଲି ସେ ୩୧ ଡିସେମ୍ବରରେ ଲୋକପ୍ରିୟ ସୋସିଆଲ ମଡିଆ ପ୍ଲାଟଫର୍ମ ୱିଚାଟ୍‌ରେ ଚେତାବନୀ ଦେଇଥିଲେ। ଏପରି କାର୍ଯ୍ୟ ପାଇଁ ଡା. ଲି ଚାଇନାର କମ୍ୟୁନିଷ୍ଟ ସରକାରଙ୍କ ରୋଷର ଶିକାର ହୋଇଥିଲେ। ପୋଲିସ ତାଙ୍କୁ ଗୁଜବ ପ୍ରଚାରକାରୀ ବୋଲି ଅପବାଦ ଲଗାଇଥିଲା। କୌଣସି ପରିସ୍ଥିତିରେ ମଧ୍ୟ ପାଟି ନ ଖୋଲିବାକୁ ପ୍ରବଳ ଚାପ ପକାଯାଇଥିଲା। ଏହାସତ୍ତ୍ୱେ ଡା. ଲି ଭୂତାଣୁର ଗମ୍ଭୀରତାକୁ ନେଇ ନିଜ କାର୍ଯ୍ୟ ଜାରି ରଖିଥିଲେ। ୩୧ ଜାନୁୟାରୀରେ ନ୍ୟୁୟର୍କ ଟାଇମ୍ସକୁ ଦେଇଥିବା ସାକ୍ଷାତକାରରେ ଭୂତାଣୁର ଭୟାବହତାକୁ ନେଇ ଅନେକ ତଥ୍ୟ ଦେଇଥିଲେ। ଏହାର କିଛିଦିନ ପରେ ଭୂତାଣୁ ସଂକ୍ରମଣରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଜିନ୍‌ପିଙ୍ଗ୍ ସରକାର ଜନଆକ୍ରୋଶର ଶିକାର ହୋଇଥିଲେ।



**ଭାଇରସ୍ ଚିହ୍ନଟକାରୀ ଡା. ଜହାଙ୍ଗ ଜିଆଙ୍ଗ:** ନବକରୋନା ଭାଇରସ୍‌କୁ ପ୍ରଥମେ ଚିହ୍ନଟ କରିଥିଲେ ୫୪ ବର୍ଷୀୟ ଚାଇନିଜ୍ ଡାକ୍ତର ଜହାଙ୍ଗ ଜିଆଙ୍ଗ। ହସ୍ପିଟାଲର ରେସ୍ପିରେଟରି ଏବଂ କ୍ରିଟିକାଲ କେୟାର ଡିପାର୍ଟମେଣ୍ଟର ନିର୍ଦ୍ଦେଶକ ଜିଆଙ୍ଗ ୨୬ ଡିସେମ୍ବରରେ ପ୍ରଥମେ ୪ଜଣ ରୋଗୀଙ୍କ ନିକଟରେ ଅଦ୍ଭୁତ ଲକ୍ଷଣ ଠାବ କରିଥିଲେ। ସମ୍ପୃକ୍ତ ରୋଗୀମାନେ ନିମୋନିଆରେ ଆକ୍ରାନ୍ତ ଥିଲେ। ସେମାନଙ୍କ ଫୁସ୍‌ଫୁସ୍‌ରେ ସାଂଘାତିକ ସଂକ୍ରମଣ ଥିଲା। ରୋଗୀଙ୍କ ମଧ୍ୟରୁ ୩ଜଣ ଗୋଟିଏ ପରିବାରରୁ ଥିଲେ। ଏଥିରୁ ସେ କରୋନା ଭୂତାଣୁର ଗମ୍ଭୀରତାର ଆଭାସ ପାଇଥିଲେ। ଏଥିସହ ତୁରନ୍ତ ଡାକ୍ତରଖାନାର ଅନ୍ୟ ବିଭାଗକୁ ସୂଚିତ କରିଥିଲେ। ଡିସେମ୍ବର ୨୭ରେ ଡା. ଜହାଙ୍ଗ ଚାଇନାର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ କରୋନା ଭାଇରସ ସମ୍ପର୍କରେ ଅବଗତ କରାଇଥିଲେ, ଯାହା ତାଙ୍କୁ ସୋସିଆଲ ମିଡିଆରେ ହିରୋ ସଜାଇ ଦେଇଥିଲା। ଏଥିପୂର୍ବରୁ ଜହାଙ୍ଗ ସାର୍ସ ଭାଇରସ୍ ପ୍ରତିରୋଧ ପାଇଁ ଗଠିତ ଟିମ୍‌ରେ ସାମିଲ ହୋଇଥିଲେ। ସେଠାରୁ ମିଳିଥିବା ପ୍ରଶିକ୍ଷଣ କରୋନା ସହ ଲଢ଼ିବାରେ କାମରେ ଆସୁଛି।



**ପ୍ରତିଷେଧକ ପଛରେ ଚେନ୍ ୱୁଇ:** ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବାୟୋଇଞ୍ଜିନିୟରିଂ ଏକାଡେମୀ ଅଫ୍ ମିଲିଟାରି ମେଡିକାଲ ସାଇନ୍ସର ବୈଜ୍ଞାନିକ ହେଉଛନ୍ତି ଚେନ୍ ୱୁଇ। ଚାଇନା ମିଡ଼ିଆରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଚେନ୍ ଏବଂ ତାଙ୍କ ଟିମ୍ କରୋନା ଭାଇରସ୍ ସହ ଲଢ଼ିବା ଲାଗି ପ୍ରତିଷେଧକ ବିକଶିତ କରିସାରିଛନ୍ତି। ଜାନୁୟାରୀ ୨୬ରୁ ଚେନ୍ ଏହି ଭାକ୍ସିନ ଲାଗି କାମ କରୁଛନ୍ତି। ଏହାକୁ ସରକାର କ୍ଲିନିକାଲ ଟ୍ରାଏଲର ଅନୁମତି ମଧ୍ୟ ଦେଇସାରିଛନ୍ତି। ପରୀକ୍ଷା ସଫଳ ହେଲେ ବିଶ୍ୱକୁ ପ୍ରଥମ କରୋନା ପ୍ରତିରୋଧୀ ଟିକା ମିଳିବ। ସୂଚନାଯୋଗ୍ୟ, ଇବୋଲା ଟିକା ବାହାର କରିବାରେ ମଧ୍ୟ ଚେନ୍‌ଙ୍କ ଯୋଗଦାନ ଅନନ୍ୟ। ଏଥିପୂର୍ବରୁ ସେ ସାର୍ସ ଭାଇରସ ପ୍ରତିରୋଧୀ ସ୍ପ୍ରେ ବାହାର କରିଥିଲେ। ଆଫ୍ରିକୀୟ ରାଷ୍ଟ୍ର ଇବୋଲା କବଳରେ ଥିବାବେଳେ ଚେନ୍‌ଙ୍କ ରିସର୍ଚ୍ଚ କାମରେ ଆସିଥିଲା।



## ନୀଲ ଫର୍ଗୁସନଙ୍କ ପ୍ରତିରୋଧ ରଣନୀତି

ପ୍ରତିରୋଧ, କ୍ୱାରାଣ୍ଟାଇନକୁ କରୋନାଠୁ ଦୂରେଇ ରହିବାର ସବୁଠାରୁ ସଫଳତମ ପଦକ୍ଷେପ ବୋଲି କୁହାଯାଉଛି। ତେବେ କରୋନା ଭାଇରସର ଭୟାବହତା ଦେଖାଦେବାପରେ ୫୨ ବର୍ଷୀୟ ନୀଲ ଫର୍ଗୁସନ ଏ ନେଇ ବ୍ରିଟିଶ ସରକାରଙ୍କୁ ସତର୍କ କରାଇଥିଲେ। ଆଗୁଆ ପ୍ରତିକାର ବ୍ୟବସ୍ଥା ଗ୍ରହଣ ନ କଲେ ବ୍ରିଟେନରେ ୨ଲକ୍ଷ ୬୦ ହଜାରରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁମୁଖରେ ପଡ଼ିବେ ବୋଲି ସେ ଚେତାବନୀ ଦେଇଥିଲେ। ନୀଲ କରୋନା ଭାଇରସ୍‌ର ଗମ୍ଭୀରତା ଏବଂ ଏହାଦ୍ୱାରା ସୃଷ୍ଟି ହେଉଥିବା ପରିସ୍ଥିତିକୁ ବେଶ୍ ଭଲ ଭାବେ ବୁଝିପାରିଛନ୍ତି। ସେ ୨ ମାସ ହେଲା ଭାଇରସ୍ ସମ୍ପର୍କିତ ରିସର୍ଚ୍ଚ ପେପର ପ୍ରସ୍ତୁତ କରୁଛନ୍ତି, ଯାହା କରୋନା ସହ ଲଢ଼ିବା ଲାଗି ନୀତି ପରିବର୍ତ୍ତନ କରିବାକୁ ବ୍ରିଟିଶ ସରକାରଙ୍କୁ ବାଧ୍ୟ କରିଛି। ନୀଲଙ୍କ ପରାମର୍ଶରେ ବ୍ରିଟେନରେ ୱାର୍କ ଫ୍ରମ୍ ହୋମ୍ ଆରମ୍ଭ ହୋଇଛି। ଶିକ୍ଷାନୁଷ୍ଠାନ, ସର୍ବସାଧାରଣ ସ୍ଥାନ ବନ୍ଦ କରିଦିଆଯାଇଛି। ନୀଲ ଲଣ୍ଡନର ଇମ୍ପିରିୟର କଲେଜ ସେଣ୍ଟର ଫର୍ ଏପିଡେମିୟୋଲୋଜିକାଲ ଆନାଲିସିସ୍ ଆଣ୍ଡ ମୋଡଲିଂ ଅଫ୍ ଇନ୍‌ଫେକ୍ସିଅସ୍ ଡିଜିଜ୍‌ର ନିର୍ଦ୍ଦେଶକ। ସେ ଜଣେ ଗଣିତଜ୍ଞ ମଧ୍ୟ।






# ଜଳ ଓ ଜଳବାୟୁର ସୁରକ୍ଷା ଲୋଡ଼ା

ପ୍ରତିବର୍ଷ ମାର୍ଚ୍ଚ ୨୨ରେ ବିଶ୍ୱ ଜଳ ଦିବସ ପାଳନ କରାଯାଉଛି। ବିଶ୍ୱର ସମସ୍ତ ବିକଶିତ ତଥା ବିକାଶଶୀଳ ଦେଶଗୁଡ଼ିକରେ କିପରି ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳ ଉପଲବ୍ଧ କରାଯିବା ଏହି ଦିବସର ଲକ୍ଷ୍ୟ। ଜଳ ସଂରକ୍ଷଣର ମହତ୍ତ୍ୱ ଉପରେ ଲୋକମାନଙ୍କୁ ଏହି ଦିବସରେ ମଧ୍ୟ ସଚେତନ କରାଯାଏ। ବ୍ରାଜିଲର ରିଓ ଡି ଜେନେରୋରେ ୧୯୯୨ରେ ମିଳିତ ଜାତିସଂଘ ଦ୍ୱାରା ଆୟୋଜିତ ପରିବେଶ ତଥା ବିକାଶ ସମ୍ପର୍କିତ ସମ୍ମିଳନୀରେ ବିଶ୍ୱ ଜଳ ଦିବସ ପାଳନ କରାଯିବା ଲାଗି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପରେ ୧୯୯୩ରେ ଜାତିସଂଘ ସାଧାରଣ ପରିଷଦ ପ୍ରଥମେ ଏହି ଦିବସ ପାଳନ କରିବା ଲାଗି ଘୋଷଣା କରିଥିଲା ଓ ସେହି ବର୍ଷ ପ୍ରଥମେ ଏହା ପାଳନ କରାଯାଇଥିଲା। ବିଶ୍ୱରେ ଜଳ ସଂରକ୍ଷଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମକୁ ଏହି ଦିବସରେ ପ୍ରୋତ୍ସାହିତ କରାଯାଏ। ବିଶ୍ୱ ଜଳ ଦିବସ ମିଳିତ ଜାତିସଂଘର ପରିବେଶ ଓ ବିକାଶ ଏଜେନ୍ସି ଦ୍ୱାରା ବିଶ୍ୱରେ ଏହାର ସଦସ୍ୟ ରାଷ୍ଟ୍ରଗୁଡିକ ଦ୍ୱାରା ପାଳନ କରାଯାଉଛି। ୨୦୧୬ରୁ ଏହା ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ୍ ନେଇ ପାଳନ କରାଯାଉଛି। ଏହି ବର୍ଷ ସ୍ଲୋଗାନ ଥିଲା 'ଜଳ ଓ ନିଯୁକ୍ତି'। ୨୦୨୦ରେ ବିଶ୍ୱ ଜଳ ଦିବସର ସ୍ଲୋଗାନ୍ ରହିଛି' ଜଳ ଓ ଜଳବାୟୁ ପରିବର୍ତ୍ତନ'। ଜଳ ଓ ଜଳବାୟୁ ମଧ୍ୟରେ ସମ୍ପର୍କ ରହିଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଜଳରେ ଦେଖିବାକୁ ମିଳିଥାଏ। ବିଶ୍ୱତାପନ ବୃଦ୍ଧି ଯୋଗୁ ଜଳବାୟୁରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ଏହା ଦ୍ୱାରା ଅନିୟମିତ ବୃଷ୍ଟିପାତ ହେବା ସହ ଏହାର ପ୍ରଭାବ କୃଷି ଓ ଜୀବଜଗତ ଉପରେ ପଡୁଛି। ଜାତିସଂଘ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୫୦ ସୁଦ୍ଧା ବିଶ୍ୱରେ ପାନୀୟ ଜଳ ସଂକଟ ଦେଖାଦେବ ଓ ଭାରତରେ ବି ପାନୀୟ ଜଳ ପରିମାଣ ହ୍ରାସ ପାଇବ । ଏଣୁ ଜଳ ଓ ଜଳବାୟୁର ସୁରକ୍ଷା ସଂରକ୍ଷଣ ଲୋଡା।




## କ୍ୱାରାଣ୍ଟାଇନ୍ କେକ୍

**ସାନ୍ ଫ୍ରାନ୍ସିସକୋ:** କରୋନା ଭାଇରସ୍ ପାଇଁ ଏବେ ସବୁଆଡ଼େ ବଢ଼ିଛି ସଚେତନତା। ଏହି ଉଦ୍ଦେଶ୍ୟରେ ଏବେ ଲୋକଙ୍କୁ ସଚେତନ କରିବ କ୍ୟାରେନ୍‌ଷ୍ଟାଇନ୍ କେକ୍। କାଲିଫର୍ଣ୍ଣିଆର ସାନ୍ ଫ୍ରାନ୍ସିସକୋରେ ଥିବା ବେକେରୀ କମ୍ପାନୀ ବଟର ଆଣ୍ଡ ବେକେରୀ ଏଭଳି ଏକ କେକ୍ ତିଆରି କରି ଏବେ ଚର୍ଚ୍ଚାକୁ ଆସିଛି। ସମ୍ପୃକ୍ତ ବେକେରୀ ଦୋକାନର ଏଇ କ୍ୟାରେନଷ୍ଟାଇନ୍ କେକରେ ଲୋକଙ୍କୁ ସଚେତନ କରିବା ପାଇଁ ଲେଖାଯାଇଛି ହାତ ଧୁଅନ୍ତୁ, ମୁହଁରେ ବାରମ୍ବାର ହାତ ଲଗାନ୍ତୁ ନାହିଁ। ଏଭଳି ବିଭିନ୍ନ ପ୍ରକାରର ସଚେତନତା ଥିବା ବିଭିନ୍ନ କଥା ଲେଖା ହୋଇ କ୍ୱାରେନଷ୍ଟାଇନ୍ କେକ୍ ନାଁରେ ବିକ୍ରି ହେଉଛି। ଏହ କେକର ଡିଜାଇନ୍ ଏପରି ହୋଇଛି ଯେ ଏହାକୁ କେବଳ ଦୁଇଜଣ ଲୋକ ଏକ ନିର୍ଦ୍ଦିଷ୍ଟ ଦୂରତା ରଖି ଏକାଠି ଖାଇପାରିବେ।




## ୪୨ ବର୍ଷରେ ରାଣୀ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ରାଣୀ ମୁଖାର୍ଜୀ ଶନିବାର ୪୨ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୭୮ ମାର୍ଚ୍ଚ ୨୧ରେ ମୁମ୍ବାଇଠାରେ ଜନ୍ମଗ୍ରହଣ କରିଥିଲେ। ରାଣୀଙ୍କ ଅଭିନୟ ଦକ୍ଷତାକୁ ଦର୍ଶକ ବେଶ୍ ପସନ୍ଦ କରିଥାନ୍ତି। ନିକଟରେ ରିଲିଜ୍ ହୋଇଥିବା ତାଙ୍କ ଫିଲ୍ମ ମର୍ଦାନୀ ବେଶ୍ ସଫଳ ମଧ୍ୟ ରହିଛି। ରାଣୀଙ୍କ ସହିତ ବିଭିନ୍ନ ଅଭିନେତାଙ୍କ ସମ୍ପର୍କ ନେଇ ବହୁ ସମୟରେ ବଲିଉଡ୍‌ରେ ଚର୍ଚ୍ଚା ହୋଇଛି। ନିର୍ଦ୍ଦେଶକ ଆଦିତ୍ୟ ଚୋପ୍ରାଙ୍କ ସହିତ 'ମୁଝ୍‌ସେ ଦୋସ୍ତି କରୋଗି' ଶୁଟିଂ ସେଟ୍‌ରେ ଉଭୟଙ୍କ ମଧ୍ୟରେ ନିବିଡ଼ତା ବୃଦ୍ଧି ପାଇଥିଲା। ୨୦୧୪ରେ ସେ ଆଦିତ୍ୟ ଚୋପ୍ରାଙ୍କୁ ଇଟାଲିରେ ବିବାହ କରିଥିଲେ। ରାଣୀ ଆଦିତ୍ୟଙ୍କୁ ଖୁବ୍ ଭଲ ପାଆନ୍ତି। ତେବେ ଆଦିତ୍ୟ ବହୁ ସମୟରେ ବ୍ୟସ୍ତ ରହୁଥିବାରୁ ରାଣୀ ତାଙ୍କୁ ଥଟ୍ଟାରେ ମଜାଳିଆ ଢ଼ଙ୍ଗରେ ଗାଳି ଦେଇଥାନ୍ତି ବୋଲି ଏକ ସାକ୍ଷାତ୍‌କାରରେ କହିଥିଲେ। ଆଦିତ୍ୟ ୨୦୦୧ରେ ପାୟଲ ମାଲହୋତ୍ରାଙ୍କୁ ବିବାହ କରିଥିଲେ। ତେବେ ୨୦୦୯ରେ ପାୟଲଙ୍କ ସହିତ ତାଙ୍କର ବିବାହ ବିଚ୍ଛେଦ ଘଟିଥିଲା। ରାଣୀଙ୍କ ଅପ୍ କମିଂ ଫିଲ୍ମ ବଣ୍ଟି ଔର ବବ୍‌ଲୀ-୨ ଖୁବ୍ ଶୀଘ୍ର ରିଲିଜ୍ ହେବ।

**ନିର୍ଦ୍ଦେଶକ ଆଦିତ୍ୟ ଚୋପ୍ରାଙ୍କୁ କରିଥିଲେ ଦ୍ୱିତୀୟ ବିବାହ**

## ଶସ୍ତା ସାନିଟାଇଜର

**ନୂଆଦିଲ୍ଲୀ:** ଦେଶରେ ଏବେ କରୋନା ଭାଇରସ୍ ପାଇଁ ସାନିଟାଇଜରର ପ୍ରବଳ ଡିମାଣ୍ଡ ସୃଷ୍ଟି ହୋଇଛି। ଏଥିପାଇଁ ଏବେ ବିଭିନ୍ନ ସ୍ଥାନରେ ସାନିଟାଇଜରର ଅଭାବ ବି ଦେଖାଦେଇଛି। ଏଭଳି ଏକ ସମୟରେ ଏବେ ଖୁବ କମ୍ ସମୟରେ ଏ ଖର୍ଚ୍ଚରେ ସାନିଟାଇଜର୍ ତିଆରି କରିଛି ଦିଲ୍ଲୀ ଆଇଆଇଟି। ଏଠାରେ ଆଇଆଇଟିର ପ୍ରଫେସରମାନେ ଖୁବ୍ କମ୍ ସମୟରେ ୱାର୍ଲଡ ହେଲ୍‌ଥ ଅର୍ଗାନାଇଜେସନ୍ ମାନକ ଥିବା ସାନିଟାଇଜର ତିଆରି କରିଛନ୍ତି। ଆଇଆଇଟି ଦିଲ୍ଲୀର ନିର୍ଦ୍ଦେଶକ ଫେସବୁକ୍ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ପ୍ରଫେସରମାନଙ୍କ ସୂଚନା ଅନୁସାରେ ଏହି ସାନିଟାଇଜର ନିମନ୍ତେ କମ୍ ପଇସା ଦେବାକୁ ପଡୁଥିଲେ ବି ଏହାର ଗୁଣବତ୍ତା ବହୁତ ଭଲ ରହିଛି। ତେଣୁ ଏଭଳି ଏକ ସଫଳତା ନିମନ୍ତେ ଆଇଆଇଟିର ସମସ୍ତ ଲ୍ୟାବ କର୍ମଚାରୀମାନଙ୍କୁ ସେ ଧନ୍ୟବାଦ ଦେଇଛନ୍ତି।



# ଫୋନ୍

ବର୍ତ୍ତମାନ ଯୁବପିଢ଼ିଙ୍କ ଲାଗି ମୋବାଇଲ ଫୋନ୍‌ର ଆବଶ୍ୟକତା ଏତେ ଅଧିକ ହୋଇଯାଇଛି ଯେ, ଏହା ବିନା ସେମାନଙ୍କୁ କୌଣସି ଗୋଟିଏ ଦିନ ପରିକଳ୍ପନା କରିବା ଯେପରି ଅସମ୍ଭବ ମନେହେଉଛି। ହେଲେ ଯେହେତୁ ବର୍ତ୍ତମାନ ସମୟରେ ମୋବାଇଲ ଫୋନ୍ ହଜିବା କିମ୍ବା ଚୋରି ହେବା ଆଶଙ୍କା ଅଧିକ, ତେଣୁ ଉଭୟ ଫୋନ୍ ଏବଂ ଏହାର ଡାଟାକୁ ସୁରକ୍ଷିତ ରଖିବା ଲାଗି କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ...







ବର୍ତ୍ତମାନ ଅନେକଙ୍କ ଲାଗି ଫୋନ୍ ଏକ ଛୋଟ ଦୁନିଆ ସଦୃଶ ପାଲଟି ଯାଇଛି। ଯେଉଁଥିରେ ବ୍ୟାଙ୍କିଙ୍ଗ୍, ଶପିଂ, ସୋସିଆଲ୍ ସାଇଟ୍, ପର୍ସନାଲ୍ ଫଟୋଗ୍ରାଫ୍, ଭିଡିଓ, ଅଫିସିଆଲ୍ ଡାଟାଠାରୁ ଆରମ୍ଭ କରି ବହୁ କିଛି ରହିପାରୁଛି। ତେଣୁ କୌଣସି କାରଣରୁ ଏହା ହଜିଗଲେ କିମ୍ବା ଚୋରି ହୋଇଗଲେ ନା କେବଳ ଏସବୁ କାମରେ ବାଧା ଉପୁଜୁଛି ବରଂ ପର୍ସନାଲ୍ ଡାଟା ଅନ୍ୟ କାହା ହାତରେ ଲାଗିବା ସହ ଏହାକୁ ନେଇ କେହି କୌଣସି ଅପରାଧ ଘଟାଇବକୁ ନେଇ ଚିନ୍ତା ରହୁଛି। ତେଣୁ କିପରି ଫୋନ୍ ସହିତ ନିଜ ସମସ୍ତ ପର୍ସନାଲ ଡାଟା ସୁରକ୍ଷିତ ରଖିପାରିବେ ଜାଣିରଖନ୍ତୁ କେତୋଟି ସହଜ ଉପାୟ...

➔ପ୍ରଥମ କଥା ହେଉଛି, ବାହାରକୁ ଯିବା ସମୟରେ ଯଦି ପକେଟ୍‌ରେ କିମ୍ବା ବ୍ୟାଗ୍‌ରେ ଫୋନ୍ ରଖୁଛନ୍ତି, ତେବେ ବାରମ୍ବାର ଚେକ୍ କରିବାକୁ ଭୁଲନ୍ତୁ ନାହିଁ।

➔ଯଦିଓ ଫୋନ୍ ଆପଣଙ୍କର ପର୍ସନାଲ୍। ହେଲେ ଏହା ଚୋରି ହେବା କିମ୍ବା ଏଥିରୁ ଡାଟା ଚୋରି ହେବାର ଆଶଙ୍କା ଥିବାରୁ ଏଭଳି କିଛି ଡାଟା ଷ୍ଟୋର କରି ରଖନ୍ତୁ ନାହିଁ, ଯାହାର କୌଣସି ବି ଅପବ୍ୟବହାର କରାଯାଇପାରିବ।

➔ମୋବାଇଲ ଫୋନ୍‌କୁ ସର୍ବଦା ପାସ୍‌ୱାର୍ଡ ପ୍ରୋଟେକ୍ଟେଡ୍ ରଖନ୍ତୁ। ଏଥିପାଇଁ ସିକ୍ୟୁରିଟି କୋଡ୍ କିମ୍ବା ପାଟର୍ନ ବ୍ୟବହାର କରିପାରିବେ। ହେଲେ ଯଦି ଆପଣଙ୍କ ଫୋନ୍‌ରେ ଫିଙ୍ଗର୍‌ପ୍ରିଣ୍ଟ ଲକ୍ ସିଷ୍ଟମ ରହିଛି, ତେବେ ଏହାର ସୁବିଧା ନେଇପାରିବେ।

➔ଫୋନ୍‌ରେ ପାସ୍‌ୱାର୍ଡ ମ୍ୟାନେଜମେଣ୍ଟ ସଫ୍ଟୱେର୍ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ଏହାକୁ ରଖିବା ଦ୍ୱାରା ଆପଣ କ୍ରେଡିଟ୍ କାର୍ଡ, ପାସ୍‌ୱାର୍ଡ, ଫଟୋ କିମ୍ବା ଅନ୍ୟାନ୍ୟ ମହତ୍ତ୍ୱପୂର୍ଣ୍ଣ ଡାଟା ସୁରକ୍ଷିତ ରଖିପାରିବେ। ଏମିତିକି ଫୋନ୍ ହଜିଗଲେ କିମ୍ବା ଚୋରି ହୋଇଗଲେ ମଧ୍ୟ ବିନା ପାସ୍‌ୱାର୍ଡରେ କେହି ଏହାକୁ ଖୋଲିପାରିବେ ନାହିଁ

➔ବର୍ତ୍ତମାନ ଅନେକ ନାମୀଦାମୀ କମ୍ପାନୀର ଫୋନ୍‌ରେ ଅପ୍‌ଲୋଡିଂ ଏବଂ ଡାଉନ୍‌ଲୋଡିଂରେ ଲକ୍ ସିଷ୍ଟମ୍ ଉପଲବ୍ଧ, ଯାହାଦ୍ୱାରା ଆପଣଙ୍କ ବ୍ୟତୀତ ଅନ୍ୟ କେହି ଚାହିଁଲେ ଫୋନ୍‌ରୁ କୌଣସି ଡାଟା କପି କିମ୍ବା ଫର୍‌ୱାର୍ଡ କରିପାରିବେ ନାହିଁ।

➔ଯଦି ଫୋନ୍‌ରେ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି, ତେବେ ସିକ୍ୟୁରିଟି ସିଷ୍ଟମ୍ ରଖନ୍ତୁ। ତଥାପି ଫୋନ୍ ହଜିବା ମାତ୍ରେ ପ୍ରଥମେ ସମସ୍ତ ଅନ୍‌ଲାଇନ୍ ଆକାଉଣ୍ଟର ପାସ୍‌ୱାର୍ଡ ପରିବର୍ତ୍ତନ କରିଦିଅନ୍ତୁ।

➔ଲ୍ୟାପ୍‌ଟପ୍ କିମ୍ବା ଡେସ୍କଟପ୍‌ରେ ଫୋନ୍‌ରେ ଥିବା ସମସ୍ତ ଡାଟାର ବ୍ୟାକ୍‌ଅପ୍ ରଖନ୍ତୁ। ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ସର୍ଭିସ ବ୍ୟବହାର କରି ଡାଟାଗୁଡ଼ିକୁ ସୁରକ୍ଷିତ ରଖନ୍ତୁ।

➔ମନେ ରଖନ୍ତୁ ଯଦି କେବେ ଫୋନ୍ ଚୋରି କିମ୍ବା ହଜିବା ଭଳି ପରିସ୍ଥିତି ସୃଷ୍ଟି ହୁଏ ତେବେ ସର୍ବପ୍ରଥମେ ସିମ୍ କନେକ୍ସନ୍‌କୁ ତୁରନ୍ତ ବ୍ଲକ କରିଦିଅନ୍ତୁ ଏବଂ ନିକଟସ୍ଥ ଥାନାରେ ଏକ କମ୍ପ୍ଲେନ୍ ଲେଖାଇଦିଅନ୍ତୁ। ଏହାଦ୍ୱାରା ଏହାକୁ ନେଇ କେହି କୌଣସି ଆପରାଧିକ କାର୍ଯ୍ୟ କରିପାରିବେ ନାହିଁ।

## କ'ଣ କରନ୍ତି ଏମାନେ....

**ରୋଜାଲିନ୍ ସେନାପତି**(କର୍ମଜୀବୀ, ଫରେଷ୍ଟ ଡିପାର୍ଟମେଣ୍ଟ, ଭୁବନେଶ୍ୱର) – ମୋବାଇଲ୍ ଫୋନ୍ ଚୋରି ହୋଇଗଲେ ଯେତିକି ଦୁଃଖ ଲାଗେ, ସେଥିରେ ଥିବା ଡାଟାକୁ କେହି ଯେମିତି ଅପବ୍ୟବହାର ନ କରନ୍ତି ତା'କୁ ନେଇ ଅଧିକ ଭୟ ଲାଗେ। ଏହାକୁ ନେଇ ନିଜ ଅଙ୍ଗେନିଭା ଅନୁଭୂତି ରହିଛି। ଯଦିଓ ଚୋରି ହେବା କ୍ଷଣି ତୁରନ୍ତ ଥାନାରେ ଅଭିଯୋଗ କରିବା ସହ ସିମ୍ ବ୍ଲକ୍ କରିଥିଲି। ଫିଙ୍ଗରପ୍ରିଣ୍ଟ ଲକ୍ ରଖିଥିବାରୁ ଡାଟା ଚୋରିରୁ ରକ୍ଷା ପାଇଗଲି, ହେଲେ ଉକ୍ତ ଘଟଣା ପରଠାରୁ ଅଧିକ ସଜାଗ ହୋଇଯାଇଛି। ବାହାରକୁ ଯିବା ସମୟରେ ନିହାତି ଆବଶ୍ୟକ ନ ହେଲେ ବ୍ୟାଗ୍‌ରୁ ଫୋନ୍ ବାହାର କରୁ ନାହିଁ। ତା'ଛଡା ମୋବାଇଲ୍‌କୁ ପାସ୍‌ୱାର୍ଡ ପ୍ରେଟେକ୍ଟେଡ୍ ରଖିଲେ ସୁଦ୍ଧା ସମସ୍ତ ପର୍ସନାଲ ଡାଟା ଏଥିରେ ସେଭ୍ କରିନାହିଁ।

**ଫାଲ୍‌ଗୁନୀ ପ୍ରସାଦ ମହାନ୍ତି** (କର୍ମଜୀବୀ, ଆକ୍ସିସ୍ ବ୍ୟାଙ୍କ୍, କଟକ)– କେବଳ ରାସ୍ତାଘାଟରେ ମୋବାଇଲ୍ ଚୋରିକୁ ନେଇ ଡର ନୁହେଁ, ବର୍ତ୍ତମାନ ଅନ୍‌ଲାଇନ୍‌ରେ ବି ଡାଟା ଚୋରି ଘଟଣା ବଢୁଥିବାର ଦେଖିବାକୁ ମିଳୁଛି। ମୋବାଇଲରେ ଯଥାସମ୍ଭବ ପର୍ସନାଲ୍ ଡାଟା କମ୍ ରଖୁଛି। ଏହାବ୍ୟତୀତ ସମସ୍ତ ଆପ୍ଲିକେଶନ୍‌କୁ ଲକ୍ କରି ରଖୁଛି। କୌଣସି ପରିସ୍ଥିତିରେ ଏପରି ହେଲେ ଡାଟା ମିଳିବାକୁ ଯେପରି କଷ୍ଟ ନ ହୁଏ, ସେଥିଲାଗି ରେଜିଷ୍ଟର୍ଡ ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ସର୍ଭିସର ସାହାଯ୍ୟ ନେଉଛି।



ଫାଲ୍‌ଗୁନୀ



ରୋଜାଲିନ୍



---

ୟୁ|ଥ୍|ଆ|ଲ|ର୍ଟ

# ଓଜନ କମାଉଥିଲେ

**ମେଦବହୁଳତା କେବଳ ଫିଗର ଖରାପ କରି ନ ଥାଏ, ବରଂ ଏହା ବିଭିନ୍ନ ରୋଗର କାରଣ ମଧ୍ୟ ସାଜିଥାଏ। ତେଣୁ ଓଜନ କମାଇବା ଲାଗି ଅନେକେ ବିଭିନ୍ନ ଉପାୟ ଆପଣାଇଥାଆନ୍ତି। ହେଲେ ଠିକ୍ ଭାବେ ଏସବୁ ଉପାୟ ନ ଆପଣାଇଲେ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ତେଣୁ ଓଜନ କମାଇବାକୁ ଚାହୁଁଥିଲେ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବେ, ଏହାର ଉପଯୁକ୍ତ ଫଳ ପାଇପାରିବେ, ଜାଣିରଖନ୍ତୁ ସେ ସମ୍ପର୍କରେ ...**

▶ ଓଜନ କମାଇବା ଲାଗି କମ୍ କ୍ୟାଲୋରିଯୁକ୍ତ ଖାଦ୍ୟ ଗ୍ରହଣ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ହେଲେ ସବୁଖାଦ୍ୟରେ ସମପରିମାଣରେ କ୍ୟାଲୋରି ନ ଥାଏ। ପ୍ରୋଟିନ୍‌ଯୁକ୍ତ ଖାଦ୍ୟ, କାର୍ବୋହାଇଡ୍ରେଟ୍‌ଯୁକ୍ତ ଖାଦ୍ୟ ଏବଂ ଚର୍ବିଜାତୀୟ ଖାଦ୍ୟରେ ଭିନ୍ନ ଭିନ୍ନ ମାତ୍ରାରେ କ୍ୟାଲୋରି ଥାଏ, ଯାହାକି ଆବଶ୍ୟକ ମାତ୍ରାରେ ଗ୍ରହଣ କଲେ ଶରୀରର ମେଟାବଲିଜମ୍‌ସ୍ତର ନିୟନ୍ତ୍ରଣରେ ରହିଥାଏ। ତେଣୁ ଓଜନ କମାଇବା ଲାଗି ମନଇଚ୍ଛା କୌଣସି ଖାଦ୍ୟ କମାଇବା ପରିବର୍ତ୍ତେ ଡାଏଟିଂ କରୁଥିଲେ କୌଣସି ଏକ୍ସପର୍ଟ, ଡାଏଟିସିଆନ୍ କିମ୍ବା ନ୍ୟୁଟ୍ରେସନିଷ୍ଟଙ୍କ ପରାମର୍ଶ ନେବାକୁ ଭୁଲନ୍ତୁ ନାହିଁ।

▶ଅଧିକ ସମୟ ଖାଲି ପେଟରେ ରହିଲେ ଓଜନ କମିଥାଏ ବୋଲି କେତେକଙ୍କ ମନରେ ଭ୍ରାନ୍ତ ଧାରଣା ରହିଛି। ହେଲେ ଏହାଦ୍ୱାରା ଓଜନ ହ୍ରାସ ହେବା ପରିବର୍ତ୍ତେ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ। ବାସ୍ତବରେ ଖାଦ୍ୟରେ ଯେତିକି କ୍ୟାଲୋରି ଶରୀରକୁ ଯାଉଛି, ତା'ଠାରୁ ଅଧିକ ବର୍ନ ହେଲେ ଓଜନ ହ୍ରାସ ହୋଇଥାଏ। ହେଲେ ଖାଲି ପେଟରେ ରହିବା ଦ୍ୱାରା ଶରୀରର ମେଟାବଲିଜମ୍ ସ୍ତର କମିବା ସହ କ୍ୟାଲୋରି ବର୍ନ ଲାଗି ଆବଶ୍ୟକ ଶକ୍ତି ମଧ୍ୟ ମିଳିପାରେ ନାହିଁ। ଫଳରେ ଦୁର୍ବଳ ଲାଗିଥାଏ। ତେବେ ଏହାର ଆଉ ଏକ ଅସୁବିଧା ହେଉଛି ଗୋଟିଏ ସମୟର ଖାଦ୍ୟ ନ ଖାଇବା ଦ୍ୱାରା ପରବର୍ତ୍ତୀ ସମୟରେ ଅଧିକ ଭୋକ ଲାଗିବାରୁ ଆବଶ୍ୟକତାରୁ ଅଧିକ ଖାଇ ହୋଇଯାଏ, ଯାହାକି ଓଜନ ବୃଦ୍ଧିର କାରଣ ସାଜିଥାଏ।

▶ଅନେକେ ଭାବନ୍ତି ବଡ଼ ପେଟ, ମୋଟା ହାତ, ଅଣ୍ଟା, ଜଙ୍ଘ ଭଳି ଅଧିକ ମୋଟା ଲାଗୁଥିବା ଶରୀରର କୌଣସି ନିର୍ଦ୍ଦିଷ୍ଟ ଭାଗ ପତଳା ହୋଇଗଲେ ଓଜନ ହ୍ରାସ ହୋଇଯିବ। ଆଉ ଏଥିପାଇଁ ସେମାନେ କେବଳ ସେହି ନିର୍ଦ୍ଦିଷ୍ଟ ଭାଗ ଲାଗି ଏକ୍ସରସାଇଜ୍ କରିଥାଆନ୍ତି। ହେଲେ ଓଜନ କମିବା ସହ ସ୍ଲିମ୍ ଫିଟ୍ ରଖିବା ଲାଗି ଏକ୍ସପର୍ଟଙ୍କ ପରାମର୍ଶ କ୍ରମେ ପୂରା ଶରୀର ଲାଗି ବ୍ୟାୟାମ ଆବଶ୍ୟକ।



---

ଜାଣନ୍ତୁ ଦୁନିଆ

# ସେଣ୍ଟିନେଲିସ୍ ଜନଜାତି



**ଆଣ୍ଡାମାନ୍ ନିକୋବର ଦ୍ୱୀପସମୂହରେ ସେଣ୍ଟିନେଲ୍ ଦ୍ୱୀପରେ ଶହ ଶହ ବର୍ଷ ଧରି ରହିଆସୁଛନ୍ତି ସେଣ୍ଟିନେଲିସ୍ ଜନଜାତି। ହେଲେ ବାହ୍ୟଦୁନିଆ ସହ ସେମାନଙ୍କର କୌଣସି ସମ୍ପର୍କ ନାହିଁ। ସାଧାରଣ ଲୋକଙ୍କଠାରେ ଦେଖାଯାଉଥିବା ରୋଗବ୍ୟାଧିଠାରୁ ଦୂରେଇ ରହିବା ଉଦ୍ଦେଶ୍ୟରେ ସେମାନେ ଅଲଗା ରହୁଥିବା ବିଶ୍ୱାସ କରାଯାଏ। ତେବେ ଆସନ୍ତୁ ଜାଣିବା ଏହି ଜନଜାତିଙ୍କ ସମ୍ପର୍କରେ କିଛି ରୋଚକ ତଥ୍ୟ...**

➡ସେଣ୍ଟିନେଲିସ୍ ଜନଜାତି ବର୍ତ୍ତମାନ ସୁଦ୍ଧା ବିନା ଚାଷବାସ କିମ୍ବା ପଶୁପାଳନ ସମ୍ପର୍କରେ ଜାଣିଛନ୍ତି ନା କେବେ ରନ୍ଧାଖାଦ୍ୟର ସ୍ୱାଦ ଚାଖିଛନ୍ତି। ଏବେବି ସେମାନେ ଫଳମୂଳ, କଞ୍ଚାମାଛ ଏବଂ ଜଙ୍ଗଲରୁ ପଶୁ ଶିକାର କରି ଖାଇଥାଆନ୍ତି। ଏମିତିକି ସେମାନେ ବର୍ତ୍ତମାନ ସୁଦ୍ଧା ନିଆଁର ବ୍ୟବହାର ଶିଖି ନ ଥିବା କୁହାଯାଏ।

➡ଏହି ଜନଜାତି ସେମାନେ ରହୁଥିବା ଦ୍ୱୀପକୁ କାହାକୁ ପ୍ରବେଶ କରିବାକୁ ଦେଇ ନ ଥାଆନ୍ତି। ୨୦୧୮ରେ ଜଣେ ଆମେରିକୀୟ ନାଗରିକ ଜନ ଏଲନ୍ ସେଠାରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ ଏବଂ ସେମାନେ ତୀର ମାରି ତାଙ୍କୁ ହତ୍ୟା କରିବା ସହ ବାଲିରେ ପୋତି ଦେଇଥିବା ଦୃଶ୍ୟ କେତେ ଜଣ ଧୀବର ଦୂରରୁ ଦେଖିଥିବା ପ୍ରକାଶ କରିଥିଲେ। ତେବେ ମାନବଶାସ୍ତ୍ରୀ ତ୍ରୈଲୋକ୍ୟନାଥ ପଣ୍ଡିତ ନାମକ ଜଣେମାତ୍ର ଭାରତୀୟ ସେମାନଙ୍କ ପାଖକୁ ଯାଇ ସମ୍ପର୍କ ସ୍ଥାପନ କରିବାରେ ସକ୍ଷମ ହୋଇ ପାରିଥିଲେ। ୧୯୬୭ରୁ ୧୯୯୧ ମସିହା ମଧ୍ୟରେ ସେ ଏକାଧିକଥର ସେମାନଙ୍କ ନିକଟକୁ ଯାଇଥିଲେ।

– ମାନବଶାସ୍ତ୍ରୀଙ୍କ କହିବା ଅନୁସାରେ, ଉକ୍ତ ଜନଜାତିରେ କେହି ମୁଖିଆ ନାହାନ୍ତି। ହେଲେ ଭଲ ତୀର, ଭାଲା, ଟୋକେଇ, କୁଡ଼ିଆ ଆଦି ପ୍ରସ୍ତୁତ କରିପାରୁଥିବା ଲୋକଙ୍କୁ ସେମାନେ ସମ୍ମାନ ଦିଅନ୍ତି। ତେଣୁ ସମ୍ମାନ ପାଇବା ଲାଗି ସେମାନେ ଛୋଟ ପିଲା ଚାଲିବା ଆରମ୍ଭ କରିବା ମାତ୍ରେ ଏସବୁ କରିବାର ପ୍ରଶିକ୍ଷଣ ଦେଇଥାଆନ୍ତି।

– ଥରେ ନ୍ୟାଶନାଲ୍ ଜିଓଗ୍ରାଫି ଟିମ୍ ସେଠାରେ ଏକ ଡକ୍ୟୁମେଣ୍ଟାରି ଶୁଟ୍ କରିବା ଲାଗି ଚେଷ୍ଟା କରିଥିଲେ। ହେଲେ ଯେତେବେଳେ ସେମାନଙ୍କ ଟିମ୍ ସେଠାରେ ପହଞ୍ଚିଲା, ସେଣ୍ଟିନେଲିସ୍‌ମାନେ ଆକ୍ରମଣ ଆରମ୍ଭ କରିଦେଲେ। ଏମିତିକି ଗୋଟିଏ ତୀର ଡାଇରେକ୍ଟରଙ୍କ ଜଙ୍ଘରେ ପଶିଯାଇଥିଲା। ଶେଷରେ ବିନା ଶୁଟିଂରେ ସେମାନଙ୍କୁ ସେଠାରୁ ଫେରିବାକୁ ପଡ଼ିଥିଲା।

– ସେମାନଙ୍କର ବିଭିନ୍ନ ପ୍ରକାରର ପ୍ରଥା ରହିଛି। ସେଥିରୁ ଏକ ଆଶ୍ଚର୍ଯ୍ୟ ପ୍ରଥା ହେଉଛି, ଯଦି କାହାର ମୃତ୍ୟୁ କୁଡ଼ିଆ ଭିତରେ ହୋଇଯାଏ, ତେବେ ଉକ୍ତ କୁଡ଼ିଆରେ ପରେ ଆଉ କେହି ରହନ୍ତି ନାହିଁ। ସେହିପରି ଆଉ ଏକ ପ୍ରଥା ହେଉଛି, ଏହି ଜନଜାତିରେ ନିକଟ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ ହୋଇ ନ ଥାଏ।

---

## ଏ ସପ୍ତାହର ପ୍ରଶ୍ନ

୧– ମାର୍ବଲ ସିଟି ଅଫ୍ ଇଣ୍ଡିଆ............କୁ କୁହାଯାଏ ?

୨– ପ୍ରଥମ ୱେରଲେସ୍ ରିମୋଟ୍ କଣ୍ଟ୍ରୋଲ......... ଉଦ୍ଭାବନ କରିଥିଲେ ?

୩– ଇଣ୍ଡୋନେସିଆର ଜାତୀୟ ଖେଳ............ ?

୪– 'ଟାଇଗର ଓମ୍ୟାନ୍' ପୁସ୍ତକର ଲେଖକ........... ?

୫– ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ............ ମସିହାରେ ରାଷ୍ଟ୍ରୀୟକରଣ ହୋଇଥିଲା ?

## ଗତ ଥରର ଉତ୍ତର

୧ ବିଜୁ ପଟ୍ଟନାୟକ

୨ ଓଡ଼ିଶା

୩ ୱିଲିଅମ୍ ଜେଫର୍ସନ କ୍ଲିଣ୍ଟନ

୪ କେରଳ

୫ ଆନ୍ଧ୍ରପ୍ରଦେଶ

## ଉତ୍ତର ଦାତା



ଚିନ୍ମୟ ପଟେଲ, ସୁନ୍ଦରଗଡ଼



ନନ୍ଦିନୀ ରାଉତ, ଅନୁଗୋଳ



ସୁମନ୍ତ ଭୋଇ, ଝାରସୁଗୁଡ଼ା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ବସ୍ତିବାସିନ୍ଦାଙ୍କୁ ସଚେତନ କଲା ପୋଲିସ

କରୋନାକୁ ନେଇ ଏବେବି ଭୁବନେଶ୍ୱରର ବସ୍ତିବାସିନ୍ଦା ସଚେତନ ନାହାନ୍ତି। ତେଣୁ କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ୍ ଶନିବାର ବିଭିନ୍ନ ବସ୍ତିକୁ ଯାଇ ବୁଲି ବୁଲି ଡାକବାଜି ଯନ୍ତ୍ର ଦ୍ୱାରା ସଚେତନତା ଆରମ୍ଭ କରିଛି। ଲୋକଙ୍କୁ କରୋନାର ଭୟାବହତା ଓ ଏଥିରୁ ରକ୍ଷା ପାଇବା ପାଇଁ କ'ଣ କରିବାକୁ ହେବ ସେନେଇ ବୁଝାଇଛି। ଏଥିସହ ଜାରି ହୋଇଥିବା ନିର୍ଦ୍ଦେଶନାମା ଓ କଟକଣା ସଂକ୍ରାନ୍ତରେ ଅବଗତ କରାଯାଉଛି। ଚନ୍ଦ୍ରଶେଖରପୁର ଥାନା, ଇନ୍‌ଫୋସିଟି, ଖଣ୍ଡଗିରି, ଶହୀଦନଗର, ନୟାପଲୀ, ଖାରବେଳନଗର ଥାନାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ କରାଯାଇଛି। ଲୋକେ ମଧ ପୋଲିସକୁ ବିଭିନ୍ନ ପ୍ରସଙ୍ଗରେ ପ୍ରଶ୍ନ ପଚାରୁଥିବା ଦେଖିବାକୁ ମିଳିଥିଲା।



### ସଂକ୍ଷେପରେ

## ବନ୍ଦ ହେବନି ମୃତଦେହ ସଂସ୍କାର

**କଟକ ଅଫିସ,୨୧।୩:** ଖାନ୍‌ନଗର ସ୍ୱର୍ଗଧାମ ପରିସରରେ ସେବା କାର୍ଯ୍ୟ ବନ୍ଦ ହେବନାହିଁ। ମୃତଦେହ ସଂସ୍କାର କରାଯିବା ସହ ଶବବାହକ ଗାଡିରେ ମୃତକଙ୍କ ସହ ଆସୁଥିବା ଲୋକଙ୍କ ସଂଖ୍ୟା କମ୍ କରିବାକୁ ନିଷ୍ପତ୍ତି ହୋଇଛି। କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଶନିବାର ସ୍ୱର୍ଗଧାମ ସେବା ସମିତି ସଭାପତି ଶରତ କୁମାର ସାହୁ କହିଛନ୍ତି। ଏହାଛଡା ସ୍ୱର୍ଗଧାମ ପରିସରରେ ନୂତନ ରାସ୍ତା ଏବଂ ୨ ଶୀତତାପ ନିୟନ୍ତ୍ରିତ ଶବ ସଂରକ୍ଷଣ(ଫ୍ରିଜର)ର ଲୋକାର୍ପଣ ଉତ୍ସବକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ କରାଯାଇଛି।

## ଲକ୍‌ଡାଉନ୍‌ରେ ସେବା ଯୋଗାଇବ ମୋ ବସ୍

### ବିମାନବନ୍ଦର, ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ଓ ହସ୍ପିଟାଲକୁ ସ୍ୱତନ୍ତ୍ର ରୁଟ୍

**ଭୁବନେଶ୍ୱର, ୨୧।୩(ବ୍ୟୁରୋ):** କରୋନା ସଂକ୍ରାମଣ ଏଡ଼ାଇବାକୁ ୨୨ରୁ ୨୯ ତାରିଖ ଯାଏ ଲକ୍‌ଡାଉନ୍ ଘୋଷଣା କରିଛନ୍ତି ରାଜ୍ୟ ସରକାର। ତେବେ ଏହି ସମୟରେ କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ଦ୍ୱାରା ପରିଚାଳିତ 'ମୋ ବସ୍' ସେବା ଜାରି ରଖିବ। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମୋ ବସ୍ କେବଳ ହସ୍ପିଟାଲ, ବିମାନବନ୍ଦର, ରେଳ ଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରୁ ସେବା ଯୋଗାଇବ। ୨୩ରୁ ୨୯ ପର୍ଯ୍ୟନ୍ତ ମୋ ବସ୍ ସ୍ୱତନ୍ତ୍ର ରୁଟ୍‌ରେ ଚଳାଚଳ କରିବ। ଘଣ୍ଟାଏ ବ୍ୟବଧାନରେ ଗୋଟିଏ ବସ୍ ଗୋଟିଏ ରୁଟ୍‌ରେ ଯାତାୟାତ କରିବ। ସେହିପରି ରୁଟ୍-୧ରେ ଏୟାରପୋର୍ଟରୁ ମାଷ୍ଟର କ୍ୟାଣ୍ଟିନ ୨ଟି ବସ୍, ରୁଟ୍-୧୧ରେ ନନ୍ଦନବିହାରରୁ ମାଷ୍ଟରକ୍ୟାଣ୍ଟିନ୍ ଦେଇ ଲିଙ୍ଗିପୁର ୩ଟି, ରୁଟ୍-୧୬ରେ ମାଷ୍ଟରକ୍ୟାଣଣ୍ଟିନ୍‌ରୁ ସିଡିଏ କଟକ ୩ଟି, ରୁଟ୍-୨୦ ମାଷ୍ଟରକ୍ୟାଣ୍ଟିନ୍‌ରୁ ଖୋର୍ଦ୍ଧା ୩ଟି, ରୁଟ -୨୩ ମାଷ୍ଟରକ୍ୟାଣ୍ଟିନ୍‌ରୁ ସମ୍ ହସ୍ପିଟାଲ ୩ଟି ଓ ରୁଟ୍-୨୩ରେ ମାଷ୍ଟରକ୍ୟାଣ୍ଟିନ୍‌ରୁ ଏମ୍ସ ହସ୍ପିଟାଲ ଯାଏ ୩ଟି ମୋ ବସ୍ ଚଳାଚଳ କରିବ ବୋଲି ଟୁଇଟ୍ ମାଧ୍ୟମରେ କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଜଟଣୀ: ୧୯ ବିଦେଶ ଫେରନ୍ତା ହୋମ୍ ଆଇସୋଲେଶନ୍‌ରେ

**ଜଟଣୀ/ଯାଁଳା,୨୧।୩(ଡି.ଏନ.ଏ.)**

ଜଟଣୀ ଥାନା ଅଞ୍ଚଳକୁ ଆଉ ୩ ଜଣ ବିଦେଶରୁ ଫେରିଥିବା ଶନିବାର ଜଣାପଡ଼ିଥିଲା। ସେମାନଙ୍କୁ ହୋମ୍ ଆଇସୋଲେଶନ୍‌ରେ ରଖାଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଜିତେନ୍ଦ୍ର କୁମାର ପଣ୍ଡା କହିଛନ୍ତି। ଏହି ୩ ଜଣଙ୍କୁ ମିଶାଇ ଜଟଣୀରେ ୧୯ ଜଣ ବିଦେଶ ଫେରନ୍ତା ହୋମ୍ ଆଇସୋଲେଶନ୍‌ରେ ରହିଛନ୍ତି। ସେମାନଙ୍କୁ ଧାରାବାହିକ ଭାବେ କାଉନ୍‌ସେଲିଂ କରାଯିବା ସହ ବିଭିନ୍ନ ପ୍ରକାର ପରାମର୍ଶ ଦିଆଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଥିବା ସେ ସୂଚନା ଦେଇଛନ୍ତି।

କରୋନା ଭୂତାଣୁ ମୁକାବିଲା ପାଇଁ ଶନିବାର ଅପରାହ୍ନରୁ ଜଟଣୀ ଅଞ୍ଚଳରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସନ୍ଧ୍ୟା ପରଠାରୁ ରାସ୍ତାରେ ଲୋକଙ୍କ ଚଳପ୍ରଚଳ କମି ଯାଇଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ କରୁଥିବା ଦୋକାନ ଆଗରେ କେତେଜଣଙ୍କୁ ଦେଖିବାକୁ ମିଳିଥିଲା। ସରକାରଙ୍କ ନିର୍ଦ୍ଦେଶନାମା ମୁତାବକ ଅତ୍ୟାବଶ୍ୟକ ସାମଗ୍ରୀ ଛାଡ଼ି ଅନ୍ୟ ଦୋକାନ ବନ୍ଦ ରହିଛି। ମ୍ୟୁନିସିପାଲିଟି ଓ ଜଟଣୀ ଥାନା ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଏହି ଭୂତାଣୁର ମୁକାବିଲା ପାଇଁ କିପରି ସତର୍କତା ଅବଲମ୍ବନ କରାଯିବ ସେ ନେଇ ପ୍ରଚାର କରାଯାଇଥିଲା। ଜଟଣୀ ଥାନା ଅଧୀନ ଯାଁଳା ଫାଣ୍ଡି ଅଞ୍ଚଳରେ ମଧ ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର କୁହନ୍ତି, ସରକାରଙ୍କ ସମସ୍ତ ନିର୍ଦ୍ଦେଶନାମାକୁ ପାଳନ କରାଯାଉଛି। ସେଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କରାଯାଉଛି। ତେବେ ଖାଦ୍ୟ ସାମଗ୍ରୀ ମିଳୁଥିବା ହୋଟେଲଗୁଡିକରେ ଯେପରି ୭ ଜଣରୁ ଅଧିକ ଗ୍ରାହକ ସମାବେଶ ନ ହେବ, ରହିଥିବା ନିୟମ ଅନୁଯାୟୀ ବ୍ୟବଧାନ ନିର୍ବାହ କରିବେ ସେଥିପାଇଁ ହୋଟେଲଗୁଡ଼ିକ ଉପରେ ସତର୍କ ଦୃଷ୍ଟି ରଖାଯାଇଛି।

### ଆଇଆଇଟିରେ ଅନ୍‌ଲାଇନ୍‌ରେ ଶିକ୍ଷାଦାନ

ଜଟଣୀସ୍ଥିତ ଆଇଆଇଟିରେ ସମସ୍ତ ପ୍ରତିଷେଧକମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଘରକୁ ଚାଲି ଯାଇଥିବା ଓ ହଷ୍ଟେଲରେ ଥିବା ଛାତ୍ରୀଛାତ୍ରଙ୍କୁ ଭିଡିଓ ଏବଂ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ଏପରି କି କେହି ଯେପରି ବିଦେଶ ଯାତ୍ରା କରିପାରିବେ ନାହିଁ, ବାୟୋମେଟ୍ରିକ୍ ଉପସ୍ଥାପନ ବନ୍ଦ କରାଯାଇଛି, ହଷ୍ଟେଲ କର୍ମଚାରୀଙ୍କୁ କ୍ୟାମ୍ପସ୍ ବାହାରକୁ ନ ଯିବାକୁ କୁହାଯିବା ସହ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିସହ ବାହାରୁ ଆସୁଥିବା ଲୋକଙ୍କୁ ଥର୍ମାଲ ସ୍କ୍ରିନିଂ କରାଯିବା ସହ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।



ଭୁବନେଶ୍ୱରରେ ଶନିବାର ହୋଇଥିବା ବର୍ଷା ସମୟର ଦୃଶ୍ୟ।

## ଦେଢ଼ଘଣ୍ଟା ପ୍ରବଳ ବର୍ଷିଲା, କୁଆପଥର ଖସିଲା

**ଭୁବନେଶ୍ୱର, ୨୧।୩(ବ୍ୟୁରୋ)**



ପୁରୀ ଗୋପ ଅଞ୍ଚଳରେ ପଡ଼ିଥିବା କୁଆପଥର।

ଶନିବାର ମଧ୍ୟାହ୍ନରେ ଭୁବନେଶ୍ୱରରେ ପ୍ରବଳ ବର୍ଷା ସହ କୁଆପଥର ମାଡ଼ ହୋଇଥିଲା। ଏଥିସହ କେତେକ ସ୍ଥାନରେ ବଜ୍ରପାତ ମଧ ହୋଇଥିଲା। ସକାଳେ ପାଗ ସ୍ୱାଭାବିକ ଥିବାବେଳେ ଦିନ ପ୍ରାୟ ସାଢ଼େ ୧୨ଟାବେଳକୁ କଳାହାଣ୍ଡିଆ ବାଦଲ ହଠାତ୍ ମାଡ଼ି ଆସିଥିଲା। ପ୍ରଥମେ ସହରର କେତେକ ଅଞ୍ଚଳରେ ଅସରାଏ ଅସରାଏ ବର୍ଷା ହୋଇଥିଲା। ଏହାପରେ ଜୋର୍‌ରେ ବଜ୍ରପାତ ସହ ଅବିରତ ବର୍ଷା ସହରବାସୀଙ୍କୁ ଛାନିଆ କରିଦେଇଥିଲା। କରୋନା ଭାଇରସ୍‌କୁ ନେଇ ଲୋକେ ଆତଙ୍କିତ ଅବସ୍ଥାରେ ଥିବାବେଳେ ଥଣ୍ଡା ପାଗ ଏହି ଭୟକୁ ଦ୍ୱିଗୁଣିତ କରିଦେଇଥିଲା। ମିଳିଥିବା ସୂଚନାନୁସାରେ, ରାଜଧାନୀର କେତେକ ସ୍ଥାନରେ ଡ୍ରେନ୍ ସଫା ହୋଇ ନ ଥିବାରୁ ଓ ନିଷ୍କାସନରେ ବାଧା କାରଣରୁ ବର୍ଷା ପାଣି ରାସ୍ତାରେ ଚାଲିଥିଲା। ମୁଖ୍ୟତଃ ଜନପଥ, କଟକରୋଡ଼, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ବାଣୀବିହାରରୁ ଜୟଦେବ ବିହାର ରୋଡରେ ଘଣ୍ଟା ଘଣ୍ଟା ଧରି ପାଣି ଲହଡି ଭାଙ୍ଗିଥିଲା। ବମିଖାଲ ଓଭରବ୍ରିଜ୍‌ରୁ ଏସ୍‌ପ୍ଲାନେଡ୍ ମଲ ପର୍ଯ୍ୟନ୍ତ ରାସ୍ତା ଉପରେ ଘଣ୍ଟାଘଣ୍ଟା ଧରି ଆଣ୍ଠୁଏ ପର୍ଯ୍ୟନ୍ତ ପାଣି ଜମି ରହିଥିଲାବେଳେ ଇସ୍କନ ମନ୍ଦିର ସମ୍ମୁଖରେ ମଧ ଏପରି ସମସ୍ୟା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଖୋର୍ଦ୍ଧାରେ କେବଳ ଝଡ଼ତୋଫାନ ହୋଇଥିବାବେଳେ ପୁରୀ ଜିଲାର ଗୋପ ଓ ଅନ୍ୟ କେତେକ ସ୍ଥାନରେ କୁଆପଥର ବୃଷ୍ଟି ହୋଇଥିଲା।

# ଭୟ ନ କରି ସତର୍କ, ସଜାଗ ରୁହ





କରୋନା ଲାଗି ଖୋର୍ଦ୍ଧା ଜିଲାପରିଷଦ ବୈଠକରେ ଉପସ୍ଥିତ ବିଧାୟକ ଓ ଅଧିକାରୀ।



- କରୋନା ମୁକାବିଲା ଲାଗି ଖୋର୍ଦ୍ଧା ଜିଲା ପରିଷଦ ବୈଠକ
- ହିତାଧିକାରୀଙ୍କୁ ଦିଆଯିବ ଆଗୁଆ ଅତ୍ୟାବଶ୍ୟକ ସାମଗ୍ରୀ
- ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜେନେରେଟର ବ୍ୟବସ୍ଥା କର

**ଖୋର୍ଦ୍ଧା ଅଫିସ,୨୧।୩**

କରୋନା ସଂକ୍ରମଣ ମୁକାବିଲା ଲାଗି ଖୋର୍ଦ୍ଧା ଜିଲା ପରିଷଦର ଏକ ଜରୁରୀ ବୈଠକ ଶନିବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଦଲେଇ ଅଧକ୍ଷତା କରିଥିଲେ। ବୈଠକରେ ଚିଲିକା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ପ୍ରଶାନ୍ତ ଜଗଦେବ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଜଗଦେବ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତୀକରଣ ଓ ଜେନେରେଟର ରଖିବା ଲାଗି ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ସିତାଂଶୁ କୁମାର ରାଉତ କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ଲାଗି ଭୟ ନ କରି ସମସ୍ତେ ସତର୍କ ଓ ସଜାଗ ରହିବାକୁ କହିଥିଲେ। ସନ୍ଦିଗ୍ଧ ବ୍ୟକ୍ତିଙ୍କ ଚିକିତ୍ସା ଏବଂ ଘରେ କ୍ୱାରାଣ୍ଟାଇନ ବ୍ୟବସ୍ଥା କରି ସର୍ତକତା ଅବଲମ୍ବନ କରନ୍ତୁ। ସରକାରଙ୍କ ପକ୍ଷରୁ ମଧୁବାବୁ ପେନ୍‌ସନ ଯୋଜନା ଓ ଜାତୀୟ ସାମାଜିକ ସହାୟତା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ଆଗୁଆ ୪ ମାସ ଲାଗି ଭତ୍ତା ସେମାନଙ୍କ ଘରେ ପହଞ୍ଚାଇ ଦିଆଯିବ। ଜାତୀୟ ଖାଦ୍ୟ ସୁରକ୍ଷା ନିୟମ ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀଙ୍କୁ ଆସନ୍ତା ଏପ୍ରିଲ ୧ ରୁ ମେ ୧୫ ପର୍ଯ୍ୟନ୍ତ ୪୫ ଦିନ ମଧ୍ୟରେ ୩ ମାସ ଲାଗି ଚାଉଳ, ଗହମ ଓ କିରୋସିନ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ। ବିଦେଶ ଫେରନ୍ତା ବ୍ୟକ୍ତିଙ୍କ ନାମ ପଞ୍ଜୀକରଣ ସହ ଘର ଭିତରେ ୧୪ ଦିନ ଧରି ଅଲଗା ରହିବେ। ସେମାନଙ୍କୁ ସଚେତନ କରାଯିବା ଆବଶ୍ୟକ। ସମସ୍ତ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରେ ଔଷଧ ମହଜୁଦ ରଖାଯାଇଛି। ଏଥିସହ ଜୀବନ ରକ୍ଷାକାରୀ ଔଷଧ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ରହିଛି ବୋଲି ଜିଲାପାଳ ରାଉତ କହିଥିଲେ। ବୈଠକରେ ଜିଲା ପରିଷଦ ଉପାଧକ୍ଷଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ପିଡି ଡିଆରଡିଏ ଦିଗନ୍ତ ରାଉତରାୟ ଧନ୍ୟବାଦ ଦେଇଥିଲେ।

## ଆଉ ଦୁଇଦିନ ବର୍ଷା

**ଭୁବନେଶ୍ୱର, ୨୧।୩(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ସ୍ଥାନରେ ଶନିବାର ଝଡ଼ତୋଫାନ ସହ ବର୍ଷା ହୋଇଛି। ଅଧିକାଂଶ ସ୍ଥାନରେ ବଜ୍ରପାତ, କୁଆପଥର ମାଡ଼ ମଧ ହୋଇଛି। ତେବେ ଭୁବନେଶ୍ୱରରେ ସର୍ବାଧିକ ୩୪.୪ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ଏହାଛଡ଼ା ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, କଟକ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କନ୍ଧମାଳ, ବାଲେଶ୍ୱର ଆଦି ଜିଲାର କିଛି ସ୍ଥାନରେ ବର୍ଷା ହୋଇଛି। ଆସନ୍ତା ଦୁଇଦିନ ବର୍ଷା ଆଶଙ୍କା ରହିଛି। ରବିବାର ଉପକୂଳ ଓଡ଼ିଶା, ମୟୂରଭଞ୍ଜ, କନ୍ଧମାଳ, କୋରାପୁଟ, ରାୟଗଡ଼ା ଜିଲାର କିଛି ସ୍ଥାନ ଏବଂ କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ମାଲକାନଗିରି, କଳାହାଣ୍ଡିର କେତେକ ସ୍ଥାନରେ ବର୍ଷା ହେବ। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମ, ଗଜପତି ଓ କୋରାପୁଟ ଆଦି ଜିଲାକୁ ଝଡ଼ତୋଫାନ ଓ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସୋମବାର ଦକ୍ଷିଣ ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ ଜିଲାରେ ବର୍ଷା ହେବ।

## ପାଳନ ହେବନି ବିଶ୍ୱ ଯକ୍ଷ୍ମା ଦିବସ

**କଟକ ଅଫିସ, ୨୧।୩**

ସମଗ୍ର ରାଜ୍ୟରେ ଆସନ୍ତା ୨୪ ତାରିଖରେ ପାଳନ ହେବାକୁ ଥିବା ବିଶ୍ୱ ଯକ୍ଷ୍ମା ଦିବସକୁ ବାତିଲ କରିଦିଆଯାଇଛି। ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନିର୍ଦ୍ଦେଶ କରାଯାଇ ଥିବା ସମସ୍ତ ଗାଇଡ୍ ଲାଇନକୁ ଅନୁସରଣ କରି ନିରାଡମ୍ବର ଭାବେ କେବଳ ବ୍ୟାନର ଓ ପୋଷ୍ଟର ପ୍ରଦର୍ଶନରେ କାର୍ଯ୍ୟକ୍ରମ ସୀମିତ ରଖାଯିବ। ଏହିପରି ଛୋଟ କାର୍ଯ୍ୟକ୍ରମ ମଧ ଜିଲା ମୁଖ୍ୟଚିକିତ୍ସାଳୟ କିମ୍ବା ଯକ୍ଷ୍ମା ନିୟନ୍ତ୍ରଣ କେନ୍ଦ୍ରଗୁଡିକରେ କେବଳ ଜିଲାପାଳଙ୍କ ଅନୁମତିରେ କରାଯାଇପାରିବ। ଏହା ବ୍ୟତୀତ ନୂଆ ରୋଗୀ ଚିହ୍ନଟ ନିମନ୍ତେ ଅତିରିକ୍ତ କ୍ୟାମ୍ପ ଓ ସଭାସମିତି ଆୟୋଜନ କରାଯିବନାହିଁ ବୋଲି ରାଜ୍ୟ ଯକ୍ଷ୍ମା ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଶାନ୍ତ କୁମାର ହୋତା କହିଛନ୍ତି।

## ପରିବା ମାର୍କେଟ ବନ୍ଦ ଚର୍ଚ୍ଚା: ଜମିଲା ଭିଡ଼

**ପୁରୀ ଅଫିସ,୨୧।୩:** କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର ଲଢ଼େଇ ଜାରି ରଖିଛନ୍ତି। ରାଜ୍ୟରେ ୨ଜଣ ଆକ୍ରାନ୍ତ ଚିହ୍ନଟ ପରେ ଏହି ସଂଖ୍ୟା କିପରି ଆଗକୁ ନ ବଢିବ ସେଥିଲାଗି ଦିନକୁ ଦିନ ନୂଆ ନୂଆ କଟକଣା ଲଗାଉଛନ୍ତି। ଦେଶରେ କରୋନାର ଭୟାବହତାକୁ ଦେଖି ଶନିବାର ରାଜ୍ୟ ସରକାର ୫ଟି ଜିଲା ସମେତ ୮ଟି ସହରରେ ଲକ୍ ଡାଉନ ଘୋଷଣା କରିଛନ୍ତି। ଏହି ୮ଟି ସହର ମଧ୍ୟରେ ପୁରୀ ସ୍ଥାନ ପାଇଛି। ଏହି ଖବର ପ୍ରଚାରିତ ହେବା ପରେ ସହରବାସୀଙ୍କ ମଧ୍ୟରେ ଏକ ଗୁଜବ ଖେଳିଯାଇଛି। ଅନେକ ଲୋକ ଲକ୍ ଡାଉନ ନେଇ କାହା କାହା ଉପରେ କଟକଣା ଲଗାଯାଇଛି ତାହା ବୁଝିବାକୁ ଚେଷ୍ଟା କରି ନ ଥିଲେ। ରବିବାରଠାରୁ ବଜାର, ହାଟ ବନ୍ଦ ହେବା ଗୁଜବ ଶୁଣି ଅଧିକାଂଶ ଲୋକେ ଏହାକୁ ନ ବୁଝିପାରି ଶନିବାର ସନ୍ଧ୍ୟାରେ ଗ୍ରୋସରି ଦୋକାନ ଏବଂ ପରିବା ମାର୍କେଟରେ ଭିଡ଼ ଜମାଇଥିଲେ। ଛାନିଆରେ ଲୋକେ ମନଇଚ୍ଛା ବ୍ୟାଗ ଭର୍ତ୍ତି କରି ସାମଗ୍ରୀ ଘରକୁ ନେଇଥିଲେ। କେତେକ ଦୋକାନରେ ଅତ୍ୟାବଶ୍ୟକ ସାମଗ୍ରୀ ଶେଷ ହୋଇଯାଇଥିଲା। ପଛରେ ଆସିଥିବା ଲୋକେ କେତେକ ସାମଗ୍ରୀ ନ ପାଇ ଫେରୁଥିବା ଦେଖାଯାଇଛି।

## ଜୀବନ ରକ୍ଷା ପାଇଁ ଲକ୍‌ଡାଉନ ଜରୁରୀ

**ପୁରୀ ଅଫିସ,୨୧।୩:** କରୋନା ଭାଇରସ୍‌ର ଭୟାବହତାକୁ ଦେଖି ରାଜ୍ୟ ସରକାର ୫ଟି ଜିଲା ଏବଂ ୮ଟି ସହରାଞ୍ଚଳରେ ଲକ୍ ଡାଉନ ଘୋଷଣା କରିଛନ୍ତି। ଏହି ସହର ମଧ୍ୟରେ ପୁରୀ ରହିଛି। ଏହି ନିଷ୍ପତ୍ତି ବାସ୍ତବିକ କଷ୍ଟକର, କିନ୍ତୁ ଆମ ସମସ୍ତଙ୍କ ଜୀବନ ରକ୍ଷା ପାଇଁ ଜରୁରୀ ବୋଲି ଜିଲାପାଳ ବଲୱନ୍ତ ସିଂ ଶନିବାର ଏକ ଭିଡିଓ ମାଧ୍ୟମରେ ଜିଲାବାସୀଙ୍କୁ ଅନୁରୋଧ କରିଛନ୍ତି। ଜିଲାପାଳ ସିଂ କହିଛନ୍ତି, ୨୨ ତାରିଖ ସକାଳ ୭ଟାରୁ ୨୯ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଲକ୍ ଡାଉନ କଟକଣା ରହିବ। ଏହାର ଉଦ୍ଦେଶ୍ୟ ହେଉଛି ସମସ୍ତେ ଘର ଭିତରେ ରହିବା। ଅତ୍ୟାବଶ୍ୟକ ପଡିଲେ, ଔଷଧ କିମ୍ବା ପନିପରିବା ଓ ସଉଦା କିଣିବା ପାଇଁ ବାହାରକୁ ବାହାରିପାରିବେ। ଟ୍ୟାକ୍ସି, ଅଟୋ କିମ୍ବା ଅନ୍ୟ ଘରୋଇ ଗାଡିକୁ କେବଳ ହସ୍ପିଟାଲ ଯିବା ପାଇଁ ଅନୁମତି ଦିଆଯିବ। କେହି ନିୟମକୁ ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ।

**OFFICE OF THE PURI MUNICIPALITY, PURI**

Phone : 06752 222122, e-mail - purim.hud@nic.in
No.2125 Dt.19.03.2020

**NOTICE INVITING TENDER**

Sealed tender in conformity with the Detailed Tender Call Notice are invited from registered contractors of P.W.D./R.D./Water Resources/PHED of Odisha Govt. / Puri Municipality for execution of the under mentioned work so as to reach the Executive Officer, Puri Municipality through Registered Post & Speed Post only, up to 05 P.M. on 31.03.2020. The tender documents are to be obtained from Puri Municipality on deposit of the non-refundable cost of tender documents in shape of A/C payee Bankers Cheque/ Bank Draft in favour of Executive Officer, Puri Municipality, Puri up to 05 P.M. on 30.03.2020. The tender will be opened at 11.00 A.M. on 03.04.2020 in presence of bidder or their authorized representative who may present at the time of opening of the tender. Puri Municipality will in no way be responsible for any delay in respect of the tender document.

The Detailed Tender Call Notice may be seen in the website www.purimunicipality.nic.in

Sd./-
Executive Engineer,
Puri Municipality, Puri

**ODISHA UNIVERSITY OF AGRICULTURE AND TECHNOLOGY**
**BHUBANESWAR - 751003**

No.Acd-1/01/20/. 4239 /UAT Dt. 21st March, 2019

**NOTICE FOR EXTENSION OF DATE FOR SUBMISSION OF ONLINE APPLICATION (U.G. COURSES, 2020-21)**

Due to unavoidable circumstances, OUAT Under Graduate online application form submission of the year 2020-21 is extended upto 03.04.2020. The last date of online application fee payment is 04.04.2020.

The other terms and conditions mentioned in Prospectus for Common Entrance Examination and Admission into U.G. Programme 2020-21 will remain unchanged.

Sd./- Asst. Registrar (Acd.)

**FORM-13**
**IN THE DEBTS RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK-753014 (Orissa)
O.A. No. 580/2019

State Bank of India, SARB, Cuttack ...Applicant
Versus
M/s Sukanti Construction & others ...Defendants

To
**Defendants**

1- **M/s Sukanti Construction**, Represented by its **Proprietor: Pradipta Kumar Paikaray**, S/o: Gopinath Paikaray, At: Niladri Vihar, Nayabazar, Po.: Nayabazar, P.S.: Chauliaganj, Dist: Cuttack, Odisha, Pin-753004.
2- **Pradipta Kumar Paikaray**, S/o: Gopinath Paikaray, At: Niladri Vihar, Nayabazar, Po.: Nayabazar, P.S.: Chauliaganj, Dist: Cuttack, Odisha, Pin-753004.
3- **Sukanti Paikaray**, W/o: Gopinath Paikaray, At: Niladri Vihar, Nayabazar, Po.: Nayabazar, P.S.: Chauliaganj, Dist: Cuttack, Odisha, Pin-753004.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 580/19** in the court of the Debts Recovery Tribunal for recovery of **Rs.77,69,655.68 (Seventy seven lakh sixty nine thousand six hundred fifty five and sixty eight paisa)** only together with current and future interest, costs and other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **23.04.2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **12th day of February, 2020**.

Sd/- M. K. Patnaik
REGISTRAR

**JUANG DEVELOPMENT AGENCY, GONASIKA, KEONJHAR**
ST & SC Development Department. Govt. of Odisha.

**TENDER CALL NOTICE**

Advt. No.342/JDA Date.20.03.2020

Sealed quotations/Tenders are invited from interested Tour Operators or private individuals for providing one (AC/Non AC) Diesel/Petrol driven vehicle for official use in the office of the Juanga Development Agency, Gonasika, Keonjhar on monthly rent basis. The details terms and conditions of the tender is available on office notice board.

The undersigned reserves the right to modify/cancel/reject any or whole tender without assigning any reason thereof.

Sd./-Special Officer,
JDA, Gonasika

**ODISHA HYDRO POWER CORPORATION LIMITED**
Office of the Senior General Manager (Electrical): Balimela Hydro Electric Project, P.o- Balimela, Dist: Malkangiri (Odisha), Pin: 764051, Phones: 06861-232581(0) / 232641(R), Fax: 06861-232541, E mail- <unit.head_balimela@yahoo.com>
REGD. OFFICE: ODISHA HYDRO POWER CORPORATION LIMITED.
(A Government of Odisha Undertaking)
Odisha State Police Housing & Welfare Corporation Building, Vanivihar Chouk, Janapath, Bhubaneswar-22, Tel: 91-0674-2542983, 2542802, 25425526, 2542826, Fax: 254102, Telegram; Hydropwer, E-Mail: ohpc.co@gmail.com / md@ohpcltd.com, Web: www.ohpcltd.com

NOTICE INVITING TENDER No.-.BHEP/DE:111/03/2019-20 Dtd. 20.03.2020

No.: CAD-1157 :- Sealed tender in single part is invited from Authorized Dealers/Agencies/Reputed Suppliers for supply of the following materials as detailed below.

| Sl. No. | Description of Work | Estimated cost in Rs. | Cost of Tender Paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tnder at OHPC website | Last date & Time of receipt of tender | Date & Time of opening of Techno Commercial bid |
|---|---|---|---|---|---|---|---|
| 1. | Supply of Electrical Consumable Materials to BHEP, Balimela | Rs. 3,14,229.00 | Rs.2000/- +GST @18%=Rs.2360/- | 01% of quoted value | 23.03.2020 | 08.04.2020 | 08.04.2020 |

For details of the tender documents, terms & conditions please visit our website www.ohpcltd.com

Sd./- C & P Head BHEP, Balimela
OIPR-04019/11/0063/1920

**ROURKELA SMART CITY LIMITED**
Udit Nagar,Rourkela-769012 C-592
Email:rourkelascl@gmail.com,Tel No:-(0661)-250388

BID ID:- RSCL/ 649/2020 NOTICE INVITING TENDER DATE: 16/03/2020

NATIONAL COMPETITIVE BIDDING
Invitation for Bid of Development of Brahmani Riverfront Project in Rourkela Smart City Limited (ABD area) under Smart Cities Mission on Turnkey Basis

The Rourkela Smart City Limited is engaged in the development of Urban Infrastructure Projects in Rourkela Area Based Development Area and as part of this endeavour , it has been decided to undertake abovementioned Projects in Rourkela Smart City Limited under Smart Cities Mission through Turn Key (Architectural planning with Design, Execution & Maintaiance) Basis. The Chief Executive Officer, RSCL now invites bids from eligible contractors for the following project.

| SL No | Name of the Work | Estimated Cost of the Project | Bid Security | Cost of Bid Document | Period of Completion |
|---|---|---|---|---|---|
| 1 | Architectural Planning with (Design, Execution & Maintenance) of Brahmani Riverfront Project at Rourkela on Turn key Basis in the State of Odisha | Rs.39.55 Crore | Rs.40 Lakhs | Rs.11,200/-(Demand Draft in favour of RSCL(Smart City Mission Grant Fund) | 24 (Twenty Four Months) |

The complete BID document can be viewed/downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 24/03/2020 to 23/04/2020 (upto 17:00 Hrs. IST). Pre-Bid Meeting will be held on 06/04/2020 2019 at 11.00 A.M. in the Conference Hall of RSCL. For queries, intending bidder may contact General Manager(E&T) vide Phone No. 8249833105 and Email Id: rourkelascl@gmail.com

Sd/-
CEO, Rourkela Smart City Limited
OIPR-13080/11/0021/1920

**CUTTACK DEVELOPMENT AUTHORITY**
Arunodaya Bhawan, Link Road, Cuttack - 753012 (Odisha)
No. CDA / Dated

**TENDER NOTICE**

Cuttack Development Authority, invites proposals from Registered Manpower Service Providers having Head Office / Branch Office located in Cuttack / Bhubaneswar City for **"Providing Services of Sweepers"** in the office of Cuttack Development Authority, Cuttack for the period 01.04.2020 to 31.03.2021. The details TENDER / BID DOCUMENTS can be obtained from CDA's Web Portal http://cdacuttack.nic.in.

Sd/-
Secretary

See Career Appointment on every Wednesday & Saturday

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍**
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଅତ୍ୟୁଚ୍ଚ ବିଦ୍ୟୁତ୍ ଶକ୍ତି (ନିର୍ମାଣ) ବିଭାଜନ, ଭୋଇନଗର, ଭୁବନେଶ୍ୱର
OPTCL Lifeline of Odisha
CIN: U40102OR2004SGC007553

No.Tech-15/Satasankha/330 Date : 21.03.2020

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍)ଙ୍କ ପୁରୀ ଜିଲ୍ଲା ସମଙ୍ଗରା ଠାରେ ଥିବା ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରୁ ସାତଶଙ୍ଖ ନିକଟ ମଙ୍ଗଳପୁର (ଠଣ ଠଣା)ରେ ନିର୍ମିତ ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍‌କୁ ସଂଯୋଗ କରୁଥିବା ୧୩୨ କେଭି ଦ୍ୱୈତ ସର୍କିଟ ଲାଇନ୍‌ର ନିର୍ମାଣ କାର୍ଯ୍ୟ ଶେଷ ହୋଇଅଛି ଏବଂ ଏହି ଲାଇନ୍‌ରେ ଆସନ୍ତା ୨୩.୦୩.୨୦୨୦ ତାରିଖ ଠାରୁ ଯେକୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ପ୍ରବାହିତ କରାଯିବ। ଏହି ଲାଇନ୍ ସମଙ୍ଗରା, ବାଲୁଖଣ୍ଡ, ଆଳଙ୍ଗ, କଣ୍ଡାସିଳ, ଓଡସମଲ, ପାଇକରାପୁର, ପାଟଯୋଶୀପୁର, ଢ଼ୋଲ, କାଳିଆକେରା, ରାୟଚକ୍ରଧରପୁର, ତୋରାଣିଆ, ସାନଗାଁ, ଛଣଘର, ବଳିଗାଁ, ସରସ୍ୱତୀପୁର, ରଥପୁରୁଷୋତ୍ତମପୁର, ତୁପଦେଇପୁର, ସାହାବାଦ ଛକ, ଚନ୍ଦ୍ରଦେଇପୁର, ମାଟିଆସାହି, ନୁଆଗାଁ, ଠଣଠଣା, ଦୁର୍ଗାଦାସପୁର ଗ୍ରାମ ଦେଇ ଅତିକ୍ରମ କରୁଅଛି।

ଏହି ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଲାଇନ୍ ନିକଟରେ ବସବାସ ଓ ଚଳପ୍ରଚଳ କରୁଥିବା ଜନସାଧାରଣ, ନିରାପଦ ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ ଯଥା: ଲାଇନ୍ ତଳେ ଘର ତୋଳିବା, ଲମ୍ବା କାଠ, ବାଉଁଶ, ଲୁହା ଖୁମ୍ବ ଇତ୍ୟାଦି ଉଠାଇବା, ବିଦ୍ୟୁତ୍ ଟାୱାରରେ ଚଢିବା, ସେଥିରେ ଗୃହପାଳିତ ପଶୁ ଇତ୍ୟାଦି ବାନ୍ଧିବା ବିପଦଜନକ ଓ ତାହା ଦ୍ୱାରା ଧନ ଜୀବନ ହାନି ର ଯଥେଷ୍ଟ ଆଶଙ୍କା ଅଛି।

ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ୍‌ର ବିଭିନ୍ନ ଧାରା ଅନୁଯାୟୀ ଏହି ବିଦ୍ୟୁତ୍ ପ୍ରବାହିତ ଲାଇନ୍ ତଳେ ଘର ତୋଳିବା ବା ଗଛ ଲଗାଇବା ନିଷେଧ ଓ ଦଣ୍ଡନୀୟ ଅପରାଧ। ଏଣୁ ସର୍ବସାଧାରଣ ନିଜର ଧନ ଜୀବନର ନିରାପତ୍ତା ଦୃଷ୍ଟିରୁ ଉପରୋକ୍ତ ସାଧାରଣ ନିୟମ ଗୁଡିକ ପାଳନ କରିବେ। ଯଦି କୌଣସି ବ୍ୟକ୍ତି ଏହାର ବ୍ୟତିକ୍ରମ କରନ୍ତି, ସେଥିପାଇଁ ଓଡ଼ିଶା ପାୱାର ଟ୍ରାନସମିଶନ କର୍ପୋରେସନ ଲିଃ. କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସ୍ୱା/– ଉପ ମହାପ୍ରବନ୍ଧକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ (ନିର୍ମାଣ) ବିଭାଜନ, ଭୁବନେଶ୍ୱର

Please connect us: optcl.odisha optcl_odisha energyodisha

# SUNDAY classifieds




## BRIDE WANTED

Divorcee Brahmin Boy IAS Officer 35+/5'8". SUHAG: 7978399083, 9090486408. D-69403

Bania Groom age- 45, height- 5'8" Advocate (Bhubaneswar) caste-no-bar: 8908362959. D-69402

Son age 31 B.Tech NIT Rourkela MBA IIM Lucknow work Chief Manager 25lakhs salary at Bangalore 7008986003. D-17183

Now Matrimonial ads. only on Wednesday & Sunday Book 1 Get 1 FREE

Brahmin boy 1985, 5'10" MS USA working Software Engineer in USA required Brahmin bride. 7008217619. D-68798

## GROOM WANTED

ଜାତିବନ୍ଧନ ନାହିଁ। 34, 5'.4", M.A B.ED, Govt. Teacher, ମାସିକ ଆୟ 38,000/- ପାଇଁ ଅବିବାହିତ, ଘରଜ୍ୱାଇଁ, ଛାଡପତ୍ରପ୍ରାପ୍ତ ବର ଗ୍ରହଣୀୟ ହେବେ। 8462050474. D-17233

Girl age 28 B.Tech IGIT Sarang MBA IBS Hyderabad work MNC Bangalore caste-no-bar 6372748613. D-17182




## SALE

Kesura Puri bypass Royal Residential house sale. Genuine buyer (broker excuse) 8480010745. D-48723

3BHK flat for sale, @ 65Lac near Patia Big Bazaar, direct owner contact- 8249928110. D-68343

**Plot for sale near 2nd Infosys Road, Janla, Bhubaneswar. 3900Sqft. gharabari with boundary. Contact owner. 9238699541.** D-17227

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68797

2000sqft. corner plot having double side road for sale in Kateni Square, Bhubaneswar. 9583749747. D-68799

ଭୁବନେଶ୍ୱର ସୁନ୍ଦରପଦାରେ ଆଜି ଘର କରିବା ଭଳି ପ୍ଲଟ୍ sqft. 900/- investment plot 280/-. 9938016295. D-69307

Booking open for 3BHK duplex near ITER college Bhubaneswar. Contact: 7978751719. D-67549

Plot for sale at Govt. rate Mouza Sahaspur (Sundarpada), Bhubaneswar. Contact: 9124721060. D-67550

ଶାଳଗାଁ ଷ୍ଟେସନ୍ ପାଖରେ 2,80,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

ଭୁବନେଶ୍ୱର ପିତାପଲ୍ଲୀ ଛକ ପାଖରେ **NH side** ପ୍ଲଟ ମିଳୁଅଛି। **Owner-9090963952.** D-68497

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି **patta, boundary plot psqft. 1250/-, 750/-** ବିକ୍ରିହେବ। **9439270333.** D-69108

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright)7894433357, 9348232008. D-69111

ଭୁବନେଶ୍ୱରରଡ ପଟିଆ ରଘୁନାଥପୁର, ଫୁଲନଖରା ପାଖରେ **1,2,3,4BHK flat, simplex, duplex** ଅଛି। **8327785834, 9658122456.** D-69114

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-17044

Demarcated plots under CMC, 800 mtr from NH Balikuda- 8658182243. D-68076

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-17043

For Sale: DLF Cybercity Patia, 1200sqft Fully Furnished 1.03 CR. Call 9437313333 or Whatsapp 9437513333. D-17232

ଭୁବନେଶ୍ୱର ପିତାପଲ୍ଲି ଛକ ପାଖରେ **NH side** ପ୍ଲଟ୍ ମିଳୁଅଛି। **Owner-9090963952.** D-69112

Booking 2BHK simplex eastfacing Tankapani Road Saitemple 1200sqft. land, furnished house cost 31,50,000/- finance available 7735738102. D-17220

**Premium duplex for sale with classy elevation, BDA approved infront of Aditya Hyundai, Tamando, loan approved from leading Banks from first day. Hurry up. Contact: 9040085851, 9853511542, 9778422710.** D-17229

Sale of House. MIG-II house one BHK (Apartment) at BDA Colony, Chandrasekharpur, Bhubaneswar, infront of East Coast Railway HQS. for sale to genuine buyer. Contact: 9777429593. D-17221

Concrete house having 4BR, 3 toilets/ another in out house , one storeroom, big garage, long dining hall and drawing hall on the plot measuring 4110 sqft. (construction 2600 sqft.). The property belongs to "ALKAR" Mouza near Mangala Temple Infocity-02, nearly 500 mtr. from NH-05. Contact: 9437380657. D-61078




Prabhakar Construction construct building. Quality building, timely delivery. 9437025258, 9437484711. D-17173

## GENERAL

## SALE

Sale your old gold ornaments at original market price. Please contact 166-Bapuji Nagar, Bhubaneswar. Mobile- 9437033691. D-68342




3BHK Independent marble house (executive, family, office) Samantarapur, Bhubaneswar. 7682848145. D-17174

Ground floor with bedroom, drawing cum dining, bathroom, kitchen and garage for rent at Jagamara. Contact: 8895529789, 6372496582. D-17178




Shivam logistic packers movers. Household/ car relocation countrywide. 9777044177, 9338461133. D-17135




Ayurvedic full body massage ladies and gents. Contact- 9861064981. D-68796

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By an affidavit sworn before the Executive Magistrate, Jharsuguda, I Dal Bahadur Thapa Chhetry, R/o- O.S.A.P. 2nd Bn. Jharsuguda, P.O.- O.M.P. Line, P.S./Dist- Jharsuguda declare that I am serving as Havildar vide I.D. No. PO55089 and my correct name is Dal Bahadur Thapa Chhetry, S/o- Som Bahadur Thapa Chhetry for all purposes. D-37396




ଧ-୧୭୨୩୪

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

## CLASSIFIED BOOKING STATIONS

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**ASSET PROPERTIES**
R.P. Patra, Plot-3766, Opposite Reliance Trends Footwear/ Odisha Hotel, Rabi talkies chakka, Lewis Road, 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR Prabina Kumar Mohanty Ph: 9337336614, 7008967858

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**TAMANNA COMMUNICATION**
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**PANCHAMUKHI ADVERTISERS**
Baramunda, Jagannath Vihar, Lane no-1, Road No-2, BBSR. Mr. Swayang Prava Nayak, Mob: 9937791331.

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR**
**DHARITRI OFFICE**
Contact: Siba prasad Das, Mob: 9040449673

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera, Mob: 9658693280

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ନୃସିଂହ ଚରଣ ମହାନ୍ତି**
ଧମିଲୋ, କୋଠାପାଟଣା, ଖୋର୍ଦ୍ଧା
**ଆବିର୍ଭାବ: ୧୩।୧୧।୧୯୪୨**
**ତିରୋଧାନ: ୧୨।୦୩।୨୦୨୦**
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**-:ଶୋକସନ୍ତପ୍ତ:-**
**ପରିବାରବର୍ଗ ଓ ବନ୍ଧୁବାନ୍ଧବ**
ଧ-୪୬୨୮୨

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ବଂଶୀଧର ସାହୁ**
ଆର୍ବିଭାବ : ୦୫/୦୨/୧୯୪୫
ତିରୋଧାନ : ୦୩/୦୪/୨୦୧୯
ହେ ପରମପୂଜ୍ୟ
ଦେଖୁ ଦେଖୁ ବର୍ଷେ ବିତିଗଲାଣି । ବିଧାତାର ନିଷ୍ଠୁର ସତ୍ୟ ଅନୁସାରେ ତୁମ୍ଭେ ଆମକୁ ଇହଧାମରୁ ଛାଡ଼ି ଚାଲିଗଲ । ତୁମ୍ଭ ଅବର୍ତ୍ତମାନରେ ଆମ୍ଭେ ଯେପରି ମୁରବି ଶୂନ୍ୟ ହୋଇଯାଇଛୁ । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ତାଙ୍କ ଚରଣ କମଳରେ ତୁମକୁ ସ୍ଥାନ ଦେଇ ଥାଆନ୍ତୁ ଏବଂ ଆଶା କରିବୁ ତୁମ୍ଭ ଆଶିର୍ବାଦ ସଦାସର୍ବଦା ଆମ୍ଭମାନଙ୍କ ଉପରେ ଥାଉ।
**ଶୋକସନ୍ତପ୍ତ : ବନ୍ଧୁ ଓ ପରିବାର ବର୍ଗ**
ଧ-୬୯୩୦୮

# ଜନତା କର୍ଫ୍ୟୁ: କାର୍ଯ୍ୟାନୁଷ୍ଠାନ ନେବ କମିଶନରେଟ ପୋଲିସ

- ଥାନାଧିକାରୀମାନଙ୍କ ସହ କଥା ହେଲେ କମିଶନର
- ଘରୁ ନ ବାହାରିବା ପାଇଁ ପରାମର୍ଶ
- କଟକରେ ୧୨, ଭୁବନେଶ୍ୱରରେ ୧୫ ପ୍ଲାଟୁନ ଫୋର୍ସ ମୁତୟନ

ଭୁବନେଶ୍ୱର,୨୧।୩ (ବ୍ୟୁରୋ)

କରୋନା ସଂକ୍ରମଣ ରୋକିବା ପାଇଁ ସଚେତନତା ଓ କଟକଣାକୁ ଆହୁରି ବ୍ୟାପକ କରିବାକୁ ରବିବାର ସାରା ଦେଶରେ ଜନତା କର୍ଫ୍ୟୁ ଲାଗୁ ହୋଇଛି। ଏହାକୁ ସଫଳ କରିବା ସହ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଶନିବାର ସମସ୍ତ ଥାନା ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। ସକାଳ ୭ରୁ ରାତି ୯ଟା ପର୍ଯ୍ୟନ୍ତ ଏହି ୧୪ ଘଣ୍ଟା ଘରୁ ନ ବାହାରିବାକୁ କମିଶନର ସହରବାସୀଙ୍କୁ ପରାମର୍ଶ ଦେବା ସହ ପୂରା ସ୍ଥିତି ଉପରେ ନଜର ରଖିବାକୁ ଥାନାଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଜାରି ଗାଇଡ୍‌ଲାଇନ୍ ଅନୁସାରେ କେଉଁ ଦୋକାନ ଖୋଲା ରହିବ ଓ କେଉଁ ଦୋକାନ ବନ୍ଦ ରହିବ ତାହା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ସେହିଭଳି ଜନସମାଗମ ଓ ଭିଡ଼ ଦେଖିଲେ ତୁରନ୍ତ ପୋଲିସ ସେଠାରେ ପହଞ୍ଚି ହଟାଇବେ। ଏହାକୁ ବିଖାତିର କରୁଥିଲେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ବ୍ୟକ୍ତି ବା ଅନୁଷ୍ଠାନ କିଛି କାର୍ଯ୍ୟକ୍ରମ କରନ୍ତି ତେବେ ଆୟୋଜକ ବା ଅନୁଷ୍ଠାନ ମୁଖ୍ୟଙ୍କ ବିରୋଧରେ ପଦକ୍ଷେପ ନିଆଯିବ। ଏହାସହ ରାସ୍ତାରେ ଯେପରି କଟକଣା ରହିଥିବା ଗାଡ଼ିମୋଟର ଚଳାଚଳ ନ ହେବ ଓ ଜରୁରୀ ସେବା ଯୋଗାଉଥିବା ଗାଡି ଗନ୍ତବ୍ୟସ୍ଥଳ ସଂକ୍ରାନ୍ତ ପ୍ରମାଣପତ୍ର ଦେଖାଇବେ ତାହା ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି କୌଣସି ଘରୋଇ ସଂସ୍ଥା କର୍ମଚାରୀଙ୍କୁ କାର୍ଯ୍ୟରେ ଲଗାଉଥିଲେ କାର୍ଯ୍ୟାନୁଷ୍ଠାନ ହେବ। ଏସବୁ ଉପରେ ନଜର ରଖିବା ସହ ଯାଞ୍ଚ ପାଇଁ ରାଜଧାନୀରେ ଆଉ ୫ ପିସିଆର୍ ଭ୍ୟାନ୍‌କୁ ନିୟୋଜିତ କରାଯାଇଥିବା କମିଶନର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

## ମାଲ୍‌ଗୋଦାମ ବ୍ୟବସାୟୀ ମହାସଂଘର ସମର୍ଥନ

କଟକ ଅଫିସ,୨୧।୩

ଜନତା କର୍ଫ୍ୟୁକୁ ସମର୍ଥନ କରିଛି ମାଲ୍‌ଗୋଦାମ ବ୍ୟବସାୟୀ ମହାସଂଘ। ରବିବାର ଏଥିରେ ସାମିଲ୍ ହେଉଥିଲେ ମଧ୍ୟ ସକାଳ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବଜାର ଖୋଲା ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। କରୋନା ଭୂତାଣୁ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ୧୦ ହଜାର ଲିଫ୍‌ଲେଟ୍ ବଣ୍ଟନ ସହ ହୋଡିଂ ଏବଂ ବ୍ୟାନର୍ ଲଗାଯାଇଛି। ଏପରି କି ପ୍ରଚୁର ପରିମାଣରେ ଖାଦ୍ୟଶସ୍ୟ ଗଚ୍ଛିତ ରଖାଯାଇଛି। ବ୍ୟବସାୟୀମାନେ ସିଏମ୍‌ସିକୁ ସମର୍ଥନ କରୁଥିବାବେଳେ ମାଲ୍‌ଗୋଦାମର ଡ୍ରେନ୍‌କୁ ସଫା କରାଯାଉନାହିଁ। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ କଟକ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଦାବି ହୋଇଛି।

# ସଚେତନ ପାଇଁ ବୁଲିଲା ପ୍ରଚାର ଗାଡ଼ି



ପୁରୀ ବେଳାଭୂମିରେ ପ୍ରଚାର ଗାଡ଼ି ବୁଲି ଲୋକଙ୍କୁ ସଚେତନ କରୁଛି।

ପୁରୀ ଅଫିସ,୨୧।୩

ମହାମାରୀର ରୂପ ନେଇଛି କରୋନା। ଏହି ପ୍ରାଣଘାତୀ ଭୂତାଣୁର କୌଣସି ଔଷଧ ବାହାରି ନ ଥିବାରୁ ଏଥିରୁ ରକ୍ଷା ପାଇଁ ସଚେତନତା ଏବଂ ସତର୍କତା ହିଁ ଏକମାତ୍ର ମାଧ୍ୟମ। ତେଣୁ ସଚେତନତା ଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର କଟକଣା ଜାରି କରାଯାଇଛି। କରୋନା ମୁକାବିଲା ପାଇଁ କୌଣସି ସ୍ଥାନରେ ଜନସମାବେଶ ନ କରିବା, ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ହେଉଥିବା ଦୋକାନ ଛଡା ଅନ୍ୟ କୌଣସି ଦୋକାନ ନ ଖୋଲିବା, ୭ ଜଣରୁ ଅଧିକ ଲୋକଙ୍କ ଏକତ୍ରକୁ ବାରଣ କରାଯାଇଛି। ତେଣୁ ଏ ସବୁ ବିଷୟରେ ବ୍ୟବସାୟୀ ଏବଂ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବୁଲୁଛି ପ୍ରଚାର ଗାଡ଼ି। ଶନିବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ୪ଟି ଅଟୋ ବାହାରିଥିବା ବେଳେ ପୌରସଂସ୍ଥା ପକ୍ଷରୁ ମଧ୍ୟ ପ୍ରଚାର ଗାଡ଼ି ସହରରେ ବୁଲୁଛି। ରାଜ୍ୟ ସରକାରଙ୍କ ଦ୍ୱାରା ସମସ୍ତ ଧର୍ମାନୁଷ୍ଠାନକୁ ଜାରି କରାଯାଇଥିବା ମାର୍ଗଦର୍ଶିକାକୁ ଶୃଙ୍ଖଳାର ସହ ପାଳନ କରନ୍ତୁ। ବାର୍, କଫି ଶପ୍, କ୍ୟାଣ୍ଟିନ ଇତ୍ୟାଦିକୁ ତୁରନ୍ତ ବନ୍ଦ କରିବା ଲାଗି ସଚେତନ କରାଯାଇଛି। ସହରାଞ୍ଚଳରେ ଟ୍ୟାକ୍ସି, ଅଟୋ ଦିନେ ଛଡା ଦିନେ ଯାତାୟାତ କରିବାକୁ କୁହାଯାଇଛି। ଦୋକାନ, ହାଟ ଏବଂ ଶପିଂ ମଲରେ ଡାଲିଚାଉଳ, ପନିପରିବା, ଗ୍ରୋସରୀ, ମାଛ, ମାଂସ, ପ୍ୟାକେଟ କ୍ଷୀର, ଔଷଧ ଓ ଦୈନନ୍ଦିନ ଆବଶ୍ୟକ ପଦାର୍ଥ ବିକ୍ରି କରାଯାଇପାରିବ। ଏହାଛଡା ଅନ୍ୟ ସମସ୍ତ ଦୋକାନ ବନ୍ଦ କରିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଏହି ନିର୍ଦ୍ଦେଶନାମାକୁ ପ୍ରାୟ ଦୋକାନ ମାନିଥିବା ବେଳେ ଅଳ୍ପ କିଛି ଦୋକାନ ଉଲ୍ଲଂଘନ କରିଥିବା ଦେଖିବାକୁ ମିଳିଥିଲା।

## ବାହାର ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେବେ ଅଙ୍ଗନୱାଡି କର୍ମୀ

ପୁରୀ ଅଫିସ,୨୧।୩

କରୋନା ଭୂତାଣୁ ସମ୍ପର୍କିତ ସଚେତନତା ଓ ମୁକାବିଲା ନିମନ୍ତେ ଶନିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ବିଭିନ୍ନ ପ୍ରକାର କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ଗ୍ରାମାଞ୍ଚଳରେ ବ୍ୟାପକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ବଲୱନ୍ତ ସିଂ ସଭ୍ୟାସଭ୍ୟାଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ଓ ପଞ୍ଚାୟତସ୍ତରରେ ଆସନ୍ତା ୪ ମାସ ନିମନ୍ତେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ୍ ରଖିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବାହାରୁ ସମ୍ପୃକ୍ତ ଅଞ୍ଚଳକୁ ଆସୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଅଙ୍ଗନୱାଡି କର୍ମୀମାନେ ସେମାନଙ୍କ ବିବରଣୀ ସଂଗ୍ରହ କରି ଅବଗତ କରାଇବେ। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ୱାର୍ଡ ଖୋଲାଯାଇଛି। ଆବଶ୍ୟକ ପଡ଼ିଲେ କେତେକ ବାତ୍ୟା ଆଶ୍ରୟସ୍ଥଳୀକୁ ବ୍ୟବହାର କରିବାକୁ ଆଲୋଚନା ହୋଇଛି। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରବିନାରାୟଣ ତ୍ରିପାଠୀ, ସିଡିଏମ୍‌ଓ ଡା. ନୀଳକଣ୍ଠ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନାକଚଣା ସ୍ପର୍ଶରେ କାଳିଆର ଅନୁଭବ



ନାକଚଣାକୁ ଭକ୍ତମାନେ ସ୍ପର୍ଶ କରୁଛନ୍ତି।

## ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ

ପୁରୀ ଅଫିସ,୨୧।୩

କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଜିଲା ପ୍ରଶାସନ ନେଇଛି ଏକ ବଡ଼ ନିଷ୍ପତ୍ତି। ଶୁକ୍ରବାରଠାରୁ ବନ୍ଦ ରହିଛି ଶ୍ରୀମନ୍ଦିରରେ ଦର୍ଶନ। ଶନିବାର ଦ୍ୱିତୀୟ ଦିନରେ ବି କୌଣସି ଭକ୍ତ ମନ୍ଦିର ଭିତରକୁ ପ୍ରବେଶ କରୁ ନ ଥିଲେ। କିନ୍ତୁ ମହାପ୍ରଭୁଙ୍କ ନୀତିକାନ୍ତି ସ୍ୱାଭାବିକ ରହିଥିଲା। ସେବାୟତମାନେ ମନ୍ଦିରକୁ ପ୍ରବେଶ କରି ଠାକୁରଙ୍କ ସେବାପୂଜା କରୁଛନ୍ତି। ହେଲେ ପ୍ରତ୍ୟେକ ଦିନ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ଭକ୍ତର ମନ ବୁଝୁନି। ଅନେକ ସ୍ଥାନୀୟ ଶ୍ରଦ୍ଧାଳୁ ଅଛନ୍ତି ଯେଉଁମାନେ ଭୋର ସମୟରେ ଠାକୁରଙ୍କ ମଙ୍ଗଳ ଆଳତି ଦର୍ଶନ କରୁଥିବାବେଳେ ଆଉ କିଛି ଭକ୍ତ ବଡ଼ସିଂହାର ବେଶ ଏବଂ ଚନ୍ଦନ ବେଶ ଦର୍ଶନ କରିଥାନ୍ତି। ଏହି ଭକ୍ତମାନେ ଏବେ ମନ୍ଦିର ଭିତରକୁ ଯାଇପାରୁ ନ ଥିବାରୁ ସେମାନଙ୍କ ମନରେ ଅବଶୋଷ ରହୁଛି। କେହି କେହି ଭାବଭକ୍ତିରେ ସିଂହଦ୍ୱାର ସମ୍ମୁଖରେ ଲୋଟି ମୁଣ୍ଡିଆ ମାରୁଛନ୍ତି।

ଶନିବାର ସକାଳେ ସିଂହଦ୍ୱାର ନିକଟରେ ଏକ ଭିନ୍ନଚିତ୍ର ଦେଖିବାକୁ ମିଳିଥିଲା। ଜଣେ ସେବାୟତ ମହାପ୍ରଭୁଙ୍କ ନାକଚଣା ଆଣି ବାହାରକୁ ଆସିବା ପରେ ଏହାକୁ ଦେଖି ଅନେକ ଭକ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ନାକଚଣାକୁ ସ୍ପର୍ଶ କରି ମୁଣ୍ଡରେ ମାରିଥିଲେ। ଏହି ନାକଚଣାରେ ହିଁ କାଳିଆ ଠାକୁରଙ୍କ ଅନୁଭବ କରିଥିଲେ ଅନେକ ଶ୍ରଦ୍ଧାଳୁ। ଭାବଭକ୍ତିର ଏକ ବିଶେଷ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା ସିଂହଦ୍ୱାରରେ। ପ୍ରମୋଦ କୁମାର ସାହୁ କହିଥିଲେ, ପ୍ରତ୍ୟହ ସକାଳେ ଶ୍ରୀମନ୍ଦିର ଆସି ଠାକୁରଙ୍କ ମଙ୍ଗଳ ଆଳତି ଦର୍ଶନ କରିଥାଏ। ଦୁଇଦିନ ହେଲା ମନ୍ଦିରକୁ ଯାଇ ପାରୁନାହିଁ। ତଥାପି ସିଂହଦ୍ୱାର ଆସି ପତିତପାବନଙ୍କୁ ଦର୍ଶନ କରି ମୁଣ୍ଡିଆ ମାରି ଫେରୁଛି। ଶନିବାର ଜଣେ ସେବାୟତ ମହାପ୍ରଭୁଙ୍କ ନାକଚଣା ଆଣି ବାହାରକୁ ଆସିବା ବେଳେ ଏହାକୁ ଦେଖି କାଳିଆ ଠାକୁରଙ୍କ ଦର୍ଶନ କଲା ଭଳି ଅନୁଭବ କଲି ବୋଲି ପ୍ରମୋଦ କହିଛନ୍ତି।



" ଦେଶ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ପ୍ରଡକ୍ଟ ମାନୁଫାକଚରିଂକୁ ପ୍ରୋତ୍ସାହିତ କରିବା ଲାଗି ସରକାର ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ବାବଦ ୪୦,୯୯୫ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରିଛନ୍ତି।
– ରବି ଶଙ୍କର ପ୍ରସାଦ, ଟେଲିକମ୍ ମନ୍ତ୍ରୀ

" ସାମଗ୍ରୀ ପ୍ରସ୍ତୁତିରେ ବ୍ୟବହୃତ କଞ୍ଚାମାଲ ମୂଲ୍ୟ ବଢ଼ିଛି। ବର୍ତ୍ତମାନ କରୋନାର ପ୍ରଭାବ ରହିଥିବାରୁ ଲୋକମାନେ ଯେଭଳି କ୍ରୟରେ ସମସ୍ୟା ସାମ୍ନା ନ କରନ୍ତି ତାକୁ ଧ୍ୟାନରେ ରଖି ଉତ୍ପାଦନ ବଢ଼ାଇବା ଲାଗି ନିଷ୍ପତ୍ତି ହୋଇଛି।
– ସୁନୀଲ କଟାରିଆ, ଗୋଦରେଜ କଞ୍ଜ୍ୟୁମର ପ୍ରଡକ୍ଟ, ସିଇଓ



# ବାତିଲ ରହିବ ଟ୍ରେନ୍ ସେବା

ଭୁବନେଶ୍ୱର,୨୧–୩



ରବିବାର 'ଜନତା କର୍ଫ୍ୟୁ' ଲାଗି ବିଭିନ୍ନ ପାସେଞ୍ଜର ଏବଂ ଏକ୍ସପ୍ରେସ ଟ୍ରେନ ବାତିଲ ରହିବ ବୋଲି ପୂର୍ବତଥ ରେଳପଥ ପକ୍ଷରୁ ସୂଚନା ରହିଛି। ପୂର୍ବତଟ ରେଳପଥ ଅଧୀନ ପୁରୀ, ଭୁବନେଶ୍ୱର, ସମ୍ବଲପୁର, ରାୟଗଡା, ବଲାଙ୍ଗୀର, ବିଶାଖାପାଟଣା ଭଳି ସ୍ଥାନଗୁଡିକରୁ ଯାତ୍ରା ଆରମ୍ଭ କରୁଥିବା ୩୩ ମେଲ୍ ଏବଂ ଏକ୍ସପ୍ରେସ୍ ସେବାକୁ ଏହି ସମୟ ମଧ୍ୟରେ ବାତିଲ କରାଯାଇଛି। ଏହାବାଦ୍ ୩୮ ଲୋକାଲ ପାସେଞ୍ଜର ଟ୍ରେନକୁ ବାତିଲ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ଏହି ଟ୍ରେନଗୁଡିକ ଭୁବନେଶ୍ୱର, ପୁରୀ, ଭଦ୍ରକ, ବ୍ରହ୍ମପୁର, ପଲାସା, କଟକ, ଖୋର୍ଦ୍ଧାରୋଡ, ପାରାଦୀପ, ମହୀପୁର, ତାଳଚେର, ଅନୁଗୋଳ, ବଲାଙ୍ଗୀର, ବିଚ୍ଛୁପାଲି, ଗୁଣପୁର, ବିଶାଖାପାଟଣା, ବିଜୟନଗରମ, ଶ୍ରୀକାକୁଲମ ରୋଡ ଭଳି ସ୍ଥାନଗୁଡିକରୁ ଯାତ୍ରା ବନ୍ଦ ରହିବ।

ପୁରୀରୁ ବାହାରିବାକୁ ଥିବା ପୁରୀ–ଚେନ୍ନାଇ, ପୁରୀ–ହାଓଡା ଧଉଳ ଏବଂ ପୁରୀ–ସମ୍ବଲପୁର ଇଣ୍ଟରସିଟି ବାତିଲ ହେବ। ଏହାବାଦ୍ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରୁଥିବା ଭୁବନେଶ୍ୱର–ହାଓଡା ଜନଶତାବ୍ଦୀ, ଭୁବନେଶ୍ୱର–ଆନନ୍ଦ ବିହାର ଓଡ଼ିଶା ସମ୍ପର୍କକ୍ରାନ୍ତି ଏକ୍ସପ୍ରେସ, ଭୁବନେଶ୍ୱର–ବାଙ୍ଗାଲୋର ପ୍ରଶାନ୍ତି ଏକ୍ସପ୍ରେସ, ଭୁବନେଶ୍ୱର–ବାଙ୍ଗିରିପୋଷୀ ଏକ୍ସପ୍ରେସ, ଭୁବନେଶ୍ୱର–ବଲାଙ୍ଗୀର ଇଣ୍ଟରସିଟି, ଭୁବନେଶ୍ୱର–ବିଶାଖାପାଟଣା ଇଣ୍ଟରସିଟି, ଭୁବନେଶ୍ୱର–ତିରୁପତି ଏକ୍ସପ୍ରେସ ମଧ୍ୟ ଏଥିରେ ସାମିଲ ରହିଛି। ସମ୍ବଲପୁରରୁ ବାହାରୁଥିବା ସମ୍ବଲପୁର–ପୁରୀ ଇଣ୍ଟରସିଟି, ସମ୍ବଲପୁର ରାୟଗଡା ଇଣ୍ଟରସିଟି, ସମ୍ବଲପୁର–ନାନ୍ଦେଦ ନାଗାବଳୀ ଏକ୍ସପ୍ରେସ ବାତିଲ କରାଯାଇଛି। ସେହିଭଳି ରାୟଗଡାରୁ ବାହାରୁଥିବା ରାୟଗଡା–ସମ୍ବଲପୁର ଇଣ୍ଟରସିଟି, ବଲାଙ୍ଗୀରଠାରୁ ବଲାଙ୍ଗୀର ଭୁବନେଶ୍ୱର ଇଣ୍ଟରସିଟି, ବିଶାଖାପାଟଣାରୁ ବାହାରୁଥିବା ବିଶାଖାପାଟଣାଭୁବନେଶ୍ୱର, ବିଶାଖାପାଟଣା–ପାରାଦୀପ, ବିଶାଖାପାଟଣା–କିରାଣ୍ଡୁଲ ଏକ୍ସପ୍ରେସ ରବିବାର ବନ୍ଦ ରହିବ। ଏହାବାଦ୍ କିରାଣ୍ଡୁଲ–ବିଶାଖାପାଟଣା, ହାଓଡା–ପୁରୀ, ହାଓଡା–ଭୁବନେଶ୍ୱର ଜନଶତାବ୍ଦୀକୁ ମଧ୍ୟ ବାତିଲ କରାଯାଇଛି।

ସୋମବାର ଲାଗି ଚେନ୍ନାଇ–ପୁରୀ, ବାଙ୍ଗାଲୋର–ଭୁବନେଶ୍ୱର ପ୍ରଶାନ୍ତି, ବାଙ୍ଗିରିପୋଷୀ– ଭୁବନେଶ୍ୱର ଏକ୍ସପ୍ରେସ, ନାନ୍ଦେଦ–ସମ୍ବଲପୁର ନାଗାବଳି ଏକ୍ସପ୍ରେସ, ତିରୁପତି– ଭୁବନେଶ୍ୱର ଏକ୍ସପ୍ରେସ, ୨୪ ତାରିଖ ଲାଗି ଆନନ୍ଦବିହାର –ଭୁବନେଶ୍ୱର ଏକ୍ସପ୍ରେସ, ୨୫ ତାରିଖ ଲାଗି ପାରାଦୀପ– ବିଶାଖାପାଟଣା ଏକ୍ସପ୍ରେସ ବାତିଲ କରାଯାଇଛି। ୪ ଟ୍ରେନର ସମୟ ସୀମାରେ ପରିବର୍ତ୍ତନ କରାଯାଇଛି।


## ରିଫଣ୍ଡ ନିୟମ କୋହଳ କଲା ରେଲୱେ

ନୂଆଦିଲ୍ଲୀ,୨୧–୩

କରୋନାର ପ୍ରଭାବ ଦେଶ ମଧ୍ୟରେ ବୃଦ୍ଧି ହେଉଥିବାରୁ ଟ୍ରେନରେ ଭିଡ କମାଇବା ଏବଂ ସାମାଜିକ ଦୂରତ୍ୱ ରକ୍ଷାକୁ ପ୍ରୋତ୍ସାହିତ କରିବା ଲାଗି ରେଲୱେ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ରେଲୱେ ପକ୍ଷରୁ ଶନିବାର ଏ ନେଇ ଏକ ଆଡଭାଇଜରି ଜାରି କରାଯାଇଛି। ମାର୍ଚ୍ଚ ୨୧ରୁ ଏପ୍ରିଲ ୧୫ ମଧ୍ୟରେ ରେଳ ଟିକେଟ ରିଫଣ୍ଡ ନିୟମକୁ କୋହଳ କରାଯାଇଛି। ରେଲୱେ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଏହି ସମୟ ମଧ୍ୟରେ ରେଳ ଟିକେଟ ବାତିଲ କଲେ ଧାର୍ଯ୍ୟ ଯାତ୍ରା ସମୟଠାରୁ ୪୫ ଦିନ ମଧ୍ୟରେ କାଉଣ୍ଟରରେ ଟିକେଟ ଦେଖାଇଲେ ରିଫଣ୍ଡ ଉପଲବ୍ଧ ହେବ। ବର୍ତ୍ତମାନର ନିୟମ ମୁତାବକ ୩ ଘଣ୍ଟା ମଧ୍ୟରେ ରିଫଣ୍ଡ ନେବାକୁ ପଡୁଛି। ଯଦି ଟ୍ରେନ ବାତିଲ ହୋଇ ନ ଥାଏ କିନ୍ତୁ ଯାତ୍ରୀ ଟିକେଟ ବାତିଲ କରିବାକୁ ଚାହାନ୍ତି ୩୦ ଦିନ ମଧ୍ୟରେ ତାଙ୍କୁ ଟିକେଟ ଡିପୋଜିଟ୍ ରିସିପ୍ଟ( ଟିଡିଆର୍) ଫାଇଲ କରିବାକୁ ପଡିବ। ଧାର୍ଯ୍ୟ ଯାତ୍ରା ଦିନଠାରୁ ୩୦ ଦିନରେ ଟିକେଟକୁ ଯାତ୍ରୀ ଷ୍ଟେଶନରେ ଫାଇଲ କରିବେ। ବର୍ତ୍ତମାନ ଏହା ୩ ଦିନ ରହିଛି। ସେହିଭଳି ଟିଡିଆର ଫାଇଲ କରିବାର ୬୦ ଦିନ ମଧ୍ୟରେ ରିଫଣ୍ଡ ପାଇବା ପାଇଁ ଏହାକୁ ଚିଫ୍ କମର୍ସିଆଲ ଅଫିସରଙ୍କ ନିକଟରେ ମଧ୍ୟ ଜମା କରାଯାଇ ପାରିବ। ରିଫଣ୍ଡ କ୍ଲେମ୍‌କୁ ଟ୍ରେନ ଚାର୍ଟରୁ ଯାଞ୍ଚ କରାଯିବ। ଯଦି ପାସେଞ୍ଜର ୧୩୯ ଦ୍ୱାରା ଟିକେଟ କ୍ୟାନସେଲ କରିବାକୁ ଚାହୁଁଥାନ୍ତି ରେଲୱେ କାଉଣ୍ଟରଗୁଡିକରେ ୩୦ ଦିନ ମଧ୍ୟରେ ରିଫଣ୍ଡ ପାଇପାରିବେ ବୋଲି ରେଲୱେ ପକ୍ଷରୁ ସୂଚନା ରହିଛି।

## ସାନିଟାଇଜର ମୂଲ୍ୟ ଉପରେ ସୀମା ଧାର୍ଯ୍ୟ

ନୂଆଦିଲ୍ଲୀ,୨୧–୩



ହ୍ୟାଣ୍ଡ ସାନିଟାଇଜର ମୂଲ୍ୟ ଉପରେ ସରକାର କଟକଣା ଲଗାଇବା ସହ ସୀମା ଧାର୍ଯ୍ୟ କରିଛନ୍ତି। ଜୁନ ୩୦ ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ। ୨୦୦ ମିଲିଗ୍ରାମ ହ୍ୟାଣ୍ଡ ସାନିଟାଇଜର ବୋତଲର ସର୍ବାଧିକ ରିଟେଲ ମୂଲ୍ୟ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। କରୋନା ପ୍ରଭାବରେ ସାନିଟାଇଜର ମୂଲ୍ୟ ବଢ଼ିବା ଆଶଙ୍କା କରି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାବାଦ ୨ ପ୍ଲାଏ ସର୍ଜିକାଲ ମାସ୍କର ମୂଲ୍ୟକୁ ୮ ଟଙ୍କା ନିର୍ଦ୍ଧାରଣ କରାଯାଇଥିବା ବେଳେ ୩ ପ୍ଲାଏ ସର୍ଜିକାଲ ମାସ୍କର ମୂଲ୍ୟ ଜୁନ ୩୦ ଯାଏ ୧୦ ଟଙ୍କା ବିକ୍ରି ହେବ ବୋଲି ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ ସୂଚନା ଦେଇଛନ୍ତି। ଲୋକଙ୍କ ପାଇଁ ଫେସ୍ ମାସ୍କ ଏବଂ ହ୍ୟାଣ୍ଡ ସାନିଟାଇଜରର ଉପଲବ୍ଧତା ବଢ଼ାଇବା ଲାଗି ସରକାର ପଦକ୍ଷେପ ନେଇଥିବା ପାଶ୍ୱାନ କହିଛନ୍ତି। କଳାବଜାରୀ ଏବଂ ମୂଲ୍ୟ ବୃଦ୍ଧିକୁ ଧ୍ୟାନରେ ରଖି ଚଳିତ ମାସ ସରକାର ସାନିଟାଇଜର ଏବଂ ମାସ୍କକୁ ଆବଶ୍ୟକ ସାମଗ୍ରୀ ବୋଲି ଘୋଷଣା କରିଥିଲେ। ଏହାବାଦ ହ୍ୟାଣ୍ଡ ସାନିଟାଇଜର ପ୍ରସ୍ତୁତିରେ ବ୍ୟବହୃତ ହେଉଥିବା ଆଲକହଲର ମୂଲ୍ୟକୁ ମାର୍ଚ୍ଚ ୧୯ରେ ସୀମା ନିର୍ଦ୍ଧାରଣ କରିଛନ୍ତି।

## ସାବୁନ ମୂଲ୍ୟ କମାଇଲେ କମ୍ପାନୀ

ନୂଆଦିଲ୍ଲୀ,୨୧–୩



ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ, ଗୋଦରେଜ କଞ୍ଜ୍ୟୁମର, ପତଞ୍ଜଳି କରୋନା ବିରୋଧରେ ଲଢେଇକୁ ଜୋରଦାର କରିବା ସ୍ୱରୂପ ସାବୁନ ଏବଂ ସ୍ୱଚ୍ଛତା ପ୍ରଡକ୍ଟର ମୂଲ୍ୟ କମାଇଛନ୍ତି। ଏହାବାଦ୍ ଏହି ସାମଗ୍ରୀଗୁଡିକର ଉତ୍ପାଦନ କମ୍ପାନୀଗୁଡିକ ବଢାଇଥିବା କହିଛନ୍ତି। କରୋନା ପ୍ରତିରୋଧ ଲାଗି ହିନ୍ଦୁସ୍ଥାନ ୟୁନିଲିଭର ୧୦୦ କୋଟି ଟଙ୍କା ପ୍ରଦାନ କରିବ ବୋଲି ଘୋଷଣା କରିଛି। କମ୍ପାନୀ ଲାଇଫବୟ ସାନିଟାଇଜର, ଲିକ୍ୟୁଡ ହ୍ୟାଣ୍ଡୱାଶ, ଡୋମେସ୍କ ଫ୍ଲୋର କ୍ଲିନରର ମୂଲ୍ୟ ୧୫% କମାଇଛି। କମ୍ପାନୀର ଏହି ଘୋଷଣା ନୂଆ ପ୍ରଡକ୍ଟ ଉପରେ କାମ କରିବ। ନୂଆ ପ୍ରଡକ୍ଟଗୁଡିକ କମ୍ ଦିନରେ ବଜାରକୁ ଆସିବ ବୋଲି ଏହା କହିଛି। ସେହିଭଳି ପତଞ୍ଜଳି ଆୟୁର୍ବେଦ ଆଲୋଭେରା ଏବଂ ହଳଦୀ ଚନ୍ଦନ ସାବୁନ ମୂଲ୍ୟ ୧୨.୫% ହ୍ରାସ ଘୋଷଣା କରିଛି।

## ସିପ୍ଲା ଆଣିପାରେ କରୋନା ଲାଗି ମେଡିସିନ୍



ମୁମ୍ବାଇ,୨୧–୩

ଦେଶର ପ୍ରମୁଖ ମେଡିସିନ ପ୍ରସ୍ତୁତକାରୀ କମ୍ପାନୀ ସିପ୍ଲା କରୋନା ଲାଗି ମେଡିସିନ ପ୍ରସ୍ତୁତ କରିପାରେ। ସବୁ ଠିକ୍ ଚାଲିଲେ ଆଗାମୀ ୬ ମାସ ମଧ୍ୟରେ ଏହା ଔଷଧ ପ୍ରସ୍ତୁତ କରିବାକୁ ସକ୍ଷମ ହେବ ବୋଲି ସିପଲା ପକ୍ଷରୁ କୁହାଯାଇଛି। କମ୍ପାନୀ ଏହା କରି ଦେଖାଇଲେ ମାରାତ୍ମକ କରୋନାର ପ୍ରତିଷେଧକ ଟିକା ଆଣିବାରେ ପ୍ରଥମ ଭାରତୀୟ କମ୍ପାନୀ ହୋଇପାରିବ।

## ସୁଧହାର ହ୍ରାସ କଲା ବ୍ୟାଙ୍କ ଅଫ୍ ଇଂଲଣ୍ଡ



କରୋନା ପ୍ରଭାବକୁ କମ୍ କରିବା ଲାଗି ବ୍ୟାଙ୍କ ଅଫ୍ ଇଂଲଣ୍ଡ ସୁଧହାର ହ୍ରାସ କରିଛି। ଏକ ଜରୁରିକାଳୀନ ବୈଠକରେ ବ୍ୟାଙ୍କ ୧୫ ବେସିସି ପଏଣ୍ଟ ସୁଧହାର କମାଇଛି। ଏହା ଫଳରେ ବ୍ୟାଙ୍କର ସୁଧ ହାର ବର୍ତ୍ତମାନ ୦.୧%କୁ ଖସିଛି। ଏହା ବ୍ୟାଙ୍କ ସ୍ଥାପନ ହେବା ପରଠାରୁ ସବୁଠାରୁ ନିମ୍ନ ସ୍ତର ବୋଲି ଜଣାପଡିଛି। ବ୍ୟାଙ୍କ ଗୋଟିଏ ସପ୍ତାହ ମଧ୍ୟରେ ଲଗାତର ଭାବେ ୨ ଥର ଏଭଳି ହ୍ରାସ ପଦକ୍ଷେପ ନେଇଛି। ମାର୍ଚ୍ଚ ୧୧ରେ ଏହା ସୁଧହାରକୁ ୦.୨୫% ହ୍ରାସ କରିଥିଲା। ସେହିଭଳି ଏହି ସମୟରେ ଇଂଲଣ୍ଡର ପବ୍‌ସ ଏବଂ ରେଷ୍ଟୁରାଣ୍ଟଗୁଡିକୁ ବନ୍ଦ କରି ଦିଆଯାଇଛି।

## ଏସ୍‌ବିଆଇର ଏମର୍ଜେନ୍ସି କ୍ରେଡିଟ ଲାଇନ୍

ମୁମ୍ବାଇ,୨୧–୩



ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଋଣଗ୍ରହୀତଙ୍କ ଲାଗି ଏକ ଜରୁରିକାଳୀନ କ୍ରେଡିଟ ଲାଇନ ଖୋଲା ଯାଇଛି। ଏହି ସମୟରେ ବ୍ୟାଙ୍କ ବ୍ୟାଙ୍କରୁ ଜୁନ ୩୦ ଯାଏ ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣ କରିବା ନେଇ ବ୍ୟବସ୍ଥା କରାଯିବ। ୧୨ ମାସ ଅବଧି ଲାଗି ଏହି ଋଣ ୭.୨୫% ସୁଧ ହାରରେ ଯୋଗାଇ ଦିଆଯିବ। କରୋନା ପ୍ରଭାବରେ ବାଣିଜ୍ୟ କାରବାର ଯେଭଳି ପ୍ରଭାବିତ ନ ହୁଏ ସେଥିଲାଗି ସଂସ୍ଥାଗୁଡିକୁ ସହାୟତା କରିବା ଲାଗି ଏଭଳି ବ୍ୟବସ୍ଥା କରାଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

- ନିରନ୍ତର ଇନ୍ଧନ ଯୋଗାଣ ନେଇ ଇଣ୍ଡିଆନ ଅଏଲର ସ୍ୱତନ୍ତ୍ର ବ୍ୟବସ୍ଥା
- କୋଭିଡି–୧୯ ପାଇଁ ନ୍ୟାଶନାଲ କମ୍ପାନୀ ଲ' ଆପିଲେଟ ଟ୍ରିବ୍ୟୁନାଲ ଅତି ଜରୁରୀ ମାମଲାର ଶୁଣାଣି କରିବେ
- କୋଭିଡ–୧୯କୁ ପ୍ରତିରୋଧ କରିବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯାଉଥିବା ଇଣ୍ଡିଆନ ଫାର୍ମାସ୍ୟୁଟିକାଲ ଆଲିଆନ୍ସ ପକ୍ଷରୁ ସୂଚନା
- ଡିଜିଟାଲ ମିଡିୟମ ବ୍ୟବହାର କରିବାକୁ ଆର୍ଥିକ ସେବା ପ୍ରଦାନକାରୀଙ୍କ ନିବେଦନ
- ବର୍ତ୍ତମାନ ସମୟରେ ଟେଲିକମ୍ ଭିତ୍ତିଭୂମି ଠିକ୍ ରଖିବା ଲାଗି ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଉପରେ କଟକଣା କମ୍ କରିବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ।

## ଆମେରିକାରେ ଅଟୋମୋବାଇଲ ପ୍ଲାଣ୍ଟ ବନ୍ଦ



କରୋନା ଯୋଗୁ ଉତ୍ତର ଆମେରିକାର ଅଟୋମୋବାଇଲ ମାନୁଫାକଚରର ପ୍ଲାଣ୍ଟଗୁଡିକ ବନ୍ଦ ହୋଇଛି। ୟୁଏସ୍ ଅଟୋମେକର ଘଟଣାର ଗୁରୁତ୍ୱକୁ ବିଚାର କରି ଏଭଳି ପଦକ୍ଷେପ ହାତକୁ ନେଇଥିବା ଜଣାପଡିଛି। ଫିଆଟ ସମେତ ଅନ୍ୟ କମ୍ପାନୀଗୁଡିକ ଏହି ଧାରାରେ ଯୋଡି ହୋଇଛନ୍ତି।

## ବେତନ କାଟ କରିବନି ଇଣ୍ଡିଆ ଇଙ୍କ୍

କରୋନା ପ୍ରଭାବରେ ଏବେ ଭାରତୀୟ କମ୍ପାନୀଗୁଡିକ ଅନେକ କ୍ଷତି ସହୁଛନ୍ତି। ଏଭଳି ସ୍ଥିତିରେ କମ୍ପାନୀ ସେମାନଙ୍କ କର୍ମଚାରୀଙ୍କୁ ଛଟେଇ କିମ୍ବା ବେତନ ହ୍ରାସ କରିବେନି। ଏନେଇ କିଛି ପ୍ରମୁଖ ବାଣିଜ୍ୟିକ ଗ୍ରୁପ ପକ୍ଷରୁ ସୂଚନା ଦିଆଯାଇଛି। କରୋନା ଯୋଗୁ ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ଭଳି ସ୍ଥିତି ଉପୁଜିଥିବା ବେଳେ ଅନେକ ଲୋକଙ୍କ ନିଯୁକ୍ତି ଉପରେ ନକରାତ୍ମକ ପ୍ରଭାବ ପଡିବ ବୋଲି ଜାତିସଂଘ ପକ୍ଷରୁ ଏକ ରିପୋର୍ଟ ଆସିଛି। ବଜାଜ, ଆଦିତ୍ୟ ବିର୍ଲା ଗ୍ରୁପ, ବେଦାନ୍ତ ଗ୍ରୁପ ସେମାନଙ୍କ କର୍ମଚାରୀ ଛଟେଇ କିମ୍ବା ନିଯୁକ୍ତି ହ୍ରାସ ନ କରିବାକୁ କହିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
FINANCE
Loan Financing under
PROJECT LOAN
(Subsidy upto 35%)
MUDRA LOAN
(Upto 10 Lakh)
HOME LOAN
Financing by all Nationalized Bank
Contact:
+91 7991021555
+91 6370076363

MUDRA FINANCE
(Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

M GROUP FINANCE COMPANY
M GROUP ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜ୍‌ନେସ୍ ଲୋନ୍, ପ୍ରପର୍ଟି, ମାର୍କଶିଟ୍, ସାଲାରୀ ସ୍ଲିପ୍। ମହିଳାଙ୍କ ପାଇଁ 50% ରିହାତି।
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
9911417461
9911417764

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

BUSINESS BUSINESS

ହରପ୍ରୀତ କର୍ପୋରେଶନ୍ ଡିଜିଟାଲ କମ୍ପାନୀ
ଡିଜିଟାଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ ଛାତ/ କ୍ଷେତ ଆବଶ୍ୟକ + ଅଗ୍ରିମ 65 ଲକ୍ଷ + ଭଡ଼ା 45 ହଜାର
ଯୋଗାଯୋଗ:-
9811014559

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

ASTROLOGY ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ – ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା
ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହାଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765

# କଳାବଜାର ଉପରେ କଡ଼ା ନଜର

ଭୁବନେଶ୍ୱର,୨୧।୩(ବ୍ୟୁରୋ)

ରାଜ୍ୟରେ କରୋନାର ମୁକାବିଲା କରିବା ଦିଗରେ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। କରୋନା ସଂକ୍ରମଣ ଭୟରେ ଲୋକମାନେ ଅଧିକ ମାତ୍ରାରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ ସଂଗ୍ରହ କରି ଘରେ ରଖିବା ଆଶଙ୍କା ସୃଷ୍ଟି ହୋଇଛି । ସେହିପରି ପରିସ୍ଥିତିର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟବସାୟୀ ମୂଲ୍ୟବୃଦ୍ଧି ଆଶାରେ ଅତ୍ୟାବଶ୍ୟକ ସାମଗ୍ରୀକୁ ମହଜୁଦ ଆଶଙ୍କା ଥିବାରୁ ମୁକାବିଲା ଲାଗି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆବଶ୍ୟକ ପଦକ୍ଷେପ ନେଇଛନ୍ତି। କଳାବଜାର ଉପରେ ସରକାରଙ୍କ ତୀକ୍ଷ୍ଣ ନଜର ରହିଛି।



**କରୋନା ମୁକାବିଲା**

- ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧତା, ଆମଦାନୀକୁ ସ୍ୱତନ୍ତ୍ର ଦୃଷ୍ଟି
- ଯୋଗାଣ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ଖାଦ୍ୟ ସୁରକ୍ଷା ତାଲିକାରେ ଆଉ ୫ ଲକ୍ଷ ହିତାଧିକାରୀ

ଏହି ସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରି ଅତ୍ୟାବଶ୍ୟକ ସାମଗ୍ରୀର ବଜାରରେ ଉପଲବ୍ଧତା ଏବଂ ଆମଦାନି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ସମସ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶନିବାର ଏହି ମର୍ମରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ବୀର ବିକ୍ରମ ଯାଦବ ରାଜ୍ୟର ସମସ୍ତ ଜିଲାପାଳମାନଙ୍କୁ ଚିଠି ଲେଖିଛନ୍ତି । ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ଜନସାଧାରଣଙ୍କ ପାଇଁ ଯେପରି ଉଚିତ ମୂଲ୍ୟରେ ଉପଲବ୍ଧ ହୋଇପାରିବ, ସେ ନେଇ ସ୍ଥାନୀୟସ୍ତରରେ ଜିଲାପାଳମାନେ ଆବଶ୍ୟକ ପଦକ୍ଷେପ ନେବେ । ଆବଶ୍ୟକ ହେଲେ ଅସାଧୁ ବ୍ୟବସାୟୀ ଓ ମହଜୁଦ୍‌କାରୀଙ୍କ ବିରୋଧରେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ-୧୯୫୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳମାନଙ୍କୁ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି। ଏହା ସହ ରାଜ୍ୟର ସୀମାବର୍ତ୍ତୀ ଜିଲାର ଜିଲାପାଳମାନେ ଉତ୍ପାଦନକାରୀ ଅନ୍ୟ ରାଜ୍ୟରୁ ଓଡ଼ିଶା ଭିତରକୁ ଅତ୍ୟାବଶ୍ୟକ ସାମଗ୍ରୀର ଆମଦାନିକୁ ସୁଗମ କରିବା ଦିଗରେ ବିହିତ ପଦକ୍ଷେପ ନେବେ। ଅପରପକ୍ଷରେ କରୋନା ମୁକାବିଲା ପାଇଁ ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅଧିକ ୫ ଲକ୍ଷ ଗରିବ, ଦୁଃସ୍ଥ ଓ ବଞ୍ଚିତ ହିତାଧିକାରୀଙ୍କୁ ସାମିଲ କରି ଖାଦ୍ୟ ନିରାପତ୍ତା ଯୋଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ହିତାଧିକାରୀମାନେ ମାସିକ କିଲୋଗ୍ରାମ ପ୍ରତି ଏକ ଟଙ୍କା ମୂଲ୍ୟରେ ମୁଣ୍ଡପିଛା ୫ କିଲୋଗ୍ରାମ ଲେଖାଏ ଚାଉଳ ପାଇପାରିବେ । ଏହା ଆସନ୍ତା ତ୍ରୈମାସିକ ୨୦୨୦ ମସିହା ଏପ୍ରିଲ୍, ମେ ଓ ଜୁନ୍ ମାସ ନିମନ୍ତେ ପ୍ରଦତ୍ତ ରାଶନ ସାମଗ୍ରୀ ଆବଣ୍ଟନରୁ ଲାଗୁ ହେବ । ଏଥି ନିମନ୍ତେ ବ୍ୟୟ ହେବାକୁ ଥିବା ବାର୍ଷିକ ୯୬ କୋଟି ଟଙ୍କା ରାଜ୍ୟ ସରକାର ବହନ କରିବେ ବୋଲି ଜଣାପଡ଼ିଛି। ଆବଣ୍ଟିତ ହେବାକୁ ଥିବା ୫ ଲକ୍ଷ ହିତାଧିକାରୀଙ୍କ ମଧ୍ୟରେ ଅନୁଗୋଳ ଜିଲାର ୭୩୬୦, ବାଲେଶ୍ୱରର ୩୧୭୯୭, ବରଗଡ଼ର ୭୭୫୮, ଭଦ୍ରକର ୧୧,୬୦୯, ବଲାଙ୍ଗୀରର ୩୫୭୯୪, ବୌଦ୍ଧର ୩୦୦୦ ହଜାର, କଟକର ୧୨,୭୭୦, ଢେଙ୍କାନାଳର ୨୨୩୧୩, ଦେବଗଡ଼ର ୬୦୦୦, ଗଜପତିର୯୮୬୮ ଜଣ ରହିଛନ୍ତି। ସେହିଭଳି ଗଞ୍ଜାମର ୭୧,୦୦୦, ଜଗତ୍‌ସିଂହପୁରର ୯୦୪୨, ଯାଜପୁରର ୩୭,୦୦୦, ଝାରସୁଗୁଡ଼ାର ୫୮୧୨, କଳାହାଣ୍ଡିର ୧୨,୦୦୦, କନ୍ଧମାଳର ୬୦୦୦, କେନ୍ଦ୍ରାପଡ଼ାର ୩୭,୫୩୫, କେନ୍ଦୁଝରର ୨୩,୨୬୫, ଖୋର୍ଦ୍ଧର ୯୦୮୧, କୋରାପୁଟର ୧୫,୦୦୦, ମାଲକାନଗିରିର ୬୩୦୮, ମୟୂରଭଞ୍ଜର ୧୩,୦୦୦, ନବରଙ୍ଗପୁରର ୭୦୦୦, ନୟାଗଡ଼ର ୯୮୮୨, ନୂଆପଡ଼ାର ୬୦୦୦, ପୁରୀର ୩୭,୦୦୦ , ରାୟଗଡ଼ାର ୯୦୦୦, ସମ୍ବଲପୁରର ୬୧୫୮, ସୁବର୍ଣ୍ଣପୁରର ୧୧,୭୬୮ ଏବଂ ସୁନ୍ଦରଗଡ଼ ଜିଲାର ୧୯,୮୮୦ ଜଣ ଅଛନ୍ତି ।

# କରୋନା ଭୟରେ ଗ୍ରାମାଭିମୁଖୀ ଗରିବ ଭାରତୀୟ

ମୁମ୍ବାଇ, ୨୧।୩

**ଗଣଯାତ୍ରା ହୋଇପାରେ ଗୋଷ୍ଠୀଗତ ସଂକ୍ରମଣ**



ମୁମ୍ବାଇରେ ଶନିବାର ଲୋକମାନ୍ୟ ତିଲକ ଟର୍ମିନସ୍ ଷ୍ଟେଶନରେ ପ୍ରବାସୀ ଶ୍ରମିକମାନେ ନିଜ ଅଞ୍ଚଳକୁ ଫେରିଯିବା ନିମନ୍ତେ ଭିଡ଼ ଲଗାଇଛନ୍ତି।

ଜୀବିକା ଅର୍ଜନ ପାଇଁ ଭାରତର ବିଭିନ୍ନ ସହରରେ କାର୍ଯ୍ୟ କରୁଥିବା ହଜାର ହଜାର ଗରିବ ଭାରତୀୟ କରୋନା ଭାଇରସ୍ ଭୟରେ ଗ୍ରାମାଭିମୁଖୀ ହେଉଛନ୍ତି। କରୋନା ଭୂତାଣୁ ରୋକିବା ଲାଗି ସରକାରୀ ଭାବେ ସାଧାରଣ ସ୍ଥାନରେ ଜନଗହଳି ଉପରେ କଟକଣା ଲଗାଯାଇଥିବାରୁ ପ୍ରବାସୀ ଶ୍ରମିକ ଓ ସେମାନଙ୍କ ପରିବାର ଲୋକ ଗାଁକୁ ଫେରିବା ଲାଗି ବହୁସଂଖ୍ୟାରେ ଶନିବାର ବମ୍ବେ ରେଳ ଷ୍ଟେଶନରେ ଭିଡ଼ ଲଗାଇଥିବା ଦେଖିବାକୁ ମିଳିଛି।

ଭାରତରେ ୨୭୧ ଜଣଙ୍କଠାରେ କରୋନା ଭାଇରସ୍ ଚିହ୍ନଟ ହୋଇଛି। ସେଥିରୁ ଏକ ପଞ୍ଚମାଂଶ ମହାରାଷ୍ଟ୍ରରେ ଥିବା ଜଣାପଡ଼ିବା ପରେ ଏଭଳି ଗଣପଳାୟନ ଆରମ୍ଭ ହୋଇଛି। ଦେଶର ଅର୍ଥନୈତିକ ପାୱାରହାଉସ୍ ଭାବେ ଜଣାଶୁଣା ମୁମ୍ବାଇରେ ଚାରିଆଡ଼ୁ ଲୋକେ ଯାଇ କାମ କରିଥାଆନ୍ତି। କରୋନାକୁ ରୋକିବା ଲାଗି ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦେଇଛନ୍ତି। ମହାରାଷ୍ଟ୍ର ସରକାର ରାଜ୍ୟରେ ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ଦୋକାନ ଓ କାର୍ଯ୍ୟାଳୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଉତ୍ତରପ୍ରଦେଶରୁ ଯାଇ ବମ୍ବେରେ ମଶାରି ବିକି ପେଟ ପୋଷୁଥିବା ରାକେଶ କୁମାର ଗୁପ୍ତା କହିଛନ୍ତି, କରୋନା କଟକଣା ଯୋଗୁ ବିଭିନ୍ନ ସ୍ଥାନରେ କାମ ବନ୍ଦ ହୋଇଗଲାଣି। ଗାଁକୁ ଫେରିଯାଇ ବିଲରେ ଖଟିବେ। ଶନିବାର ବମ୍ବେର ଲୋକମାନ୍ୟ ତିଲକ ଟର୍ମିନସରେ ନିଜ ଅଞ୍ଚଳକୁ ଫେରିଯିବା ଲାଗି ଶହଶହ ଯୁବଶ୍ରମିକ ମୁହଁରେ ମୁଖାପିନ୍ଧି ଓ ପିଠିରେ ବ୍ୟାଗ୍ ପକାଇ ଲମ୍ବା ଧାଡ଼ିରେ ଟ୍ରେନ୍ ଚଢ଼ିଛନ୍ତି। ଲୋକଙ୍କ ଯାତ୍ରା ସୁଗମ କରିବା ଲାଗି ବମ୍ବେରୁ ପୂର୍ବ ଓ ଉତ୍ତର ଭାରତ ଯିବା ନିମନ୍ତେ ରେଲୱେ ପକ୍ଷରୁ ୧୭ଟି ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛି। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ବହୁସଂଖ୍ୟାରେ ଟ୍ରେନ୍‌ରେ ଲଗାଲଗି ହୋଇ ଯାତ୍ରା କରୁଥିବା ଏହି ବ୍ୟକ୍ତିଙ୍କ ଯୋଗୁ ବହୁସଂଖ୍ୟାରେ କରୋନା ଭାଇରସ୍ ସଂକ୍ରମଣ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଶ୍ରମ ଅଧିକାର ଗ୍ରୁପ୍ 'ଅଜିଭିକା' ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଭାରତରେ ପ୍ରାୟ ୧୨ କୋଟି ପ୍ରବାସୀ ଶ୍ରମିକ ଆତଯାତ ହୋଇଥାଆନ୍ତି । ଏକସଙ୍ଗେ ଏତେ ଲୋକ ଯିବାଆସିବା କରିବା ଦ୍ୱାରା କମ୍ୟୁନିଟି କରୋନା ସଂକ୍ରମଣ ଘଟିବାର ଆଶଙ୍କା ସୃଷ୍ଟି ହୋଇଛି ବୋଲି ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର କମ୍ୟୁନିଟି ହେଲ୍‌ଥ ବିଭାଗ ପ୍ରଫେସର ରାଜୀବ ଦାସଗୁପ୍ତା କହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ରେଲୱେର ଜଣେ ମୁଖପାତ୍ର କହିଛନ୍ତି, ଯେଉଁମାନେ ଟ୍ରେନ୍‌ରେ ଯାତ୍ରା କରୁଛନ୍ତି ସେମାନଙ୍କୁ ସ୍କ୍ରିନିଂ କରାଯାଉଛି। କିନ୍ତୁ ବାସ୍ତବରେ ଏତେ ସଂଖ୍ୟକ ଲୋକଙ୍କୁ ସ୍କ୍ରିନିଂ କରାଯାଉଥିବା ନେଇ ସନ୍ଦେହ କରାଯାଉଛି।

# ଏମ୍‌ସିଏଲ୍ ପକ୍ଷରୁ ୧୧୨ ଆଇସୋଲେଶନ ବେଡ୍ ବ୍ୟବସ୍ଥା

ତାଳଚେର, ୨୧।୩(ଡି.ଏନ.ଏ.)

କରୋନା ସନ୍ଦିଗ୍ଧଙ୍କୁ କ୍ୱାରାଣ୍ଟାଇନରେ ରଖିବା ପାଇଁ ମହାନଦୀ କୋଲ ଫିଲ୍ଡସ ଲିମିଟେଡ (ଏମ୍‌ସିଏଲ୍) ତରଫରୁ ୧୧୨ଟି ଆଇସୋଲେଶନ ବେଡ୍‌ର ବ୍ୟବସ୍ଥା କରାଯାଇଛି। ଅନୁଗୋଳ ଜିଲା ତାଳଚେରର ନେହେରୁ ଶତାବ୍ଦୀ କେନ୍ଦ୍ରୀୟ ଚିକିତ୍ସାଳୟରେ ୱାଶରୁମ୍ ସଂଲଗ୍ନ ୮ଟି ସ୍ୱତନ୍ତ୍ର କ୍ୟାବିନ ସହ ୨୦ଟି ଅତିରିକ୍ତ କ୍ୱାରାଣ୍ଟାଇନ କ୍ୟାବିନ ପ୍ରସ୍ତୁତ କରାଯାଇଥିବା ଏମ୍‌ସିଏଲ୍‌ର ମୁଖ୍ୟ ଚିକିତ୍ସାସେବୀ ଡା. ଦେବାଶିଷ ଗୁପ୍ତା କହିଛନ୍ତି। ଜିଲା ମେଡିକାଲ କର୍ତ୍ତୃପକ୍ଷଙ୍କ ସହିତ ପରାମର୍ଶ କରାଯାଇ ଏମ୍‌ସିଏଲ୍ ତରଫରୁ ନୂତନ ଭାବେ ନିର୍ମିତ ହୋଇଥିବା ମହାନଦୀ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ଅନୁଷ୍ଠାନରେ ୪୦ ଶଯ୍ୟା ବିଶିଷ୍ଟ ୨ଟି ଶୀତତାପ ନିୟନ୍ତ୍ରିତ କ୍ୱାରାଣ୍ଟାଇନ ୱାର୍ଡ ପ୍ରସ୍ତୁତ କରାଯାଇଛି। ସେହିପରି ଝାରସୁଗୁଡା ଜିଲା ପ୍ରଶାସନକୁ ସହଯୋଗ କରିବା ପାଇଁ ଝାରସୁଗୁଡା ଇବ୍‌ଭ୍ୟାଲିର ସେଣ୍ଟ୍ରାଲ ହସ୍ପିଟାଲରେ କମ୍ପାନୀ ତରଫରୁ ସମସ୍ତ ସୁବିଧା ଥାଇ ୪ଟି କ୍ୱାରାଣ୍ଟାଇନ ଶଯ୍ୟାର ଆୟୋଜନ କରାଯାଇଛି। ଜନଗହଳି ସ୍ଥାନ ବିଶେଷକରି ଥର୍ମାଲ ପାୱାର ଷ୍ଟେଶନ ଏବଂ ଅନ୍ୟ ଶିଳ୍ପସଂସ୍ଥାକୁ କୋଇଲା ଯୋଗାଇବା କାର୍ଯ୍ୟରେ ଯେଉଁମାନେ ନିୟୋଜିତ ଅଛନ୍ତି ସେମାନେ କରୋନା ନେଇ ସତର୍କ ତଥା ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି। ଏମ୍‌ସିଏଲ୍ ଅଧୀନ ଓଡ଼ିଶାର ବିଭିନ୍ନ ଖଣି ଅଞ୍ଚଳର କାର୍ଯ୍ୟାଳୟ ଓ କଲୋନୀ ପରିସରରେ କରୋନାଠାରୁ ଦୂରେଇ ରହିବାକୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଆକ୍ରାନ୍ତଙ୍କୁ ଚିହ୍ନଟ ପାଇଁ ଥର୍ମାଲ ସ୍କାନର ବ୍ୟବହାର କରାଯାଉଥିବା ଏମ୍‌ସିଏଲ୍ ଜନସମ୍ପର୍କ ଅଧିକାରୀଙ୍କ ତରଫରୁ ପ୍ରେସ୍ ବିବୃତିରେ ଜଣାଯାଇଛି।

# ମନ୍ଦିର ପରିସରରେ ଚାଲିଥିଲା ପ୍ରସାଦ ସେବନ

ଅନୁଗୋଳ ଅଫିସ୍, ୨୧।୩

ମନ୍ଦିର ମଧ୍ୟକୁ ଭକ୍ତଙ୍କ ପ୍ରବେଶ ଉପରେ ରାଜ୍ୟ ସରକାର କଟକଣା ଲଗାଇଥିବା ସତ୍ତ୍ୱେ ଅନୁଗୋଳ ସହରରେ ଥିବା ଆଖଣ୍ଡଳମଣି ମନ୍ଦିର ପରିସରରେ ଶନିବାର ଅନ୍ନପ୍ରସାଦ ସେବନ ଚାଲିଥିବା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସମେତ ଏସ୍‌ଡିପିଓ, ତହସିଲଦାର, ପୌରନିର୍ବାହୀ ଅଧିକାରୀ ପ୍ରମୁଖ ସେଠାରେ ଚଢ଼ାଉ କରିଥିଲେ। ଏହି ସମୟରେ ବହୁ ଲୋକ ମନ୍ଦିର ପରିସରରେ ବସି ପ୍ରସାଦ ସେବନ କରୁଥିବା ଦେଖାଯାଇଥିଲା। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ମନ୍ଦିରରେ ଭକ୍ତଙ୍କୁ



ଅଭିଯୋଗ ମିଳିବା ପରେ ପ୍ରଶାସନିକ ଅଧିକାରୀମାନେ ମନ୍ଦିରରେ ପହଞ୍ଚିଛନ୍ତି।

**କଟକଣା ଉଲ୍ଲଂଘନ, ବ୍ୟବସାୟୀ ଅଟକ**

ପ୍ରସାଦ ସେବନ କରାଉଥିବା ଜଣେ ବ୍ୟବସାୟୀଙ୍କୁ ଥାନାକୁ ଉଠାଇ ନେଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ରରେ ଥିବା ଜଗନ୍ନାଥ ମନ୍ଦିର, ଅମଲାପଡ଼ାରେ ଥିବା ରାଧାକୃଷ୍ଣ ମନ୍ଦିର ଆଦି ବନ୍ଦ ରହିଛି।

## ଖେଳ ଖବର

# 'ସୁରକ୍ଷିତ ପରିବେଶ'ରେ ଭାରତୀୟ ହକିର ଅଲିମ୍ପିକ ପ୍ରସ୍ତୁତି

ବେଙ୍ଗାଲୁରୁ, ୨୧।୩ (ପି.ଟି.)

ବିଶ୍ୱରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିବା କରୋନା ଭାଇରସ ସତ୍ତ୍ୱେ ଭାରତୀୟ ହକି ଦଳ 'ସୁରକ୍ଷିତ ପରିବେଶ'ରେ ଆଗାମୀ ଅଲିମ୍ପିକ୍ସ ପାଇଁ ସେମାନଙ୍କ ପ୍ରସ୍ତୁତି ଚଳାଇଛନ୍ତି। ସ୍ଥାନୀୟ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସେଣ୍ଟର ପରିସରରେ ଆଇସୋଲେଶନରେ ରହି ଭାରତର ଉଭୟ ମହିଳା ଓ ପୁରୁଷ ହକି ଖେଳାଳି ଟୋକିଓ ଅଲିମ୍ପିକ୍ସପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ଭାରତୀୟ ଖେଳାଳି ଏଠାରେ ଅଭ୍ୟାସ କରୁଥିବାରୁ ସାଇ ସେଣ୍ଟରକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରାଯାଇଛି। ଏଥିସହ ସେଣ୍ଟର ପରିସରକୁ ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। 'କରୋନା ଭାଇରସ ଆମର ଅଭ୍ୟାସ ସେସନକୁ ପ୍ରଭାବିତ କରିପାରିବ ନାହିଁ। ଆମେ ନିୟମିତ ଅନ୍ତରରେ ହାତ ଧୋଉଛୁ ଏବଂ ଆମ ଖେଳାଳିଙ୍କ ତାପମାତ୍ରାକୁ ମଧ୍ୟ ଚେକ୍ କରାଯାଉଛି। ଆମେ ଏକ ସୁରକ୍ଷିତ ପରିବେଶରେ ଅଭ୍ୟାସ କରୁଥିବା ନେଇ ସାଇ ପରିସରରେ ରହିଥିବା କ୍ରୀଡ଼ା ଅଧିକାରୀ କହୁଛନ୍ତି। ସାଇ ଓ ଆମ କୋଚ୍‌ଙ୍କ ସମର୍ଥନ ପାଇ ଆମେ ଅଲିମ୍ପିକ ଲାଗି କଠିନ ପରିଶ୍ରମ କରୁଛୁ' ବୋଲି ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ମନ୍‌ପ୍ରୀତ୍ ସିଂ କହିଛନ୍ତି। ସେହିଭଳି ଏକ 'ସୁରକ୍ଷିତ ପରିବେଶ'ରେ ଅଭ୍ୟାସ କରିବାର ସୁଯୋଗ ପାଇଥିବାରୁ ଭାରତୀୟ ମହିଳା ହକି ଦଳର ଅଧିନାୟିକା ରାଣୀ ରାମପାଲ ଭାଗ୍ୟବାନ ମଣିଛନ୍ତି। 'ସାଇ କ୍ୟାମ୍ପସ୍ ପରିସରରେ ଏଭଳି ସୁବିଧା ସୁଯୋଗ ପାଇଥିବାରୁ ଆମେ ବହୁତ ଭାଗ୍ୟଶାଳୀ। ଏଠାରେ ରହିଥିବା ସମସ୍ତ ଖେଳାଳି କଠିନ ପରିଶ୍ରମ କରୁଛନ୍ତି। ତେଣୁ ହକି ଟିମ୍ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଜାରି ରଖିବ। ଆମର ସ୍ୱାସ୍ଥ୍ୟକୁ ପ୍ରତିଦିନ ଚେକ୍ କରାଯାଉଛି। ଆବଶ୍ୟକୀୟ ସମସ୍ତ ସାବଧାନତା ଆମେ ଅବଲମ୍ବନ କରୁଛୁ। ଆମର ମୁଖ୍ୟ ଲକ୍ଷ୍ୟ ଟୋକିଓ ଅଲିମ୍ପିକ୍ସରେ କିଭଳି ଭଲ ପ୍ରଦର୍ଶନ କରିପାରିବୁ ସେଥିନେଇ ସାଇ ଅଧିକାରୀ ସର୍ବଦା ସାହାଯ୍ୟ କରୁଛନ୍ତି' ବୋଲି ରାଣୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଟୋକିଓ ଅଲିମ୍ପିକ୍ସର ପୁରୁଷ ବିଭାଗ ହକିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ସେହିଭଳି ରାଣୀଙ୍କ ଦଳ ନେଦରଲାଣ୍ଡ ବିପକ୍ଷରେ ଏହାର ପ୍ରଥମ ମ୍ୟାଚ୍ ଖେଳିବ। ଉଭୟ ମ୍ୟାଚ୍ ଜୁଲାଇ ୨୫ରେ ଅନୁଷ୍ଠିତ ହେବ।



କ୍ୟାମ୍ପରେ ଉପସ୍ଥିତ ଭାରତୀୟ ମହିଳା ହକି ଟିମ୍‌ର ଫିଜିଓଥେରାପିଷ୍ଟ।



ପ୍ରଶିକ୍ଷକଙ୍କୁ ମାସ୍କ ପ୍ରଦାନ କରାଯାଉଛି।

# ଫୁଟ୍‌ବଲ ଖେଳାଳି ଜାହାଙ୍କ ବଦାନ୍ୟତା

ଲଣ୍ଡନ, ୨୧।୩(ଏଏଫ୍‌ପି)

କରୋନା ଆକ୍ରାନ୍ତଙ୍କୁ ଚିକିତ୍ସା କରୁଥିବା ମେଡିକାଲ ଷ୍ଟାଫଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଆଇଭରକୋଷ୍ଟ ତଥା କ୍ରିଷ୍ଟଲ ପାଲେସ କ୍ଲବର ଫୁଟବଲ ଖେଳାଳି ୱିଲ୍‌ଫ୍ରେଡ ଜାହା। ଲଣ୍ଡନସ୍ଥିତ ତାଙ୍କ ହୋଟେଲରେ ମେଡିକାଲ ଷ୍ଟାଫ୍‌ଙ୍କ ପାଇଁ ମାଗଣା ରହଣି ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଛନ୍ତି। ୨୭ ବର୍ଷୀୟ ଆଇଭରି କୋଷ୍ଟର ଅନ୍ତର୍ଜାତୀୟ ଫୁଟ୍‌ବଲ ଖେଳାଳିଙ୍କ ପୂର୍ବରୁ ପୂର୍ବତନ ମାଞ୍ଚେଷ୍ଟର ୟୁନାଇଟେଡ୍ ଖେଳାଳି ଗ୍ୟାରି ନେଭିଲେ ଓ ଚେଲ୍‌ସି ମାଲିକ ରୋମାନ ଆବ୍ରାମୋଭିଚ୍ ମେଡିକାଲ ଷ୍ଟାଫ୍‌ଙ୍କ ସହାୟତା ଲାଗି ହୋଟେଲ ରୁମ୍ ଉପଲବ୍ଧ କରିଥିଲେ। ଜାହା ପ୍ରିମିୟର କ୍ଲବଠାରୁ ପ୍ରତି ସପ୍ତାହରେ ଦେଢ଼ ଲକ୍ଷ ଆମେରିକୀୟ ଡଲାର ଆୟ କରନ୍ତି। ଭାରତୀୟ ମୁଦ୍ରାରେ ଏହା ୧.୧୪ କୋଟି ଟଙ୍କା। ନ୍ୟାଶନାଲ ହେଲ୍‌ଥ ସର୍ଭିସେସ (ଏନ୍‌ଏଚ୍‌ଏସ୍)ରେ କାର୍ଯ୍ୟ କରୁଥିବା ମୋର କିଛି ବନ୍ଧୁ ଅଛନ୍ତି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ନିଜ ଶିଫ୍ଟ ଶେଷ କରିବା ପରେ

**ମେଡିକାଲ ଷ୍ଟାଫଙ୍କୁ ମାଗଣା ରହିବା ସୁବିଧା**



ଯେଉଁମାନେ ଘରକୁ ଫେରି ପାରୁ ନାହାନ୍ତି, ସେମାନଙ୍କ ପାଇଁ ମାଗଣାରେ ରହଣି ବ୍ୟବସ୍ଥା କରିପାରିବି। ନଟିଂ ହିଲ ସମେତ ଲଣ୍ଡନର ବହୁ ସ୍ଥାନରେ ଜାହାଙ୍କ ହୋଟେଲ ଅଛି। ତାଙ୍କ ଫ୍ଲାଟଗୁଡ଼ିକ ସାଧାରଣତଃ କର୍ପୋରେଟ୍ କ୍ଲାଏଣ୍ଟମାନେ ବ୍ୟବହାର କରନ୍ତି। କିନ୍ତୁ ଅନ୍ତର୍ଜାତୀୟ ସ୍ତରରେ ଲାଗୁ ହୋଇଥିବା ଯାତ୍ରା କଟକଣା ଯୋଗୁ ଏଗୁଡ଼ିକ ଖାଲି ପଡ଼ିଛି। ତାଙ୍କ ବିଜନେସ ପାର୍ଟନର ଓବି ୱିଲିଅମ୍ସ କହିଛନ୍ତି, ଲଣ୍ଡନସ୍ଥିତ ଦୁଇ ମେଡିକାଲର ଷ୍ଟାଫ ଯୋଗାଯୋଗ କରି ସାରିଛନ୍ତି। ଏଭଳି ସ୍ଥିତିରେ ଯଦି କେହି ସାହାଯ୍ୟ କରିପାରିବେ। ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମର ବିପରୀତରେ ଥିବା ଦୁଇ ମାଞ୍ଚେଷ୍ଟର ହୋଟେଲରେ ୧୭୬ ରୁମ୍ ରହିଛି। ରୁଷିଆର ବିଜନେସ ଟାଇକୁନ ଚେଲସିର ଷ୍ଟାମଫର୍ଡ ବ୍ରିଜ୍ ଗ୍ରାଉଣ୍ଡ ହୋଟେଲରେ ଥିବା ୭୨ ରୁମ୍ ପାଇଁ ମେଡିକାଲ ଷ୍ଟାଫ୍‌ଙ୍କୁ ଆମନ୍ତ୍ରଣ କରିଛନ୍ତି।

# ଆରମ୍ଭ ହେଲା ଅଷ୍ଟ୍ରେଲିଆ ଫୁଟ୍‌ବଲ ଲିଗ୍

ସିଡ୍‌ନୀ, ୨୧।୩(ଏପି)

କରୋନା ଭାଇରସକୁ ରୋକିବା ପାଇଁ ଅଷ୍ଟ୍ରେଲିଆ ତା'ର ୩ ମୁଖ୍ୟ ଫୁଟବଲ ଲିଗ୍‌ର ମ୍ୟାଚ୍‌ଗୁଡ଼ିକ ଶନିବାରଠାରୁ ଖାଲି ଷ୍ଟାଡିୟମରେ ଖେଳିବା ଆରମ୍ଭ କରିଛି। ଦେଶରେ ଏକ ହଜାର ଆକ୍ରାନ୍ତ ଥିବାସତ୍ତ୍ୱେ ଜାତୀୟ ରଗ୍‌ବୀ ଲିଗ୍, ସକର୍ସ ଏ ଲିଗ୍ ଓ ଅଷ୍ଟ୍ରେଲିଆନ ରୁଲ୍ସ ଫୁଟବଲ ଏଏଫ୍‌ଏଲ୍ ଆରମ୍ଭ କରାଯାଇଛି। କରୋନା ଭାଇରସ ଯୋଗୁ ବିଶ୍ୱର ସମସ୍ତ ଖେଳ ବାତିଲ କିମ୍ବା ସ୍ଥଗିତ ହୋଇସାରିଛି। ସାଧାରଣ ସ୍ଥାନରେ ଲୋକଙ୍କୁ ଏକତ୍ରିତ ନ ହେବାକୁ ପରାମର୍ଶ ଦିଆଯାଇଛି। ଏଭଳି ପରିସ୍ଥିତିରେ ଲିଗ୍‌ର ଲୋକପ୍ରିୟତା ବୃଦ୍ଧି ଓ ବ୍ୟବସାୟିକ ସଫଳତାକୁ ଗୁରୁତ୍ୱ ଦିଆଯାଇଛି। ୨୨ ରାଉଣ୍ଡ ବିଶିଷ୍ଟ ଏଏଫ୍‌ଏଲ୍‌ର ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ପ୍ରସାରଣ ପାଇଁ ୨.୫ ଅଷ୍ଟ୍ରେଲିଆନ ଡଲାର ବିଲିଅନର ଚୁକ୍ତି କରାଯାଇଛି। ଚଳିତ ସପ୍ତାହରେ ୯ ମ୍ୟାଚ୍ ଖେଳାଯିବ। ସାଧାରଣତଃ ଏହି ଲିଗ୍ ମ୍ୟାଚ୍ ଦେଖିବା ଲାଗି ପ୍ରବଳ ସଂଖ୍ୟାରେ ଦର୍ଶକ ଯୋଗ ଦିଅନ୍ତି। ଭିକ୍ଟୋରିଆ ରାଜ୍ୟରେ ୮୦ ହଜାର ଦର୍ଶକ ହେବା ସାଧାରଣ କଥା। ରଗ୍‌ବୀ ଲିଗ୍ ଏନ୍‌ଆରଏଲର ଦ୍ୱିତୀୟ ରାଉଣ୍ଡ ମଧ୍ୟ ଖାଲି ଷ୍ଟାଡିୟମରେ ଖେଳାଯାଇଛି।

**ଆଇସିସି ଟି୨୦ ପୁରୁଷ ବିଶ୍ୱକପ୍**

# ସେମିଫାଇନାଲ ଲାଗି ରିଜର୍ଭ ଡେ ପ୍ରସ୍ତାବ

ସିଡନୀ, ୨୧।୩(ପି.ଟି.)







ଅକ୍ଟୋବରରେ ଆୟୋଜନ ହେବାକୁ ଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ପୁରୁଷ ଟି୨୦ ବିଶ୍ୱକପ୍‌ରେ ସେମିଫାଇନାଲ ମ୍ୟାଚ୍ ଲାଗି ରିଜର୍ଭ ଡେ ରଖିବାକୁ କ୍ରିକେଟ ଅଷ୍ଟ୍ରେଲିଆ ପ୍ରସ୍ତାବ ଦେଇପାରେ। ଚଳିତ ବର୍ଷ ଶେଷ ଆଡ଼କୁ ଆୟୋଜନ ହେବାକୁ ଥିବା ଆଇସିସି କ୍ରିକେଟ କମିଟି ବୈଠକରେ କ୍ରିକେଟ ଅଷ୍ଟ୍ରେଲିଆ ଏ ନେଇ ପ୍ରସ୍ତାବ ରଖିବ। ଚଳିତ ମାସ ପ୍ରାରମ୍ଭରେ ଅନୁଷ୍ଠିତ ମହିଳା ଟି୨୦ ବିଶ୍ୱକପ୍ ନକ୍‌ଆଉଟ ପର୍ଯ୍ୟାୟରେ ରିଜର୍ଭ ଡେ ରଖି ନ ଥିବାରୁ ଆଇସିସି ବେଶ୍ ସମାଲୋଚିତ ହୋଇଥିଲା। ଫଳରେ ଇଂଲଣ୍ଡକୁ ସେମିଫାଇନାଲ ନ ଖେଳି ବିଶ୍ୱକପରୁ ବାଦ୍ ପଡିଥିଲା। ଭାରତ-ଇଂଲଣ୍ଡ ସେମିଫାଇନାଲ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଗ୍ରୁପ୍‌ରେ ଭାରତ ଶୀର୍ଷ ସ୍ଥାନ ଅଧିକାର କରିଥିବାରୁ ସିଧାସଳଖ ଫାଇନାଲକୁ ଉଠିଥିଲା। ଏ ନେଇ ବିଶ୍ୱବ୍ୟାପୀ କ୍ରିକେଟ ପ୍ରଶଂସକ ଅସନ୍ତୋଷ ଜାହିର କରିଥିଲେ।

ଆଇସିସିର ନିୟମ ଅନୁସାରେ ଅକ୍ଟୋବର ୧୮ରେ ଆରମ୍ଭ ହେବାକୁ ଯାଉଥିବା ପୁରୁଷ ଟି୨୦ ବିଶ୍ୱକପ୍ ଫାଇନାଲ ପୂର୍ବରୁ କୌଣସି ମ୍ୟାଚ୍ ପାଇଁ ରିଜର୍ଭ ଡେ'ର ବ୍ୟବସ୍ଥା ନାହିଁ। ଫାଇନାଲ ମ୍ୟାଚ୍ ନଭେମ୍ବର ୧୫ରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଖେଳାଯିବ। ପୁରୁଷ ଟି୨୦ ବିଶ୍ୱକପ୍‌ର ପ୍ଲେଇଙ୍ଗ କଣ୍ଡିଶନ ନେଇ କ୍ରିକେଟ କମିଟିରେ ସବିଶେଷ ଆଲୋଚନା କରାଯିବ ବୋଲି ଆଇସିସିର ଜଣେ ମୁଖପାତ୍ର କହିଛନ୍ତି। ଏହାପୂର୍ବରୁ ମୁଖ୍ୟ କାର୍ଯ୍ୟନିର୍ବାହୀ କମିଟି(ସିଇସି) ବୈଠକରେ ଔପଚାରିକ ଭାବେ ଆଲୋଚନା ହେବା ସହ ସ୍ୱାକ୍ଷର ହେବ। କ୍ରିକେଟ ଅଷ୍ଟ୍ରେଲିଆ ମୁଖ୍ୟ କାର୍ଯ୍ୟନିର୍ବାହୀ କେଭିନ ରବର୍ଟ୍ସ ମଧ୍ୟ ସିଇସି ବୈଠକରେ ଯୋଗ ଦେବେ। ବିଶ୍ୱକପ୍ ନକ୍‌ଆଉଟ୍ ମ୍ୟାଚ୍‌ଗୁଡ଼ିକରେ ରିଜର୍ଭ ଡେ ସାମିଲ କରିବାକୁ ପ୍ରୟାସ କରାଯିବ ବୋଲି ରବର୍ଟ୍ସ କହିଛନ୍ତି। ଉଲ୍ଲେଖଥାଉ କି, ଗତବର୍ଷ ଅନୁଷ୍ଠିତ ପ୍ଲେଇଙ୍ଗ କଣ୍ଡିଶନକୁ ଦୃଷ୍ଟିରେ ରଖି ଦିନିକିଆ ବିଶ୍ୱକପ୍‌ରେ ନକ୍‌ଆଉଟ୍ ମୁକାବିଲା ପାଇଁ ରଜର୍ଭ ଡେ'ର ବ୍ୟବସ୍ଥା କରାଯାଇଥିଲା।

# ମେ ୨୮ ପର୍ଯ୍ୟନ୍ତ ପେସାଦାର କ୍ରିକେଟ ସ୍ଥଗିତ ରଖିଲା ଇସିବି

ଲଣ୍ଡନ, ୨୧।୩(ପି.ଟି.)

ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ସମସ୍ତ ପେସାଦାର କ୍ରିକେଟ ଟୁର୍ନାମେଣ୍ଟକୁ ମେ ୨୮ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। କୋଭିଡ୍-୧୯ ଭୟାବହତା ଯୋଗୁ ନୂଆ ସିଜନ ଆରମ୍ଭ ହେବାରେ ବିଳମ୍ବ ହେବ। ପ୍ରଥମ ଶ୍ରେଣୀ କାଉଣ୍ଟି, ମେରିଲବୋନ କ୍ରିକେଟ କ୍ଲବ (ଏମ୍‌ସିସି) ଓ ପେସାଦାର କ୍ରିକେଟରଙ୍କ ଆସୋସିଏଶନ (ପିସିଏ) ସହ ଆଲୋଚନା ପରେ ଇସିବି ଏହି ନିଷ୍ପତ୍ତି ନେଇଛି। ୭ ସପ୍ତାହ ବିଳମ୍ବରେ ନୂଆ ସିଜନ ଆରମ୍ଭ କରିବାକୁ ଇସିବି ପକ୍ଷରୁ କୁହାଯାଇଛି। ୱେଷ୍ଟଇଣ୍ଡିଜ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍, ଟି୨୦ କପ ଓ ମହିଳା ଦଳର ଭାରତ ଗସ୍ତକୁ ଜୁନ, ଜୁଲାଇ ଓ ଅଗଷ୍ଟରେ ଆୟୋଜନ କରିବାକୁ ଯୋଜନା କରୁଥିବା ବୋର୍ଡ ଘୋଷଣା କରିଛି। ସିଜନକୁ ଛୋଟ କରିବା ଲାଗି ସରକାରଙ୍କ ସହ ପରବର୍ତ୍ତୀ ସମୟରେ ଆଲୋଚନା ହୋଇପାରେ। କ୍ରିକେଟ ପରିବାରର ସମସ୍ତଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ବୋର୍ଡ ପ୍ରାଥମିକତା ଦେଉଛି ବୋଲି ଇସିବି ମୁଖ୍ୟ କାର୍ଯ୍ୟକାରୀ ଅଫିସର ଟମ୍ ହାରିସନ କହିଛନ୍ତି।



“ମୁଁ ବର୍ତ୍ତମାନ କରୋନା ଭାଇରସ୍ ଦ୍ୱାରା ଆକ୍ରାନ୍ତ। ଏଥିରୁ ରକ୍ଷା ପାଇବାକୁ ଯୁବ ପିଢି ସାମାଜିକ ଦୂରତା ବଜାୟ ରଖିବା ଉଚିତ୍ ।

–ମାର୍କସ ସ୍ମାର୍ଟ, ବିଶିଷ୍ଟ ବାସ୍କେଟବଲ୍ ଖେଳାଳି



“କେତେଜଣ କରୋନା ଭାଇରସ୍ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିବା ପରେ ଜଣାପଡ଼ିବାରୁ ମୁଁ ଏକ ସପ୍ତାହ ହେଲା ସେଲ୍ଫ ଆଇସୋଲେଶନରେ ରହିଛି ।

–ଲୁଇସ୍ ହାମିଲଟନ, ଫର୍ମୁଲା ୱାନ୍ ଚାମ୍ପିୟନ

# ଟୋକିଓ ଅଲିମ୍ପିକ୍ସ

## ଆଶାଠାରୁ ଆଶଙ୍କା ଅଧିକ

**କରୋନା ପ୍ରଭାବ**

କରୋନା ଭାଇରସ ସଂକ୍ରମଣ ୨୦୨୦ ଟୋକିଓ ଅଲିମ୍ପିକ୍ସ ଉପରେ ପ୍ରଭାବ ପକାଇବା ଆଶଙ୍କା ଦେଖାଦେଇଛି । ଆୟୋଜକଙ୍କ ପକ୍ଷରୁ ଯଦିଓ ଏହାକୁ ଠିକ୍ ସମୟରେ ଆୟୋଜନ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରାଯାଇଛି । ତେବେ ବିଭିନ୍ନ କ୍ୱାଲିଫାଇଂ ଟୁର୍ନାମେଣ୍ଟ ସ୍ଥଗିତ କିମ୍ବା ବାତିଲ ହୋଇଥିବାରୁ ଅଲିମ୍ପିକ୍ସ ମଧ୍ୟ ସ୍ଥଗିତ କିମ୍ବା ପରବର୍ତ୍ତୀ କୌଣସି ଏକ ତାରିଖକୁ ଘୁଞ୍ଚିବା ସମ୍ଭାବନା ରହିଛି। ଟୋକିଓ ଅଲିମ୍ପିକ୍ସ ଆସନ୍ତା ଜୁଲାଇ ୨୯ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ହେବାର କାର୍ଯ୍ୟସୂଚୀ ଥିଲେ ହେଁ ଏହାକୁ ନେଇ ଆଶଙ୍କା ପ୍ରକାଶ ପାଇଛି।




### ଟର୍ଚ୍ଚ ରିଲେ

ଗ୍ରୀସ୍‌ର ଅଲିମ୍ପିଆଠାରେ ଗତ ୧୨ ତାରିଖରେ ପାରମ୍ପରିକ ଅଲିମ୍ପିକ୍ ମଶାଲ ପ୍ରଜ୍ୱଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ପ୍ରଥମ ମଶାଲ ବାହକ ଦାୟିତ୍ୱ ତୁଲାଇଥିଲେ ତାରକା ମହିଳା ଶୁଟର ଆନ୍ନା କୋରାକାକି। କରୋନା ଭାଇରସ ସଂକ୍ରମଣ ଯୋଗୁ ୧୯୮୪ ପରେ ପ୍ରଥମଥର ପାଇଁ ମଶାଲ ପ୍ରଜ୍ୱଳନ ଉତ୍ସବକୁ ବିନା ଦର୍ଶକରେ ଆୟୋଜନ କରାଯାଇଥିଲା। ମାର୍ଚ୍ଚ ୧୩ରେ ଗ୍ରୀକ୍ ପର୍ଯ୍ୟାୟର ମଶାଲ ରିଲେକୁ ବାତିଲ କରାଯାଇଥିଲା। ଏହାପରେ ୧୯ ତାରିଖରେ ମଶାଲ ହସ୍ତାନ୍ତର ପ୍ରକ୍ରିୟା ଏଥେନ୍ସର ପାନାଥେନାକ୍ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ମଶାଲ ଏବେ ଜାପାନରେ ପହଞ୍ଚି ସାରିଥିଲେ ହେଁ ପରବର୍ତ୍ତୀ କାର୍ଯ୍ୟକ୍ରମକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଯୋଗ୍ୟତା ପର୍ଯ୍ୟାୟ

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଅନେକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟକୁ ସ୍ଥଗିତ ରଖା ଯାଇଛି କିମ୍ବା ବାତିଲ କରାଯାଇଛି।

### ଆର୍ଚ୍ଚେରୀ

୨୦୨୦ ମାର୍ଚ୍ଚ ୧୬ରେ ବିଶ୍ୱ ଆର୍ଚ୍ଚେରୀ ଫେଡେରେଶନ ପକ୍ଷରୁ ୨ଟି ମହାଦେଶୀୟ ଯୋଗ୍ୟତା ପର୍ଯ୍ୟାୟକୁ ବାତିଲ କରାଯାଇଥିଲା। ପାନ୍ ଆମେରିକାନ ଚାମ୍ପିୟନଶିପ୍ ମେକ୍ସିକୋର ମୋଣ୍ଟେରେଠାରେ ମାର୍ଚ୍ଚ ୨୩ରୁ ୨୯ ଓ ଓସେନିଆ ଚାମ୍ପିୟନଶିପ୍ ଏପ୍ରିଲ ୫ରୁ୯ ଫିଜିରେ ହେବାର ଥିଲା। ମାତ୍ର ବିଶ୍ୱ ଆର୍ଚ୍ଚେରୀ ଫେଡେରେଶନ ଏପ୍ରିଲ ଶେଷ ପର୍ଯ୍ୟନ୍ତ କୌଣସି ଅନ୍ତର୍ଜାତୀୟ ପ୍ରତିଯୋଗିତା ନ କରାଇବାକୁ ନିଷ୍ପତ୍ତି ନେଇଛି।

### ବେସ୍‌ବଲ

ବେସ୍‌ବଲର ଅନ୍ତିମ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଏପ୍ରିଲ ୧ରୁ ୫ ହେବାର ଥିଲା। ମାତ୍ର ଖେଳାଳି ଓ ଦର୍ଶକଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହାକୁ ଜୁନ୍ ପର୍ଯ୍ୟନ୍ତ ସ୍ଥଗିତ ରଖା ଯାଇଛି।

### ବାସ୍କେଟବଲ

୨୦୨୦ ଫିବା ୱାର୍ଲ୍ଡ ଅଲିମ୍ପିକ୍ କ୍ୱାଲିଫାଇଂ ଟୁର୍ନାମେଣ୍ଟ ଚାଇନାର ଫୋଶାନଠାରେ ଗତ ଫେବୃୟାରୀ ୬ରୁ ୯ ପର୍ଯ୍ୟନ୍ତ ହୋଇଥାନ୍ତା। ମାତ୍ର ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହାକୁ ସର୍ବିୟାର ବେଲ୍‌ଗ୍ରେଡକୁ ସ୍ଥାନାନ୍ତର କରାଯାଇଥିଲା।

**୩x୩ ବାସ୍କେଟବଲ:** ୨୦୨୦ ଫିବା ଅଲିମ୍ପିକ୍ କ୍ୱାଲିଫାଇଂ ଟୁର୍ନାମେଣ୍ଟ ମାର୍ଚ୍ଚ ୧୮ରୁ ୨୨ ପର୍ଯ୍ୟନ୍ତ ହୋଇଥାନ୍ତା। ମାତ୍ର ଏହାକୁ ସ୍ଥଗିତ ରଖା ଯାଇଛି।

### ବକ୍ସିଂ

୨୦୨୦ ଏସିଆ ଏବଂ ଓସେନିଆ ବକ୍ସିଂ ଅଲିମ୍ପିକ୍ କ୍ୱାଲିଫିକେଶନ ଟୁର୍ନାମେଣ୍ଟ ପ୍ରକୃତରେ ଚାଇନାର ଉହାନଠାରେ ଫେବୃୟାରୀ ୩ରୁ ୧୪ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର ଉହାନ କରୋନା ଭାଇରସ ସଂକ୍ରମଣର କେନ୍ଦ୍ରସ୍ଥଳ ହୋଇଥିବାରୁ ଏହାକୁ ଜୋର୍ଡାନକୁ ନିଆ ଯାଇଥିଲା। ୨୦୨୦ ୟୁରୋପିଆନ ବକ୍ସିଂ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଲଣ୍ଡନରେ ଆରମ୍ଭ ହୋଇଥିଲା। ମାତ୍ର ୩ ଦିନପରେ ଏହାକୁ ବାତିଲ କରାଯାଇଥିଲା।

### ସାଇକ୍ଲିଂ

ବିଏମ୍ଏକ୍ସ ଫ୍ରିଷ୍ଟାଇଲ ୱାର୍ଲ୍ଡ ସିରିଜ ଇଭେଣ୍ଟ ଜାପାନର ହିରୋଶିମାଠାରେ ଏପ୍ରିଲ ୩ରୁ ୫ ପର୍ଯ୍ୟନ୍ତ ହୋଇଥାନ୍ତା। ମାତ୍ର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହାକୁ ସ୍ଥଗିତ ରଖା ଯାଇଛି।

### ଫୁଟ୍‌ବଲ୍

୨୦୨୦ କନ୍‌କାକାଫ୍ ପୁରୁଷ ଅଲିମ୍ପିକ୍ କ୍ୱାଲିଫାଇଂ ଚାମ୍ପିୟନଶିପ୍ ମାର୍ଚ୍ଚ ୨୦ରୁ ଏପ୍ରିଲ ୧ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର କରୋନା ସଂକ୍ରମଣ ଦୃଷ୍ଟିରୁ କନକାକାଫ ଏହାକୁ ପରବର୍ତ୍ତୀ ୩୦ ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। ସେହିପରି ଏଏଫସି ମହିଳା ଅଲିମ୍ପିକ୍ କ୍ୱାଲିଫାଇଂ ଟୁର୍ନାମେଣ୍ଟ ଗ୍ରୁପ'ବି'ର ସମସ୍ତ ମ୍ୟାଚ ଚାଇନାରୁ ଅଷ୍ଟ୍ରେଲିଆକୁ ସ୍ଥାନାନ୍ତର କରାଯାଇଛି।

### ହ୍ୟାଣ୍ଡବଲ

ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଫେଡେରେଶନର ମହିଳା ବିଭାଗ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ମାର୍ଚ୍ଚ ୨୦ରୁ ୨୨ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହାକୁ ସ୍ଥଗିତ ରଖାଯାଇଛି। ସେହିପରି ଏପ୍ରିଲ ୧୭ରୁ ୧୯ ପର୍ଯ୍ୟନ୍ତ ହେବାକୁଥିବା ପୁରୁଷ ବିଭାଗ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାକୁ ମଧ୍ୟ ଫେଡେରେଶନ ସ୍ଥଗିତ ରଖିଛି।

### ଜୁଡୋ

ଜୁଡୋ।
ଇଭେଣ୍ଟର ସମସ୍ତ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚଗୁଡ଼ିକୁ ଜୁନ ୩୦ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି।

### ରୋଇଂ

ଆମେରିକାନ ମହାଦେଶୀୟ ରେଗାଟା, ଏସିଆନ ଏବଂ ଓସେନିଆ ମହାଦେଶୀୟ ରେଗାଟା, ୟୁରୋପିଆନ ମହାଦେଶୀୟ ଯୋଗ୍ୟତା ପର୍ଯ୍ୟାୟ ରେଗାଟା ଏବଂ ଅନ୍ତିମ ପର୍ଯ୍ୟାୟ ରେଗାଟା ଯୋଗ୍ୟତା ପର୍ଯ୍ୟାୟରୁ କେତେକ ସ୍ଥଗିତ ରଖା ଯାଇଛି କିମ୍ବା ବାତିଲ କରାଯାଇଛି।

### ସେଲିଂ

୨୦୨୦ ସେଲିଂ ବିଶ୍ୱକପ (ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ) ଏପ୍ରିଲ ମଧ୍ୟଭାଗକୁ ସ୍ଥଗିତ ରଖାଯାଇଛି।

### ୱାଟରପୋଲୋ

୨୦୨୦ ମହିଳା ଓ ପୁରୁଷ ୱାଟରପୋଲୋ ଅଲିମ୍ପିକ୍ କ୍ୱାଲିଫିକେଶନ ଟୁର୍ନାମେଣ୍ଟ ପ୍ରକୃତରେ ମାର୍ଚ୍ଚରେ ହେବାର ଥିଲା। ମାତ୍ର ଏହାର କାର୍ଯ୍ୟସୂଚୀ ପୁନଃ ନିର୍ଦ୍ଧାରିତ କରାଯିବାକୁ ଯୋଜନା ହେଉଛି।

ପ୍ରକାଶଯୋଗ୍ୟ ଯେ, କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଗତ ଫେବୃୟାରୀରେ ଲଣ୍ଡନର କଞ୍ଜରଭେଟିଭ ମେୟର ପ୍ରାର୍ଥୀ ଶନ ବେଲି ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ଭେନ୍ୟୁରେ ଆଗାମୀ ଅଲିମ୍ପିକ୍ସ ଆୟୋଜନ କରିବାକୁ ଯୁକ୍ତି ବାଢ଼ିଥିଲେ। ମାତ୍ର ବେଲିଙ୍କ ପ୍ରତିକ୍ରିୟାକୁ ଟୋକିଓ ଗଭର୍ନର ୟୁରିକୋ କୋଇକେ ସମାଲୋଚନା କରିଥିଲେ। ସେହିପରି ମାର୍ଚ୍ଚ ୧୨ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅଲିମ୍ପିକ୍ସକୁ ୨୦୨୧କୁ ସ୍ଥଗିତ ରଖିବାକୁ ପ୍ରସ୍ତାବ ଦେଇଥିଲେ। ମାତ୍ର ଜାପାନ ତାଙ୍କ ପ୍ରସ୍ତାବକୁ ସମାଲୋଚନା କରିଥିଲା। ତେବେ ଅଲିମ୍ପିକ୍ସକୁ ଯଦି ବିଳମ୍ବରେ କରାଇବାକୁ ଚିନ୍ତା କରାଯାଏ ତେବେ ମେ ପୂର୍ବରୁ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବା ଆବଶ୍ୟକ ବୋଲି ଅଲିମ୍ପିକ୍ ଟୋକିଓ ଗେମ୍ସ ଆୟୋଜକ କମିଟି ବୋର୍ଡର ଜଣେ ସଦସ୍ୟ ପ୍ରକାଶ କରିଛନ୍ତି।

## ୱାଡା ଗାଇଡ୍‌ଲାଇନ୍ ଜାରି

**ମଣ୍ଟ୍ରିଲ, ୨୧।୩ (ଏଏଫ୍‌ପି):** କରୋନା ଭାଇରସ୍‌ଜନିତ ସମସ୍ୟା କାରଣରୁ ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ପକ୍ଷରୁ ନୂଆ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ବିଶେଷକରି ୨୦୨୦ ଟୋକିଓ ଅଲିମ୍ପିକ ଓ ପାରା ଅଲିମ୍ପିକ ଗେମ୍ସରେ ଭାଗ ନେବାକୁ ଥିବା ଆଥଲେଟ୍ ମାନଙ୍କର ଯେପରି ଡୋପ୍ ଟେଷ୍ଟ ହୋଇପାରିବ ସେ ନେଇ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହଯୋଗ ଲୋଡାଯାଇଛି। ଆଥଲେଟ୍ ଓ ଡୋପିଂ କଣ୍ଟ୍ରୋଲ କର୍ମଚାରୀଙ୍କୁ ସୁରକ୍ଷିତ ସ୍ଥାନ ଏବଂ ଆବାଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ କୁହାଯାଇଛି। ଆଥଲେଟଙ୍କ ନିକଟରେ କରୋନା ଭାଇରସ ଆକ୍ରାନ୍ତର କୌଣସି ଲକ୍ଷଣ ସୂଚନା ମିଳୁଥିଲେ ସାମ୍ପଲ ସଂଗ୍ରହକାରୀଙ୍କୁ ତୁରନ୍ତ ଜଣାଇବା ଉଚିତ୍। ଯେଉଁ ଆଥଲେଟଙ୍କ ଡାକ୍ତରୀ ପରୀକ୍ଷା ହେବ ସେ ସମ୍ପର୍କିତ ଖବର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରିବାକୁ ହେବ ବୋଲି ୱାଡା କହିଛି। କାର୍ଯ୍ୟସ୍ଥଳକୁ ସଂକ୍ରମଣମୁକ୍ତ କରାଯିବା ଦରକାର। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ମାସ୍କ ବ୍ୟବହାରକୁ ଗୁରୁତ୍ୱ ଦିଆଯାଇଛି। ଯଦି କୌଣସି ସ୍ଥାନରେ ଟେଷ୍ଟିଂ ପ୍ରୋଗ୍ରାମ ଜାରି ରଖିବା ଅସମ୍ଭବ ମନେ ହୁଏ ଏକ୍ଷେତ୍ରରେ ଅନ୍ୟ ଆଣ୍ଟି ଡୋପିଂ ସଂଗଠନ ଓ କ୍ରୀଡ଼ା ମହାସଂଘଗୁଡ଼ିକ ଏକତ୍ର କାର୍ଯ୍ୟ କରିବା ଉଚିତ ବୋଲି ୱାଡା ପ୍ରକାଶ କରିଛି।

## ବନ୍ଦ ରହିବ ଓଓଏ, ଓସିଏ କାର୍ଯ୍ୟାଳୟ

**କଟକ ଅଫିସ,୨୧।୩:** କରୋନା ଭାଇରସ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟଧାରାରୁ ଦୂରେଇ ରହିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତ କ୍ରୀଡ଼ା ସଂଘ କାର୍ଯ୍ୟାଳୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛି ଓଡ଼ିଶା ଅଲିମ୍ପିକ ଆସୋସିଏଶନ(ଓଓଏ)। ଓଓଏ ପକ୍ଷରୁ ସମସ୍ତ ଜିଲା ସଂଘକୁ ଚିଠି ଲେଖା ଯାଇ ଏ ସମ୍ପର୍କରେ ଅବଗତ କରାଯାଇଥିବା ସମ୍ପାଦକ (ଇନଚାର୍ଜ) ଅଭିଜିତ ପାଲ ସୂଚନା ଦେଇଛନ୍ତି। ଓଓଏ କାର୍ଯ୍ୟାଳୟକୁ ମଧ୍ୟ ଆସନ୍ତା ୨୯ ପର୍ଯ୍ୟନ୍ତ ବନ୍ଦ ରଖାଯିବ। ସେହିପରି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କାର୍ଯ୍ୟାଳୟ ମଧ୍ୟ ବନ୍ଦ ରଖାଯିବାକୁ ନିଷ୍ପତ୍ତି ହୋଇଛି ।



## ନିୟମ ଭାଙ୍ଗିଲେ ମେରୀକମ୍

**ନୂଆଦିଲ୍ଲୀ, ୨୧।୩:** କରୋନା ଭାଇରସ ଯୋଗୁ ବିଦେଶ ଫେରନ୍ତା ଯାତ୍ରୀଙ୍କୁ ୧୪ ଦିନ ପାଇଁ କ୍ୱାରାଣ୍ଟାଇନରେ ରଖିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ବିଭିନ୍ନ ଦେଶର ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ନିୟମକୁ ଭଙ୍ଗ କରିଛନ୍ତି ୬ ଥର ବିଶ୍ୱ ଚାମ୍ପିୟନ ମହିଳା ବକ୍ସର ତଥା ରାଜ୍ୟସଭା ସଦସ୍ୟା ଏମ୍.ସି. ମେରୀକମ୍। ଜୋର୍ଡାନରେ ଅନୁଷ୍ଠିତ ଏସିଆ–ଓସେନିଆ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ସେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସରକାରଙ୍କ ନିର୍ଦ୍ଦେଶ ମୁତାବକ ଫେରିବା ପରେ ମେରୀକମ୍‌ଙ୍କୁ ୧୪ ଦିନ ସେଲ୍ଫ ଆଇସୋଲେଶନରେ ରହିବାର ଥିଲା। କିନ୍ତୁ ଗତ ୧୮ରେ ମେରୀକମ୍ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ଆୟୋଜିତ ବ୍ରେକଫାଷ୍ଟରେ ଯୋଗ ଦେଇଥିଲେ। ଉକ୍ତ ଭୋଜିରେ ଉତ୍ତରପ୍ରଦେଶ ଓ ରାଜସ୍ଥାନର ଏମ୍‌ପିମାନେ ଯୋଗ ଦେଇଥିଲେ। ରାଷ୍ଟ୍ରପତି କୋବିନ୍ଦ ଅଫିସିଆଲ ଟୁଇଟର ପେଜରେ ଶେୟାର କରିଥିବା ୪ ଫଟୋରେ ମେରୀକମ୍‌ଙ୍କୁ ଦେଖିବାକୁ ମିଳୁଛି। ଏହାକୁ ସ୍ୱୀକାର କରିଛନ୍ତି ମେରୀକମ୍। ମୁଁ ଜୋର୍ଡାନରୁ ଫେରିବା ପରେ କେବଳ ରାଷ୍ଟ୍ରପତିଙ୍କ ଇଭେଣ୍ଟରେ ଯୋଗଦେଇଛି। ସେଠାରେ କୌଣସି ଅତିଥିଙ୍କ ସହ ହାତ ମିଳାଇ ନାହିଁ। ମୁଁ ଆଉ ୩ରୁ ୪ ଦିନ ଘରେ ରହିବି ବୋଲି ମେରୀକମ୍ କହିଛନ୍ତି। ରାଷ୍ଟ୍ରପତି କୋବିନ୍ଦ ସମ୍ଭବତଃ କୋଭିଡ୍–୧୯ ଟେଷ୍ଟ କରାଇପାରନ୍ତି।

## କରୋନା ଜାଲରେ ଖେଳାଳି

**ଲସ୍ ଏଞ୍ଜେଲ୍ସ, ୨୧।୩ (ଏଏଫ୍‌ପି):** ନ୍ୟାଶନାଲ ବାସ୍କେଟବଲ ଆସୋସିଏଶନ (ଏନ୍‌ବିଏ) ତାରକା ମାର୍କସ ସ୍ମାର୍ଟ କରୋନା ଭାଇରସ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ଏକଥା ସେ ନିଜେ କହିଛନ୍ତି। ଏହି ଭାଇରସ୍‌କୁ ହାଲ୍‌କା ଭାବେ ନ ନେବାକୁ ଓ ସୋସିଆଲ ଡିଷ୍ଟାନ୍ସିଂ ବା ସାମାଜିକ ଦୂରତ୍ୱକୁ ବଜାୟ ରଖିବା ପାଇଁ ସେ ଯୁବ ପିଢିକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ସ୍ମାର୍ଟଙ୍କ ପରୀକ୍ଷା ହୋଇଥିଲା ଓ ତାଙ୍କର ନମୁନା ପଜିଟିଭ ବାହାରି ଥିଲା। କିନ୍ତୁ ତାଙ୍କଠାରେ କୌଣସି ଲକ୍ଷଣ ଦେଖିବାକୁ ମିଳି ନ ଥିଲା।




ଏବେ ସୁସ୍ଥ ଅଛି ଓ ଖୁବ୍ ସହଜ ଅନୁଭବ କରୁଛି। ଆବଶ୍ୟକ ପଡିଲେ ଖେଳିବାକୁ ମଧ୍ୟ ରାଜି ଅଛି ବୋଲି ଏହି ୨୬ ବର୍ଷୀୟ ବୋଷ୍ଟନ ସେଲଟିକ୍ସ ପେସାଦାର ବାସ୍କେଟବଲ ଖେଳାଳି ଜଣକ କହିଛନ୍ତି। ଉଲ୍ଲେଖଥାଉ କି, ଅତିକମ୍‌ରେ ଏପର୍ଯ୍ୟନ୍ତ ୧୪ଟି ଏନ୍‌ବିଏ ଟିମ୍ ସଦସ୍ୟ କରୋନା ଭାଇରସ ସଂକ୍ରମିତ ହୋଇଛନ୍ତି।

## ଫୁଟ୍‌ବଲର ଲେଇ ଆକ୍ରାନ୍ତ

**ସାଙ୍ଘାଇ,୨୧।୩ (ପି.ଟି.):** ଚାଇନାର ଜଣାଶୁଣା ଫୁଟବଲ ତାରକା ବୁ ଲେଇ ସ୍ପେନ୍‌ରେ କରୋନା ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ସ୍ପେନ୍‌ର ଇସ୍ପାନ୍ୟୋଲ କ୍ଲବ ତରଫରୁ ଖେଳୁଥିବା ଲେଇଙ୍କ ଦେହରେ ଏହି ଭାଇରସ ଥିବା କଥା ଚାଇନିଜ ଫୁଟବଲ ଆସୋସିଏଶନ (ସିଏଫ୍ଏ) ତରଫରୁ ଶନିବାର କୁହାଯାଇଛି।



ଲେଇଙ୍କଠାରେ ସାମାନ୍ୟ ଲକ୍ଷଣ ଦେଖାଦେଇଛି ଓ ତାଙ୍କର ଚିକିତ୍ସା କରାଯାଉଛି। ୨୮ ବର୍ଷୀୟ ଚାଇନାର ଏହି ସବୁଠାରୁ ଜଣାଶୁଣା ଷ୍ଟ୍ରାଇକର ବାର୍ସିଲୋନାରେ ଏବେ ସେଲ୍ଫ ଆଇସୋଲେଶନ ରହିଛନ୍ତି ଜିନ୍‌ହୁଆ ନ୍ୟୁଜ୍ ଏଜେନ୍ସି ତରଫରୁ କୁହାଯାଇଛି। ଚାଇନାର ଏକମାତ୍ର ଖେଳାଳିଭାବେ ଲେଇ ୟୁରୋପ୍‌ର ଶ୍ରେଷ୍ଠ ୫ଟି ଲିଗ୍‌ରେ ସାମିଲ ହୋଇଛନ୍ତି।

# ସ୍ଥଗିତ ରଖିବାକୁ ଚାପ ବଢୁଛି

**ଟୋକିଓ, ୨୧।୩ (ଏପି):** ଗ୍ରୀସ୍‌ରୁ ଅଲିମ୍ପିକ ଜ୍ୟୋତି ଆସି ଜାପାନରେ ପହଞ୍ଚି ସାରିଛି। ଆଗକୁ ମଶାଲ ରିଲେ କାର୍ଯ୍ୟକ୍ରମ ରହିଛି। ଜାପାନର ଉତ୍ତରାଞ୍ଚଳ ସହର ଫୁକୁଶିମାରୁ ଏହା ଆରମ୍ଭ ହେବ। ମଶାଲ ରିଲେ ଦେଖିବା ଲାଗି ଭିଡ଼ ନ ଜମାଇବାକୁ ଆୟୋଜକଙ୍କ ତରଫରୁ ଅନୁରୋଧ କରାଯାଇଛି। ଦର୍ଶକଙ୍କ ଅନୁପସ୍ଥିତିରେ ରିଲେର କୌଣସି ମାନେ ନାହିଁ। ଗ୍ରୀସ୍‌ରେ ଦର୍ଶକଙ୍କ ସମାଗମ ଦେଖି ଦ୍ୱିତୀୟ ଦିବସ ରିଲେକୁ ବନ୍ଦ କରାଯାଇଥିଲା। ଏପରିକି ପରେ ରିଲେକୁ ପୂରା ବନ୍ଦ କରିଦିଆଯାଇଥିଲା। ଟୋକିଓ ଅଲିମ୍ପିକ୍ସ ଆୟୋଜନ କ୍ଷେତ୍ରରେ ମହାମାରୀ କରୋନା ଭାଇରସ୍ ପ୍ରତିବନ୍ଧକ ସାଜିଛି। ଜାପାନର ଆୟୋଜକ ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ଥୋମାସ୍ ବ୍ୟାକ୍ କିନ୍ତୁ ଗେମ୍ସର ଆୟୋଜନ ନେଇ ଦୃଢ ଆଶାବାଦୀ। ୧.୪୩ ବିଲିୟନ ଡଲାର ବିନିମୟରେ ନିର୍ମିତ ସେଣ୍ଟ୍ରାଲ ଟୋକିଓସ୍ଥିତ ନ୍ୟାଶନାଲ ଷ୍ଟାଡିୟମରେ ଜୁଲାଇ ୨୪ରେ ଅଲିମ୍ପିକ୍ସ ଆରମ୍ଭ ହେବାର ଯୋଜନା ରହିଛି। ବ୍ୟାକ୍‌ବାରମ୍ବାର କହି ଆସୁଛନ୍ତି ଏବେଠାରୁ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେବା ଉଚିତ୍ ହେବ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ସମେତ ଏକ ଟାସ୍କ ଫୋର୍ସଠାରୁ ସେ ପରାମର୍ଶ ନେଉଛନ୍ତି। କିନ୍ତୁ ବର୍ତ୍ତମାନ ଏନେଇ ଆଥ୍‌ଲେଟଙ୍କଠାରୁ ଆରମ୍ଭ କରି ପୂର୍ବତନ ଅଲିମ୍ପିଆନମାନଙ୍କ ପ୍ରତିକ୍ରିୟା ପ୍ରକାଶ ପାଇଲାଣି। ସମଗ୍ର ବିଶ୍ୱରେ କରୋନା ଭାଇରସ୍ ବ୍ୟାପିବାରେ ଲାଗିଛି। ଏଥିପାଇଁ ସତର୍କତା ଅବଲମ୍ବନ କରାଯିବା ସହ କଟକଣା ମଧ୍ୟ ଜାରି କରାଯାଉଛି। ଫଳତଃ ଟ୍ରେନିଂ ଆଥଲେଟମାନେ ନେଇପାରୁ ନାହାନ୍ତି। ବହୁ କ୍ୱାଲିଫାଇଂ ଇଭେଣ୍ଟ ଇତିମଧ୍ୟରେ ବାତିଲ ହୋଇ ସାରିଲାଣି। ବର୍ତ୍ତମାନ ପରିସ୍ଥିତିରେ ୧୧,୦୦୦ ଆଥଲେଟ ଓ ଷ୍ଟାଫ୍‌ଙ୍କୁ ଏକାଠି କରିବା ସହଜ କଥା ନୁହେଁ। ଅଲିମ୍ପିକ୍ସର ମାସକ ପରେ ପାରା ଅଲିମ୍ପିକ୍ସ ଆୟୋଜନ ହେବ। ଏଥିରେ ୪,୪୦୦ ପାରା ଅଲିମ୍ପିଆନ ଭାଗ ନେବେ। ଗ୍ରୀସ୍‌ରୁ ଅଲିମ୍ପିକ ଜ୍ୟୋତି ଆସି ଜାପାନରେ ପହଞ୍ଚିବା ପରେ ଉଭୟ ଆଇଓସି ଏବଂ ଆୟୋଜକଗଣ ସେମାନଙ୍କର ଏକ ଛୋଟ ବିଜୟ ବୋଲି ମନେ କରୁଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଟୋକିଓ ଅଲିମ୍ପିକ୍ସକୁ ନେଇ ମନରେ ଯେଉଁ କେତୋଟି ପ୍ରଶ୍ନ ଉଙ୍କି ମାରୁଛି ତାହା ନିମ୍ନରେ ପ୍ରଦାନ କରାଗଲା।



**ଅଲିମ୍ପିକ୍ସ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି କେବେ ?**

▶▶ ବ୍ୟାକ୍ ନିଶ୍ଚିତରୂପେ ଏହା ଜାଣନ୍ତି, କିନ୍ତୁ କହୁନାହାନ୍ତି। ନ୍ୟୁୟର୍କ ଟାଇମ୍ସକୁ ଏକ ସାକ୍ଷାତ୍‌କାରରେ କହିଛନ୍ତି ଗେମ୍ସ ବାତିଲ କରିବା ସେମାନଙ୍କ ଏଜେଣ୍ଡାରେ ନାହିଁ। ଏଥିରୁ ସ୍ପଷ୍ଟ ସୂଚନା ମିଳୁଛି ଯେ, ଗେମ୍ସ ଆୟୋଜନ ହେବ ଅଥବା ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯିବ। ଏପରିକି ବିନା ଦର୍ଶକରେ ମଧ୍ୟ ହୋଇପାରେ।

**ଚୂଡ଼ାନ୍ତ ନିଷ୍ପତ୍ତି ନେବ କିଏ?**

▶▶ ଆଇଓସି, ଟୋକିଓ ସହର ଏବଂ ଜାପାନିଜ ଅଲିମ୍ପିକ କମିଟି ମିଳିତ ଭାବେ ନେବେ। ୮୧ ପୃଷ୍ଠା ସମ୍ବଳିତ ଆୟୋଜକ ସହର ଚୁକ୍ତିନାମାରେ ଏମାନେ ସ୍ୱାକ୍ଷର କରିଛନ୍ତି। ଆଇଓସିକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ଦେଖିବାକୁ ହେବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରସ୍ତାବକୁ ସମ୍ମାନ ଜଣାଇବାକୁ ହେବ। ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ସ୍ୱାର୍ଥରକ୍ଷା ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଆଇଓସି ନିକଟରେ ୨ ବିଲିୟନ ଡଲାର ରିଜର୍ଭ ପାଣ୍ଠି ରହିଛି। କ୍ଷତି ଭରଣା ଇନ୍‌ସ୍ୟୁରାନ୍ସ କରିବ। ଗେମ୍ସ ଆୟୋଜନ ପାଇଁ ଟୋକିଓ ବିଧବଦ୍ଧ ୧୨.୬ ବିଲିୟନ ଡଲାର ବ୍ୟୟ କରିଛି। କିନ୍ତୁ ନ୍ୟାଶନାଲ ଅଡିଟ୍ ଏହାର ପରିମାଣ ଦୁଇଗଣା ବୋଲି ଦର୍ଶାଇଛି।

**କେଉଁ ପରିସ୍ଥିତି ଆୟୋଜନରୁ ପଛଘୁଞ୍ଚା ଦେବା ଲାଗି ଚାପ ସୃଷ୍ଟି ହେଉଛି ?**

▶▶ ଗେମ୍ସକୁ ୧୨ ମାସ ସ୍ଥଗିତ ରଖିବା ଲାଗି ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ସୁଇମିଂ ପ୍ରସ୍ତାବ ଦେଇଛି। ସିଇଓ ଟିମ୍ ହିଞ୍ଚେ ୟୁଏସ ଅଲିମ୍ପିକ ଏବଂ ପାରା ଅଲିମ୍ପିକ କମିଟି ନିକଟକୁ ଏକ ଚିଠି ଲେଖିଛନ୍ତି। କରୋନା ଭାଇରସ ଭୟ ଯୋଗୁ ଆମ ଆଥଲେଟମାନେ ବର୍ତ୍ତମାନ ମାନସିକ ଚାପ ଓ ବିଷାଦରେ ଅଛନ୍ତି। ସେମାନେ କୌଣସି ପ୍ରତିଯୋଗିତାରେ ଭାଗ ନେବାଲାଗି ଚାହୁଁ ନାହାନ୍ତି। ସପ୍ତାହକ ପୂର୍ବରୁ କାନାଡ଼ାର ୪ଥର ସ୍ୱର୍ଣ୍ଣ ବିଜେତା ତଥା ଆଇଓସିର ଜଣେ ସଦସ୍ୟ ହେଲେ ୱିକେନହିଜର କହିଥିଲେ ବର୍ତ୍ତମାନ କରୋନା ମହାମାରୀ ଜନିତ ଯେଉଁ ସଂକଟ ଦେଖାଦେଇଛି, ତାହା ଏପରିକି ଅଲିମ୍ପିକ୍ସଠାରୁ ଗୁରୁତ୍ୱପୂର୍ଣ୍ଣ। ଏଣେ ଜାପାନ ପଟୁ ଦେଖିଲେ ଜାପାନିଜ ଅଲିମ୍ପିକ କମିଟି ସଦସ୍ୟ କାଓରି ୟାମାଗୁଚି ଏକ ଖବରକାଗଜକୁ ସାକ୍ଷାତ୍‌କାରରେ କହିଛନ୍ତି ଆଇଓସି ଆଥଲେଟ୍‌ମାନଙ୍କୁ ରିସ୍କରେ ପକାଉଛି। ୟାମାଗୁଚି ହେଉଛନ୍ତି ଜଣେ ପୂର୍ବତନ ଅଲିମ୍ପିକ ଜୁଡୋ ବ୍ରୋଞ୍ଜ ପଦକ ବିଜେତା।

**ଆଇଓସି ଏବଂ ସ୍ଥାନୀୟ ଆୟୋଜକଙ୍କ ଲାଗି ମଶାଲ ରିଲେ କେତେ ଗୁରୁତ୍ୱପୂର୍ଣ୍ଣ ?**

▶▶ ଏହା ହେଉଛି ଜାପାନିଜ ସରକାର ଏବଂ ପ୍ରଧାନମନ୍ତ୍ରୀ ଆବେଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରତୀତ ସଦୃଶ। ଜାପାନର ସବୁଠାରୁ ଅଧିକ ଦିନ ଧରି ପ୍ରଧାନମନ୍ତ୍ରୀ ରହିଆସିଛନ୍ତି ଆବେ। ୯ବର୍ଷ ପୂର୍ବେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟରୁ ଫୁକୁଶିମା ଉଦ୍ଧାର ପାଇଛି ବୋଲି ଅଲିମ୍ପିକ୍ସ ସଫଳ ଆୟୋଜନ ଦ୍ୱାରା ଦେଶବାସୀଙ୍କ ମନରେ ଧାରଣା ସୃଷ୍ଟି କରିବା ତାଙ୍କର ଅଲିମ୍ପିକ୍ସ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। ୨୦୧୧ରେ ତିନୋଟି ପରମାଣୁ ରିଆକ୍ଟର ଜନିତ ଦୁର୍ଘଟଣା, ଭୂମିକମ୍ପ ଓ ସୁନାମି ଭଳି ପ୍ରାକୃତିକ ଦୈବୀ ଦୁର୍ବିପାକ ଯୋଗୁ ଏବେ ମଧ୍ୟ ବହୁ ବାସିନ୍ଦା ଅସ୍ଥାୟୀ ଗୃହରେ ବାସ କରୁଛନ୍ତି।

**ବୁକ୍‌ମେକରଙ୍କ ଦୃଷ୍ଟିରେ ଟୋକିଓ ଅଲିମ୍ପିକ୍ସ ?**

▶▶ ଜୁଲାଇ ୨୪ରେ ଅଲିମ୍ପିକ୍ସ ଆରମ୍ଭ ହେବା ସମ୍ଭାବନା। ଜାପାନିଜ ନ୍ୟୁଜ ଏଜେନ୍ସି କ୍ୟୋଡୋ ଦ୍ୱାରା ଜାପାନରେ ଏକ ସର୍ଭେ କରାଯାଇଥିଲା। ମତଦାତାଙ୍କ ମଧ୍ୟରୁ ୬୯.୯% ପ୍ରତିଶତ ଗେମ୍ସ ନିର୍ଦ୍ଧାରିତ ସମୟରେ ଆରମ୍ଭ ହେବା ସମ୍ଭାବନା କମ୍ ବୋଲି କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୨/୨୦୨୦ Bhubaneswar, Sunday, March 22/2020

# ଋଷିକୁଲ୍ୟା ବେଳାଭୂମିରେ ଅଲିଭ୍ ରିଡ୍ଲେଙ୍କ ଗଣ ଅଣ୍ଡାଦାନ

**ଗଞ୍ଜାମ,୨୧।୩(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୁରୁଣାବନ୍ଧ ଗ୍ରାମ ନିକଟସ୍ଥ ଋଷିକୁଲ୍ୟା ବେଳାଭୂମିରେ ଚଳିତବର୍ଷ ଅଲିଭ୍‌ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାର ଭୋର୍ ପ୍ରାୟ ସାଢେ ୪ଟାରେ ୨୨୪୮ରୁ ଊର୍ଦ୍ଧ୍ୱ କଇଁଛ ଅଣ୍ଡାଦାନ କରିଥିବା ଖଲ୍ଲିକୋଟ ରେଞ୍ଜର ଦିଲ୍ଲୀପ କୁମାର ମାର୍ଥା ସୂଚନା ଦେଇଛନ୍ତି। ଏହି ପ୍ରକ୍ରିୟା ଗତ ଫେବୃୟାରୀରୁ ଆରମ୍ଭ ହୋଇଥିଲେ ହେଁ ଅଳ୍ପ ସଂଖ୍ୟାରେ କଇଁଛ ଆସି ଅଣ୍ଡା ଦେଉଥିଲେ। ଶନିବାର ଚଳିତବର୍ଷର ସର୍ବାଧିକ କଇଁଛ ଅଣ୍ଡାଦାନ କରିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

ଦେଶବ୍ୟାପୀ କରୋନା ଭୂତାଣୁ ଯୋଗୁ କଇଁଛଙ୍କ ଅଣ୍ଡାଦେବା ସ୍ଥାନକୁ ନିଷିଦ୍ଧାଞ୍ଚଳ ଘୋଷଣା କରିଛି ବନବିଭାଗ। ଜିଲା ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ, ଖଲ୍ଲିକୋଟ ରେଞ୍ଜର ମାର୍ଥା, ରମ୍ଭା ବନାଞ୍ଚଳ ଅଧିକାରୀ ସୋମନାଥ ମଲିକ ପ୍ରମୁଖ ଭୋରରୁ ବେଳାଭୂମିରେ ଉପସ୍ଥିତ ଥିଲେ। କଇଁଛଙ୍କ ସୁରକ୍ଷା ଲାଗି ବ୍ୟାରିକେଡ୍ ନିର୍ମାଣ ସହ ବିଭିନ୍ନ ସ୍ଥାନରେ କୋଷ୍ଟଗାର୍ଡ ନିୟୋଜିତ କରାଯାଇଥିବା ବନ ବିଭାଗ ସୂଚନା ଦେଇଛି।

ସୂଚନାଯୋଗ୍ୟ ଯେ, ଏହି ବିରଳ ଅଲିଭ୍‌ରିଡ୍‌ଲେ ସୁଦୂର କୋଷ୍ଟାରିକା, ଶ୍ରୀଲଙ୍କା ଏବଂ ଜାପାନ ଉପକୂଳରୁ ହଜାର ହଜାର ମାଇଲ ଅତିକ୍ରମ କରି ଓଡ଼ିଶା ଉପକୂଳକୁ ଆସିଥାନ୍ତି। ୨୦୧୬ରେ ଋଷିକୁଲ୍ୟା ମୁହାଣରେ ସର୍ବାଧିକ ୩ଲକ୍ଷ ୨୦ ହଜାର କଇଁଛ ଅଣ୍ଡା ଦେଇଥିବା ବନ ବିଭାଗ ରେକର୍ଡ କରିଥିଲା।



ବେଳାଭୂମିରେ ଅଲିଭ୍‌ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ।

- କରୋନା ପାଇଁ ନିଷିଦ୍ଧାଞ୍ଚଳ ଘୋଷଣା ହେଲା ବେଳାଭୂମି
- ଭୋର୍‌ରୁ ଅଣ୍ଡାଦେଲେ ୨୨୪୮ରୁ ଊର୍ଦ୍ଧ୍ୱ କଇଁଛ

## କରୋନା ମୁକାବିଲା: ଦାୟିତ୍ୱ ତୁଲାଇ ପାରିଲେନି ବିଡିଓ

- ଡିଆର୍‌ଡିଏ ଅଫିସକୁ ସ୍ଥାନାନ୍ତର କଲେ ଜିଲାପାଳ
- ବିଡିଓ ଦାୟିତ୍ୱରେ ଡେପୁଟି କଲେକ୍ଟର

**ଦାରିଙ୍ଗବାଡ଼ି,୨୧।୩ (ଡି.ଏନ.ଏ):** କରୋନାକୁ ନେଇ କନ୍ଧମାଳ ଜିଲାରେ ୧୪୪ ଧାରା ଜାରି ହୋଇଛି। ସରକାର ଓ ଜିଲା ପ୍ରଶାସନର ସ୍ୱତନ୍ତ୍ର ନିର୍ଦ୍ଦେଶାମାକୁ ସ୍ଥାନୀୟ ପୋଲିସ ଓ ବ୍ଲକ ପ୍ରଶାସନ କଡ଼ାକଡ଼ି ଭାବେ ପାଳନ କରୁଛନ୍ତି। ହେଲେ ଦାରିଙ୍ଗବାଡ଼ିରେ ନୂଆକରି ଦାୟିତ୍ୱ ନେଇଥିବା ବିଡିଓ ମାତାରାମ ଲେୟାଙ୍ଗିଁ ଠିକ୍ ଭାବେ ଦାୟିତ୍ୱ ତୁଲାଇପାରି ନ ଥିବା ଦର୍ଶାଇ କନ୍ଧମାଳ ଜିଲାପାଳ ଡା. ବୃନ୍ଦା ଡି ତାଙ୍କୁ ଫୁଲବାଣୀ ଡିଆର୍‌ଡିଏ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ଡେପୁଟି କଲେକ୍ଟର ଡ. ଜଗଦୀଶ ଷଡ଼ଙ୍ଗୀଙ୍କୁ ଦାରିଙ୍ଗବାଡ଼ି ବିଡିଓ ଭାବେ ନିଯୁକ୍ତି ଦେଇଛନ୍ତି। ଜିଲାପାଳଙ୍କ ଚିଠି ସଂଖ୍ୟା-୧୯୭୩ ଦ୍ୱାରା ଏହି ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଚଳିତ ୧୨ ତାରିଖରେ ଦାରିଙ୍ଗବାଡି ବିଡିଓ ଭାବେ ଲେୟାଙ୍ଗିଁ ଦାୟିତ୍ୱ ନେଇଥିଲେ।



## ସମୁଦ୍ର ବେଳାଭୂମିରେ ମୃତ ହ୍ୱେଲ୍‌ଶାର୍କ

**ଗୋପାଳପୁର,୨୧।୩**

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ନୂଆ ବକ୍ସିପଲ୍ଲୀ ସମୁଦ୍ର ବେଳାଭୂମିରେ ଶନିବାର ଏକ ମୃତ ହ୍ୱେଲ୍‌ଶାର୍କ ମାଛ ଭାସୁଥିବା ଦେଖିବାକୁ ମିଳିଛି। ନୂଆବକ୍ସିପଲ୍ଲୀ ଗାଁର କେତେଜଣ ମତ୍ସ୍ୟଜୀବୀ ବୋଟ୍‌ରେ ମାଛ ମାରିବାକୁ ସମୁଦ୍ର ମଧ୍ୟକୁ ଯାଇଥିଲେ। ମଧ୍ୟାହ୍ନରେ ମତ୍ସଜୀବୀମାନେ କୂଳକୁ ଆସି ଜାଲରେ ୩ଟି ହ୍ୱେଲ୍‌ଶାର୍କ ମାଛ ପଡ଼ିଥିବା ଦେଖିଥିଲେ। ସେମାନେ ଦୁଇଟି ମାଛକୁ ସମୁଦ୍ର ମଧ୍ୟକୁ ଛାଡ଼ି ଦେଇଥିଲେ। କିନ୍ତୁ ସେଥିରୁ ଗୋଟିଏ ମାଛ ଛାଡ଼ିବାକୁ ଚେଷ୍ଟା କରିଥିଲେ ମଧ୍ୟ ଯାଇପାରି ନ ଥିଲା। ଶେଷରେ ଛଟପଟ ହୋଇ ଉକ୍ତ ହ୍ୱେଲ୍‌ଶାର୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବ୍ରହ୍ମପୁର ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ମୃତମାଛକୁ ଜବତ କରିପାରି ନ ଥିବା ଜଣାପଡ଼ିଛି। ଏହାର ଲମ୍ବ ପ୍ରାୟ ୧୫ ଫୁଟରୁ ଊର୍ଦ୍ଧ୍ୱ ହେବ ବୋଲି ମତ୍ସ୍ୟଜୀବୀମାନେ ପ୍ରକାଶ କରିଛନ୍ତି। ଏ ନେଇ ଡିଏଫଓ ଅମ୍ଲାନ ନାୟକଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ପରେ କେଉଁ କାରଣରୁ ମୃତ୍ୟୁ ଘଟିଛି ଜଣାପଡ଼ିବ ଏବଂ ତାକୁ ମାଟିରେ ପୋତାଯିବ ବୋଲି ସୂଚନା ଦେଇଛନ୍ତି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ